

ଡକ୍ଟର ରାମବିଳାସ ବେଦାନ୍ତୀଙ୍କ ଦେହାନ୍ତ

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17



**ଜିଲ୍ଲା ପ୍ରତିନିଧି ଆବଶ୍ୟକ**

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

**ଯୋଗାଯୋଗ**

Mail :- sancharodisha@gmail.com
Whatsapp :- +91 8093008776



Vol. 33 | ISSUE 263 | ଭାଗ ୩୩ | ସଂଖ୍ୟା ୨୬୩

Tuesday 16 December 2025 | Page 8 Rs. 5.00

ଭୁବନେଶ୍ୱର ମଙ୍ଗଳବାର ୧୬ ଡିସେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ଭୁବନେଶ୍ୱରରେ ହେବ 'ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର'

● ଆଉ ରାଜ୍ୟ ବାହାରକୁ ଯିବାକୁ ପଡ଼ିବନି




**ଭୁବନେଶ୍ୱର,୧୫।୧୨ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ 'ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର' ପ୍ରତିଷ୍ଠା ପାଇଁ ଅନୁମୋଦନ କରିଛନ୍ତି। ଏହି ପ୍ରସ୍ତାବିତ ଭିସା ସେଣ୍ଟର ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବାବାସାହେବ ଆମ୍ବେଦକର ବସ୍ ଟର୍ମିନାଲ୍ ବିଲ୍ଡିଂରେ କାର୍ଯ୍ୟକ୍ଷମ ହେବ, ଯାହା ପାଇଁ ଓଡିଶା ସରକାର ୩ ହଜାର ବର୍ଗଫୁଟର ଜାଗା ଯୋଗାଇଦେବେ। ସୂଚନାଯୋଗ୍ୟ ଯେ ଆନ୍ତର୍ଜାତିକ ଭିସା ପାଇବା ପାଇଁ ପୂର୍ବରୁ ରାଜ୍ୟବାସୀଙ୍କୁ କୋଲକାତା, ଦିଲ୍ଲୀ, ହାଇଦ୍ରାବାଦ ଭଳି ଦେଶର ଅନ୍ୟ ସହରକୁ ଯିବା ପାଇଁ ପଡୁଥିଲା। ଭୁବନେଶ୍ୱରରେ ଏକ ଭିସା ସେଣ୍ଟର ପ୍ରତିଷ୍ଠା କରିବା ପାଇଁ ରାଜ୍ୟବାସୀଙ୍କ ପକ୍ଷରୁ ବହୁ ଦିନରୁ ଦାବି ରହିଆସୁଥିଲା। ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି।

### ରାଜଧାନୀରେ କଳବଳ କରୁଛି ପ୍ରଦୂଷଣ

# ୪୫୦ ଟପିଲା ଏକ୍ୟୁଆଇ, ୧୫୦ ଉଡ଼ାଣ ବିଳମ୍ବିତ

- ପ୍ରଧାନମନ୍ତ୍ରୀ, ମେସି ଓ ନୀତିନ୍‌ଙ୍କ ଯାତ୍ରା ବିଳମ୍ବିତ
- ବିମାନ ଚଳାଚଳ କମ୍ପାନୀ ଜାରି କଲେ ଆଡଭାଇଜରୀ
- କୁହୁଡ଼ି ଯୋଗୁଁ ସିରିଜ୍ ଦୁର୍ଘଟଣା, ୪ ମୃତ
- ୨୫ ଗାଡ଼ି ଭାଙ୍ଗିଲା, ୨୫ ଯାତ୍ରୀ ଆହତ
- ବିଭିନ୍ନ ସ୍କୁଲ୍‌ରେ ଅନଲାଇନ୍ କ୍ଲାସ୍ ବ୍ୟବସ୍ଥା





**ନୂଆଦିଲ୍ଲୀ,୧୫।୧୨:** ଜାତୀୟ ରାଜଧାନୀ ଦିଲ୍ଲୀରେ ଦିନକୁ ଦିନ ସ୍ଥିତି ବିଗିଡ଼ିବାରେ ଲାଗିଛି। ଏଠାକାର ପ୍ରଦୂଷଣ ମାତ୍ରାରେ ସାମାନ୍ୟତମ ସୁଧାର ଆସିବା ପରିବର୍ତ୍ତେ ଏକ୍ୟୁଆର୍ ୪୫୦କୁ ଟପିଯାଇଛି। ଏପରିକି ଆଜି ଭୋର୍ ସମୟରେ ଦିଲ୍ଲୀର ଅଶୋକ ବିହାର ଅଞ୍ଚଳରେ ଏକ୍ୟୁଆର୍ ସ୍ତର ୫୦୦ ନିକଟତର ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ଏହା ୪୮୩ରେ ପହଞ୍ଚିଯାଇଥିଲା। ଫଳତଃ ଏକ୍ୟୁଆର୍ ସ୍ତର 'ସିଭିଅର୍ ପ୍ଲସ୍' କାଟାଗୋରିରେ ପ୍ରବେଶ କରିଛି। ତେବେ ଏହି ବାୟୁ ପ୍ରଦୂଷଣର ସର୍ବାଧିକ ପ୍ରଭାବ ବିମାନ ସେବା ଉପରେ ପଡ଼ିଛି। ରାଜଧାନୀ ଦିଲ୍ଲୀରୁ ଉଡ଼ାଣ ଅପେକ୍ଷାରେ ଥିବା ପାଖାପାଖି ୧୫୦ ବିମାନ ସଠିକ୍ ସମୟରେ ବିମାନବନ୍ଦର ଛାଡ଼ିପାରିନଥିଲେ। ଏହାଛଡ଼ା ବେସାମରିକ ଜାହାଜ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଉତ୍ତର ଭାରତ ନାଗରିକଙ୍କୁ ଅଧିକ ଗୁରୁତର ପରିସ୍ଥିତିର ମୁକାବିଲା ସକାଶେ ପ୍ରସ୍ତୁତ ରହିବାକୁ କୁହାଯାଇଥିଲା। ତେବେ ବିମାନ ଉଡ଼ାଣ ବିଳମ୍ବିତ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆର୍ଜେଣ୍ଟିନାର କିମ୍ବଦନ୍ତୀ ଫୁଟବଲର୍ ଲିଓନେଲ୍ ମେସି ଏବଂ ଗତକାଲି ବିଜେପିର ଜାତୀୟ କାର୍ଯ୍ୟକାରୀ ଅଧକ୍ଷ ଭାବେ ମନୋନୀତ ହୋଇଥିବା ବିହାରର ସଡ଼କ ବିଭାଗ କ୍ୟାବିନେଟ୍ ମନ୍ତ୍ରୀ ନୀତିନ୍ ନବୀନ ସେମାନଙ୍କ ଲକ୍ଷ୍ୟସ୍ଥଳ ଅଭିମୁଖେ ଡେରିରେ ବାହାରିଥିଲେ। ସେହିପରି ବିମାନ ଚଳାଚଳ କମ୍ପାନୀ, ବିଶେଷକରି ଇଣ୍ଡିଗୋ ଓ ସ୍ପାଇସ୍‌ଜେଟ୍ ଭଳି ଘରୋଇ କମ୍ପାନୀମାନେ ସେମାନଙ୍କ ଯାତ୍ରୀଙ୍କ ସକାଶେ ଆଡଭାଇଜରୀ ଜାରି କରି ଉଡ଼ାଣ ବିଳମ୍ବିତ ହେଉଥିବାରୁ ଦୁଃଖ ପ୍ରକାଶ କରିଛନ୍ତି। ସେହିପରି ଛାତ୍ରଛାତ୍ରୀମାନେ ସ୍କୁଲ୍‌କୁ ଯାଇପାରୁନଥିବାରୁ ଅଧିକାଂଶ ସ୍କୁଲ୍ ହାଇବ୍ରିଡ୍ ମଡେଲ୍ ଶିକ୍ଷା ଓ ପୃଷ୍ଠା-୬

# କଂଗ୍ରେସର ପୁଣି ଏକ ଐତିହାସିକ ଭୁଲ୍

- ଓଡ଼ିଶାରେ ବିଭାଜନ ପାଇଁ ବାଟ ଦେଖାଇଲେ ଭକ୍ତ
- ମମତାଙ୍କଠୁ ଗୁଲାମନବୀ, ଅହଂକାରର ପ୍ରତିଫଳନ
- ଆଉ କେତେ ନେତା ଗଲେ ଚେତିବ ଏଆଇସିସି ?



**ଭୁବନେଶ୍ୱର, ୧୫।୧୨ (ସଂଚାର ବ୍ୟୁରୋ):** ପୁଣି ଏକ ଐତିହାସିକ ଭୁଲ ନିଷ୍ପତ୍ତି ନେଇଛି କଂଗ୍ରେସ। ପୂର୍ବତନ ବିଧାୟକ ମହମ୍ମଦ ମୋକିମ ନିଜ ଚିଠିରେ ସୋନିଆ ଗାନ୍ଧିଙ୍କୁ ଯାହା ଲେଖିଥିଲେ ସେଥିରେ କୌଣସି ମିଛ ଲେଖାହୋଇଥିବା ହାଇକମାଣ୍ଡ ଅନୁଭବ କରିଛନ୍ତି କି ? ଏ ସମ୍ପର୍କରେ ଦଳ ଏଯାଏଁ କିଛି ସ୍ପଷ୍ଟ କରିନି। ହୁଏତ ମୋକିମଙ୍କ ତରିକା ଭୁଲ ହୋଇଥାଇପାରେ। ୩୫ ବର୍ଷ ପରେ ଯେଉଁ ନେତା କଟକ ଭଳି ରାଜନୈତିକ ସମ୍ବେଦନଶୀଳ ନିର୍ବାଚନମଣ୍ଡଳୀରେ କଂଗ୍ରେସ ବାନା ଉଡ଼ାଇଥିଲେ, ତାଙ୍କୁ ଦଳରୁ ବହିଷ୍କାର କରି ପିସିସି ସଭାପତି ନିଜ ଟିମକୁ ଶକ୍ତିଶାଳୀ କରୁଛନ୍ତି ନା ଆହୁରି ଦୁର୍ବଳ କରିଦେଉଛନ୍ତି, ତାକୁ ନେଇ ରାଜନୈତିକ ସମୀକ୍ଷକମାନେ ଆକଳନ କରିବା ଆରମ୍ଭ କରିଦେଇଛନ୍ତି।

ଅତୀତରେ କଂଗ୍ରେସ ଏମିତି ଅନେକ ଭୁଲ କରିଛି, ଯେଉଁଥିପାଇଁ ଆଜି ଦେଶର ଏହି ସର୍ବପୁରାତନ ଦଳ ଜାତୀୟ ରାଜନୀତିରେ ନିଜକୁ ଏକରକମ ପ୍ରଭାବଶୂନ୍ୟ କରିଦେଇଛି। ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କୁ ସାଙ୍ଗରେ ରଖିପାରିଲା ନାହିଁ କଂଗ୍ରେସ। ସେ କିନ୍ତୁ ନିଜର ଏକ ଆଞ୍ଚଳିକ ଦଳ କରି ଗତ ଦୁଇ ଦଶନ୍ଧି ଧରି କ୍ଷମତାରେ ଅଛନ୍ତି। ନା କଂଗ୍ରେସ ନା ବିଜେପି ପଶ୍ଚିମବଙ୍ଗରେ ଟିଏମସିର ଗଡ଼ ଭାଙ୍ଗି ପାରୁଛନ୍ତି। ସେହିଭଳି ଶରଦ ପାୱାର ଓ ପିଏ ସାଙ୍ଗମାଙ୍କ ଭଳି ପୃଷ୍ଠା-୬

### କଂଗ୍ରେସଠୁ ଦୂରେଇ ଯାଇନି: ମୋକିମ

● ସପକ୍ଷରେ ବାହାରିଲେ ନିରଞ୍ଜନ

କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କୃତ ହେଲେ ମହମ୍ମଦ ମୋକିମ୍। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ପ୍ରସ୍ତାବକୁ ଏଆଇସିସିର ଅନୁମୋଦନ ମିଳିଛି। ତେବେ କଂଗ୍ରେସରୁ ବହିଷ୍କାର ପରେ ଗଣମାଧ୍ୟମ ସାମ୍ନାରେ ପ୍ରତିକ୍ରିୟା ରଖିଛନ୍ତି ଏହି ପୂର୍ବତନ ବିଧାୟକ। ସେ କହିଛନ୍ତି ଯେ କଂଗ୍ରେସ ମୋତେ ବହିଷ୍କାର କରିଛି, କିନ୍ତୁ ମୁଁ ଦଳଠାରୁ ଦୂରେଇ ଯାଇନି। କଂଗ୍ରେସ ମୋ ବିଚାରଧାରାରେ ରହିଛି ଓ ରହିବ ମଧ୍ୟ। ଦଳରୁ ବହିଷ୍କାର ହୋଇଯିବା ମାନେ ରାଜନୀତିରୁ ବାହାରିଗଲି ବୋଲି ଭାବିବା ଠିକ୍ ପୃଷ୍ଠା-୬

# ବିକଶିତ ଭାରତ ଶିକ୍ଷା ବିଲ୍ ଉପସ୍ଥାପିତ

- ଗଠନ ହେବ ୩ ସ୍ୱାଧୀନ ପରିଷଦ: ଧର୍ମେନ୍ଦ୍ର
- ଶିକ୍ଷା କ୍ଷେତ୍ରର ଜଟିଳତା ସମାଧାନ ଦିଗରେ ପଦକ୍ଷେପ



**ନୂଆଦିଲ୍ଲୀ,୧୫।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଲୋକସଭାରେ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍, ୨୦୨୫ ଆଗତ କରିଛନ୍ତି।

ଏହି ବିଲ୍‌ର ଉଦ୍ଦେଶ୍ୟ ପ୍ରଭାବଶାଳୀ ସମନ୍ୱୟ ଓ ମାନଦଣ୍ଡ ନିର୍ଦ୍ଧାରଣ ମାଧ୍ୟମରେ ଭାରତର ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକୁ ଉତ୍କର୍ଷତା ହାସଲ ଦିଗରେ ସଶକ୍ତ କରିବା। ଜାତୀୟ ଶିକ୍ଷା ନୀତି(ଏନ୍‌ଇପି)-୨୦୨୦ରେ ଦେଶର ଉଚ୍ଚ ଶିକ୍ଷା ନିୟାମକ ବ୍ୟବସ୍ଥାରେ ମୌଳିକ ପରିବର୍ତ୍ତନ ପାଇଁ ବ୍ୟବସ୍ଥା ରହିଛି। ଏନଇପିର ଅଧ୍ୟକ୍ଷ ଡକ୍ଟର କେ. କସ୍ତୁରୀରଙ୍ଗନଙ୍କ ନେତୃତ୍ୱରେ ପ୍ରସ୍ତୁତ ଏହି ନୂଆ ଶିକ୍ଷା ନୀତି ଏକ ସାମଗ୍ରିକ ଓ ଭବିଷ୍ୟତମୁଖୀ ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ। ଏଥିରେ ଭାରତୀୟ ମୂଲ୍ୟବୋଧ ଆଧାରିତ ମୌଳିକ ଶିକ୍ଷାଗତ ସ୍ୱାୟତ୍ତତା, ବହୁବିଧ ଶିକ୍ଷା, ଗବେଷଣା ଉତ୍କର୍ଷତା ଓ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଉପରେ ଗୁରୁତ୍ୱାରୋପ କରାଯାଇଛି। ଗତ ୧୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ସଂସଦରେ ଉପସ୍ଥାପନ ପାଇଁ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍, ୨୦୨୫କୁ ଅନୁମୋଦନ ମିଳିଥିଲା। ଏହି ବିଲ୍ ଭାରତୀୟ ସମ୍ବିଧାନର ସପ୍ତମ ଅନୁସୂଚୀର କେନ୍ଦ୍ର ତାଲିକାର ପ୍ରବେଶ ୬୬ ବ୍ୟବସ୍ଥା ଅଧୀନରେ ଆଗତ କରାଯାଇଛି। ଏହା ଉଚ୍ଚ ଶିକ୍ଷା କିମ୍ବା ଗବେଷଣା ଏବଂ ପୃଷ୍ଠା-୬

### ମଣିପାଲ ହସ୍ପିଟାଲରେ ଓଡ଼ିଆ ଚିକିତ୍ସକଙ୍କ ସଫଳତା

## ଧାତବ ପିନ୍ କାଢ଼ି ଶିଶୁକୁ ଦେଲେ ପୁନର୍ଜନ୍ମ





**କୋଲକାତା,୧୫।୧୨ (ସଂଚାର ବ୍ୟୁରୋ):** ଇଏମ୍ ବାଇପାସସ୍ଥିତ ମଣିପାଲ ହସ୍ପିଟାଲ୍ସ ଓ ମୁକୁନ୍ଦପୁର କ୍ଲଷ୍ଟରର ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ନିର୍ଦ୍ଦେଶକ ତଥା ଓଡ଼ିଆ ଚିକିତ୍ସକ ପ୍ରଦୀପ୍ତ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ମଣିପାଲ ହସ୍ପିଟାଲ୍ସ ଡାକ୍ତରମାନେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ପାଇଛନ୍ତି। ଏହି ଟିମ୍ ଉତ୍ତର ୨୪ ପ୍ରଗଣାର ବାରାସାତର ୪ ବର୍ଷୀୟ ଶିଶୁ କୃଷାଣୁ ରାୟ ଗିଳି ଦେଇଥିବା ଏକ ଧାରୁଆ ଧାତୁ ପିନ୍‌କୁ ସଫଳତା ପୂର୍ବକ ବାହାର କରିବା ସହ ଏହି ଶିଶୁକୁ ଏକରକମ ପୁନର୍ଜନ୍ମ ଦେଇଛନ୍ତି। ପାଣି ପିଉଥିବା ସମୟରେ କୃଷାଣୁ ସେଥିରେ ପଡ଼ିଥିବା ଧାତୁ ପିନ୍‌ଟିକୁ ଭୁଲବଶତଃ ଗିଳି ଦେଇଥିଲେ। ଧାରୁଆ ଧାତୁ ଜିନିଷ ରହିଥିବା ଜଣାପଡ଼ିଥିଲା। ଆଭ୍ୟନ୍ତରୀଣ ଆଘାତ, ଯାହା ପେଟ କାନ୍ଥକୁ ଛିଦ୍ର କରିବାର ଉଚ୍ଚ ବିପଦ ଥିଲା, ସେଥିପାଇଁ ତୁରନ୍ତ ଡାକ୍ତରୀ ଚିକିତ୍ସା ଆବଶ୍ୟକ ଥିଲା। ମାମଲା ବର୍ଣ୍ଣନା କରି ଡାକ୍ତର ସେଠୀ କହିଛନ୍ତି ଯେ ପିଲାମାନେ କୌଣସି ଧାରୁଆ ସାମଗ୍ରୀ ଗିଳିବା ସବୁବେଳେ ଗମ୍ଭୀର ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି କରିଥାଏ। ଏହା ସେମାନଙ୍କ ଜୀବନ ପ୍ରତି ବିପଦ ମଧ୍ୟ ସୃଷ୍ଟି କରୁଥିବାରୁ ଏହା ଗୁରୁତର ହେବା ପୂର୍ବରୁ ତ୍ୱରିତ ଚିକିତ୍ସା ଜରୁରୀ। କୃଷାଣୁଙ୍କ କ୍ଷେତ୍ରରେ ଉକ୍ତ ଧାତବ ପିନ୍ ଅନ୍ତନଳୀରେ ପ୍ରବେଶ କରିଥିଲେ ଛିଦ୍ର କିମ୍ବା ରକ୍ତସ୍ରାବ ପରି ସାଙ୍ଘାତିକ ବିପଦ ପୃଷ୍ଠା-୬

ତେବେ ଏହା ଜାଣିବା ପରେ ତୁରନ୍ତ ପରିବାର ଲୋକେ ତାଙ୍କୁ ମଣିପାଲ୍ ହସ୍ପିଟାଲ୍‌କୁ ନେବା ପରେ ସେଠାରେ ତାଙ୍କ ଜୀବନ ପ୍ରତି ରହିଥିବା ବିପଦ ସମ୍ପର୍କରେ ଡାକ୍ତରମାନେ ଅବଗତ ହୋଇଥିଲେ। ହସ୍ପିଟାଲ୍‌ରେ ଆଡମିଟ୍ ହେବା ପରେ କୃଷାଣୁଙ୍କ ପେଟରେ

### ଧିକ୍ ଧଉଳି ପୁଲିସ ; ନଦୀପଠାରେ ଗଣଦୁଷ୍କର୍ମ

## ରାଜଧାନୀରେ ଗୋପାଳପୁର ପାର୍ଟ-୨

- ଟୁରିଜିମ କମ୍, କ୍ରାଇମ ଅଧିକ
- ପାଲଟିଛି ଡେଡ୍‌ବଡି ଡମ୍ପିଂ ଜୋନ୍




**ଭୁବନେଶ୍ୱର, ୧୫।୧୨ (ସଂଚାର ବ୍ୟୁରୋ):** ଡିସେମ୍ବର ୧୦। ନାବାଳିକା ଜଣଙ୍କ ଏକାନ୍ତରେ ନିଜ ପୁରୁଷ ବନ୍ଧୁଙ୍କ ସହ ଦୟା ନଦୀ କୂଳରେ ବୁଲୁଥିଲେ। ଠିକ ଏତିକି ବେଳେ ୨ ଦୁର୍ବୃତ୍ତ ତାଙ୍କୁ ଦେଖିଥିଲେ। ପୁରୁଷ ବନ୍ଧୁଙ୍କଠାରୁ ସୁନା ଚେନ, ମୋବାଇଲ, ଟଙ୍କା ଛଡ଼ାଇବା ପାଇଁ ଉଦ୍ୟମ କରି ସଫଳ ହୋଇଥିଲେ। ତେବେ ଏତିକିରେ ତାଙ୍କ ମନ ଭରି ନଥିଲା। ନିକାଞ୍ଚନ ନଦୀ ପଠାରେ ନାବାଳିକାଙ୍କୁ ଜଣଙ୍କ ପରେ ଜଣେ ଦୁଷ୍କର୍ମ କରିଚାଲିଥିଲେ। ଏଭଳି ଏକ ଘଟଣା ପଦାକୁ ଆସିବା ପରେ ପୁଲିସ ତରବରିଆ ଭାବେ ୨ ଜଣଙ୍କୁ ଗିରଫ କରିଛି ଧଉଳି ଥାନା ପୁଲିସ। ପୀଡ଼ିତାଙ୍କ ବୟାନ ମଧ୍ୟ ରେକର୍ଡ କରିଛି। ତେବେ ସବୁଠାରୁ ଗମ୍ଭୀର କଥା ହେଉଛି, ବର୍ଷଶେଷରେ ଗଣଦୁଷ୍କର୍ମ ଯୋଗୁଁ ଧଉଳି ଥାନା ପାଇଁ ବଦନାମର ଟୀକା ପିନ୍ଧିଛି କମିଶନରେଟ ପୁଲିସ। ପ୍ରଶ୍ନ ଉଠୁଛି, ପିକନିକ ପାଇଁ ବର୍ତ୍ତମାନ ହଜାର ହଜାର ପର୍ଯ୍ୟଟକ ଧଉଳି ଆସୁଛନ୍ତି। ଶାନ୍ତିସ୍ତୂପ ବୁଲୁଥିବା ବେଳେ ଜଙ୍ଗଲ ଭିତରେ ବଣଭୋଜି କରୁଛନ୍ତି। ଏଥିପାଇଁ ପର୍ଯ୍ୟାପ୍ତ ପୁଲିସ ବ୍ୟବସ୍ଥା ମଧ୍ୟ କରାଯାଇଛି। ବିଭିନ୍ନ ସ୍ଥାନରେ ସିସିଟିଭି ଲାଗିଛି। ପିସିଆର୍ ପାଇଁତରା ମାରୁଛି। କିନ୍ତୁ ଶେଷରେ ଫଳ ଶୂନ୍। ଗଣମାଧ୍ୟମରେ ଏହି ଖବର ସାମ୍ନାକୁ ଆସିବା ପରେ ଧଉଳିକୁ ପର୍ଯ୍ୟଟକଙ୍କ ଆଗମନ କମିପାରେ ବୋଲି ଆଶଙ୍କା କରାଯାଉଛି। ନୂଆ ଥାନାଧିକାରୀଙ୍କ ଯୋଗଦାନ ପରେ ପରିସ୍ଥିତି ବଦଳିପାରେ ବୋଲି ଆଶା କରାଯାଉଛି। ତେବେ ଏହି ଗୋଟିଏ ଘଟଣା ନୁହେଁ, ଏକାଧିକ ଘଟଣାରେ କ୍ରିମିନାଲଙ୍କ ପ୍ରଥମ ପୃଷ୍ଠା-୬

## ମେଡିକାଲ କଲେଜ ପିଜି ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ବୃଦ୍ଧି

- ହାଉସ୍ ସର୍ଜନଙ୍କ ଷ୍ଟାଇପେଣ୍ଡ ବି ବଢ଼ିଲା
- ଅଗଷ୍ଟ ପହିଲାରୁ ପିଛିଲା ଭାବେ ଲାଗୁ ହେବ



**ଭୁବନେଶ୍ୱର,୧୫।୧୨ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ବିଭିନ୍ନ ସରକାରୀ ଆୟୁର୍ବେଦିକ୍ ଓ ହୋମିଓପାଥିକ୍ କଲେଜ୍‌ରେ ପଢୁଥିବା ପିଜି ଛାତ୍ରଛାତ୍ରୀଙ୍କ ପାଇଁ ମିଳୁଥିବା ଷ୍ଟାଇପେଣ୍ଡରେ ବ୍ୟାପକ ବୃଦ୍ଧି କରିଛନ୍ତି। ଆୟୁର୍ବେଦ ଓ ହୋମିଓପାଥିକ୍ ଚିକିତ୍ସା କ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ଉଭୟ ପାଠ୍ୟକ୍ରମରେ ପିଜି କରୁଥିବା ୧୨୦ ଜଣ ଛାତ୍ରଛାତ୍ରୀ ଉପକୃତ ହେବେ। ଏହି ନୂତନ ଷ୍ଟାଇପେଣ୍ଡ ୨୦୨୬ ଜାନୁଆରୀ ପହିଲାରୁ ଲାଗୁହେବ। ଏହି ନିଷ୍ପତ୍ତି ଅନୁଯାୟୀ ପିଜି ପ୍ରଥମ ବର୍ଷର ଛାତ୍ରଛାତ୍ରୀ ମାନଙ୍କ ଷ୍ଟାଇପେଣ୍ଡରେ ୫୫ ପ୍ରତିଶତ ବୃଦ୍ଧି କରାଯାଇଛି। ପୂର୍ବରୁ ସେମାନଙ୍କ ମାସିକ ଷ୍ଟାଇପେଣ୍ଡ ୩୧ ହଜାର ଟଙ୍କା ଥିବାବେଳେ, ବର୍ତ୍ତମାନ ଏହା ୪୮ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କ ପାଇଁ ଏହା ୩୨ ହଜାରରୁ ୫୨ ହଜାରକୁ ବୃଦ୍ଧି ପାଇଛି। ଏହା ହେଉଛି ୬୨ ପ୍ରତିଶତ ବୃଦ୍ଧି। ତୃତୀୟ ପୃଷ୍ଠା-୬



### କାନ ଡେରିଆ

ନିଜେ ହିଁ ନିଜକୁ
ଦରମା ଦିଅନ୍ତି
ଜନତାଙ୍କ ନାମ ନେଇକି
ସବୁ ଖୋଳକରି ଲୁଟି
ନେଇଯିବେ
କଲ୍ୟାଣ କରିବେ କହିକି
କ୍ଷମତା ଲୋକଠୁ ପାଇକି
ସେଇଲୋକ ଯେବେ
ବଦଳି ଯିବେଯେ
କ୍ଷମତା ଯିବ ଯେ ଚୁଲିକି ।

■ ଦେବାଶିଷ

# ବିଜେଡିରେ ଏକା ମାଇଲେଜ୍ ନେଉଛନ୍ତି ନବୀନ



- ନିନ୍ଦିତ ହେଉଛନ୍ତି ବିଧାୟକ
- ଲୁଙ୍ଗିପିନ୍ଧା ଫଟୋକୁ ମନେ ପକାଉଛନ୍ତି କର୍ମୀ

**ଭୁବନେଶ୍ୱର, ୧୫।୧୨ (ସଂଚାର ବ୍ୟୁରୋ):** ବର୍ଦ୍ଧିତ ଦରମା ନେବେ ନାହିଁ ବୋଲି ଘୋଷଣା କରି ବିଜେଡି ସଭାପତି ନବୀନ ପଟ୍ଟନାୟକ ଗଣମାଧ୍ୟମରେ ମାଇଲେଜ ନେଉଥିବା ବେଳେ ତାଙ୍କରି ଦଳର ବିଧାୟକମାନେ କେବେ ନବୀନଙ୍କ ପଦାଙ୍କ ଅନୁସରଣ କରିବେ, ତାହାକୁ ରାଜ୍ୟବାସୀ ଚାହିଁ ବସିଛନ୍ତି। ତେବେ ନବୀନ ନିଜ ବିଧାୟକମାନଙ୍କୁ ଦରମା ଛାଡ଼ ପାଇଁ କହୁନାହାନ୍ତି କି ଦରମା ବିଲ୍ ପ୍ରତ୍ୟାହାର ପାଇଁ ରାଜ୍ୟପାଳଙ୍କ ଲେଖୁ ନ ଥିବାରୁ ଅନେକ ଏବେ ତାଙ୍କୁ ସନ୍ଦେହ ଚକ୍ଷୁରେ ଦେଖିବା ଆରମ୍ଭ କଲେଣି।

ବିଧାନସଭାରେ ବିଧାୟକ, ମନ୍ତ୍ରୀ ଆଦିଙ୍କର ଦରମା ବିଲ୍ ପାରିତ ହେବା ପରେ ବିଧାୟକମାନଙ୍କ ଦରମା ସର୍ବନିମ୍ନ ୩ ଲକ୍ଷ ୪୫ ହଜାର ଟଙ୍କା ହୋଇଥିବା ବେଳେ ରାଷ୍ଟ୍ରମନ୍ତ୍ରୀ, କ୍ୟାବିନେଟ୍ ମନ୍ତ୍ରୀ, ବାଚସ୍ପତି ଓ ମୁଖ୍ୟମନ୍ତ୍ରୀଙ୍କ ଦରମା ଏହାଠାରୁ ଢେର ଅଧିକ ରହିଛି। ଦରମା ଭିତରେ ଥିବା ୩୫ ହଜାର ଟଙ୍କିଆ ଚିକିତ୍ସା ଭତ୍ତା, ୨୦ ହଜାର ଟଙ୍କିଆ ବିଜୁଳି ଭତ୍ତା, ୧୫ ହଜାର ଟଙ୍କିଆ ଟେଲିଫୋନ୍ ଭତ୍ତାକୁ ନେଇ ରାଜ୍ୟରେ ଅସନ୍ତୋଷ ଦେଖାଦେଇଛି। ସାଧାରଣ ଲୋକେ ଏହାକୁ ନାପସନ୍ଦ କରୁଥିବା ବେଳେ ବାମପନ୍ଥୀ ନେତାମାନେ ରାଜ୍ୟପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସାମାଜିକ ଗଣମାଧ୍ୟମରେ ଦରମା ବୃଦ୍ଧିକୁ ନେଇ ଲୋକେ ନାନା ନକାରାତ୍ମକ ମନ୍ତବ୍ୟ ଦେବାରେ ଲାଗିଛନ୍ତି। ସେହିଭଳି ପୂର୍ବତନ ବିଧାୟକମାନଙ୍କର ଆକାଶଛୁଆଁ ପେନ୍‌ସନ ଓ ଭତ୍ତା ବୃଦ୍ଧିକୁ ନେଇ ବି ସମାଲୋଚନା ଜାରି ରହିଛି।

ତେବେ ଏହାରି ଭିତରେ ନବୀନ କିନ୍ତୁ ବର୍ଦ୍ଧିତ ଦରମା ନେବେ ନାହିଁ ବୋଲି ଲିଖିତ ଆକାରରେ ଜଣାଇଦେଇଛନ୍ତି। କିନ୍ତୁ ନବୀନ ଦରମା ଛାଡ଼ ଘୋଷଣା କରିଥିବା ବେଳେ ତାଙ୍କରି ଦଳର କିଛି ବିଧାୟକ କିନ୍ତୁ ଦରମା ବୃଦ୍ଧି ସପକ୍ଷରେ ଓକିଲାତି ଆରମ୍ଭ କରିଦେଇଛନ୍ତି। ସାଧାରଣ ଲୋକଙ୍କ କହିବା କଥା ଯେ 'ଫନି' ବାତ୍ୟା ସମୟରେ ନବୀନ ଯେଭଳି ନିଜର ବିଧାୟକମାନଙ୍କୁ ଏକ ମାସର ଦରମା ଦାନ କରିବାକୁ କହିଥିଲେ ଓ ବିଧାୟକମାନେ ସୁନାପିଲା ଭଳି ଗୋଟିଏ ମାସର ଦରମା ବି ଦେଇଥିଲେ, କିନ୍ତୁ ତାହା ଏବେ ଦେଖିବାକୁ ମିଳୁନାହିଁ। ସେହିଭଳି ନବୀନଙ୍କ ଲୁଙ୍ଗିପିନ୍ଧାକୁ ସମର୍ଥନ କରି ଯେଭଳି ବିଧାୟକ ଓ ସାଂସଦମାନେ ରାତାରାତି ଲୁଙ୍ଗି ପିନ୍ଧି ଫଟୋ ଉଠାଇ ଛାଡ଼ିଲେ, ବର୍ତ୍ତମାନ ଦରମା ଛାଡ଼ ଘଟଣାରେ ତାହା ହେଉନାହିଁ।

ଅବଶ୍ୟ ନବୀନଙ୍କ ପୃଷ୍ଠା-୬

## ଓଡ଼ିଶା ଦେଖିବ ପ୍ରଥମ ମହିଳା ମୁଖ୍ୟ ସଚିବ!





ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇପାରନ୍ତି ମନୋଜ

**ଭୁବନେଶ୍ୱର,୧୫।୧୨ (ସଂଚାର ବ୍ୟୁରୋ):** ଆସନ୍ତା ଜାନୁଆରୀ ପହିଲାରୁ ମୁଖ୍ୟ ଶାସନ ସଚିବ କିଏ ହେବେ, ତାକୁ ନେଇ ପାୱାର କରିଡରରେ ନାନା ଅଙ୍କ କଷା ଚାଲିଛି। ରେସ୍‌ରେ ତିନି ଆଇଏଏସ ଅଫିସରଙ୍କୁ ନେଇ ଚର୍ଚ୍ଚା ହେଉଥିବା ବେଳେ ଉନ୍ନୟନ କମିଶନର୍ ଅନୁ ଗର୍ଗଙ୍କ ନାମ ସର୍ବାଗ୍ରେ ରହିଛି। ମିଳିଥିବା ସୂଚନାନୁଯାୟୀ, ରାଜ୍ୟ ସରକାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗଙ୍କୁ ମୁଖ୍ୟ ଶାସନ ସଚିବ ଭାବେ ଅବସ୍ଥାପିତ କରିବେ। ଆଉ ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯିବ।

ଅବଶ୍ୟ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନେବେ। ମୁଖ୍ୟ ଶାସନ ସଚିବ ରେସରେ ୧୯୯୧ ବ୍ୟାଚର ଶ୍ରୀମତୀ ଗର୍ଗଙ୍କ ସହ ୧୯୯୧ ବ୍ୟାଚ୍‌ର ସତ୍ୟବ୍ରତ ସାହୁ, ୧୯୯୦ ବ୍ୟାଚ୍‌ର ଜି. ଶ୍ରୀନିବାସ ଓ ସଞ୍ଜୀବ ଚୋପ୍ରାଙ୍କ ନାଁ ବି ଚର୍ଚ୍ଚା ହେଉଛି। କିନ୍ତୁ ଏସବୁ ଭିତରେ ଶ୍ରୀମତୀ ଗର୍ଗଙ୍କ କାର୍ଯ୍ୟକାଳ ଆସନ୍ତା ୨୦୨୯ ମାର୍ଚ୍ଚରେ ସରୁଥିବାରୁ ତାଙ୍କ ନାଁ ଚର୍ଚ୍ଚାରେ ସବୁଠୁ ଆଗରେ ରହିବା ସ୍ୱାଭାବିକ। ଯଦି ରାଜ୍ୟ ସରକାର ତାଙ୍କୁ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଦିଅନ୍ତି, ତା'ହେଲେ ଏପରି ଏକ ଗୁରୁଦାୟିତ୍ୱ ପାଇବାରେ ସେ ସେ ହେବ ରାଜ୍ୟର ପ୍ରଥମ ମହିଳା।

ରାଜ୍ୟରେ ବଜେପି ସରକାର କ୍ଷମତାକୁ ଆସିବା ପରେ ୧୯୯୦ ପୃଷ୍ଠା-୬

## ୫ଶହ ମେଟ୍ରିକ ଟନ କ୍ଷମତା ସମ୍ପନ୍ନ ଶୀତଳ ଭଣ୍ଡାର ଉଦ୍‌ଘାଟିତ



**କେନ୍ଦ୍ରାପଡ଼ା,୧୫।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ୫୦୦ ମେଟ୍ରିକ ଟନ କ୍ଷମତା ସମ୍ପନ୍ନ ଏକ ଶୀତଳ ଭଣ୍ଡାରକୁ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ଉଦଘାଟନ କରିଥିଲେ କରିଛନ୍ତି । ଉଦଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, କେନ୍ଦ୍ରାପଡ଼ା ପୌରପାଳ ସରିତା ସାହୁ,ଜିଲ୍ଲାପାଳ ରଘୁରାମ ଆର. ଆୟର,ଚାଷୀ ନେତା ବିଚିତ୍ର କୁମାର ପ୍ରଧାନ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ବିଦ୍ୟାଧର ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ । ୧କୋଟି ୮୦ଲକ୍ଷ ଟଙ୍କାରେ ବ୍ୟୟରେ ନିର୍ମିତ ଏହି ଶୀତଳ ଭଣ୍ଡାରରେ ୫ଟି ଚାମ୍ବର ରହିଛି । ଯାହାଫଳରେ କି ଜିଲ୍ଲାର ଚାଷୀମାନେ ତାଙ୍କର ଉତ୍ପାଦିତ ବଳକା ପନିପରିବା ଏହି ଶୀତଳ ଭଣ୍ଡାରରେ ରଖି ଭବିଷ୍ୟତରେ ଲାଭବାନ ହୋଇପାରିବେ। ଏହାସହିତ ସାଂସଦ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ମତ୍ସ୍ୟ ପ୍ରାଣୀ ସମ୍ପଦ ବିଭାଗର ପ୍ରାଣୀ ଆଶୁ ଚିକିତ୍ସା ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରିଛନ୍ତି । ଏଥିସହିତ ଖରିଫ ଧାନ ୨୦୨୫-୨୬ ର କ୍ରୟ ନିମନ୍ତେ ପ୍ରଚାର ରଥ ଗାଡିର ମଧ୍ୟ ସାଂସଦ ଶୁଭାରମ୍ଭ କରିଛନ୍ତି ।

## ଅଗ୍ନିକାଣ୍ଡରେ ଜଳିଗଲା ଦୁଇ ବଖରା

**ରାଜନଗର,୧୫।୧୨(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ କଣ୍ଡିରା ପଂଚାୟତ କଣ୍ଡିରା ଗାଁରେ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ଜଳି ପାଉଁଶ ହୋଇଯାଇଛି। ଗାଁର ଅମ୍ବିକା ମହାନ୍ତିଙ୍କ ଘରେ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ସହିତ ସମସ୍ତ ଆସବାସ ପାତ୍ର ପୋଡି ପାଉଁଶ ହୋଇଯାଇଛି ।



ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ବେଳକୁ ସବୁ ପୋଡି ପାଉଁଶ ହୋଇ ସାରିଥିଲା। ବିପନ୍ନ ପରିବାର ଶୀତ ରାତିରେ ପଡୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି।

### ପିଏସକେ ଠିକା ସଂସ୍ଥାର ମନମାନୀ ଯୋଗୁଁ ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

# ଅକାଳରେ ଯାଉଛି ଜୀବନ

**ଡେରାବିଶ,୧୫।୧୨(ସଂଚାର ବ୍ୟୁରୋ):** ଚଣ୍ଡିଖୋଲ-ପାରାଦ୍ୱୀପ ୫୩ ନମ୍ବର ଜାତୀୟ ରାଜପଥକୁ ୮ଲେନେ ବିଶିଷ୍ଟ କରିବା ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା ତତ୍ତ୍ୱବଧାନରେ କାଯ୍ୟ ଚାଲିଛି। ସଂଖ୍ୟାଧିକ ଠିକା ସଂସ୍ଥା ଏହି କାଯ୍ୟଦେଶ ପାଇଛନ୍ତି। ଡେରାବିଶ ବ୍ଲକର ପଞ୍ଚୁପାଣ୍ଡବରୁ ଅଳାବାଙ୍କ ଯାଏ ଆନ୍ଧ୍ରପ୍ରଦେଶର ଏକ ଘରୋଇ ଠିକା ସଂସ୍ଥା କାର୍ଯ୍ୟ ନେଇଛି। ତେବେ ଠିକା ସଂସ୍ଥା ଆରମ୍ଭରୁ ନିଜ ମର୍ଜୀରେ ତ୍ରୁଟିପୂର୍ଣ୍ଣ, ବେନିୟମ ଓ ନିମ୍ନମାନର କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଆସୁଛି। ଫଳରେ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିଯୋଗୁଁ ବର୍ଷାପାଣି ନିଷ୍କାସନ ହୋଇ ନ ପାରି ଫସଲ ନଷ୍ଟ ହେବା, ରାଜପଥ ପାର୍ଶ୍ୱ ଗ୍ରାମଗୁଡ଼ିକରୁ ଜଳ ନିଷ୍କାସନରେ ସମସ୍ୟା,



ରାସ୍ତାରେ ପାଣି ପକା ନ ଯିବାରୁ ଧୂଳିଉଡ଼ି ଲୋକମାନେ ବହୁ ଅସୁବିଧା ଭୋଗୁଥିବା ଅଭିଯୋଗ ହୋଇଛି। ହେଲେ ଠିକାସଂସ୍ଥାର ମନମାନି ସହ ସଂସ୍ଥାର ଗାଡି ଚାଳକଙ୍କ ବେପରୁଆ ଗାଡିଚଳନା ଏବଂ ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ ଯୋଗୁଁ ଦୁର୍ଘଟଣା ବଢ଼ି ଚାଲିଛି ବୋଲି ଅଞ୍ଚଳବାସୀ କହିଛନ୍ତି।

ଇତିମଧ୍ୟରେ ୨୦ରୁ ଅଧିକ ଜୀବନ ଚାଲିଯାଇଥିବାରୁ ସ୍ଥାନୀୟ ଲୋକ ଭୟଭୀତ ହୋଇପଡିଛନ୍ତି। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ନିରବତା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଶେଷ କରି ରାସ୍ତା ନିର୍ମାଣ ସମୟରେ ଉଭୟ ପାର୍ଶ୍ୱରେ ଡାଇଭର୍ସନ୍ ରାସ୍ତା ଠିକ୍ ଭାବେ କରାନଯିବା, ସମ୍ପୂର୍ଣ୍ଣ ହୋଇଥିବା ଓଭରବ୍ରିଜ ଆରମ୍ଭରେ ଆବଶ୍ୟକ ନ ଥାଇ ବଡ଼ ହମ୍ପସ ନିର୍ମାଣ, ଏହାକୁ ରଙ୍ଗ ମାରି ଚିହ୍ନଟ କରାନଯିବା, ପ୍ରଶସ୍ତିକରଣ କାର୍ଯ୍ୟ ପାଇଁ ଉଭୟ ପଟୁ ଗାଡ଼ି ଗୋଟିଏ ରାସ୍ତାରେ ଯତାୟତ କରୁଛି, ଠିକା ସଂସ୍ଥା ଏହାକୁ ପ୍ରଶସ୍ତ ନକରିବାରୁ ଗାଡି ମୁହାଁମୁହିଁ ହେଉଥିବାରୁ ଦୁର୍ଘଟଣା ଘଟୁଛି। ସେହିପରି ପଞ୍ଚୁପାଣ୍ଡବରୁ ଅଳାବାଙ୍କ ମଧ୍ୟରେ ହେଉଥିବା ଛକ ଗୁଡ଼ିକ ନିକଟରେ ଗଳି ପୋଲ କାର୍ଯ୍ୟ ଅଧପାନ୍ତରିଆ ଭାବେ ନିର୍ମାଣ ଯୋଗୁଁ ଅଞ୍ଚଳବସୀ, ସ୍କୁଲ୍ ଓ କଲେଜ୍ ଓ ମେଡିକାଲ ଯିବାପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇଛି। ରାଜପଥରେ ଆଉ କେତେ ମୁଣ୍ଡ ଗଡ଼ିଲେ ରାଜପଥ କର୍ତ୍ତୃପକ୍ଷ ଓ ପ୍ରଶାସନ ର ନିଦ ଭାଙ୍ଗିବ ବୋଲି ଲୋକେ ପ୍ରଶ୍ନ କରିଛନ୍ତି।

## ପାରିବାରିକ ଅଶାନ୍ତିରୁ ଯୁବକଙ୍କ ଆତ୍ମହତ୍ୟା

**ସାଲେପୁର,୧୫।୧୨(ସଂଚାର ବ୍ୟୁରୋ):** ପାରିବାରିକ ଅଶାନ୍ତି କାରଣରୁ ଜଣେ ଯୁବକ ବେକରେ ଲୁଗା ବାନ୍ଧି ଆତ୍ମ ହତ୍ୟା କରିଥିବା ଜଣାଯାଇଛି । ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ ଲୁଣାହାର ଗ୍ରାମର ବେଙ୍ଗ ବେହେରା ଙ୍କ ପୁଅ ସତ୍ୟବ୍ରତ ବେହେରା (୩୨)ନିଜ ଘର ପଛପଟେ ଥିବା ଏକ ବେଲ ଗଛ ରେ ଗତ କାଲି ରାତିରେ ବେକରେ ଶାଢ଼ୀ ବାନ୍ଧି ଝୁଲୁ ଥିଲା, ପରିବାର ଲୋକେ ତାକୁ ଗଛରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାଲେପୁର ଡାକ୍ତରଖାନାକୁ ନେଇଥିବା ବେଳେ ଡାକ୍ତର ସେଠାରେ ତାକୁ ମୃତ୍ୟୁ ଘୋଷଣା କରିଥିଲେ। ପାରିବାରିକ ଅଶାନ୍ତି କାରଣରୁ ସେ ଆତ୍ମହତ୍ୟା କରିଥିବା ନେଇ ଶୁଣିବାକୁ ମିଳୁଛି । ଖବର ପାଇ ସାଲେପୁର ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ କଟକ ପଠାଇଛି ।

## ମେଗା ସ୍ୱାସ୍ଥ୍ୟ ଶିବିର ପାଇଁ ସାମ୍ବାଦିକ ସମ୍ମିଳନୀ




**ସାଲେପୁର,୧୫।୧୨(ସଂଚାର ବ୍ୟୁରୋ):** ସାଲେପୁର ବ୍ଲକ ଗୋପୀନାଥ ପୁର ଠାରେ ଏକ ମେଗା ସ୍ୱାସ୍ଥ୍ୟ ସେବା ଶିବିର ପାଇଁ ଆଜି ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ଗୋପୀନାଥ ପୁର ଶ୍ରୀ ଆରୋବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇ ଯାଇଛି । କଳିଙ୍ଗ ଇନ୍ସ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ (କିମ୍ସ) ଆନୁକୂଲ୍ୟରେ ୨୧ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ଏହି ମେଘା ସ୍ୱାସ୍ଥ୍ୟ ସେବା ଶିବିର ରେ ୨୦ରୁ ଉର୍ଦ୍ଧ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ରୋଗ ପରୀକ୍ଷା କରାଯିବ ସହ ମାଗଣା ଔଷଧ ବିତରଣ କରାଯାଉଛି ବୋଲି ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ କିମ୍ସ ହସ୍ପିଟାଲର ଉପ ଅଧିକ୍ଷକ ହରିଶ ଚୌଧୁରୀ ପ୍ରକାଶ କରିଛନ୍ତି । ଏହି ସ୍ୱାସ୍ଥ୍ୟ ସେବା ଶିବିରରେ ମାଗଣା ଇସିଜି, ବିପି, ସୁଗାର, ପରୀକ୍ଷା କରାଯିବାର ବ୍ୟବସ୍ଥା କରାଯାଇଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବି, ବରିଷ୍ଠ ନାଗରିକ, ଲୋକପ୍ରତିନିଧି ଓ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ ।

## ପାନୀୟ ଜଳ ପାଇଁ ବିଲପଡ଼ାବାସୀ ଭୋଗୁଛନ୍ତି ସମସ୍ୟା

**ମହାକାଳପଡା,୧୫।୧୨(ସଂଚାର ବ୍ୟୁରୋ):** ନଳକୂପ ନଥିବାରୁ ପିଇବା ପାଣି ପାଇଁ ଲୋକମାନେ ଦୂଷିତ ପୋଖରୀ ଜଳକୁ ବ୍ୟବହାର କରୁଛନ୍ତି। ନଳକୂପ ଅନୁମୋଦନ ସତ୍ତ୍ୱେ ମଧ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ବିଳମ୍ବ ପାଇଁ ନଳକୂପ ଖନନ ବାଧାପ୍ରାପ୍ତ ହୋଇଛି। ଯାହାଫଳରେ ଲୋକମାନେ ପୋଖରୀ ଜଳକୁ ବ୍ୟବହାର କରି ବିଭିନ୍ନ ଚର୍ମରୋଗର ଶୀକାର ହେଉଛନ୍ତି। ଏମିତି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି ମହାକାଳପଡା ବ୍ଲକ ଅନ୍ତର୍ଗତ ବଡ଼କୂଳ ପଞ୍ଚାୟତର ବେନୁପାଳ ଗ୍ରାମରୁ।



### ଦୂଷିତ ପୋଖରୀ ଜଳ ଭରସା

ସେହି ଗ୍ରାମର ବିଲପଡା ପଡ଼ାବାସୀ ଗଭୀର ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପଡ଼ାରେ ପ୍ରାୟ ୨୦ରୁ ଅଧିକ ପରିବାର ବସବାସ କରୁଥିବାବେଳେ ମୋଟ ଜନସଂଖ୍ୟା ପ୍ରାୟ ୧୫୦ରୁ ଅଧିକ। ଆଶ୍ଚର୍ଯ୍ୟଜନକ ଭାବରେ ଏହି ପଡ଼ାରେ ଏପର୍ଯ୍ୟନ୍ତ ଗୋଟିଏ ବି ନଳକୂପ ସ୍ଥାପନ କରାଯାଇନାହିଁ। ନଳକୂପ ନଥିବାରୁ ପିଇବା ପାଣି ପାଇଁ ଲୋକମାନେ ପ୍ରାୟ ଅଧ କିଲୋମିଟର ଦୂରରେ ଥିବା ସ୍କୁଲ ନିକଟସ୍ଥ ନଳକୂପ ଉପରେ ନିର୍ଭର କରୁଛନ୍ତି। ଯଥେଷ୍ଟ ରାସ୍ତାଘାଟ ସୁବିଧା ନଥିବାରୁ ମହିଳାମାନେ ବାଧ ହୋଇ ପୋଖରୀର ଦୂଷିତ ଜଳକୁ ଗାଧୋଇବା, ରୋଷେଇ କାମ ଏବଂ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି। ଏହାର ପରିଣାମ ସ୍ୱରୂପ କାଛୁ, କୁଣ୍ଡିଆ ଭଳି ଚର୍ମରୋଗ ସହିତ ଅନେକ ଅଜଣା ରୋଗରେ ଗ୍ରାମବାସୀମାନେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି।

ସରକାରଙ୍କ ଯୋଜନା ପରେ ଯୋଜନା ଥିଲେ ମଧ୍ୟ ବିଲପଡାବାସୀଙ୍କ ପାନୀୟ ଜଳ ସମସ୍ୟା ଏପର୍ଯ୍ୟନ୍ତ ଦୂର ହୋଇନାହିଁ। ପଞ୍ଚାୟତ କାର୍ଯ୍ୟାଳୟ, ବ୍ଲକ ପ୍ରଶାସନ, ନେତା ଓ ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ କୌଣସି ଫଳ ମିଳିନାହିଁ ବୋଲି ସେମାନେ କହିଛନ୍ତି। ତୁରନ୍ତ ବିଲପଡା ପଡ଼ାରେ ଏକ ନଳକୂପ ଖନନ କରି ପାନୀୟ ଜଳ ସମସ୍ୟା ସମାଧାନ କରାଯାଉ ବୋଲି ଦାବି କରିଛନ୍ତି ପଡାବାସୀ।

### ବିଡିଓଙ୍କ ମନମାନୀ ଯୋଗୁଁ ଉନ୍ନୟନମୂଳକ କାର୍ଯ୍ୟ ଠପ୍

# ୮ ଦଫା ଦାବି ନେଇ ବିଜେଡି ପକ୍ଷରୁ ଗଣଧାରଣା

**ନିଶ୍ଚିନ୍ତକୋଇଲି,୧୫।୧୨(ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ସମ୍ମୁଖରେ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ୮ଦଫା ଦାବି, ବ୍ଲକ ପ୍ରଶାସନର ପକ୍ଷପାତିତା ଓ ମନମୁଖୀ କାର୍ଯ୍ୟ ପ୍ରତିବାଦରେ ଗଣଧାରଣା କରାଯାଇଛି। ବ୍ଲକ ବିଜେଡ଼ି ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ବିଜେଡ଼ି କର୍ମୀ, ଜନପ୍ରତିନିଧି ଯୋଗଦାନ କରି ବ୍ଲକ ସମ୍ମୁଖରେ ଗଣଧାରଣା କରିଥିଲେ। ଉଦ୍ଦେଶ୍ୟମୂଳକ ଭାବେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ନିର୍ମାଣାଧୀନ କାର୍ଯ୍ୟ ଅଧାରୁ ବନ୍ଦ କରାଯିବା ସହ ସମ୍ପୂର୍ଣ୍ଣ ହୋଇଥିବା କାର୍ଯ୍ୟର ବକେୟା ଥିବା ସମସ୍ତ ପ୍ରାପ୍ୟ ପ୍ରଦାନ କରାନଯାଇ ଫେରସ୍ତ କରାଯିବା, ବିପିଡ଼ିପି ଆକ୍ସନ ପ୍ଲାନ୍ ୨୦୨୫-୨୬ ଏ ପର୍ଯ୍ୟନ୍ତ ଅନୁମୋଦିତ ନହେବା, ବିପିଡ଼ିପି ଓ ଜିପିଡ଼ିପିରେ ସ୍ଥାନ ପାଇଥିବା




ସମସ୍ତ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ କାରିତାରେ ବ୍ଲକ ବିଡ଼ିଓ, କନିଷ୍ଠ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅସହଯୋଗ, ବିକଶିତ ଗାଁ -ବିକଶିତ ଓଡ଼ିଶାରେ (୨୦୨୪-୨୫) ଓ (୨୦୨୫-୨୬) ପଞ୍ଚାୟତ ସମିତି ଦ୍ୱାରା ୬୦% ପ୍ରତିଶତ ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟକ୍ଷମ ନକରିବା, ମହାତ୍ମା ଗାନ୍ଧି ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ ନକରିବା ଓ ବକେୟା ଅର୍ଥ ପ୍ରଦାନରେ ପକ୍ଷପାତିତା କରିବା, ଅନ୍ତୋଦ୍ୟ ଗୃହ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ବାଦ୍ ଦିଆଯାଇ ଅଯୋଗ୍ୟ ବ୍ୟକ୍ତିଙ୍କୁ ଚୟନ କରିବା, ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରିବା, ବିଭିନ୍ନ ସରକାରୀ ଯୋଜନାକୁ କାର୍ଯ୍ୟକ୍ଷମ କରିବାରେ ନିର୍ବାଚିତ ଲୋକପ୍ରତିନିଧି ମାନଙ୍କୁ ଅଣଦେଖା କରିବା ସହିତ ଦଲାଲମାନଙ୍କୁ ଅଗ୍ରାଧୀକାର ଦିଆଯିବା ଆଦି ୮ ଦଫା ଦାବି ନେଇ ବିଜେଡ଼ି ପକ୍ଷରୁ ଗଣଧାରଣା କରାଯାଇଛି।

ଏହି ଦାବିପତ୍ରକୁ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ଦ୍ୱିବ୍ୟେନ୍ଦୁ କୁମାର ଦାସଙ୍କୁ ପ୍ରଦାନ କରାଯିବା ସହ ଏହାର ଏକକିତା ନକଲ କଟକ ଜିଲ୍ଲାପାଳ, କଟକ ଜିଲ୍ଲାପରିଷଦ ନିର୍ଦ୍ଦେଶକ ଓ କଟକ ଉପଜିଲ୍ଲାପାଳଙ୍କୁ କାର୍ଯ୍ୟକାରୀ ପାଇଁ ବ୍ଲକ ବିଜେଡ଼ି ପକ୍ଷରୁ ପ୍ରେରିତ କରାଯାଇଛି। ଆଗାମୀ ଦିନରେ ଏହି ଦାବିଗୁଡ଼ିକ ପୂରଣ ନହେଲେ ଏହି ଧାରଣାକୁ ବ୍ଲକ, ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ଦରକାର ପଡ଼ିଲେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପର୍ଯ୍ୟନ୍ତ କରାଯିବ ବୋଲି ବିଜେଡ଼ି କର୍ମୀମାନେ ଦୃଢ଼ ଚେତାବନୀ ଦେଇଛନ୍ତି।

### ବଚନ୍ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

## କ୍ରୀଡ଼ାର ବିକାଶରେ ଅଞ୍ଚଳର ବିକାଶ ସମ୍ଭବପର: ବିଧାୟକ

**ନିଶ୍ଚିନ୍ତକୋଇଲି,୧୫।୧୨(ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ପରିସର ଖେଳ ପଡ଼ିଆରେ କଟକ ଜିଲ୍ଲା କ୍ରୀଡ଼ା ସଂସଦ ଓ ମାହାଙ୍ଗା ଆଥଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ବଚନ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ -୨୦୨୫ ସୋମବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ଯୋଗଦାନ କରି ବିଧିବଦ୍ଧ ଭାବେ ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ଫୁଟବଲ କ୍ରୀଡ଼ା ଦ୍ୱାରା ଫୁଟବଲ କ୍ରୀଡ଼ାବିତ୍ ମାନଙ୍କ ମଧ୍ୟରେ ରହିଥିବା ଲୁକ୍କାୟିତ ପ୍ରତିଭାକୁ ଉନ୍ମୋଚିତ କରାଯାଇପାରିବ ଏବଂ ସେମାନଙ୍କର ପ୍ରତିଭାକୁ ଜିଲ୍ଲାରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ପ୍ରଚାର ପ୍ରସାର କରିବା ସହିତ କ୍ରୀଡ଼ା କ୍ଷେତ୍ରରେ ଏକ ଉଦାହାରଣ ସୃଷ୍ଟି କରାଯାଇପାରିବ ଏବଂ କ୍ରୀଡ଼ାର ବିକାଶରେ ଅଞ୍ଚଳର ବିକାଶ ସମ୍ଭବ ବୋଲି ବିଧାୟକ ଶ୍ରୀ ପ୍ରଧାନ ମତପ୍ରକାଶ କରିଥିଲେ। ଏହା ସହିତ ସମସ୍ତ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ।

ଏହି ମ୍ୟାଚ୍ କଟକ ବୈୟାଳିଶ ମୌଜା ଫୁଟବଲ ଟିମ୍



ଓ କଟକ ସିଡ଼ିଏ ଫୁଟବଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଟକ ସିଡ଼ିଏ ଫୁଟବଲ ଟିମ୍ ୨-୧ ଗୋଲରେ ବିଜୟୀ ହୋଇଥିଲା। ଆସନ୍ତା ୨୩ତାରିଖ ଦିନ ଦୁଇ ମହିଳା ଫୁଟବଲ ଟିମ୍ ମଧ୍ୟରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବା ବେଳେ ୨୪ତାରିଖ ଦିନ ଏହାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି।

### ● ଦୋକାନରେ ନିଆଁ ଲଗାଇବା ଘଟଣା

## ବୃଦ୍ଧଙ୍କ ଏତଲା ଆଧାରରେ ମାମଲା ରୁଜୁ

**ମହାକାଳପଡ଼ା,୧୫।୧୨(ସଂଚାର ବ୍ୟୁରୋ):** ଦୋକାନ ଭିତରେ ଜଣେ ବୃଦ୍ଧ ବ୍ୟକ୍ତି ରାତିରେ ଶୋଇଥିବା ସମୟରେ କିଛି ବ୍ୟକ୍ତି ତାଙ୍କ ଦୋକାନ ଭିତରେ ନିଆଁ ଲଗାଇ ଦେଇଥିବା ବୃଦ୍ଧ ଜଣଙ୍କ ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏତଲା ଆଧାରରେ ପୁଲିସ ମାମଲା ରୁଜୁ କରିଛି। ସୂଚନା ଥାଉକି ମାର୍ଶାଘାଇ ଥାନା ଅଧୀନ ବଡକୂଳ ଗ୍ରାମ ପଞ୍ଚାୟତର ଦହିମାଛ ଗ୍ରାମର ବଳରାମ ରାଉତ (୭୯) ଶୁକ୍ରବାର ରାତିରେ ତାଙ୍କ ଦୋକାନ ଭିତରେ ଶୋଇଥିବା ସମୟରେ



ବିଳମ୍ବିତ ରାତିରେ ନିଜ ଗ୍ରାମ ସମେତ ପାଖ ଗ୍ରାମର କିଛି ବ୍ୟକ୍ତି ତାଙ୍କ ଦୋକାନ କବାଟ ବାଡ଼େଇବାରୁ ଭୟଭୀତ ହୋଇପଡିଥିଲେ ବଳରାମ। ସେ ଭୟରେ ଦୋକାନ କବାଟ ନ ଖୋଲିବାରୁ ବ୍ୟକ୍ତିମାନେ ଦୋକାନ ସ୍ୱାଏ ଲାଇଟ୍ ଭାଙ୍ଗି ଭିତରକୁ ନିଆଁ ହୁଳା ପକାଇବାରୁ ଦୋକାନରେ ଥିବା ଫ୍ରିଜ, ଅନ୍ୟାନ୍ୟ ସାମଗ୍ରୀ ଓ ବଳରାମ ଘୋଡାଇ ହୋଇଥିବା କମ୍ବଳରେ ନିଆଁ ଲାଗି ଜଳିଯିବାରୁ ସେ ଜୀବନ ବିକଳରେ ବାହାରକୁ ଚାଲି ଆସିଥିଲେ। ସେମାନେ ବଳରାମଙ୍କୁ ଅଶାଳୀନ ବ୍ୟବହାର କରିବା ସହିତ ତାଙ୍କର ଟାର୍ଗେଟରେ ତାଙ୍କ ପୁଅ ଥିବା କହି ସେଠାରୁ ଚାଲି ଯାଇଥିଲେ। ଏନେଇ ବଳରାମ ଶନିବାର ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏତଲା ଆଧାରରେ ୩୮୫/୨୫ ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଥିବା ଜଣାପଡିଛି।

## ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡ଼ା,୧୫।୧୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସହରର ଫକିରାବାଦ୍ ସ୍ଥିତ ଲକି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଷଷ୍ଠ ବାର୍ଷିକ ସର୍ବଭାରତୀୟ ସ୍ତରୀୟ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି-୨୦୨୬ ଫୁଟବଲ ଟୁର୍ଣ୍ଣାମେ ପାଇଁ




ଏକ ପ୍ରସ୍ତୁତି ବୈଠକ ମାଧପୁର ଅମରଉଦ୍ୟାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡାର ବିଶିଷ୍ଟ ଫୁଟବଲ ଖେଳାଳୀ ସ୍ୱର୍ଗତ ଅବଦୁଲ କରିମ୍ ଖାନ୍‌ଙ୍କ ସ୍ମୃତିରେ ଏହି ଟୁର୍ଣ୍ଣାମେ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ କ୍ଲବର ସଭାପତି ସଲିମ ଖାନ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଆଗାମୀ ଫୁଟବଲ ଟୁର୍ଣ୍ଣାମେ ସମ୍ପର୍କରେ ବିଷଦ ଭାବେ ଆଲୋଚନା କରାଯାଇଥିଲା ।

ବୈଠକରେ ପ୍ରଥମେ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ କ୍ଲବର ସାଧାରଣ ସମ୍ପାଦକ ସେକ ସାହାବୁଲ୍ଲା । ଏହି ଟୁର୍ଣ୍ଣାମେ ଆସନ୍ତା ଜାନୁଆରୀମାସ ୨୩ତାରିଖରୁ ୩୦ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡା ହାଇସ୍କୁଲ ଖେଳ ପଡିଆରେ ପ୍ରତିବର୍ଷ ଭଳି ୮ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଜାତୀୟ ସ୍ତରର ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଓଡିଶା ସମେତ ବିଭିନ୍ନ ରାଜ୍ୟର ବଛା ବଛା ୮ଟି ଟିମ ଅଂଶଗ୍ରହଣ କରିବେ । ଏହି ଫୁଟବଲ ଟୁର୍ଣ୍ଣାମେର ଚମ୍ପିୟନ ଦଳକୁ ୫୧ହଜାର ନଗଦ ଅର୍ଥରାଶି ସହିତ ଟ୍ରଫି ଓ ରନର୍ସଅପ ଦଳକୁ ୩୧ହଜାର ନଗଦ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଯିବ ବୋଲି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଟୁର୍ଣ୍ଣାମେରେ ୪ଟି କ୍ୱାଟର ଫାଇନାଲ, ୨ଟି ସେମି ଫାଇନାଲ ସହ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । ଏହାପରେ ସର୍ବସମ୍ମତିକ୍ରମେ କ୍ଲବର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା ।

## ଉଦୟଭାନୁଙ୍କ ମୃତ୍ୟୁରେ ଶୋକ ପ୍ରକାଶ କଲେ ବିଧାୟକ

**ନିଶ୍ଚିନ୍ତକୋଇଲି,୧୫।୧୨(ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଫଗୋଲ ଗ୍ରାମପଞ୍ଚାୟତ ଜଗନ୍ନାଥପୁର ପାଟପାରୀ ଗ୍ରାମର ଯୁବକ ସ୍ୱର୍ଗତ ଉଦୟଭାନୁ ପରିଡ଼ା(୪୮)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ତାଙ୍କର ମର ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଅର୍ଜୁନମାହାରା ସ୍ଥିତ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା। ତାଙ୍କର ଏକମାତ୍ର ପୁତ୍ର ପ୍ରିୟରଞ୍ଜନ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସରପଞ୍ଚ ବୈଷ୍ଣବଚରଣ ସାମଲ, ପ୍ରାକ୍ତନ ସରପଞ୍ଚ ରମେଶଚନ୍ଦ୍ର ସ୍ୱାଇଁ, ପ୍ରଭାକର ପରିଡ଼ା, ଅଶୋକ ସାମଲ, ଗଣେଶ୍ୱର ପ୍ରଧାନ, ଅନନ୍ତକିଶୋର ମଲ୍ଲ, ସମରେନ୍ଦ୍ର ରାଉତ, ମୁରଲୀଧର ସାମଲ, କୃଳମଣୀ ଦାସ ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଓ ବ୍ଲକ ଉପାଧକ୍ଷ ନୃସିଂହଚରଣ ମିଶ୍ର ଗଭୀର ଶୋକ ବ୍ୟକ୍ତ କରିବା ସହ ଶୋକାତୁର ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ଡେରାବିଶରେ ମିଳିତ ଜନଶୁଣାଣି ଶିବିର

**କେନ୍ଦ୍ରାପଡ଼ା,୧୫।୧୨(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟର,ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କୋଟାରିଆ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତି ରଞ୍ଜନ ଗୌଡ଼, ଡେପୁଟି କଲେକ୍ଟର ତୃପ୍ତି ମହାନ୍ତିଙ୍କ ସମେତ ବିଡ଼ିଓ, ତହସିଲଦାର, ବ୍ଲକ ଅଧକ୍ଷା ଏବଂ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଆଜିର ଅଭିଯୋଗ ଶୁଣାଣିରେ ମୋଟ ୭୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ସେଥି ମଧ୍ୟରୁ ୫୫ ଟି ବ୍ୟକ୍ତିଗତ ଏବଂ ୧୯ ଟି ସାମୁହିକ ଅଭିଯୋଗ ରହିଛି । ଜିଲ୍ଲାପାଳ ଲୋକଙ୍କ ଅଭିଯୋଗ ଗୁଡିକ ଶୁଣିବା ସହିତ ତାହାର ସମାଧାନ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସମସ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରକାଶଥାଉ କି ଆସନ୍ତା ୨୨ ତାରିଖ ଦିନ ଗରଦପୁର ଏବଂ ୨୯ ତାରିଖ ଦିନ ରାଜନଗର ବ୍ଲକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ।

## ବଗଡା ସ୍ପୋର୍ଟସ ଏକାଡେମୀର ସଫଳତା

**କେନ୍ଦ୍ରାପଡ଼ା,୧୫।୧୨(ସଂଚାର ବ୍ୟୁରୋ):** ଭୁବନେଶ୍ୱରସ୍ଥିତ କିଟ୍‌ରେ ଅନୁଷ୍ଠିତ ଜାତୀୟ ଭଲିବଲ ଚୟନ ଶିବିରରେ ବଗଡା ସ୍ପୋର୍ଟସ ଏକାଡେମୀର ମୋସୀ ଖେରା ଓ ଚନ୍ଦନ ରାଉତଙ୍କୁ ଚୟନ କରାଯାଇଛି। ଉଭୟ ଖେଳାଳୀ ଜାତୀୟ ଭଲିବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଓଡିଶା ଭଲିବଲ ଟିମର



୧୮ବର୍ଷରୁ କମ ଖେଳାଳୀ ଭାବେ ଯୋଗ୍ୟତା ଅର୍ଜନ କରିଛନ୍ତି । ଉକ୍ତ ପ୍ରତିଯୋଗିତା ରାଜସ୍ଥାନର ଝୁନଝୁନ୍‌ରେ ଅନୁଷ୍ଠିତ ହେବ । ଏହି ସଫଳତା ପାଇଁ ବଗଡା ସ୍ପୋର୍ଟସ ଏକାଡେମୀର କର୍ମକର୍ତ୍ତାମାନେ ଉଭୟ ଖେଳାଳୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସଫଳତାର ପାହାଚ ପରେ ପାହଚ ଅତିକ୍ରମ କରିବାକୁ ପ୍ରେରଣା ଓ ଉତ୍ସାହ ପ୍ରଦାନ କରିଛନ୍ତି ।

## ନିଗମାନନ୍ଦ ଆଶ୍ରମର ବାର୍ଷିକ ଉତ୍ସବ

**ପଟ୍ଟାମୁଣ୍ଡାଇ,୧୫।୧୨(ସଂଚାର ବ୍ୟୁରୋ):** ନୀଳାଚଳ ସାରସ୍ୱତ ସଙ୍ଘ, ପୁରୀ ଅଧୀନରେ ମଣ୍ଡପଡା ଶାଖା ସଙ୍ଘ ଆସନମନ୍ଦିରରେ ଗତ ୧୩,୧୪ ଦୁଇଦିନ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପରିବ୍ରାଜକାଚାର୍ଯ୍ୟ ପରମହଂସ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ସରସ୍ୱତୀଦେବଙ୍କ ପୂଜାର୍ଚ୍ଚନା, ଆରତୀ, ସ୍ତୋତ୍ରବନ୍ଦନା, ଜୟଗୁରୁ ନାମଯଜ୍ଞ ଓ ପାର୍ଥନା ସଭାରେ କେନ୍ଦ୍ର ପରିଚାଳନା ମଣ୍ଡଳୀର ସଦସ୍ୟ ସଂଗ୍ରାମ କେଶରୀ ସିଂହ ଯୋଗଦେଇ ଠାକୁରଙ୍କ ଭାବଧାରା, ଆଦର୍ଶ, ଉଦ୍ଦେଶ୍ୟ ସମ୍ପର୍କରେ ମନୋଜ୍ଞ ଆଲୋଚନା କରିଥିଲେ। ଏହି ଉତ୍ସବ ରେ କେନ୍ଦ୍ରାପଡ଼ା ଜିଲ୍ଲା ସଙ୍ଘ ଅନ୍ତର୍ଗତ ସମସ୍ତ ଶାଖା ସଙ୍ଘର ଭକ୍ତ ଭାଇ,ମା'ଙ୍କ ସମେତ ମଣ୍ଡପଡା - ବାଛରା ଗ୍ରାମର ଶ୍ରଦ୍ଧାଳୁ ଯୋଗଦେଇଥିଲେ।

# ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଦୌଡ଼ରେ କ୍ରିଷ୍ଟପଦ ଓ ଚନ୍ଦ୍ରକାନ୍ତ

### ଶୀର୍ଷ ନେତୃତ୍ୱଙ୍କ ସୁପାରିଶ ଉପରେ ନଜର

### ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋରଦାର୍



**ମହାକାଳପଡ଼ା,୧୫।୧୨(ସଂଚାର ବ୍ୟୁରୋ):** ମହାକାଳପଡ଼ାର ଦୁଇ ଯୁବ ସଙ୍ଗଠକ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ପଦ ପାଇଁ ଆଶାୟୀ ଅଛନ୍ତି। ଏନେଇ ସାମାଜିକ ଗଣମାଧ୍ୟମରେ ଉଭୟଙ୍କ ପ୍ରଶଂସକଙ୍କ ମଧ୍ୟରେ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି।

ବହୁତ ବର୍ଷର କ୍ଷମତା ଲଢ଼େଇ ପରେ ରାଜ୍ୟରେ ସରକାର କରିଛି ବିଜେପି। ଏହି ପରିପ୍ରେକ୍ଷୀରେ ପ୍ରତି ଅଞ୍ଚଳରୁ ଯୁବ କାର୍ଯ୍ୟକର୍ତ୍ତା ମାନଙ୍କୁ ସଙ୍ଗଠିତ କରି ଦଳୀୟ ସଙ୍ଗଠନକୁ ଆହୁରି ମଜବୁତ କରିବା ପାଇଁ ଦଳ ପ୍ରୟାସ ଆରମ୍ଭ କରିଛି। ଯେଉଁଥିପାଇଁ ଯୁବମୋର୍ଚ୍ଚା ସଭାପତି ପଦବୀ ଚୟନକୁ ଜୋରଦାର କରାଯାଇଛି। ଅଭିଳାଷ ପଣ୍ଡାଙ୍କୁ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଭାବେ ମନୋନୀତ କରାଯିବା ପରେ ଏବେ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ପଦ ପାଇଁ ମହାକାଳପଡ଼ାରୁ ଦୁଇ ଯୁବ ସଙ୍ଗଠକ କ୍ରିଷ୍ଟପଦ ମଣ୍ଡଳ ଓ ଚନ୍ଦ୍ରକାନ୍ତ ସ୍ୱାଇଁଙ୍କ ନାମ ରହିଥିବା ଜଣାପଡିଛି। ଉଭୟଙ୍କ ପ୍ରଶଂସକମାନେ ସାମାଜିକ ଗଣମାଧ୍ୟମରେ ଏନେଇ ଜୋରଦାର ପ୍ରଚାର ପ୍ରସାର ଆରମ୍ଭ କରିଛନ୍ତି।

ଏହି କ୍ରମରେ ଦେଖିବାକୁ ଗଲେ କ୍ରିଷ୍ଟପଦ ମଣ୍ଡଳ ୨୦୨୨ରୁ ବଡିଘର ପଞ୍ଚାୟତର ସମିତି ସଭ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ୨୦୦୯ରୁ ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଦସ୍ୟତା ଗ୍ରହଣ କରିଛନ୍ତି। ୨୦୦୭ରେ ବିଜେପିର ସଦସ୍ୟତା ଗ୍ରହଣ କରି ୨୦୧୭ରେ ପଞ୍ଚାୟତର ଯୁବମୋର୍ଚ୍ଚା ସଭାପତି ଭାବେ ନିର୍ବାଚିତ ହେବା ସହିତ ତାଙ୍କ ପ୍ରତିନିଧିତ୍ୱରେ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ୧୨ ୱାର୍ଡ଼ ସଭ୍ୟଙ୍କୁ ନିର୍ବାଚିତ କରାଇଛନ୍ତି। ୨୦୧୮ରେ ଆଇଟି ସେଲ୍ ସଂଯୋଜକ,୨୦୨୧ରେ ଭାରତୀୟ ଜନତା ଯୁବମୋର୍ଚ୍ଚାର ଜିଲ୍ଲା ସାଧାରଣ ସମ୍ପାଦକ,୨୦୨୨ରେ ସେ ପଞ୍ଚାୟତର ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଦଳର ଜଣେ ଶୃଙ୍ଖଳିତ କାର୍ଯ୍ୟକର୍ତ୍ତା ଭାବରେ ସେ ବିଭିନ୍ନ ସମୟରେ ଦଳର ସାଙ୍ଗଠନିକ କାର୍ଯ୍ୟ ପାଇଁ କାର୍ଯ୍ୟ କରି ଆସୁଛନ୍ତି।

ଅନ୍ୟପକ୍ଷରେ ଦେଖିବାକୁ ଗଲେ ଚନ୍ଦ୍ରକାନ୍ତ ରାମନଗର ପଞ୍ଚାୟତର ଜଣେ ଯୁବ ସଙ୍ଗଠକ। ଛାତ୍ର ଜୀବନରୁ ଆଜି ପର୍ଯ୍ୟନ୍ତ ଦଳର ବିଭିନ୍ନ କାର୍ଯ୍ୟକ୍ରମକୁ ସୁପରିଚାଳନା କରାଇବା ସହିତ ପଞ୍ଚାୟତର ସଙ୍ଗଠନ ସୁଦୃଢ଼ ପାଇଁ ସେ କାର୍ଯ୍ୟ କରିଆସୁଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ସ୍ତରୀୟ ପରିଚାଳନା ସଦସ୍ୟ, ଆଇଟି ସେଲ୍ ସଂଯୋଜକ ଭାବେ କାର୍ଯ୍ୟ କରିଛନ୍ତି। ଦଳର ପ୍ରତିଟି କାର୍ଯ୍ୟକ୍ରମରେ ଚନ୍ଦ୍ରକାନ୍ତ ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଥିବା ମଧ୍ୟ ଦେଖିବାକୁ ମିଳୁଛି। ଏହି ସଭାପତି ଦୌଡ଼ ପାଇଁ କାହା ଉପରେ ବିଧାୟକଙ୍କ ଅନୁକମ୍ପା ରହିବ ତାହା ଉପରେ ସମସ୍ତଙ୍କ ନଜର।

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୭୫ତମ ପୁଣ୍ୟତିଥି

# ଶ୍ରଦ୍ଧାଞ୍ଜଳି ଜଣାଇଲେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୫।୧୨ (ସଂଚାର ବ୍ୟୁରୋ):** ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୭୫ତମ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୋସିଆଲ ମିଡିଆ 'ଏକ୍ସ'ରେ ପ୍ରଧାନମନ୍ତ୍ରୀ ଏନେଇ ପୋଷ୍ଟ କରିଛନ୍ତି। ଶ୍ରୀ ମୋଦି ଏଥିରେ ଦର୍ଶାଇଛନ୍ତି ଯେ ଭାରତର ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପୁଣ୍ୟତିଥିରେ ତାଙ୍କୁ ସାଦର ପ୍ରଣାମ। ଦେଶକୁ ଏକଜୁଟ କରିବାରେ ସେ ତାଙ୍କ ଜୀବନ ସମର୍ପିତ କରିଥିଲେ। ଅବିଭାଜିତ ଓ ସଶକ୍ତ ଭାରତବର୍ଷ ନିର୍ମାଣରେ ତାଙ୍କର ଅଦ୍ୱିତୀୟ ଯୋଗଦାନ ରହିଥିଲା।

ସେହିପରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମଧ୍ୟ ବଲ୍ଲଭ ଭାଇ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସେ ଲେଖିଛନ୍ତି ଯେ ଭାରତର ଏକତା ଓ ଅଖଣ୍ଡତାର ମହାନ ସ୍ଥପତି, 'ଭାରତ ରତ୍ନ' ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପୁଣ୍ୟତିଥିରେ ବିନମ୍ର ଶ୍ରଦ୍ଧାଞ୍ଜଳି। ସ୍ୱାଧୀନତା ପରେ ସେ ଯେଉଁ ଦୃଢ଼ତା ଓ ଦୂରଦର୍ଶିତା ସହ ଶତାଧିକ ଦେଶୀୟ ରାଜ୍ୟକୁ ଭାରତ ସହ ମିଶାଇ ଏକ ସୁଦୃଢ଼ ରାଷ୍ଟ୍ରର ଭିତ୍ତି ସ୍ଥାପନ କଲେ, ତାହା ଭାରତୀୟ ଇତିହାସରେ ସର୍ବଦା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ତାଙ୍କର ଆଦର୍ଶ ଆମକୁ ସର୍ବଦା ରାଷ୍ଟ୍ର ସେବା ଓ କର୍ତ୍ତବ୍ୟନିଷ୍ଠାର ପଥରେ ଅଗ୍ରସର ହେବା ପାଇଁ ଶିକ୍ଷା ଦେଉଥିବ। ୧୮୭୫ରେ ଗୁଜରାଟରେ ଜନ୍ମଗ୍ରହଣ କରିଥିବା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଭାରତର ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସ୍ୱାଧୀନ ଭାରତର ସେ ପ୍ରଥମ ଉପପ୍ରଧାନମନ୍ତ୍ରୀ ଥିଲେ। ସ୍ୱାଧୀନତା ସମୟରେ ବିନା ରକ୍ତପାତରେ ଭାରତର ପ୍ରାୟ ସମସ୍ତ ରାଜ୍ୟଗୁଡ଼ିକୁ ଏକାଠି କରିବାରେ ତାଙ୍କର ଅବଦାନ ନିମିତ୍ତ ତାଙ୍କୁ 'ଲୌହ ମାନବ' ଉପାଧି ମିଳିଥିଲା। ସେ ୫୬୦ରୁ ଅଧିକ ଗଡ଼ଜାତ ରାଜ୍ୟକୁ ଭାରତ ସହ ବିଲୟ କରିଥିଲେ। ତାଙ୍କର ସ୍ମୃତିରେ ୨୦୧୪ରୁ ପ୍ରତିବର୍ଷ ତାଙ୍କର ଜନ୍ମତିଥି ୩୧ ଅକ୍ଟୋବରକୁ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳିତ ହୋଇଆସୁଛି। ୧୯୫୦ ଡିସେମ୍ବର ୧୫ରେ ତାଙ୍କର ପରଲୋକ ହୋଇଥିଲା। ତାଙ୍କ ସମାଧି ଶୋଭାଯାତ୍ରାରେ ପ୍ରଧାନମନ୍ତ୍ରୀ ନେହରୁ ଓ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କ ସହ ପାଖାପାଖି ୧୦ ଲକ୍ଷ ଲୋକ ଉପସ୍ଥିତ ଥିଲେ।



# ତୀର୍ଥରେ ଗଲେ ୭୭୫ ବରିଷ୍ଠ ନାଗରିକ

**ରାୟଗଡ଼ା, ୧୫।୧୨ (ସଂଚାର ବ୍ୟୁରୋ):** ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ତୀର୍ଥଯାତ୍ରା ଭ୍ରମଣରେ ଯାଇଛନ୍ତି ୭୭୫ ଜଣ ବରିଷ୍ଠ ନାଗରିକ। ଦକ୍ଷିଣ-ପଶ୍ଚିମାଞ୍ଚଳ ଅନ୍ତର୍ଗତ କୋରାପୁଟ, ରାୟଗଡା,

- ଶୁଭେଚ୍ଛା ଦେଲେ ଉପମୁଖ୍ୟମନ୍ତ୍ରୀ
- ସହଯୋଗ ପାଇଁ ୨୫ ଏସ୍କର୍ଟଙ୍କ ଯାତ୍ରା

ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି ଓ ନୂଆପଡା ଆଦି ୬ଟି ଜିଲ୍ଲାର ୭୭୫ ଜଣ ତୀର୍ଥଯାତ୍ରୀ ଓ ୨୫ ଜଣ ଏସକର୍ଟ ଏହିପରି ସର୍ବମୋଟ ୮୦୦ ଜଣ ଆଜି ରାୟଗଡା ଷ୍ଟେସନରୁ ସ୍ୱତନ୍ତ୍ର ଟ୍ରେନ ଯୋଗେ ରାମେଶ୍ୱର ଓ ମଦୁରାଇ ଅଭିମୁଖେ ସେମାନଙ୍କ ତୀର୍ଥଯାତ୍ରା ଆରମ୍ଭ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିବା ସହ ତୀର୍ଥଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଏହି ଅବସରରେ ଶ୍ରୀମତୀ ପରିଡ଼ା କହିଥିଲେ ଯେ ପରିଣତ ବୟସରେ ବରିଷ୍ଠ ନାଗରିକଙ୍କୁ ଏହି ଯାତ୍ରା ଧାର୍ମିକ ସହାୟତା ପ୍ରଦାନ କରିବ। ଆର୍ଥିକ ପରିସ୍ଥିତି ଓ ପାରିପାର୍ଶ୍ୱିକ ଅବସ୍ଥା ଯୋଗୁଁ ଅନେକ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରୁ ବଞ୍ଚିତ ହେଉଥିଲେ। ସେମାନଙ୍କୁ ତୀଥଯାତ୍ରାର ଅଭିଜ୍ଞତା ଦେବା ସକାଶେ ରାଜ୍ୟ ସରକାର ଏହି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କହିଥିବା ବେଳେ ସ୍ଥାନୀୟ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଷ୍ଟେସନରେ ଅନୁଷ୍ଠିତ ବରିଷ୍ଠ ନାଗରିକ ତୀର୍ଥଯାତ୍ରା କାର୍ଯ୍ୟକ୍ରମରେ ରେଳବାଇ ଡିଆରଏମ ଅମିତାଭ ସିଂଘଲ, ଏସପି ସ୍ୱାତୀ ଏସ. କୁମାର ଅତିଥି ଭାବେ ଯୋଗ ଦେଇଥିଲେ।

କାର୍ଯ୍ୟକ୍ରମରେ ରେଳବାଇ ଆଇଆରସିଟିସି କର୍ତ୍ତୃପକ୍ଷ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଚଳିତ ଥର ୭୭୫ ଜଣ ତୀର୍ଥଯାତ୍ରୀ ଓ ୨୫ ଏସକର୍ଟ ଅଫିସର ମିଶି ମୋଟ ୮୦୦ ଜଣ ଏହି ତୀର୍ଥଯାତ୍ରାର ସୁଯୋଗ ପାଇଛନ୍ତି। ଏହି ଯାତ୍ରା ସମୟରେ ତୀର୍ଥଯାତ୍ରୀମାନଙ୍କ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିଆସୁଛନ୍ତି। ତୀର୍ଥଯାତ୍ରୀମାନଙ୍କୁ ରହିବା, ଯିବାଆସିବା ଓ ଖାଦ୍ୟ ପାନୀୟ ଯୋଗାଇ ଦିଆଯିବା ସହ ଜଗୁଆଳୀ, ପଥ ପ୍ରଦର୍ଶକ, ଯାତ୍ରୀ ବୀମା ଓ ଚିକିତ୍ସା ସୁବିଧା ବି ଦିଆଯିବ ବୋଲି କୁହାଯାଇଛି। ଚଳିତ ବର୍ଷ ୧୦ଟି ପର୍ଯ୍ୟାୟରେ ଏହି ତୀର୍ଥଯାତ୍ରା ଆରମ୍ଭ ହୋଇଥିବା ବେଳେ ଏଥିରେ ରାୟଗଡ଼ାଠାରୁ ରାମେଶ୍ୱର ଓ ମଦୁରାଇ ଭ୍ରମଣ ସ୍ଥିର କରାଯାଇଥିଲା। ଏଥିରେ ରାୟଗଡ଼ା ଜିଲ୍ଲାର ୧୧୮ ଜଣ ତୀର୍ଥଯାତ୍ରୀଙ୍କ ସହ କୋରାପୁଟର ୧୬୮, ନବରଙ୍ଗପୁରର ୧୪୮, ମାଲକାନଗିରିର ୭୫, ନୂଆପଡ଼ା ଜିଲ୍ଲାର ୭୪ ଓ କଳାହାଣ୍ଡିର ୧୯୨ ଜଣ ତୀର୍ଥଯାତ୍ରାରେ ଯାଇଛନ୍ତି। ଗତକାଲି ଉକ୍ତ ୬ଟି ଜିଲ୍ଲାର ତୀର୍ଥଯାତ୍ରୀମାନେ ପହଞ୍ଚିବା ପରେ ସେମାନଙ୍କ ରହଣି ବ୍ୟବସ୍ଥା ରାୟଗଡ଼ାଠାରେ କରାଯାଇଥିବା ବେଳେ ସନ୍ଧ୍ୟାରେ ସେମାନେ ଭଜନ ସନ୍ଧ୍ୟାର ମଜା ନେଇଥିଲେ।





# ଆହୁରି ୭ ଦିନ ଯାଏ ହାଡ଼ଭଙ୍ଗା ଶୀତ

ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୬ ଡିଗ୍ରୀ ସେଲସିୟସ

**ଭୁବନେଶ୍ୱର, ୧୫।୧୨ (ସଂଚାର ବ୍ୟୁରୋ) :** ଅସହ୍ୟ ଜାଡ଼ରେ ଥରୁଛି ଓଡ଼ିଶା। ପ୍ରବଳ ଶୀତରୁ ନାହିଁ ନିସ୍ତାର। ଆଗାମୀ ୭ଦିନ ଯାଏ ମଜ୍ଜା ଥରାଇବ ହାଡ଼ଭଙ୍ଗା ଶୀତ। ଦେଶର ଉତ୍ତର ଭାଗରେ ପଶ୍ଚିମାଝଡ଼ ସତ୍ତ୍ୱେ ଓଡ଼ିଶାରେ ଶୀତଲହରୀ ଜାରି ରହିଛି। ଗତ ୨୪ ଘଣ୍ଟାରେ ଫୁଲବାଣୀ ସବୁଠାରୁ ଥଣ୍ଡା ସ୍ଥାନ ପାଲଟିଛି। ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଦକ୍ଷିଣ ଆଭ୍ୟନ୍ତରୀଣ ଓଡିଶାର ଗୋଟିଏ ଦୁଇଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକ ଠାରୁ ୬ ଡିଗ୍ରୀ କମ ରହିଥିବା ବେଳେ ଉତ୍ତର ଆଭ୍ୟନ୍ତରୀଣ- ଦକ୍ଷିଣ ଉପକୂଳ ଓଡିଶାରେ ତାପମାତ୍ରା ସ୍ୱାଭାବିକ ଠାରୁ ୩ରୁ ୪ ଡିଗ୍ରୀ କମ ରେକର୍ଡ ହୋଇଛି। ଅଧିକାଂଶ ସ୍ଥାନରେ କୁହୁଡ଼ି ଓ ଗୋଟିଏ ଦୁଇଟି ସ୍ଥାନରେ ଘନକୁହୁଡ଼ି ଜନଜୀବନ ଅସ୍ତବ୍ୟସ୍ତ କରିଛି। ରାଉରକେଲାରେ ଘନ କୁହୁଡି ପାଇଁ ଦୃଶ୍ୟମାନ କ୍ଷମତା ୫୦ ମିଟରକୁ ହ୍ରାସ ପାଇଛି। ରାଜ୍ୟରେ ପାଗ ଶୁଖିଲା ଥିଲେ ବି ଆସନ୍ତା ସାତ ଦିନ ଯାଏ ଶୀତର ପ୍ରକୋପ ଜାରି ରହିବ। ଶୀତ ସହ ବଢ଼ିବ କୁହୁଡ଼ି। ଆସନ୍ତାକାଲି ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ସୁନ୍ଦରଗଡ଼ ଜିଲ୍ଲାରେ ଘନ କୁହୁଡି ଦେଖାଦେବାର ସମ୍ଭାବନା ରହିଛି।

# ଯାଜପୁରରୁ ଭୁବନେଶ୍ୱର ଧର୍ମଶାଳା ତାତି

**ଭୁବନେଶ୍ୱର, ୧୫।୧୨ (ସଂଚାର ବ୍ୟୁରୋ):** ଧର୍ମଶାଳାର ପୂର୍ବତନ ବିଧାୟକଙ୍କ ଫାର୍ମହାଉସରେ ଗତକାଲି ହୋଇଥିବା ରାଜନୈତିକ ହିଂସାକୁ ନେଇ ଆରମ୍ଭ ହୋଇଛି ବୟାନବାଜି। ଗତକାଲି ରାତିରୁ

- ଡିଜି କ୍ୟାମ୍ପ ଅଫିସ ଆଗରେ ବିଜେଡିର ଧାରଣା ଜାରି
- ମୋ ସହ କର୍ମୀଙ୍କୁ ନିର୍ଯାତନା ଦେଉଛନ୍ତି ପ୍ରଣବ: ହିମାଂଶୁ

ଡିଜି କ୍ୟାମ୍ପ ଅଫିସ ସାମ୍ନାରେ ବିଜେଡି କର୍ମୀଙ୍କ ଧାରଣା ଦେଇଥିବା ବେଳେ ସ୍ୱାଧୀନ ବିଧାୟକ ହିମାଂଶୁ ସାହୁଙ୍କ ସମର୍ଥକମାନେ ଜେନାପୁର ଥାନା ଘେରାଉ କରିଥିଲେ। ବିଧାୟକ ଶ୍ରୀ ସାହୁଙ୍କ ଗିରଫ ଦାବିରେ ସାରା ରାତି ଡିଜି କ୍ୟାମ୍ପ ଅଫିସ ଆଗରେ ଧାରଣାରେ ବସିଛନ୍ତି ପୂର୍ବତନ ବିଜେଡି ବିଧାୟକ ପ୍ରଣବ ବଳବନ୍ତରାୟ ଓ ଦଳର ଅନ୍ୟ ବରିଷ୍ଠ ନେତା। ସେପଟେ ଏହି ଘଟଣାରେ ଆଜି ମୁହଁ ଖୋଲିଛନ୍ତି ହିମାଂଶୁ।

ବିଜେଡିର ଅଭିଯୋଗ ଅନୁଯାୟୀ, ଗତକାଲି ପ୍ରଣବ ବଳବନ୍ତରାୟଙ୍କ ସମର୍ଥକମାନେ ଏକ ଭୋଜିର ଆୟୋଜନ କରି, ଖାଉଥିବା ଅବସ୍ଥାରେ ଲିକୁ ସାହୁଙ୍କ ସମର୍ଥକମାନେ ଆକ୍ରମଣ କରିଥିଲେ। ଏପରିକି ମହିଳାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଅସଦାଚରଣ କରିଥିବା ଅଭିଯୋଗ କରିଛନ୍ତି ବିଜେଡି ସମର୍ଥକ। ଏନେଇ ବିଜେଡି ୧୦୦ରୁ ଅଧିକ ବିଧାୟକଙ୍କ ସମର୍ଥକଙ୍କ ନାଁରେ ଏତାଲା ଦେଇଛି। ବିଜେଡି କହିଛି, ଧର୍ମଶାଳାରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଜିଲ୍ଲା ପୁଲିସ ଉପରେ ଆମର ଭରସା ନଥିବାରୁ ଡିଜିଙ୍କୁ ଭେଟିବାକୁ ଆସିଥିଲେ। ଯେପର୍ଯ୍ୟନ୍ତ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆନଯିବ କ୍ୟାମ୍ପ ଅଫିସ ଆଗରେ ଧାରଣା ଜାରି ରଖିବୁ ବୋଲି ବିଜେଡି ଦାବିକରିଛି।

ସେପଟେ ଏହି ଘଟଣାକୁ ନେଇ ମୁହଁ ଖୋଲିଛନ୍ତି ଧର୍ମଶାଳା ବିଧାୟକ ହିମାଂଶୁ ସାହୁ। ସେ କହିଛନ୍ତି, ବିଭିନ୍ନ ସମୟରେ ଅନେକ ମିଥ୍ୟା ଅଭିଯୋଗରେ ତାଙ୍କୁ ଓ ତାଙ୍କ ସମର୍ଥକଙ୍କୁ ନିର୍ଯାତନା ଦେଉଛନ୍ତି ପ୍ରଣବ ବଳବନ୍ତରାୟ। ମୁଁ ସ୍ୱାଗତ କରୁଛି ମୋ ସହ ଆସି ମିଶି ଧର୍ମଶାଳା ଉନ୍ନତି ପାଇଁ କାମ କରନ୍ତୁ। କିନ୍ତୁ ତାହା ନକରି ସୋସିଆଲ ମିଡିଆରେ ନିଜର କର୍ମିମାନଙ୍କୁ ଲଗାଇ ମତେ ବଦନାମ କରିବାକୁ ଉଦ୍ୟମ କରିବା କେତେ ଦୁର ଠିକ୍ ବୋଲି ହିମାଂଶୁ ପ୍ରଶ୍ନ ଉଠାଇଛନ୍ତି। ଯଦି ଧର୍ମଶାଳାର ମାଟି ପାଇଁ ଏତେ ଦରଦ ଅଛି ତେବେ ଆସନ୍ତୁ ମିଶିକି କାମ କରିବା। ସେ ଆହୁରି ମଧ୍ୟ କହିଛନ୍ତି ଯିଏ ଦୋଷ କରିଛନ୍ତି , ସେ ଦଣ୍ଡ ପାଇବା ଆବଶ୍ୟକ। ଏଇଠି ଯାଜପୁର ଏସ୍ପି ଅଛନ୍ତି, ଏଠାରେ ମଧ୍ୟ ଅଭିଯୋଗ କରିପାରିଥାଆନ୍ତେ। କିନ୍ତୁ ବିନା ଅନୁମତି ଡିଜି ଅଫିସ୍ ସମ୍ମୁଖରେ ଜବରଦସ୍ତି ବସି ବିଜେଡି ନେତାମାନେ ପ୍ରହସନ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ପୋଲିସ ବିନା ଚାପରେ ଆଇନ ଅନୁଯାୟୀ କାର୍ଯ୍ୟ କରୁଛନ୍ତି ବୋଲି କହିଛନ୍ତି।



ଏକତରଫା ପ୍ରେମର କରୁଣ ପରିଣତି

# ନାବାଳିକାକୁ ବିଷ ପିଆଇ ମାରିଲା ପ୍ରେମିକ

ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର



**ନୟାଗଡ଼, ୧୫।୧୨ (ସଂଚାର ବ୍ୟୁରୋ):** ନୟାଗଡ଼ରେ ଆଜି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏକତରଫା ପ୍ରେମର କରୁଣ ପରିଣତି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଜନୈକା ନାବାଳିକାକୁ ଏକତରଫା ପ୍ରେମ କରୁଥିବା ଯୁବକ ତାକୁ ବିଷ ପିଆଇ ଜୀବନ ନେବା ସହ ନିଜେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ରହିଛି। ମିଳିଥିବା ସୂଚନାନୁସାରେ, ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ମଗରବନ୍ଧରେ ଏହି ଘଟଣା ଘଟିଛି। ମଗରବନ୍ଧ ଗାଁର ଗୋଲେଖି ନାୟକଙ୍କ ପୁଅ ପୂର୍ଣ୍ଣ ଜଣେ ନାବାଳିକାକୁ ଏକତରଫା ପ୍ରେମ କରୁଥିଲା। ଏନେଇ ନାବାଳିକାର ପରିବାର ଲୋକେ ପୂର୍ଣ୍ଣର ବାପାମା'ଙ୍କୁ ଜଣାଇଥିଲେ ମଧ ପରିବାର ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିଲା। ଏପରିକି ନାବାଳିକା ଜଣଙ୍କ ସ୍କୁଲ ଓ ଟ୍ୟୁସନ୍ ଯିବା ସମୟରେ ପୂର୍ଣ୍ଣ ବାରମ୍ବାର ଅସଦାଚରଣ କରୁଥିଲେ ବୋଲି ନାବାଳିକାଙ୍କ ବାପା କହିଛନ୍ତି। ଆଜି ନାବାଳିକା ଜଣକ ଟ୍ୟୁସନ ଯିବା ସମୟରେ ବିନାୟକପୁର ଶିବ ମନ୍ଦିର ନିକଟରେ ପୂର୍ଣ୍ଣ ପ୍ରଥମେ ନାବାଳିକାର ମୁଣ୍ଡକୁ ଏକ ପାଇପ୍‌ରେ ପିଟିବା ପରେ ଜବରଦସ୍ତ ବିଷ ପିଆଇଦେଇଥିଲା। ପରେ ପୂର୍ଣ୍ଣ ନିଜେ ମଧ ବିଷ ପିଇ ଦେଇଥିଲେ। ଉଭୟଙ୍କୁ ନୟାଗଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ନାବାଳିକାକୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ନୟାଗଡ ଡାକ୍ତରଖାନାରେ ଉତ୍ତେଜନା ଦେଖାଦେଇଥିଲା। ପୂର୍ଣ୍ଣକୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

# ହଟିଲା ନିଲମ୍ବନ, ଧଳାକୋର୍ଟ ପିନ୍ଧିଲେ ଆୟୁଷ ଛାତ୍ରଛାତ୍ରୀ

ଭତ୍ତା ବୃଦ୍ଧି ନିଷ୍ପତ୍ତିକୁ ସ୍ୱାଗତ

**ଭୁବନେଶ୍ୱର, ୧୫।୧୨ (ସଂଚାର ବ୍ୟୁରୋ):** ବିଭିନ୍ନ ଦାବି ନେଇ ଧାରଣାରେ ବସିଥିବା ନିଖିଳ ଓଡ଼ିଶା ଆୟୁଷ ଡାକ୍ତର ଛାତ୍ରଛାତ୍ରୀ ସଂଘ ଆଜି ଏହି ଧାରଣା ପ୍ରତ୍ୟାହାର କରିଛି। ଏଥିସହ ସଂଗଠନର ସହସମ୍ପାଦକ ବିଶ୍ୱଜିତ ରଣାଙ୍କ ଉପରେ ଲାଗିଥିବା ନିଲମ୍ବନ ଆଦେଶ ବି ପ୍ରତ୍ୟାହୃତ ହୋଇଛି। ଆହୁରି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପାଖକୁ ପଠାଯାଇଥିବା ଧଳାକୋର୍ଟ ସେ ଆଦରର ସହ ଫେରାଇବା ପରେ ଆୟୁଷ ଡାକ୍ତର ଛାତ୍ରଛାତ୍ରୀମାନେ ଏହାକୁ ସାଦରେ ଗ୍ରହଣ କରିଛନ୍ତି ଏବଂ ସମସ୍ତେ ଆଜିଠାରୁ ନିଜ ନିଜ କାର୍ଯ୍ୟ ଓ ଅଧ୍ୟୟନରେ ଯୋଗଦେବେ ବୋଲି ସଂଘ ପକ୍ଷରୁ ଜାରି ଏକ ଲିଖିତ ପତ୍ର ମାଧମରେ କୁହାଯାଇଛି। ସେହିପରି ଆଜି ରାଜ୍ୟ ସରକାର ହାଉସ୍ ସର୍ଜନମାନଙ୍କ ଷ୍ଟାଇଫେଣ୍ଡ ବୃଦ୍ଧି କରିଥିବାରୁ ଏହାକୁ ମଧ ସଂଘର ସଦସ୍ୟମାନେ ସ୍ୱାଗତ କରିଛନ୍ତି। କେବଳ ଏତିକି ନୁହେଁ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସମସ୍ତ ଦାବିକୁ ହୃଦୟଙ୍ଗମ କରି ସେ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ଆୟୁଷ ଡାକ୍ତର ଛାତ୍ରଛାତ୍ରୀମାନେ ଆଶା ରଖିଛନ୍ତି। ଏ ଦିଗରେ ସହଯୋଗ କରିଥିବାରୁ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ସଚିବ ଓ ଆୟୁଷ ବିଭାଗର ସ୍ୱାସ୍ଥ୍ୟ ନିର୍ଦ୍ଦେଶିକାଙ୍କୁ ଧନ୍ୟବାଦ ଦିଆଯାଇଛି। ଏଥିସହ ସରକାର ଏଭଳି ଜନହିତକର କାର୍ଯ୍ୟରେ ନିୟୋଜିତ ରହିଲେ ସଂଘ ସର୍ବଦା ସହଯୋଗ କରିବ ବୋଲି ମଧ ପ୍ରତିଶ୍ରୁତି ଦେଇଛି।

# କେନାଲ ଖୋଳାକୁ ନେଇ ତୁମୂଳକାଣ୍ଡ

- ଗ୍ରାମବାସୀ-ଜିଲ୍ଲା ପ୍ରଶାସନ ମୁହାଁମୁହିଁ
- ପୁଲିସ ଉପରକୁ କାଦୁଅ ମାଡ଼

**ବ୍ରହ୍ମଗିରି, ୧୫।୧୨ (ସଂଚାର ବ୍ୟୁରୋ):** କେନାଲ ଖୋଳାକୁ ନେଇ ଗ୍ରାମବାସୀ ଓ ଜିଲ୍ଲା ପ୍ରଶାସନ ମୁହାଁମୁହିଁ। ପୁଲିସ ଉପରକୁ କାଦୁଅ ମାଡ଼। ଜାଡ଼ି ନଦୀ କେନାଲ ଖୋଳାକୁ ନେଇ ସୋମବାର ବ୍ରହ୍ମଗିରି ବ୍ଲକ କୁସୁବେଣ୍ଟି ପଞ୍ଚାୟତ ହରିଦାସ ଗାଁରେ ଏଭଳି ଘଟଣା ଘଟିଛି। ପୁଲିସ ବଳ ପୂର୍ବକ ପ୍ରାୟ ୪୦ ଗ୍ରାମବାସୀଙ୍କୁ



ଉଠାଇ ଆଣି ଅଟକ ରଖିଛି। ସୂଚନାନୁଯାୟୀ, ଜାଡ଼ି ନଦୀ କେନାଲକୁ କେନ୍ଦ୍ରକରି ହରିଦାସ ଓ କୁସୁବେଣ୍ଟି ଗାଁ ମଧରେ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା। କେନାଲ ଖୋଳା ଚାଲିଥିବା ବେଳେ ହରିଦାସ ଗାଁର ଲୋକମାନେ ଏହାକୁ ବିରୋଧ କରିଥିଲେ। ଚାଷରେ ସମସ୍ୟାକୁ ଆଖି ଆଗରେ ରଖି ଏ ବିଷୟରେ ବାରମ୍ବାର ଜିଲ୍ଲା ପ୍ରଶାସନ ନିକଟରେ ଆଲୋଚନା ହୋଇଥିଲା। ହରିଦାସ ଗ୍ରାମବାସୀଙ୍କ ସହ ପ୍ରଶାସନିକ ଅଧିକାରୀମାନେ ସୁସମାଧାନ ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ତେଣୁ ବାଧ ହୋଇ ଗତକାଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସେହି ସ୍ଥାନରେ ବିଏନ୍ଏସ୍ ୧୬୩ ଘୋଷଣା କରାଯାଇଥିଲା। ଆଜି ସକାଳୁ ଜିଲ୍ଲା ପ୍ରଶାସନ ପୁଲିସ ପ୍ରଶାସନ ସହିତ କେନାଲରୁ ଅବରୋଧ ହଟାଇବା ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲା। ସେପଟେ ପୂର୍ବରୁ ସୂଚନା ପାଇ ହରିଦାସ ଗାଁର ଶତାଧିକ ମହିଳା ପୁରୁଷ ରାସ୍ତା ଅବରୋଧ କରିବା ସହ କେନାଲ ନିକଟରେ ବସି ରହିଥିଲେ। ଯାହା ଫଳରେ ଜିଲ୍ଲା ପ୍ରଶାସନ ଏବଂ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। ଉଭୟଙ୍କ ମଧ୍ୟରେ ଠେଲାପେଲା ଧସ୍ତାଧସ୍ତି ଚାଲିଥିବା ବେଳେ ମହିଳାମାନେ ପୁଲିସ ଉପରକୁ ପଙ୍କ କାଦୁଅ ଫିଙ୍ଗିଥିଲେ। ଅନ୍ୟପଟେ ପୁଲିସ ବଳପୂର୍ବକ କିଛି ମହିଳା ଓ ପୁରୁଷଙ୍କୁ ଟାଣି ଅଟକ ରଖିଛି। ସେପଟେ ପ୍ରଶାସନ କେନାଲ ଖୋଳିବାରେ ସଫଳ ହୋଇଛି। ବର୍ତ୍ତମାନ ଘଟଣାସ୍ଥଳରେ ପୁଲିସ ପ୍ରଶାସନ ଜଗି ରହିଛି। ୭୦ ଜଣରୁ ଉର୍ଦ୍ଧ୍ୱ ମହିଳା ପୁରୁଷଙ୍କୁ ପୁଲିସ ଅଟକ ରଖିଛି। ଦୁଇ ଜଣ ଆହତ ହୋଇ ଆମ୍ବୁଲାନ୍ସରେ ମେଡିକାଲ ଯାଇଛନ୍ତି।

# ଶୀତଳ ଭଣ୍ଡାର ପାଇଁ ୬ କୋଟି ଦେବେ ସରକାର

**ଭୁବନେଶ୍ୱର, ୧୫।୧୨ (ସଂଚାର ବ୍ୟୁରୋ):** ରାଜ୍ୟକୁ କୃଷି କ୍ଷେତ୍ରରେ ଆତ୍ମନିର୍ଭର କରିବାକୁ ସରକାର ଚାଷୀଙ୍କ ପାଇଁ ଏକ ବଡ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ୫୮ଟି ଉପଖଣ୍ଡରେ ନିର୍ମାଣ ହେବ ଶୀତଳ ଭଣ୍ଡାର। ଏଥିପାଇଁ ସରକାର ୬ କୋଟି ଟଙ୍କାର ସହାୟତା ଯୋଗାଇଦେବେ। ଅଭାବୀ ବିକ୍ରି ଉପରେ ରୋକ ଲଗାଇବା ସହ ଆଳୁ ଓ ପିଆଜ ପାଇଁ ପଶ୍ଚିମବଙ୍ଗ ଉପରେ ନିର୍ଭରଶୀଳ ନହେବାକୁ କୃଷି ବିଭାଗ ଏହି ଯୋଜନା କରିଛି।

ପ୍ରତି ସବଡିଭିଜନରେ ଗୋଟିଏ ଲେଖାଁଏ ଶୀତଳ ଭଣ୍ଡାର ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଯେଉଁମାନେ ଶୀତଳ ଭଣ୍ଡାର ନିର୍ମାଣ କରିବାକୁ ଚାହୁଁଥିବେ ସେମାନଙ୍କୁ ୬କୋଟି ଟଙ୍କାର ସହାୟତା ଯୋଗାଇଦେବେ ରାଜ୍ୟ ସରକାର। ମହିଳା ଓ ଅନୁସୂଚିତ ଜାତି ଜନଜାତି ବର୍ଗଙ୍କୁ ଏଥିପାଇଁ ୬.୫ କୋଟି ସହାୟତା ଦିଆଯିବ। ସେହିପରି କୃଷି ବିଭାଗ ୫୦ ପ୍ରତିଶତ ବିଦ୍ୟୁତ ବିଲ ଦେବା ସହ ବ୍ୟାଙ୍କରୁ ୩ ପ୍ରତିଶତ ସୁଧ ହାରରେ ଋଣର ବ୍ୟବସ୍ଥା ମଧ୍ୟ କରାଇବ। ନିକଟରେ



- ୫୮ ଉପଖଣ୍ଡରେ ହେବ ନୂଆ ଶୀତଳ ଭଣ୍ଡାର
- ବଢ଼ିଲା କୃଷି ବିଦ୍ୟାନିଧି ଯୋଜନାରେ ଆବେଦନ ଅବଧି

ଏକ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଏହି ସୂଚନା ଦେଇଛନ୍ତି। ଏସବୁ ଶୀତଳ ଭଣ୍ଡାରରେ ରାଜ୍ୟ ଓ ରାଜ୍ୟ ବାହାରର ଉତ୍ପାଦ ରଖାଯିବ। ସେପଟେ କୃଷି ବିଦ୍ୟାନିଧି ଯୋଜନାରେ ଚଳିତ ବର୍ଷ ପାଇଁ ଅନଲାଇନ ଆବେଦନର ସମୟ ସୀମା ଡିସେମ୍ବର ୨୦ ତାରିଖକୁ ବୃଦ୍ଧି କରାଯାଇଛି। ପୂର୍ବରୁ ନଭେମ୍ବର ୩୦ ପର୍ଯ୍ୟନ୍ତ ସମୟ ସୀମା ରଖାଯାଇଥିଲା। କିନ୍ତୁ ଆବେଦନ ସମୟସୀମା ଅତିକ୍ରାନ୍ତ ପରେ ମଧ୍ୟ ବହୁ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ଅନୁରୋଧକ୍ରମେ, ବିଭାଗ ତରଫରୁ ଅନଲାଇନ୍ ଆବେଦନ ଏବଂ ଯାଞ୍ଚ ପ୍ରକ୍ରିୟାର ଅବଧିକୁ ବୃଦ୍ଧି କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। କୃଷି ବିଦ୍ୟାନିଧି ଯୋଜନାରେ ସିଏମ୍-କିଷାନ ଅଧୀନରେ ଥିବା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ସନ୍ତାନସନ୍ତତିଙ୍କ ଉଚ୍ଚଶିକ୍ଷା ସ୍ୱପ୍ନକୁ ସୁଗମ କରିବା ପାଇଁ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି।

● ବାଲିଅନ୍ତା ବ୍ଲକରେ ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି

# ୫ ଅଭିଯୋଗର ତ୍ୱରିତ ସମାଧାନ

**ବାଲିଅନ୍ତା, ୧୫।୧୨ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଭିଙ୍ଗାରପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜିର ଗ୍ରାମ ପଞ୍ଚାୟତ ସ୍ତରୀୟ ପ୍ରତ୍ୟକ୍ଷ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତିଙ୍କ ଜିଲ୍ଲାପାଳ ଅଧକ୍ଷତାରେ ଆୟୋଜିତ ଏହି ମିଳିତ ଜଣାଶୁଣାଣିରେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ସ୍ଥାନୀୟ ଜନପ୍ରତିନିଧି ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜଣାଶୁଣାଣିକୁ ଆସିଥିବା ଜନସାଧାରଣଙ୍କ ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଆଜି ମୋଟ ୧୨୧ଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧରୁ ୯୭ଟି ଅଭିଯୋଗ ବ୍ୟକ୍ତିଗତ ଥିବା ବେଳେ ୨୪ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। ସେଥିମଧରୁ ୫ଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଥିଲା। ଅଭିଯୋଗଗୁଡ଼ିକୁ ବିଚାରକୁ ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି।

● କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ-ଏସ୍‌ପିଡି କନଷ୍ଟ୍ରକ୍ସନ୍‌ର ମହତ୍ ଉଦ୍ୟମ

# ରକ୍ତଦାନ ଶିବିରରେ ୫୦ ୟୁନିଟ୍ ରକ୍ତ ସଂଗୃହୀତ

**ଭୁବନେଶ୍ୱର, ୧୫।୧୨ (ସଂଚାର ବ୍ୟୁରୋ):** ଏସ୍‌ପିଡିର ପଞ୍ଚଦଶ ବାର୍ଷିକ ଦିବସ ଅବସରରେ ଗତକାଲି ଶିକ୍ଷା ଓ ଅନୁସନ୍ଧାନ କ୍ରିକେଟ୍ ଗ୍ରାଉଣ୍ଡରେ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ ଓ ଏସ୍‌ପିଡି ସହଯୋଗରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନର ମ୍ୟାନେଜିଂ ଟ୍ରଷ୍ଟି ଅରୂପ ପଟ୍ଟନାୟକ, ଏସ୍‌ପିଡିର ଚେୟାରମ୍ୟାନ ପବନ ଖୈତାନ, ମ୍ୟାନେଜିଂ ଡାଇରେକ୍ଟର ସୌରଭ ଖୈତାନ ଓ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଚିରାଗ ଖୈତାନ ଉପସ୍ଥିତ ଥିଲେ। ଏହି ଶିବିରରେ ମୋଟ ୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ବେଳେ ଏଥିରେ କଟକ ରେଡକ୍ରସ ଟିମ୍‌ର ସଦସ୍ୟମାନେ ସହଯୋଗ କରିଥିଲେ।




# ଓଡ଼ିଶାରେ ୨୨ ଲକ୍ଷ ମାମଲାର ଫଇସଲା ଗତି କ୍ଷୀଣ

**ଭୁବନେଶ୍ୱର, ୧୫।୧୨:** ଓଡ଼ିଶାରେ ଏବେ ପ୍ରାୟ ୨୨ ଲକ୍ଷ ମାମଲା ବିଭିନ୍ନ ଆଇନ୍ ଅଦାଲତରେ ବିଚାର ପ୍ରତୀକ୍ଷାରେ ରହିଛି। ଏଥିରୁ ଅନେକ ମାମଲା ୨ରୁ ୩ ଦଶନ୍ଧି ଧରି ଗଡ଼ୁଛି। ଚଳିତ ଶତାବ୍ଦୀର ଏକ ଚତୁର୍ଥାଂଶ ଶେଷ ହେବାକୁ ଯାଉଥିବାବେଳେ ଗତ ଶତାବ୍ଦୀର ବହୁ ମାମଲା ବିଚାରାଧୀନ ଥିବା ବିଚାର ବିଭାଗୀୟ ସଂସ୍ଥା, ସରକାର ଏବଂ ପକ୍ଷମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଗତ ଅଗଷ୍ଟ ଶେଷ ସୁଦ୍ଧା ୧୯,୯୭,୩୧୭ଟି ମାମଲା ବିଚାରାଧୀନ ଥିବାବେଳେ ଏଥିରୁ ଫୌଜଦାରୀ ମାମଲା ସଂଖ୍ୟା ୧୬,୮୪,୪୩୨ ଓ ଦେୱାନୀ ମାମଲା ସଂଖ୍ୟା ୩ ଲକ୍ଷ ୧୨ ହଜାର ୮୮୫। ଓଡ଼ିଶା ହାଇକୋର୍ଟରେ ବିଚାରାଧୀନ ମାମଲା ସଂଖ୍ୟା ପ୍ରାୟ ଦେଢ଼ ଲକ୍ଷ ଥିବାବେଳେ ଅନ୍ୟ ଟ୍ରିବ୍ୟୁନାଲ ଓ ରାଜସ୍ୱ ସଂସ୍ଥାଗୁଡ଼ିକରେ ପଡ଼ିରହିଥିବା ମାମଲା ସଂଖ୍ୟା ୫ ଲକ୍ଷରୁ ଅଧିକ ହେବ ବୋଲି କୁହାଯାଉଛି। ସରକାର ସ୍ୱୀକାର କରୁଛନ୍ତି ଯେ ଧାର୍ଯ୍ୟ ତାରିଖରେ ସାକ୍ଷୀ, ସରକାରୀ ସାକ୍ଷୀ, ତଦନ୍ତକାରୀ ଅଧିକାରୀ ଓ ଡାକ୍ତର ଆଦି ଉପସ୍ଥିତ ନହେବା, ଜାମିନବିହୀନ ୱାରେଣ୍ଟଗୁଡ଼ିକୁ ତୁରନ୍ତ କାର୍ଯ୍ୟକାରୀ କରାନଯିବା, ତଦନ୍ତ ରିପୋର୍ଟ ଓ ଅଭିଯୋଗ ଫର୍ଦ୍ଦ ଦାଖଲରେ ବିଳମ୍ବ, ଅଭିଯୁକ୍ତମାନେ ଠିକଣା ସମୟରେ ଅଦାଲତରେ ଉପସ୍ଥିତ ନରହିବା, ରାସାୟନିକ ଓ ଅନ୍ୟ ବୈଜ୍ଞାନିକ ତଦନ୍ତ ରିପୋର୍ଟ ସଠିକ୍ ସମୟରେ ଦାଖଲ କରାନଯିବା ଏବଂ ବିଭିନ୍ନ ପକ୍ଷଙ୍କ ତରଫରୁ ବାରମ୍ବାର ସମୟ ଗଡ଼ାଯିବା ଆଦି କାରଣରୁ ମାମଲା ଫଇସଲା ବିଳମ୍ବିତ ହେଉଛି। ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ମାମଲା ନୀତି ପ୍ରଣୟନ କରିଥିଲେ ମଧ୍ୟ ତାହା ବିଶେଷ ଭାବେ ମାମଲା ସଂଖ୍ୟା ହ୍ରାସ କରିବାରେ ସହାୟକ ହେଉନାହିଁ। କେନ୍ଦ୍ର ସରକାରଙ୍କ ସର୍ବଶେଷ କ୍ରାଇମ୍ ଇନ୍ ଇଣ୍ଡିଆ ରିପୋର୍ଟ ମୁତାବକ, ଓଡ଼ିଶାରେ ମହିଳାମାନଙ୍କ ପ୍ରତି ଅପରାଧ କ୍ଷେତ୍ରରେ ପାଖାପାଖି ୨ଲକ୍ଷ ମାମଲା ବିଚାରାଧୀନ ଥିବାବେଳେ ଏ କ୍ଷେତ୍ରରେ ଦଣ୍ଡବିଧାନ ଓ ଫଇସଲା ହାର ୭ ପ୍ରତିଶତରୁ କମ୍ ରହୁଛି। ଆର୍ôଥକ ଅପରାଧ କ୍ଷେତ୍ରରେ ବି ଓଡ଼ିଶାରେ ଦଣ୍ଡବିଧାନ ହାର ମାତ୍ର ୬ ପ୍ରତିଶତ ଥିବାବେଳେ ଫଇସଲା ହାର ମାତ୍ର ୧.୮ ପ୍ରତିଶତ। ଶିଶୁମାନଙ୍କ ପ୍ରତି ଅପରାଧ କ୍ଷେତ୍ରରେ ଓଡ଼ିଶାରେ ଦଣ୍ଡବିଧାନ ହାର ୧୩.୪ ପ୍ରତିଶତ ଥିବାବେଳେ ଫଇସଲା ହାର ୧୦ ପ୍ରତିଶତରେ ରହୁଛି। ଦୁର୍ନୀତି ନିର୍ବାରଣ ମାମଲାରେ ଓଡ଼ିଶାରେ ଫଇସଲା ହାର ମାତ୍ର ୭.୨ ପ୍ରତିଶତ ଥିବାବେଳେ ଦଣ୍ଡବିଧାନ ହାର କିନ୍ତୁ ୪୯.୬ ପ୍ରତିଶତ ରେକର୍ଡ କରାଯାଇଛି। ତେବେ ଆଇପିସି ମାମଲାରେ ଦଣ୍ଡବିଧାନ ହାର ୩୦ ପ୍ରତିଶତରୁ କମ୍ ରହୁଛି। (ତଥ୍ୟ)



## ସାର୍ବଜନୀନ ସୂଚନା

ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାୟନ ପ୍ରାଧିକରଣ (SEIAA), ଓଡ଼ିଶା ଦ୍ୱାରା "୫୦୦ ବେଡ଼ ହସ୍ପିଟାଲ ପ୍ରକଳ୍ପର ନିର୍ମାଣ" ପାଇଁ, ପୂର୍ବରୁ ମେସର୍ସ ଟାଟା ଷ୍ଟିଲ୍ ଲିମିଟେଡ୍ ନାମରେ ଜାରି ହୋଇଥିବା ପରିବେଶ ଅନୁମତି (EC) କୁ ମେସର୍ସ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ମେସର୍ସ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ, କ୍ୟାମ୍ପସ-୩) ଙ୍କ ପକ୍ଷରେ ହସ୍ତାନ୍ତର କରାଯାଇଛି।

EC ଚିହ୍ନଟ ସଂଖ୍ୟା EC25C3804OR5465242T, ଫାଇଲ୍ ସଂଖ୍ୟା SEIAA/4667, ତାରିଖ 17.08.2015 ଅନୁଯାୟୀ, ୭୩,୦୫୭.୦୧ ବର୍ଗ ମିଟର ସମୁଦାୟ ନିର୍ମିତ କ୍ଷେତ୍ରଫଳ ବିଶିଷ୍ଟ ଏହି ହସ୍ପିଟାଲ ପ୍ରକଳ୍ପ ମୌଜା-ସିତଲାପଲ୍ଲୀ, ତହସିଲ :କନିସୀ, ଜିଲ୍ଲା ଗଞ୍ଜାମ, ଓଡିଶାରେ ଅବସ୍ଥିତ। ଏହି ପରିବେଶ ଅନୁମତିକୁ EIA ଅଧିସୂଚନା, ୨୦୦୬ ଏବଂ ସେଥିରେ ହୋଇଥିବା ସଂଶୋଧନ ଅନୁଯାୟୀ ମେସର୍ସ ଟାଟା ଷ୍ଟିଲ୍ ଲିମିଟେଡ୍ ଠାରୁ ମେସର୍ସ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ମେସର୍ସ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ, କ୍ୟାମ୍ପସ-୩)ଙ୍କ ନାମରେ ସ୍ଥାନାନ୍ତର କରାଯାଇଛି।

ଏହି ପରିବେଶ ଅନୁମତିର ସ୍ଥାନାନ୍ତର SEIAA, ଓଡିଶା ଦ୍ୱାରା ୧୫/୧୨/୨୦୨୫ ତାରିଖରେ ଅନୁମୋଦିତ ହୋଇଛି। ସ୍ଥାନାନ୍ତରିତ ପରିବେଶ ଅନୁମତିର ନକଲଗୁଡ଼ିକ SEIAA, ଓଡିଶା ଏବଂ ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (OSPCB) ନିକଟରେ ଅବଲୋକନ ପାଇଁ ଉପଲବ୍ଧ ଅଛି ଏବଂ ଏହା ବୋର୍ଡର ସରକାରୀ ୱେବସାଇଟ୍ ଓ ପରିବେଶ ପୋର୍ଟାଲ୍ (www.parivesh.nic.in) ରେ ମଧ ଉପଲବ୍ଧ ଅଛି।

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

# କସ୍ମେଟିକ ସର୍ଜରୀ ଏକ ଟ୍ରେଣ୍ଡ



ଆଧୁନିକ ଯୁଗରେ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କସ୍ମେଟିକ ସର୍ଜରୀ ଅତ୍ୟନ୍ତ ଲୋକପ୍ରିୟ ହୋଇଉଠିଛି। ବିଶେଷକରି ମୁହଁର ସର୍ଜରୀ ଯେପରି ରାଇନୋପ୍ଲାଷ୍ଟି (ନାକ ଆକାର ବଦଳାଇବା), ଫେସଲିଫ୍ଟ (ମୁହଁ ଉଠାଇବା), ବ୍ଲେଫାରୋପ୍ଲାଷ୍ଟି (ଆଖିପତା ସର୍ଜରୀ) ଆଦି ଲୋକମାନଙ୍କୁ ଆତ୍ମବିଶ୍ୱାସ ବଢ଼ାଇବାରେ ସାହାଯ୍ୟ କରୁଛି। କିନ୍ତୁ ପ୍ରଶ୍ନ ଉଠୁଛି - ଏହି ସର୍ଜରୀ କେତେ ନିରାପଦ? ଏହାର ଲାଭ ଓ କ୍ଷତି କଣ?

ବିଶ୍ୱ ସ୍ତରରେ କସ୍ମେଟିକ ସର୍ଜରୀର ପରିସଂଖ୍ୟାନ ଦେଖିଲେ ଜଣାପଡୁଛି ଯେ ୨୦୨୪ରେ ପ୍ଲାଷ୍ଟିକ ସର୍ଜନମାନେ ୧୭.୪ ମିଲିୟନରୁ ଅଧିକ କସ୍ମେଟିକ ସର୍ଜରୀ କରିଛନ୍ତି। ମୁହଁ ସମ୍ବନ୍ଧୀୟ ସର୍ଜରୀ ଯେପରି ଆଖିପତା ସର୍ଜରୀ, ନାକ ସର୍ଜରୀ ଓ ଫେସଲିଫ୍ଟ ସବୁଠାରୁ ଅଧିକ ହେଉଛି। ଆମେରିକାନ ସୋସାଇଟି ଅଫ ପ୍ଲାଷ୍ଟିକ୍ ସର୍ଜନସ (ଏଏସପିଏସ) ଓ ଇଣ୍ଟରନ୍ୟାଶନାଲ ସୋସାଇଟି ଅଫ ଆସଥେଟିକ ପ୍ଲାଷ୍ଟିକ ସର୍ଜରୀ (ଆଇଏସଏପିଏସ)ର ରିପୋର୍ଟ ଅନୁଯାୟୀ, ଯଦି ବୋର୍ଡ-ସର୍ଟିଫାଇଡ୍ ସର୍ଜନ ଦ୍ୱାରା ଅନୁମୋଦିତ ହସ୍ପିଟାଲରେ କରାଯାଏ, ତେବେ ଏହା ଅତ୍ୟନ୍ତ ନିରାପଦ। ମୁହଁର ସର୍ଜରୀରେ ଜଟିଳତା ହାର ବହୁତ କମ୍ - ପ୍ରାୟ ୦.୨୫ ପ୍ରତିଶତରୁ ୨ ପ୍ରତିଶତ ପର୍ଯ୍ୟନ୍ତ। ଉଦାହରଣସ୍ୱରୂପ, ଫେସଲିଫ୍ଟରେ ଅସ୍ଥାୟୀ ନର୍ଭ ଡ୍ୟାମେଜ ହାର ୦.୬୯ ପ୍ରତିଶତରୁ ୧.୮୫ ପ୍ରତିଶତ। ସାଧାରଣ କସ୍ମେଟିକ ସର୍ଜରୀରେ ମୃତ୍ୟୁ ହାର ମାତ୍ର ୧ ରୁ ୫୦୦୦ ରେ ସୀମିତ।

ଏହି ସର୍ଜରୀର ଲାଭ ଅନେକ ରହିଛି। ବିଶେଷ କରି ଏହା ଆତ୍ମବିଶ୍ୱାସ ବଢ଼ାଇ, ବୟସ କମ ଦେଖାଏ ଯାହାଦ୍ୱାରା ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଆସିଥାଏ। ଅନେକ ରୋଗୀ କହନ୍ତି ଯେ ସର୍ଜରୀ ପରେ ସେମାନଙ୍କ ଜୀବନ ଅଧିକ ସୁଖମୟ ହୋଇଛି। ନୂଆ ଟେକ୍ନୋଲୋଜି ଯେପରି ଲେଜର ଓ ମିନିମାଲ ଇନଭେସିଭ ମେଥଡ ଯୋଗୁଁ ରିକଭରି ଶୀଘ୍ର ହେଉଛି ଓ ଦାଗ କମ୍ ରହୁଛି।

କିନ୍ତୁ ଏହା ସମ୍ପୂର୍ଣ୍ଣ ରିସ୍କ-ଫ୍ରି ନୁହେଁ। ସାଧାରଣ ଜଟିଳତା ମଧ୍ୟରେ ଇନଫେକସନ୍, ରକ୍ତସ୍ରାବ, ନର୍ଭ ଡ୍ୟାମେଜ୍, ଦାଗ ଓ ଆନାସ୍ଥେସିଆ ସମସ୍ୟା ରହିଛି। ମେଡିକାଲ ଟୁରିଜମ ଯୋଗୁଁ ବିଦେଶରେ କରାଯାଇଥିବା ସର୍ଜରୀରେ ଜଟିଳତା ୧୦ ପ୍ରତିଶତରୁ ଅଧିକ ହୋଇପାରେ। ଅଯୋଗ୍ୟ ସର୍ଜନ ବା ଅଣସ୍ୱିକୃତିପ୍ରାପ୍ତ କ୍ଲିନିକ ରିସ୍କ ବଢ଼ାଇଥାଏ। କେତେକ ରୋଗୀ ଫଳାଫଳରେ ଅସନ୍ତୁଷ୍ଟ ହୋଇପାରନ୍ତି, ଯାହା ମାନସିକ ଚାପ ସୃଷ୍ଟି କରେ।

ନିରାପତ୍ତା ବଜାୟ ରଖିବା ପାଇଁ ଯୋଗ୍ୟ ସର୍ଜନ ବାଛିବା ଜରୁରୀ। ଏଥିସହ ପୂର୍ଣ୍ଣ ଡାକ୍ତରୀ ପରାମର୍ଶ ନେଇ ରିୟାଲିଷ୍ଟିକ୍ ଆଶା ରଖିବା ଜରୁରୀ। ଯଦି ସ୍ୱାସ୍ଥ୍ୟ ଭଲ ଓ ସର୍ଜନ ଅଭିଜ୍ଞ, ତେବେ ମୁହଁର କସ୍ମେଟିକ ସର୍ଜରୀ ନିରାପଦ ଓ ଜୀବନ ବଦଳାଇଦେବାରେ ସମର୍ଥ ହୋଇଥାଏ। କିନ୍ତୁ ଏହା କୌଣସି ଅଲୌକିକ ସମାଧାନ ନୁହେଁ। ଆବଶ୍ୟକ କେବଳ ସଚେତନତାର ସହ ନିଷ୍ପତ୍ତି।

# ଧନୁ ସଂକ୍ରାନ୍ତି ଓ ଶ୍ରୀମନ୍ଦିରରେ ପହିଲି ଭୋଗ ଲାଗି



**ସନ୍ତୋଷ କୁମାର ଦାଶ**

ଆମ ଓଡିଆଙ୍କ ଘରେ ବାର ମାସରେ ତେର ପର୍ବ ପର୍ବାଣୀ ପାଳନ କରାଯାଏ। ତା ମଧ୍ୟରୁ ପୌଷ ମାସର ଧନୁ ସଂକ୍ରାନ୍ତି ଅନ୍ୟତମ। ଏହି ଦିନ ଓଡ଼ିଶା ର ପ୍ରାୟ ପ୍ରତ୍ୟେକ ଗ୍ରାମ ରେ ଥିବା ଦେବ ଦେବୀ ପୀଠ ମାନଙ୍କ ରେ ଧନୁ ମୁଆଁ ଭୋଗ ଲାଗି କରା ଯାଇଥାଏ। ପୁରୀ ଶ୍ରୀ ମନ୍ଦିର ରେ ଶ୍ରୀ ଜିୟୁ ମାନଙ୍କୁ ମଧ ଧନୁ ମୁଆଁ ଭୋଗ ଲାଗି କରାଯାଇଥାଏ। ଏହି ଦିନ ଠାରୁ ମକର ସଂକ୍ରାନ୍ତି ଏକ ମାସ ପର୍ଯ୍ୟନ୍ତ ଶ୍ରୀ ମନ୍ଦିର ରେ ପହିଲି ଭୋଗ ନାମ ରେ ଏକ ବିଶେଷ ନିତି ଅନୁଷ୍ଠିତ ହୋଇଥାଏ। ସାଧାରଣତଃ ଆମ ଓଡ଼ିଆ ଘରେ ଏକ ପରମ୍ପରା ରହି ଆସିଛି ଯେ, ପୌଷ ମାସ ରେ ଗୃହ ର ଘରଣୀ ଏହି ମାସ ରେ ନିଜ ବାପଘର କୁ ଯାଇଥାନ୍ତି। ସେହିପରି ଭାବରେ ଶ୍ରୀ ମନ୍ଦିର ର କର୍ତ୍ତି ମା ଲକ୍ଷ୍ମୀ ଶ୍ରୀ ମନ୍ଦିର ଛାଡ଼ି ନିଜ ବାପ ଘର କୁ ବୁଲିବାକୁ ଯାଇଥାନ୍ତି। ଏହି

ସମୟ ରେ ଶ୍ରୀ ଜିୟୁ ମାନଙ୍କ ପାଇଁ ମା ଯଶୋଦା ଭୋଜନ ପ୍ରସ୍ତୁତ କରିଥାନ୍ତି। ପ୍ରତ୍ୟେକ ଦିନ ଭୋର ସମୟରେ କାଉ କା କା ଡାକିବା ପୂର୍ବରୁ ଶ୍ରୀ ଜିୟୁ ମାନଙ୍କୁ ଗୋପାଳ ବଲ୍ଲଭ ଭୋଗ ସହିତ ଏକ ଭୋଗ ଲାଗି ହୋଇଥାଏ। ତାହାକୁ ପହିଲି ଭୋଗ ବୋଲି କୁହାଯାଏ। ଏହି ଭୋଗ ଧନୁ ସଂକ୍ରାନ୍ତି ଠାରୁ ଆରମ୍ଭ ହୋଇ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଏକ ମାସ ଲାଗି ହୋଇଥାଏ।



ଏଥିପାଇଁ ରାତ୍ର ଦୁଇ ଘଡି ଥାଇଁ ଶ୍ରୀ ମନ୍ଦିର ର ଦ୍ୱାର ଫିଟା, ଆଳତୀ ଓ ଅବକାଶ ନୀତି ଅନୁଷ୍ଠିତ ହୋଇଥାଏ। ତା ପରେ ଶ୍ରୀ ଜିୟୁ ମାନଙ୍କୁ ଘୋଡ଼ ଲାଗି ହୋଇ ବେଶ ଅନୁଷ୍ଠିତ ହୋଇଥାଏ। ତତ୍ପରେ ଭିତର ବାହାର ଶୋଧ ହୋଇ ଅଣସର ପିଣ୍ଡି ଠାରେ ବଲ୍ଲଭ ଭୋଗ ବଢ଼ା ଯାଇଥାଏ। ଅହ୍ଲୁଣିଆ ପାଣି ପଡ଼ିବା ଉତ୍ତାରୁ ପହିଲି ଭୋଗ ଛେକ ଆସିବା ପାଇଁ ଭୋଗ ଡାକିଯାଏ। ଏହି ଭୋଗ ରେ ବିରି ଓ ଗହମ ରେ ଘୃତ ପାକ ହୋଇଥିବା ପିଠା ମାନ ଅଣାଯାଇ ପଞ୍ଚୋପଚାର ରେ ପୂଜା କରାଯାଇଥାଏ। ପହିଲି ଭୋଗ ରେ ବଡ଼ଝିଲ୍ଲି,ଦରସୁଆ ବଡ଼ି,ଦରସୁଆ ଝିଲି, ବଡ଼ ବଡା, କାକରା,ସାନ ଅମାଲୁ, ନଳୀ, ଆରିସା, ମୁଗେଇ, ଏଣ୍ଡୁରି, ନଡ୍ଡୁ, ଗଜା, ଖଇର ଚୂଳ, ମଣ୍ଡା, ଚୁଡ଼ା ପୁଆ, ବଡ଼ି, କଣ୍ଟେଇ, ଛତୁ, ଚଢ଼େଇ ନେଦା, ଗଇଁଠା ପ୍ରଭୃତି ୩୨ ପ୍ରକାରର ପିଠା ଲାଗି ହେବାର ପରମ୍ପରା ରହିଛି। ପହିଲି ଭୋଗ ନୀତି ସମୟ ରେ ଜୟ ବିଜୟ ଦ୍ୱାର ବନ୍ଦ ରହିଥିବା ବେଳେ କୌଣସି ବାଜା ବାଜି ନ ଥାଏ। ପହିଲି ଭୋଗ ଲାଗି ପରମ୍ପରା ପ୍ରଭୁ ଶ୍ରୀ କୃଷ୍ଣ ଓ ମା ଯଶୋଦା ଙ୍କ ବାତ୍ସଲ୍ୟ ଲୀଳା ର ସ୍ମାରକୀ ହୋଇ ରହି ଆସିଛି କାହିଁ କେତେ କାଳରୁ। ପ୍ରାୟ ୧୬ ଶ ଶତାବ୍ଦୀ ରୁ ଶ୍ରୀ ମନ୍ଦିର ରେ ପହିଲି ଭୋଗ ଲାଗି ପରମ୍ପରା ରହି ଆସିଛି ବୋଲି ଗବେଷକ ମାନେ ସୂଚନା ଦେଇଛନ୍ତି। ଧନୁ ସଂକ୍ରାନ୍ତି ଦିନ ଶ୍ରୀ ଜିୟୁ ମାନଙ୍କୁ ଧନୁ ମୁଆଁ ଲାଗି ହେଉଥିବା ବେଳେ ମକର ସଂକ୍ରାନ୍ତି ଦିନ ମକର ଚାଉଳ ଭୋଗ ଲାଗି ହୋଇଥାଏ। ପହିଲି ଭୋଗ ନୀତି ଶ୍ରୀ ମନ୍ଦିର ରେ ଏକ ଅନନ୍ୟ ପରମ୍ପରା ଭାବେ ପାଳିତ ହୋଇ ଆସୁଛି କାହିଁ କେତେ କାଳରୁ। ଜୟ ଜଗନ୍ନାଥ।।

**ତୁଳସୀପୁର, ପୁରୀ, ମୋବାଇଲ୍: ୯୪୩୯୩୬୧୮୮**

# ବ୍ୟବସ୍ଥିତ ଶିକ୍ଷା ଓ ଆଗାମୀ ପିଢ଼ି



**ଡକ୍ଟର ଲକ୍ଷ୍ମଣ ସାହୁ**



ସମାଜ ସହ ବ୍ୟକ୍ତି ଜୀବନର ସମନ୍ୱୟ ନଘଟିଲେ ଜୀବନର ବିକାଶ ସମାଜ କ୍ଷେତ୍ରରେ ପୂର୍ଣ୍ଣ ସମ୍ଭବ ନୁହେଁ। ମନୁଷ୍ୟ ଏକ ସାମାଜିକ ପ୍ରାଣୀ, ସମାଜକୁ ଛାଡି ବଞ୍ଚିବା, ତା'ପକ୍ଷରେ ଅସମ୍ଭବ। ସାମାଜିକ ସଂପର୍କ ସହ ପ୍ରତ୍ୟକ୍ଷ ଭାବରେ ସେ ସଂପୃକ୍ତ। ସମାଜର ନିରବଚ୍ଛିନ୍ନ ପ୍ରକ୍ରିୟା ସହ ସେ ସାମିଲ ନହେଲେ, ଜୀବନର ବିଭିନ୍ନ ଦିଗ ଗୁଡିକ ପ୍ରତି ଦୃଷ୍ଟି ରଖି ଆଗକୁ ଆଗେଇ ପାରିବ ନାହିଁ। ମାନବ ସଭ୍ୟତାର ଓ ସଂସ୍କୃତିର ପ୍ରାଣକେନ୍ଦ୍ର ହିଁ ସମାଜ। ତେଣୁ ମନୁଷ୍ୟ ଏକ ସାଂସ୍କୃତିକ ଓ ସାମାଜିକ ପ୍ରାଣୀ ହୋଇଥିବାରୁ ମାନସିକ କ୍ଷେତ୍ରରେ ଯାହା ସବୁ ଅର୍ଜନ କରିଥାଏ ଓ ତାକୁ କାର୍ଯ୍ୟରେ ଲଗାଇ ଥାଏ। ଏସବୁ ସ୍ଥଳେ ଭାବି ପିଢିର ସୁରକ୍ଷିତ ଭବିଷ୍ୟତର ଲକ୍ଷ୍ୟ ନେଇ ପ୍ରତ୍ୟେକ ଅଭିଭାବକ ବିଚାର ବିମର୍ଷ କରିବାର ସମୟ ଉପଗତ। ଭାବି ପିଢିର ଉପଯୁକ୍ତ ଶିକ୍ଷା ନିମନ୍ତେ ଓ ସବୁ ପ୍ରକାର ସଂକଟରୁ ଦୂରେଇ ନେବା ପାଇଁ ଅଭିଭାବକମାନେ ବ୍ୟଗ୍ର ଓ ପ୍ରସ୍ତୁତ କୁହାଯାଇ ପାରେ। କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ଶିକ୍ଷା ଭବିଷ୍ୟତ ପ୍ରତି କେହି କେବେ ଅନୁଶୋଚନା କରନ୍ତି ନାହିଁ।

ଭାବିଦେଖିଲେ ଶିକ୍ଷା ଦ୍ୱାରା ହିଁ ମାନବ ସଭ୍ୟତାର ଆରମ୍ଭ ଘଟେ। କାରଣ ମନୁଷ୍ୟ ଅନ୍ୟାନ୍ୟ ପ୍ରାଣୀମାନଙ୍କଠାରୁ ପୃଥକ। ସେ ପରିବର୍ତ୍ତିତ ପରିସ୍ଥିତିରେ ଖୁବ୍ ଶୀଘ୍ର ଶିକ୍ଷା ଗ୍ରହଣ କରିପାରେ। ଏହା ମନୁଷ୍ୟର ପ୍ରାକୃତିକ ଐଶ୍ୱରୀୟ ଶକ୍ତି। ତେଣୁ ଶିକ୍ଷାର ଲକ୍ଷ୍ୟ ଏଭଳି ପ୍ରସ୍ତୁତି ହେବା ଉଚିତ, ଯାହାକି ଯେ କୌଣସି ଅପ୍ରୀତିକର ପରିସ୍ଥିତିରେ ସମସ୍ୟାର ସମାଧାନ କରିପାରିବ। ସାଂପ୍ରତିକ ପରିବେଶ ସହ ଉପଯୁକ୍ତ ସାମଞ୍ଜସ୍ୟ କରିପାରିବ। ଏଦୃଷ୍ଟିରୁ ଲେଖିବା, ପଢିବା ଓ ଗଣିବାର ଦକ୍ଷତା, ଉତ୍ପାଦନର କଳା କୌଶଳ ଓ ପ୍ରଭାବ ପୂର୍ଣ୍ଣ ମାନସିକ ସ୍ଥିତି ଓ ଶାରିରୀକ ଶ୍ରମର ଉପଯୁକ୍ତ ବିକାଶ ଶିକ୍ଷା ବ୍ୟବସ୍ଥାର ଲକ୍ଷ୍ୟ ହେବା ଅପରିହାର୍ଯ୍ୟ। ଆଜିର ଶିକ୍ଷା ପଦ୍ଧତିରେ ଏଭଳି ମହନୀୟ ଭାବର ଯଥେଷ୍ଟ ଆବଶ୍ୟକତା ରହିଛି, ଯାହା ଆଗାମୀ ଭବିଷ୍ୟତ ଶିକ୍ଷା ପଦ୍ଧତି ନିମନ୍ତେ ଅପରିହାର୍ଯ୍ୟ ଅଟେ।

ତେଣୁ ଶିକ୍ଷା କ୍ଷେତ୍ରରେ ତିନୋଟି ସଂକଳ୍ପ ବା ଉଦ୍ଦେଶ୍ୟ ନିହିତ ହେବାର ଗୁରୁତ୍ୱ ଅଛି; ପ୍ରଥମେ ସତ୍ୟକୁ ଖୋଜ, ଦ୍ୱିତୀୟରେ ମାନବର ଗୁଣକୁ ସଂଶୋଧନ କରିବା ଓ ତୃତୀୟରେ ବୌଦ୍ଧିକ ଓ ଶାରୀରିକ ଶ୍ରମର ଉପଯୋଗ କରିବା। ଏକଦା ଟମାସ ବେଜିଙ୍ଗଟନ୍ ମେକଲେ ତତ୍କାଳୀନ ବଡଲାଟ ବେଣ୍ଟିକଙ୍କ ଅନୁରୋଧ କ୍ରମେ ଶିକ୍ଷାର ଲକ୍ଷ୍ୟକୁ ବିଚାର କରି କହିଥିଲେ " ଇଂରେଜମାନେ ଭାରତୀୟ ମାନଙ୍କ ସ୍ୱାସ୍ଥ୍ୟ କିପରି ହେବ ସେ ବିଷୟରେ ଚିନ୍ତା କରିବା ଆବଶ୍ୟକ। ଭାରତୀୟ ମାନେ କେବଳ ରଙ୍ଗ ଓ ରକ୍ତରେ ଭାରତୀୟ ହେବେ, କିନ୍ତୁ ରୁଚି, ମତ, ନୈତିକତା ଓ ବୁଦ୍ଧି ଇଂରେଜ ମାନଙ୍କ ପରି ହୋଇପାରିବ "।

ସୂକ୍ଷ୍ମ ଦୃଷ୍ଟିରେ ଏହା ଗ୍ରହଣୀୟ କି ଏହା ଅଗ୍ରାହ୍ୟ, ଏଥିରେ କୌଣସି ଫରକ ନାହିଁ। କିନ୍ତୁ ସେମାନଙ୍କ ବିଚାର ଧାରା ଭାରତୀୟ, ଭାରତୀୟ ହୋଇ ରହୁ, କିନ୍ତୁ ଇଂରେଜ ମାନଙ୍କ ଭଳି ସ୍ମାର୍ଟ ହେଉ। ଗାନ୍ଧୀଙ୍କ ଶିକ୍ଷା ଦର୍ଶନ ଶ୍ରମ ପ୍ରତି ମର୍ଯ୍ୟାଦା ଦେବା, ତାଙ୍କ ବିଚାରରେ ଶ୍ରମହିଁ ଶିକ୍ଷାର ଅବିଚ୍ଛେଦ୍ୟ ଅଙ୍ଗ। ଭବିଷ୍ୟତ ଆତ୍ମନିର୍ଭରଶୀଳ, ଆତ୍ମାବଲମ୍ବନ ଜୀବନରେ ସଂସ୍କାର ପାଇଁ ଅପରିହାର୍ଯ୍ୟ ମନେ କରିଥିଲେ।

କିନ୍ତୁ ସାଂପ୍ରତିକ ଶିକ୍ଷା ବ୍ୟବସ୍ଥା ଏସବୁ ବାଦ ଦେଇ ଦୁଇଟି ଉଦ୍ଦେଶ୍ୟକୁ ଦର୍ଶାଇଥାଏ। ଯାହା କେବଳ ମୌଳିକ ରୂପରେ ଶିଷ୍ୟକୁ ଖୋଜିବାରେ ସତତ ପ୍ରକ୍ରିୟା ଅଟେ। ଯଦିଓ ଏହା ଅନ୍ତିମ ଲକ୍ଷ୍ୟରେ ପହଞ୍ଚି ପାରେ ବା ନପାରେ ଏହା ମାପ କରିବା ନୁହେଁ। ଆଜିର ଶିକ୍ଷା କେବଳ ନିଜକୁ ତୁଳନା କରେ, ନିଜ ପ୍ରତିଯୋଗିତା ମନ ନେଇ ଅନ୍ୟକୁ ପ୍ରତିଦ୍ୱନ୍ଦି ଭାବରେ ଠିଆ କରାଏ। ବିଶେଷ କରି ମନୁଷ୍ୟ ଜୀବନର ଅନ୍ୟ ଏକ ବଡ ଦିଗ ହେଉଛି ଆର୍ଥିକ ଉନ୍ନତି। ବ୍ୟକ୍ତି ଜୀବନର ଆର୍ଥିକ ସ୍ୱଚ୍ଛଳତା ପ୍ରତି ଧ୍ୟାନ ଦେବାକୁ ପଡିଥାଏ।

ଏକ ସୁସ୍ଥ ସବଳ ମଣିଷ କେବଳ ଦେଶ ତଥା ସବୁ ମଣିଷର ସୁସ୍ଥତା ଚିନ୍ତା କରିପାରେ। କେବେ ପ୍ରତିଦ୍ୱନ୍ଦି ଭାବ ତାକୁ ଛୁଏଁ ନାହିଁ ବରଂ ମନ ଭିତରେ ଅମାପ ବନ୍ଧୁତା ଆସେ। ଜ୍ଞାନ ଦ୍ୱାରା ସତ୍ୟର ସୁନ୍ଦର ଓ ସହଜ ଜୀବନ ଯାପନ କରିବାକୁ ହେଲେ ଶିକ୍ଷାର ମହତ୍ତ୍ୱପୂର୍ଣ୍ଣ ପଦ୍ଧତି ପ୍ରତି ଦୃଷ୍ଟି ଦେବାକୁ ହେବ। ଶିକ୍ଷା ମାଧ୍ୟମରେ ଶୃଙ୍ଖଳା, ପରୋପକାରୀତା, ଆତ୍ମ ନିରୀକ୍ଷଣ, ଆଜ୍ଞାନୁବର୍ତ୍ତିତା, ଅତିଥି ପରାୟଣତା ଆଦି ଅପରିହାର୍ଯ୍ୟ। ନୋହିଲେ ଶିକ୍ଷାରେ ପୂର୍ଣ୍ଣ ବିକାଶ ଘଟି ପାରିବ ନାହିଁ। ଆମର ବିଚାର ବୋଧରେ ବସ୍ତୁତଃ କାମଧେନୁ ସଦୃଶ୍ୟ ଦୋହଣ କରିବାର ଭାବ ପ୍ରକ୍ରିୟା ଜାଗ୍ରତ ହେବାର ଯଥେଷ୍ଟ ଆବଶ୍ୟକତା ରହିଛି। ଯେତେବେଳେ ଭାରତୀୟ ପରଂପରାରେ ଆର୍ଥିକ, ସାମାଜିକ, ସାଂସ୍କୃତିକ ଆଦି କ୍ଷେତ୍ରରେ ପରସ୍ପର ସହ ଯୋଡିହେବାର ଭାବ ଆସିଲେ ଆମ ଭିତରେ ମଧୁର ସଂପର୍କର ବନ୍ଧୁତ୍ୱ ଆପେଆପେ ଆସିଯିବ।

ଆମ ପରଂପରାରେ ଶିକ୍ଷା କେବଳ ବିବେକର ନିର୍ମାଣ ନୁହେଁ, ବରଂ ଉଚିତ୍ ଅନୁଚିତ୍ ବୋଧ ବିକଶିତ କରୁଥିବା ପ୍ରଜ୍ଞା। ଶିକ୍ଷା କେବଳ ବିକାଶର ମାଧମ ନୁହେଁ, ବରଂ ସତ୍ୟ ଅସତ୍ୟକୁ ଚିହ୍ନଟ କରିବାର ପ୍ରକ୍ରିୟା। ବୋଧର ବିକାଶହିଁ ଶିକ୍ଷା। ଏଭଳି ଶିକ୍ଷା ପାଇଁ କେବଳ ଔପଚାରିକ ପ୍ରୟାସ ଦ୍ୱାରା ନିର୍ଭର କଲେ ଚଳିବ ନାହିଁ, ବରଂ ସାମାଜିକ କ୍ଷେତ୍ରରେ ଆୟୋଜିତ ହେଉଥିବା ସମୁଦାୟ ଓ ସାଂସ୍କୃତିକ ଗତିବିଧି ରୀତିନୀତି ପ୍ରତ୍ୟେକ ଶିକ୍ଷାର ମାଧମ ଅଟେ।

ପ୍ରତ୍ୟେକଙ୍କୁ ଏସବୁ ମାଧମରେ ନିଜର ଭୂମିକା ନିର୍ବାହ କରିବା ଓ ବିଚାରଶୀଳ ହେବା ନିହାତି ଆବଶ୍ୟକ ରହିଛି। ତେଣୁ ପିଲାମାନଙ୍କୁ ଉଚ୍ଚ ଶିକ୍ଷା ବା ଶିକ୍ଷିତ କରିବା ପ୍ରୟାସ ପ୍ରତି ଓ ଶିକ୍ଷା ଦାନ ପ୍ରକ୍ରିୟା ପ୍ରତି ଧ୍ୟାନ ଦେବାକୁ ପଡିବ। ଏସବୁ ପ୍ରତି ଦୃଷ୍ଟି ଦିଆନଗଲେ ଶିକ୍ଷା ବ୍ୟବସ୍ଥା ସଂପୂର୍ଣ୍ଣ ଭୁଷୁଡି ଯିବ। କାରଣ ଏମାନଙ୍କ ଭିତରେ ବୈଜ୍ଞାନିକ, ଇଂଜିନିୟର, ଡାକ୍ତର, ଚିତ୍ରକର, ଆଇଏଏସ୍, ରାଜନେତା, ବିଦ୍ୟାଳୟର ଶିକ୍ଷକ ଠାରୁ ଆରମ୍ଭ କରି ସୁନ୍ଦର ଗୃହିଣୀ, ନୃତ୍ୟ ଶିଳ୍ପୀ, ଗାୟିକା ଆଦି ଲୁଚି ରହିଛନ୍ତି। ପ୍ରତ୍ୟେକଙ୍କୁ ଏସଂପର୍କରେ ବିଚାର କରିବା, ଯୋଗଦାନ ଦେବା ଅଭିଭାବକ/ ପିତାମାତାଙ୍କ ମୁଖ୍ୟ କାମ। ବିଦ୍ୟାଳୟରେ ଯାହା ସବୁ ବିଚାର ବିମର୍ଶ ହୁଏ, ସେ ସବୁ ମାନି ନେବାକୁ ହେବ।

ଗ୍ରାମାଞ୍ଚଳରେ ଅନେକ ଅଶିକ୍ଷିତ ଅଭିଭାବକ କିଛି ନବୁଝି ବାକ୍ ବିତଣ୍ଡା ଅଯଥା ଯୁକ୍ତି ତର୍କ କରନ୍ତି। ବୁଝନ୍ତି ନାହିଁ ଯାହା କିଛି କୁହାଯାଇଛି, ସେସବୁ କେବଳ ପିଲାମାନଙ୍କ ଭଲ ପାଇଁ। ତେଣୁ ଭଲ ଉଦ୍ଦେଶ୍ୟ ରହିତ ବିଦ୍ୟାଳୟରେ ଅଭିବାବକଙ୍କ ଏସବୁ କ୍ଷେତ୍ରରେ ଭୂମିକା କଣ ସେ ସଂପର୍କରେ ସେମାନଙ୍କୁ ସମକ୍ୟ ଧାରଣା ଦେବା, ବାରମ୍ବାର ସୂଚନା ଦେବା ଅପରିହାର୍ଯ୍ୟ ମନେହୁଏ। ଏକଥା ସତଯେ ଅଭିଭାବକମାନେ କେବେ ଜାଣିନାହାନ୍ତି ବା ଜାଣିବାର ଆଗ୍ରହ କେବେବି ପ୍ରୟାସ କରି ନାହାନ୍ତି, ସେମାନଙ୍କ ପିଲାମାନଙ୍କ ପ୍ରତି ବିଦ୍ୟାଳୟରେ କଣ ଚାଲିଛି।

କ'ଣ ପାଇଁ ପିଲା ବିଷର୍ଣ୍ଣ ରହୁଛି, ନିର୍ଯାତନାର ଶିକାର ହେଉଛି, ଅଘଟଣ ଘଟି ମୃତ୍ୟୁବରଣ କରୁଛି ? ଆବାସିକ ବିଦ୍ୟାଳୟରେ ରହୁଥିବା ପିଲାଙ୍କ ପ୍ରତି କିପ୍ରକାର ବ୍ୟବହାର କରାଯାଉଛି, ସେମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ପ୍ରତି ଉପଯୁକ୍ତ ଦୃଷ୍ଟି ଦିଆଯାଉଛି, ସେମାନଙ୍କ ଭବିଷ୍ୟ କିପରି ଗତିମୁଖର ହେଉଛି ବା ହେବାକୁ ଯାଉଛି ନିରକ୍ଷର ହେଲେବି ପ୍ରତ୍ୟେକ ଅଭିଭାବକଙ୍କ ଜାଣିବାର ଅଧିକାର ରହିଛି।

ଏପରିକି ପ୍ରତ୍ୟେକ ପିତାମାତା ପ୍ରଥମେ ବୁଝିବା ଆବଶ୍ୟକ ବିଦ୍ୟାଳୟରେ ଦିଆଯାଉଥିବା ଶିକ୍ଷା ଶିଶୁର ଭବିଷ୍ୟତ ପ୍ରତି ଯେଭଳି କ୍ଷତି/ହାନି ନଆସୁ। ବିଚାର କରାଯାଇପାରେ ଆଜିର ସମୟରେ ଅଭିଭାବକ ମାନେ ନିଜର ଶିଶୁମାନଙ୍କ ପ୍ରତି କେତେ ଯତ୍ନଶୀଳ ଓ ସମୟ ଦେଇ ପାରୁଛି, ବିଚାର କଲେ ବୋଧହୁଏ ଫଳ ଶୂନ ହେବ। ପିଲାଙ୍କ ଭବିଷ୍ୟତ ପ୍ରତି କେତେ ଚିନ୍ତା କରୁଛନ୍ତି ବା ଅନୁଭବଶୀଳ ଅଛନ୍ତି।

ଏସଂପର୍କରେ ଅନେକ କଥା କୁହାଯାଇ ପାରେ। ନାମ ଲେଖି ସାରିବା ପରେ ଯଦି ଅଭିଭାବକଙ୍କ କର୍ତ୍ତବ୍ୟ ଶେଷ ହୋଇଯାଏ, ତେବେ ପିଲାଙ୍କ ଗତିବିଧିକୁ କିଏ ବା ଲକ୍ଷ୍ୟ ରଖିବ ! କେବେ ଶିକ୍ଷକ ଓ ଅଭିଭାବକ ମିଳିତ ହୋଇ ଶିଶୁର ଦୁର୍ବଳତା ଉପରେ ଆଲୋଚନା କରନ୍ତି ନାହିଁ। ପ୍ରତ୍ୟେକ ଅଭିଭାବକ କେବଳ ନିଜ ଶିଶୁର ଶିକ୍ଷା ପାଇଁ ପରିଶେଷରେ ଶିଶୁର ଅସଫଳରେ ବିଦ୍ୟାଳୟକୁ ଦାୟୀ କରି ନିଜର ଦାୟିତ୍ୱ / କର୍ତ୍ତବ୍ୟ ଭୁଲି ଯାଆନ୍ତି। କେବଳ ଏମାନେ ବିଦ୍ୟାଳୟ ଉପରେ ଭରସା କରି ଛାଡି ଦିଅନ୍ତି। ତେଣୁ ଶିକ୍ଷାର ଭବିଷ୍ୟ ଅଭିଭାବକ ଓ ସମୁଦାୟ ସଦସ୍ୟଙ୍କ ଓ ପ୍ରତ୍ୟେକଙ୍କର ମଧ ସକ୍ରିୟ ଅଂଶଗ୍ରହଣକୁ ଅପେକ୍ଷା ରଖେ। ଅନେକ ଆବାସିକ ବିଦ୍ୟାଳୟ/ ମହାବିଦ୍ୟାଳୟ ପିଲାଙ୍କ ଭବିଷ୍ୟତ ନେଇ ଖେଳ ଖେଳୁଛନ୍ତି, ବିଭିନ୍ନ ପ୍ରଲୋଭନ ଦର୍ଶାଇ ମୋଟା ଅର୍ଥ ଆଦାୟ କରୁଛନ୍ତି।

ଏହି ବ୍ୟବସ୍ଥାର ପ୍ରମାଣ ଥରେ ଯେକେହି ସୁସ୍ଥ ମନରେ ବିଚାର କଲେ ଜାଣି ପାରିବ। ବିଶେଷ କରି ବିକେତ୍ରା ଯେଭଳି ଗ୍ରାହକ ଆଖିରେ ଅନ୍ଧ ପୁଟୁଳି ବାନ୍ଧି ଠକିବାକୁ ଚାହେଁ, ଆଜିର ଶିକ୍ଷା ବ୍ୟବସ୍ଥାରେ ତାହାହିଁ ଘଟୁଛି। ଆଜିର ଶିଶୁ ଲେଖିବା, ପଢ଼ିବା ଓ ଗଣିବା ଶିଖିଗଲେ, ଦକ୍ଷତା ଆଣିଲେ ଜାତି, ଦେଶ, ପୃଥିବୀର ବିକାଶ ଯେ ଘଟିବ, ଏବେ ଆମର ବୁଝିବାର ଯଥେଷ୍ଟ ଆବଶ୍ୟକ ପ୍ରୟୋଜନ ଅଛି।

ଶିକ୍ଷାର ଅର୍ଥ ବିଷୟରେ ବିଶେଷ ଜ୍ଞାନ ଦେବା ଅନୁଶାସନ ଓ ଚରିତ୍ରର ବିକାଶ କରିବା ମାତ୍ର ନୁହେଁ କି ଉପଯୁକ୍ତ ଅନୁଶାସନ ଓ ଚାରିତ୍ରିକ ବିକାଶରେ ସୀମିତ ନୁହେଁ। ଉପଯୁକ୍ତ ଶିକ୍ଷାଦାନ କରୁଥିବା ବ୍ୟକ୍ତି ତପସ୍ୟା ଭଳି କଠିନ ପରିଶ୍ରମ କରେ, ନୂଆ ନୂଆ ଦୃଷ୍ଟି କୋଣ ନେଇ କାର୍ଯ୍ୟ କରେ। ଫଳତଃ ନୂତନ ଜ୍ଞାନର ବିକାଶ ଘଟେ। ଜୀବନ ଓ ପ୍ରକୃତି ପ୍ରତି ନୂତନ ଆଶାର ବିକାଶ ଘଟେ। ଆତ୍ମ ପ୍ରକୃତିରୁ ମୁକ୍ତି ମିଳିଥାଏ । ସାର୍ବଜନୀନ ଚେତନାର ବିକାଶ ଘଟେ। ଧ୍ୟାନ ରଖିବାକୁ ହେବ ଯେ ଆଜିର ସମୟ ଅନିବାର୍ଯ୍ୟ ସତ୍ୟ। ଶିକ୍ଷାର ଭବିଷ୍ୟତ ଉଦ୍ଦେଶ୍ୟ ପ୍ରାପ୍ତି ପାଇଁ ବିଶେଷ ଜ୍ଞାନ ଭିତରେ ସୀମିତ ନରହୁ।

ଏହାର ସାମାଜିକ ଓ ଭାବାତ୍ମକ ଓ ନୈତିକ ଭାବ ସହ ଗୁଣ ସହ ଯୋଡିବାର ଜରୁରୀ ଆବଶ୍ୟକ ରହିଛି, ଯାହାଦ୍ୱାରା ଭବିଷ୍ୟତ ପିଢିର ବିଶ୍ୱାସ ପ୍ରେମ, ସହଯୋଗ ଓ ଆତ୍ମୀୟତାରେ ଭରିଯିବ। ଏହା କେବଳ ବ୍ୟକ୍ତିର କ୍ଷମତାକୁ ଜାଗରିତ କରିବା ସହ ତାର ଜୀବନକୁ ସଂପୂର୍ଣ୍ଣତାର ସହ ବଞ୍ଚିବାର ପ୍ରେରଣା ଓ ଖୋରାକ ଦେବ, ଏହାସହ ଜୀବନର ମୂଲ୍ୟବୋଧକୁ ପୋଷଣ କରିବ। କହିବା ବାହୁଲ୍ୟ ମାନିବା ଓ ସହିବା ନ ରହିଲେ ସୁନ୍ଦର ସମାଜ ଗଠନ ଅସମ୍ଭବ ହୋଇଯିବ। ଆମ ଶିକ୍ଷା ଦାନର ଓ ଗ୍ରହଣର ମୂଲ୍ୟ ରହିବ ନାହିଁ। ବାସ୍ତବରେ ଏହି ଲକ୍ଷ୍ୟ ସ୍ୱାଭାବିକ ଭାବ ରଖିବା ସହ ବ୍ୟକ୍ତିର ଓ ସମାଜ ଜୀବନକୁ ଖୁସି ଭରି ଦେବ, ଏଭଳି ବିଶ୍ୱାସ ରହୁ। ଏହାହିଁ ହେଉ ଆଜିର ଦିବସରେ ସବୁରି କାମ୍ୟ। ଜୟ ଜଗନ୍ନାଥ, ବନ୍ଦେ ଉତ୍କଳ ଜନନୀ...!!!

**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪**
**ମୋବାଇଲ୍: ୯୦୪୦ ୧୫୧୪୭୫**

# ଐନ୍ଦ୍ରଜାଲିକ ସଂସାର

**ସୌର ଚନ୍ଦ୍ର ମହାପାତ୍ର**



ଆମେମାନେ ସବୁ କୁହୁକ ବିଦ୍ୟା ଯାହାକୁ ଇନ୍ଦ୍ରଜାଲ, ଭୋଜ ବିଦ୍ୟା କୁହାଯାଏ, ଦେଖିଥାଉ। ପଲକ ମାତ୍ରକେ ଆମ ଆଗରେ ମୁହୂର୍ତ୍ତକ ମଧ୍ୟରେ ଆମ୍ବ ଗଛଟିଏ ଠିଆ କରିଦେବା ଘଟଣାକୁ ଅନେକ ସାମ୍ନା କରିଥାଉ। ବାସ୍ତବରେ ମୂଳକଥା ହେଉଛି ଏ ସଂସାର ମଧ ମନ ବୋଲି ଗୋଟିଏ ଐନ୍ଦ୍ରଜାଲିକର ସୃଷ୍ଟି। ମାଟିରୁ ମାଠିଆ, ପଲମ, ଠେକି ଆଦି ନାନା ପ୍ରକାର ଘଟ ତିଆରି ହୁଏ। ସେଗୁଡ଼ିକ ଭାଙ୍ଗିଗଲେ ପୁଣି ମାଟିରେ ମିଶି ମାଟି ହୋଇଯାଏ। ସେହିପରି ଏ ସମଗ୍ର ସଂସାର ନିରାକାର ସଚ୍ଚିଦାନନ୍ଦଙ୍କ ଠାରୁ ହିଁ ମନର ଅବିଦ୍ୟା ଓ ଅଜ୍ଞାନରୁ ସାକାର ଭାବରେ କିଛି ସମୟ ପାଇଁ ପ୍ରକାଶିତ ହୁଏ। ଏସବୁ ନାମ ଓ ରୂପ ଗ୍ରହଣ କରିବାରୁ କେତେକ ବସ୍ତୁ ଆମର ଦରକାରରେ ଆସେ, ଆଉ କେତେକ ଦରକାର ହୁଏ ନାହିଁ। ମାତ୍ର ସମସ୍ତ ରୂପ ସେହି ବ୍ରହ୍ମରୂପ, ସମସ୍ତେ ବ୍ରହ୍ମ। ଏହି ତତ୍ତ୍ୱରେ ଚିତ୍ତକୁ ସ୍ଥିର କର। ଆମେ ଜଣେ ଜଣେ ନିଜେ ଯେ ପରଂବ୍ରହ୍ମ ସ୍ୱରୂପ ସବୁବେଳେ ଏହି ଭାବନାରେ ମଜ୍ଜି ରହିବା ଉଚିତ। ଏହା ହିଁ ଆମ ମାନଙ୍କୁ ଜ୍ଞାନ ଲାଭ ପ୍ରଦାନ କରିପାରିବ। ଐକ୍ୟ ଜ୍ଞାନ ଯାହା ଶିକ୍ଷା ଦିଏ, ତାହାକୁ ଅଦ୍ୱୈତ କୁହାଯାଏ। ଯେଉଁ ତତ୍ତ୍ୱ ପ୍ରେମିକ ଓ ପ୍ରିୟବସ୍ତୁ ବା ଜୀବ ଓ ବ୍ରହ୍ମ ଅଲଗା ଅଲଗା ବୋଲି କହେ ତାହା ଦ୍ୱୈତ। ଯେଉଁ ବାଦ ପ୍ରେମ, ପ୍ରେମିକ ଓ ପ୍ରିୟବସ୍ତୁ ବା ପ୍ରକୃତି, ଜୀବ ଓ ବ୍ରହ୍ମ ତିନୋଟି ଯାକ ବିଭିନ୍ନ ବୋଲି ବିଶ୍ୱାସ କରେ ତାହା ବିଶିଷ୍ଟାଦ୍ୱୈତ। ମାତ୍ର ପ୍ରକୃତରେ ତିନୋଟିଯାକ ଏକ। ଯେଉଁ ଶିଶୁଟି ଜନ୍ମ ହୁଏ, ସେ ଦିନେ କିଶୋର, ପୁଣି ପରେ ଗୃହସ୍ଥ ହୁଏ। ମାତ୍ର ଶିଶୁ, କିଶୋର ଓ ଗୃହସ୍ଥ ସେହି ଏକ ମନୁଷ୍ୟ ନୁହେଁ କି? ଟିକିଏ ମନେ ପକାନ୍ତୁ ଆମେ ନିତିଦିନିଆ ଜୀବନରେ କ୍ଷୀର ବ୍ୟବହାର କରିଥାଉ। ଏହି କ୍ଷୀରରୁ ଲହୁଣୀ ଓ ଦହି ମଧ ବାହାରି ଥାଏ। ତେବେ କ୍ଷୀର ମଧ୍ୟରେ ଏ ସମସ୍ତ ଥିବାରୁ ଏହା ହେଲା ଅଦ୍ୱୈତ। ତାପରେ ଲହୁଣୀରେ ଦ୍ୱିବିଧ ବସ୍ତୁ ଥିବାରୁ ତାହା ହେଲା ଦ୍ୱୈତ। ଦହି ହେଲା ବିଶିଷ୍ଟା ଦ୍ୱୈତ। କ୍ଷୀର, ଲହୁଣୀ ଓ ଦହିର ସ୍ୱାଦ ଅଲଗା ହେଲେ ମଧ ଏଗୁଡ଼ିକର ରଙ୍ଗ ସମାନ। ସମସ୍ତ ଭିତରେ ବ୍ୟାପ୍ତ ଏହି ଏକ ରଙ୍ଗ ହେଲା ନିର୍ଗୁଣ ବ୍ରହ୍ମ। ଐକ୍ୟ ନିମନ୍ତେ ଈଶ୍ୱରଙ୍କ ସହ ଆମ୍ଭେମାନେ ଆକୁଳ ନ ହୋଇ ଚାହିଁବା ଉଚିତ ଯେ ପ୍ରଭୁଙ୍କର ଇଚ୍ଛାରେ ଅଧୀନ ହୋଇ ମନପ୍ରାଣ ଦେଇ ତାଙ୍କର ସେବା କରିବ ଏବଂ ସେ କଳ୍ପନା କରିଥିବା ପ୍ରଭୁଙ୍କ ରୂପର ମାଧୁର୍ଯ୍ୟ ଆସ୍ୱାଦନ କରିବ। ପରମେଶ୍ୱର କୃପାଶୀଳ ହୋଇ ତାକୁ ସାଯୁଜ୍ୟ ମୁକ୍ତି ମଧ ପ୍ରଦାନ କରନ୍ତି। ଭକ୍ତିମାର୍ଗର ପରିଣତି ବ୍ରହ୍ମଜ୍ଞାନପ୍ରାପ୍ତି। ଭକ୍ତ କାମନା ନକଲେ ମଧ ଭଗବାନ ସ୍ୱତଃ ଏହା ତାକୁ ଦେଇଥାନ୍ତି। କୃପାମୟଙ୍କ ଏହି ଦିବ୍ୟ ଆଶୀର୍ବାଦ ଆମ ସମସ୍ତଙ୍କ ଜୀବନକୁ ଆଧାତ୍ମିକ ଉପଲବ୍ଧିରେ ପୂରଣ କରିଦିଏ।

ବରିଷ୍ଠ ଆଇନଜୀବୀ ଓ ସଭ୍ୟ, ରାଜ୍ୟ ଆଇନ କମିଶନ, ଓଡ଼ିଶା
**ହାଇକୋର୍ଟ, କଟକ, 'ସତ୍ୟାଳୟ' ପ୍ଲଟ ନଂ-୧୦୮୭/ଡି, ସେକ୍ଟର-୬, କଟକ, ମୋବାଇଲ୍: ୯୪୩୭୦୦୪୪୬୬**

# ଅନ୍ତିମ ବ୍ୟକ୍ତିର ସଂକଳ୍ପ ଥିଲା ବନ୍ଦେ ମାତରମ୍



**ଗୋପାଳ ମହାପାତ୍ର**

ଦେଢ଼ ଶହ ବର୍ଷପୂର୍ବେ ବନ୍ଦେ ମାତରମ୍ ଗୀତ ଲେଖିଲାବେଳେ ବଙ୍କିମ୍ ଚନ୍ଦ୍ର ଚଟୋପାଧ୍ୟାୟ ଏବଂ ୧୮୯୬ରେ ବିଶ୍ୱ କବି ରବୀନ୍ଦ୍ରନାଥ ଠାକୁର ଏହି ଗୀତ ବୋଲିଲାବେଳେ କେବେ କଳ୍ପନା କରିନଥିଲେ ଯେ, ଏହି ଗୀତକୁ ନେଇ ରାଜନୈତିକ ବିବାଦ ସୃଷ୍ଟି ହେବ। ଏପରିକି ମହର୍ଷି ଅରବିନ୍ଦ, ମହାତ୍ମାଗାନ୍ଧୀ ଏବଂ ନେହେରୁ ମଧ ଏଭଳି ଆଶା କରିନଥିଲେ। ଏହି ମହାପୁରୁଷମାନେ କେବେ ଭାବିନଥିଲେ ଯେ ସ୍ୱାଧୀନ ଭାରତରେ ଏଭଳି ଏକ ସମୟ ଆସିବ ଯେତେବେଳେ ସତ୍ୟ ଓ ସ୍ୱଦେଶୀକୁ ଅଣଦେଖା କରାଯାଇ ବନ୍ଦେ ମାତରମ୍ ଉପରେ ବିବାଦ ସୃଷ୍ଟି ହେବ। ଏମାନଙ୍କ ପାଇଁ ଏହି ଗୀତ ସତ୍ୟ, ସ୍ୱାଭିମାନ, ସ୍ୱତନ୍ତ୍ରତା ଏବଂ ସ୍ୱଦେଶୀ ଆତ୍ମାର ସଙ୍ଗୀତ ଥିଲା। ଏହି ଗୀତ ସେତେବେଳେ ରାଷ୍ଟ୍ରଭକ୍ତ ମାନଙ୍କର ସତ୍ୟ, ପ୍ରତିଜ୍ଞାର ସଂକଳ୍ପ ଥିଲା। ଭାରତମାତାଙ୍କ ରକ୍ଷାସହ ତାଙ୍କ ଗାରିମାରେ ସ୍ୱଦେଶୀ ଆପଣେଇବାର ପ୍ରଣ ଥିଲା। •ଲି ଚଳଣୀ, ଚେହେରା, ଚରିତ୍ରରେ ସତ୍ୟ ସ୍ୱାଭିମାନର ଝଲକ ଥିଲା। ଲର୍ଡ଼ କର୍ଜନ ୧୯୦୫ ଯେତେବେଳ ବଙ୍ଗଳାର ବିଭାଜନ ପାଇଁ ନିଷ୍ପତ୍ତିନେଲେ ସେତେବେଳେ ଏହି ଗୀତ ସବୁ ରାଷ୍ଟ୍ରବାଦୀଙ୍କ ମନମସ୍ତିଷ୍କରେ ଗୁଞ୍ଜରୀ ଉଠିଥିଲା। କଂଗ୍ରେସର ନରମପନ୍ଥୀ ଓ ଗରମପନ୍ଥୀ, କ୍ରାନ୍ତୀକାରୀ ଅଥବା ସତ୍ୟାଗ୍ରହୀ ସମସ୍ତଙ୍କ ମଧ୍ୟରେ ସତ୍ୟ, ସ୍ୱାଭିମାନ, ସ୍ୱରାଜ, ସ୍ୱଦେଶୀର ସଂକଳ୍ପ ଥିଲା। ସ୍ୱଦେଶୀ ଆନ୍ଦୋଳନ ହେଲା। ବହିଷ୍କାର ଆନ୍ଦୋଳନ ହେଲା। ଆନ୍ଦୋଳନକାରୀମାନେ କପାମିଲ୍ ଜାଳିଦେଲେ, ଚରଖା ଚଳାଇବା ଆରମ୍ଭ ହେଲା। ବିଦେଶୀ କପଡ଼ାକୁ ବହିଷ୍କାର କରାଗଲା। ସେ ସମୟରେ ମହାତ୍ମାଗାନ୍ଧୀ କହିଥିଲେ "ସ୍ୱଦେଶୀ ସତ୍ୟର ଅଭ୍ୟାସ ଅଟେ। ଯେଉଁ ରାଷ୍ଟ୍ର ନିଜର ଆବଶ୍ୟକତା ପାଇଁ ପରାଶ୍ରୀତ ହୁଏ ସେ ଦେଶ କେବେ ସ୍ୱାଧୀନ ହୋଇପାରେନାହିଁ" ବନ୍ଦେ ମାତରମ୍ ରାଷ୍ଟ୍ରର ସ୍ୱଦେଶୀ ଆଗ୍ରହଥିବା ଚଳଣୀ, ଚେହେରା ଓ





ଚରିତ୍ରର ପର୍ଯ୍ୟାୟ ଅଟେ। ଏହା ଦେଖେଇହେବା ରାଷ୍ଟ୍ରବାଦ ତଥା ହିନ୍ଦୁ ମୁସଲିମ ବିବାଦକୁ ପ୍ରୋତ୍ସାହିତ କରୁଥିବା ଗୀତ ନୁହେଁ। ଏଣୁ ରାଷ୍ଟ୍ରଗୀତର ପ୍ରଚାରାତ୍ମକ ଉପଯୋଗ କରାଯିବା ଉଚିତ୍ ନୁହେଁ। ବିଶେଷକରି ଆଜିର ସମୟରେ ଯେତେବେଳେ ବନ୍ଦେ ମାତରମ୍‌ର ସତ୍ୟତତ୍ତ୍ୱ ବିଲୁପ୍ତ ପ୍ରାୟ। ନା ସତ୍ୟ କାହାରିକୁ ପସନ୍ଦ ନା ବ୍ୟବହାରରେ ଶାଳୀନତା ଅଥବା ସ୍ୱାଭିମାନ ଗୁରୁତ୍ୱ ଏବେ ରହିଛି।

୨୦୨୫ରେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଭାରତର ଅନେକ ବଦନାମ କରିଛନ୍ତି କିନ୍ତୁ ଆମ ଦେଶର ପ୍ରଧାନମନ୍ତ୍ରୀ ଥରେ ବି ସେସବୁର ପ୍ରତିବାଦ କରିନାହାନ୍ତି। ଚୀନ ସୀମରେ ତାର ଦାଦାଗିରି ଚଳାଇଛି କିନ୍ତୁ ସେସବୁକୁ ଅଣଦେଖା କରାଯାଇ ଓଲଟା ଚୀନ ପାଇଁ ଭାରତ ବଜାରକୁ ଖୋଲିଦିଆଯାଇଛି। ନିଜକୁ ରାଷ୍ଟ୍ରବାଦୀ କହୁଥିବା ଲୋକେ ହୁଏତ କହିପାରନ୍ତି ବନ୍ଦେ ମାତରମ୍ ମାତୃଭୂମୀର ପୂଜାମାତ୍ର, ଏଣୁ ସ୍ୱଦେଶୀ, ସ୍ୱତନ୍ତ୍ରତା, ସତ୍ୟ ଆତ୍ମ ନିର୍ଭରତା ଆଦି କଥାର କ'ଣ ଅର୍ଥ ଅଛି ଆଜିର ଭୂମଣ୍ଡଳୀକରଣ ଯୁଗରେ ଯାହା ଭାରତକୁ ବଜାର ହେବାରେ ଅନ୍ୟଅର୍ଥରେ ବିକଶିତ ଭାରତହେବାର ବାଧାସୃଷ୍ଟି କରିବ। କିନ୍ତୁ ବଙ୍କିମଚନ୍ଦ୍ର, ରବୀନ୍ଦ୍ରନାଥ, ଅରବିନ୍ଦ, ଗାନ୍ଧୀ, ନେହେରୁ ଏପରିକି ସାବରକର ଏବଂ ଗୋଲବାଲକରଙ୍କ ମନରେ ଏଭଳି ଭ୍ରମ ନଥିଲା। ଗାନ୍ଧୀ କହିଥିଲେ ସ୍ୱଦେଶୀ କେବଳ ଅର୍ଥଶାସ୍ତ୍ର ନୁହେଁ ନିଜ କର୍ତ୍ତବ୍ୟର ଶୁଦ୍ଧତମ ରୂପ ଏବଂ ସତ୍ୟର ଅଭ୍ୟାସ ଅଟେ। ନେହେରୁ ସମ୍ବିଧାନ ସଭାର ବୈଠକରେ କହିଥିଲେ ସ୍ୱଦେଶୀର ଅର୍ଥ ସମସ୍ତଙ୍କ ପାଇଁ ଦରଜା ବନ୍ଦ କରିବା ନୁହେଁ ବରଂ ମୂଳଦୁଆକୁ ମଜଭୁତ କରିବା। ଏବେ ବନ୍ଦେ ମାତରମ୍ କୁ ନେଇ ରାଜନୀତି ସହ କାହାର ମୂଳଦୁଆ ମଜଭୁତ କରାଯାଉଛି? କ'ଣ ଚୀନର ନା ସେହି ବଜାରର ନା ଭାରତର ସେହି କଛିଲୋକଙ୍କର ଯେଉଁମାନେ ବିଦେଶୀ ଉଦ୍ୟୋଗୀମାନଙ୍କ ପାଇଁ ଭାରତରେ ମୂଳଦୁଆ ହୋଇ ରହିଛନ୍ତି।

୧୮୯୬ରେ ରବୀନ୍ଦ୍ରନାଥ ଠାକୁର ବନ୍ଦେ ମାତରମ୍ ଗୀତକୁ ସ୍ୱଦେଶୀ ଆତ୍ମାର ସଙ୍ଗୀତ ବୋଲି କହିଥିଲେ। ଏହାର ଅର୍ଥ ଭାରତମାତାର ପ୍ରଣାମରେ ମାଟି, କୃଷକ, କାରିଗର, ଶ୍ରମ ଏବଂ ସେହି ସ୍ୱଦେଶୀ ଆତ୍ମ ନିର୍ଭରତାର କଥା ଥିଲା। ଶହ ଶହ ବର୍ଷ ହେବ ଭାରତ ମଧ ଏମିତି •ଲୁଥିଲା ଯେଉଠି ମାଟି, କୃଷକ, କାରିଗର, ଶ୍ରମ ର କଥା ଥିଲା। କିନ୍ତୁ ଏବେ ଦେଶ ଏକ ବଜାରରେ ପରିଣତ ହୋଇଯାଇଛି। ବଜାର କାହାର? ଭାରତୀୟ ବଜାରର ପଚାଶ ପ୍ରତିଶତରୁ ଅଧିଖ ବସ୍ତୁ ଚୀନର। ଏହା କ'ଣ ଆମ ସ୍ୱତ୍ତ୍ୱ ପାଇଁ ଆଘାତ ନୁହେଁ କି? ଭାରତ ବଜାରକୁ ଚୀନ ର ଇଲୋକ୍ଟ୍ରୋନିକ ଉତ୍ପାଦ ଏକପ୍ରକାର ଅଧିକାର କରି ନେଇଛି। କେବଳ ଚୀନ ନୁହେଁ ଦକ୍ଷିଣକୋରିଆ, ଭିଏତନାମ ଏବଂ ଆସିୟାନ ଦେଶମାନଙ୍କର ଜିନିଷ ଭାରତ ବଜାରରେ ଭର୍ତ୍ତି ହୋଇ ରହିଛି। ଭାରତରେ ଔଷଧ ର ଏପିଆଇ ଅର୍ଥାତ୍ ଔଷଧ ଉଦ୍ୟୋଗର ମୂଳଦୁଆ ୬୫ରୁ ୭୦ପ୍ରତିଶତ ଚୀନର ସହଯୋଗରେ ଠିଆ ହୋଇଛି। ଚିନ୍ତାକରିବା ଉଚିତ୍ କ'ଣ ଏଭଳି ପରାଶ୍ରିତ ଦେଶ ଅନ୍ୟ କିଏ ଅଛି କି ? ଏଥିରେ ଯଦି ସେନାର ସାଜ ସରଞ୍ଜାମ, ଉଚ୍ଚ ବୈଷୟିକ ଜ୍ଞାନ କୌଶଳଠାରୁ ଆରମ୍ଭ କରି ସାମାଜିକ ଗଣମାଧମ ପ୍ଲାଟଫର୍ମ ଆଦିର ହିସାବ ଯୋଡ଼ାଯିବ ତେବେ ଚିତ୍ର ଆହୁରି ଭୟାବହ ଦେଖାଯିବ। କ'ଣ ବଙ୍କିମଚନ୍ଦ୍ର, ରବୀନ୍ଦ୍ରନାଥ, ଅରବିନ୍ଦ, ଗାନ୍ଧୀ ଓ ନେହେରୁ ଙ୍କ ଭଳି ମହାମନିଷୀମାନେ ଏଭଳି ଭାରତର କଳ୍ପନା କରି ବନ୍ଦେ ମାତରମ୍ ଗାଇଥିଲେ ? ବନ୍ଦେ ମାତରମ୍ ସ୍ୱାଧୀନତା ସଂଗ୍ରାମ ସହ ଅନ୍ତିମ ବ୍ୟକ୍ତି ର ମର୍ଯ୍ୟାଦା ଓ ରୋଜଗାର ର କଥା କହୁଥିଲା। ଏଥିରେ ସ୍ୱଦେଶୀ ର ଜିଦ୍ ଥିଲା। ଗାନ୍ଧୀ ଚରଖାରେ ସୂତା କାଟୁଥିଲେ। ସେତେବେଳେ ଅନ୍ତିମ ବ୍ୟକ୍ତିର ଗୁରୁତ୍ୱ ଥିଲା। ଏଂ ଭାରତର ପରିଚୟରେ ଥିଲେ ସାଧାରଣ ଭାରତୀୟ ଜନତା। ଆଉ ଏବେ?

**ରାଚନ୍ଦ୍ରପୁର, ରଣପୁର, ମୋବାଇଲ୍: ୯୪୩୮୪୮୫୦୯୪**



## ଜୋର୍ଡାନରେ ପ୍ରଧାନମନ୍ତ୍ରୀ ମୋଦି

**ନୂଆଦିଲ୍ଲୀ,୧୫।୧୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଦୁଇଦିନିଆ ଗସ୍ତରେ ଜୋର୍ଡାନରେ ପହଞ୍ଚିଛନ୍ତି। ଆରବ ଦେଶ ସହିତ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜବୁତ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ। ଜୋର୍ଡାନର ପ୍ରଧାନମନ୍ତ୍ରୀ ଜାଫର ହାସନ ନିଜେ ଅମ୍ମାନ ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସ୍ୱାଗତ କରିଥିଲେ। ରାଜା ଅବଦୁଲ୍ଲାଙ୍କ ନିମନ୍ତ୍ରଣରେ ପ୍ରଧାନମନ୍ତ୍ରୀ ମୋଦି ଜୋର୍ଡାନ ଗସ୍ତରେ ଅଛନ୍ତି। ଭାରତ ଏବଂ ଜୋର୍ଡାନ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନର ୭୫ ବର୍ଷ ପୂରଣ ହୋଇଛି। ପ୍ରଧାନମନ୍ତ୍ରୀ ମୋଦି ଜୋର୍ଡାନର ଅମ୍ମାନର ଏକ ହୋଟେଲରେ ପହଞ୍ଚିବା ପରେ ଭାରତୀୟ ସମୁଦାୟର ସଦସ୍ୟମାନେ ତାଙ୍କୁ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଚାରିଦିନିଆ ତିନି ରାଷ୍ଟ୍ର ଗସ୍ତର ପ୍ରଥମ ରହଣି ହେଉଛି ଜୋର୍ଡାନ। ପରେ ସେ ଇଥିଓପିଆ ଏବଂ ଓମାନ ଗସ୍ତ କରିବେ। ପ୍ରଧାନମନ୍ତ୍ରୀ ମୋଦି ଆଜି କିଙ୍ଗ ଅବଦୁଲ୍ଲାଙ୍କୁ ବ୍ୟକ୍ତିଗତ ଭାବରେ ଭେଟିବେ। ପରେ ପ୍ରତିନିଧିମଣ୍ଡଳ ସ୍ତରୀୟ ଆଲୋଚନା କରିବେ। ପ୍ରଧାନମନ୍ତ୍ରୀ ମୋଦି ଏବଂ କିଙ୍ଗ୍ ମଙ୍ଗଳବାର ଭାରତ-ଜୋର୍ଡାନ ବ୍ୟବସାୟିକ କାର୍ଯ୍ୟକ୍ରମରେ ଉଦବୋଧନ ଦେବେ। ଏଥିରେ ଉଭୟ ଦେଶର ପ୍ରମୁଖ ବ୍ୟବସାୟୀକ ପ୍ରତିନିଧି ଯୋଗଦେବେ।

### ଦିଲ୍ଲୀର ବିଷାକ୍ତ ବାୟୁ ଉପରେ ସିଜେଆଇଙ୍କ ପ୍ରତିକ୍ରିୟା

# ଧନୀଙ୍କ ପାଇଁ ଦିଲ୍ଲୀ ପ୍ରଦୂଷିତ: ସିଜେଆଇ

**ନୂଆଦିଲ୍ଲୀ ୧୫।୧୨:** ଦିଲ୍ଲୀ-ଏନସିଆରରେ ବିଷାକ୍ତ ବାୟୁ କହର। ତେବେ ମାତ୍ରାଧିକ ପ୍ରଦୂଷଣ ଉପରେ ଚିନ୍ତାପ୍ରକଟ କରିଛନ୍ତି ସିଜେଆଇ। ସେ କହିଛନ୍ତି ଦିଲ୍ଲୀର ପ୍ରଦୂଷଣ ସୃଷ୍ଟିକରିବା ପଛରେ ଧନୀମାନଙ୍କ ହାତ ରହିଛି। ଧନୀମାନେ ସମସ୍ୟା ସୃଷ୍ଟି କରୁଛନ୍ତି, ଗରିବମାନେ କଷ୍ଟ ଭୋଗୁଛନ୍ତି। ବିଶେଷ କରି ଗରିବ ଶ୍ରମିକ ବର୍ଗ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି ଯେ, ଏହି ମାମଲାର ଶୁଣାଣି ବୁଧବାର ହେବ। ତିନିଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ।

ସୋମବାର ଦିନ ସୁପ୍ରିମକୋର୍ଟ କହିଛନ୍ତି ଯେ, ଦିଲ୍ଲୀ-ଏନସିଆରରେ ବାୟୁ ପ୍ରଦୂଷଣ ସ୍ତର ବୃଦ୍ଧିପାଇବା ସମ୍ପର୍କରେ ଏକ ଆବେଦନର ଶୁଣାଣି ଡିସେମ୍ବର ୧୭ରେ କରାଯିବ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ବିପୁଲ ଏମ୍. ପାମଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ବରିଷ୍ଠ ଓକିଲ ଅପରାଜିତା ସିଂହଙ୍କ ଯୁକ୍ତି ଉପରେ ଧ୍ୟାନ ଦେଇଛନ୍ତି। ଯିଏ କୋର୍ଟକୁ ଆମିକସ୍ କ୍ୟୁରି (ଅଦାଲତର ବନ୍ଧୁ) ଭାବରେ ସହାୟତା କରୁଛନ୍ତି। ଶୁଣାଣି ସମୟରେ ଅପରାଜିତା ସିଂହ କହିଛନ୍ତି ଯେ, କୋର୍ଟ ଏନେଇ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରନ୍ତୁ। ରାଜ୍ୟ ସରକାରଗୁଡ଼ିକ ପ୍ରଦୂଷଣ



ମୁକାବିଲା ପାଇଁ ପ୍ରଭାବଶାଳୀ ପଦକ୍ଷେପ ନେବେ ନାହିଁ। ସେ କହିଥିଲେ ଯେ, ପ୍ରଦୂଷଣ ନିୟନ୍ତ୍ରଣ ପ୍ରୋଟୋକଲ୍ ଅଛି, କିନ୍ତୁ ସେଗୁଡ଼ିକୁ ପାଳନ କରାଯାଉନାହିଁ। ଦିଲ୍ଲୀ-ଏନସିଆରରେ ବାୟୁ ପ୍ରଦୂଷଣ ସଙ୍କଟ ପ୍ରତି କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରି ବରିଷ୍ଠ ଆଇନଜୀବୀ କହିଛନ୍ତି ଯେ, ଗତ ମାସରେ ସୁପ୍ରିମକୋର୍ଟ ଡିସେମ୍ବର-ଜାନୁଆରୀ ମାସରେ କ୍ରୀଡା କାର୍ଯ୍ୟକଳାପ ଉପରେ ନିଷେଧ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ତଥାପି ବିଭିନ୍ନ ସ୍ଥାନରେ କ୍ରୀଡା ଇଭେଣ୍ଟ ଆୟୋଜନ କରାଯାଉଛି।

ରାଜ୍ୟ ସରକାରଗୁଡ଼ିକ କୋର୍ଟଙ୍କ ନିର୍ଦ୍ଦେଶକୁ ଏଡ଼ାଇ ଦେବା ପାଇଁ ପଦ୍ଧତି ଏବଂ ଉପାୟ ବ୍ୟବହାର କରୁଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ ବାୟୁ ଗୁଣବତ୍ତା ପରିଚାଳନା କମିଶନ ପୁଣି ଥରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଉଦ୍ଧୃତ କରୁଛି। କିନ୍ତୁ ଭୂମିର ପରିସ୍ଥିତିରେ କୌଣସି ଉନ୍ନତି ଦେଖାଯାଉନାହିଁ। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ପ୍ରତିକ୍ରିୟା ଦେଇଥିଲେ ଯେ, କୋର୍ଟ ସମସ୍ୟା ବିଷୟରେ ସମ୍ପୂର୍ଣ୍ଣ ଅବଗତ ଓ କେବଳ ପ୍ରଭାବଶାଳୀ ଏବଂ କାର୍ଯ୍ୟକାରୀ ଯୋଗ୍ୟ ନିର୍ଦ୍ଦେଶ ପ୍ରଦାନ କରିବେ।

ସିଜେଆଇ କହିଛନ୍ତି ଯେ, କିଛି ନିର୍ଦ୍ଦେଶାବଳୀକୁ କାର୍ଯ୍ୟକାରୀ କରିବା ଆବଶ୍ୟକ। କିନ୍ତୁ ମହାନଗର ଅଞ୍ଚଳର ଲୋକଙ୍କର ନିଜସ୍ୱ ଜୀବନଶୈଳୀ ଅଛି, ଯାହାକୁ ପରିବର୍ତ୍ତନ କରିବା ସହଜ ନୁହେଁ। ମୁଖ୍ୟ ବିଚାରପତି ଏହା ମଧ୍ୟ ମନ୍ତବ୍ୟ ଦେଇଛନ୍ତି ଯେ, ପ୍ରଦୂଷଣ ଗରିବ ଲୋକଙ୍କୁ ସବୁଠାରୁ ଅଧିକ ପ୍ରଭାବିତ କରେ। ଯେତେବେଳେ ଧନୀମାନେ ପ୍ରାୟତଃ ପ୍ରଦୂଷଣ କାର୍ଯ୍ୟକଳାପରେ ଜଡିତ ଥାଆନ୍ତି। ଆମିକସ୍ କ୍ୟୁରି ଅପରାଜିତା ସିଂହ ସହମତ ହୋଇ କହିଛନ୍ତି ଯେ, ଏହି ସଙ୍କଟ ଦ୍ୱାରା ଗରିବ ଶ୍ରମିକମାନେ ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି। ସେ କୋର୍ଟକୁ ଏହା ମଧ୍ୟ ସୂଚନା ଦେଇଛନ୍ତି ପିଲାମାନଙ୍କ ସ୍ୱାସ୍ଥ୍ୟ ପ୍ରସଙ୍ଗରେ ଏକ ପୃଥକ ଆବେଦନ ଦାଖଲ କରାଯାଇଛି। ଏହା ଉପରେ, ସିଜେଆଇ ସ୍ପଷ୍ଟ ଭାବରେ କହିଛନ୍ତି, ଆମେ ସମସ୍ୟା ବିଷୟରେ ଅବଗତ। ଦିଲ୍ଲୀ-ଏନସିଆର ବାୟୁ ପ୍ରଦୂଷଣ ସହିତ ଜଡିତ ଏହି ମାମଲା ଡିସେମ୍ବର ୧୭ରେ ଖଣ୍ଡପୀଠ ସମ୍ମୁଖରେ ଶୁଣାଣି ପାଇଁ ତାଲିକାଭୁକ୍ତ କରାଯିବ।

■ ପହଲଗାମ ଆତଙ୍କବାଦୀ ଆକ୍ରମଣ ମାମଲା

## ଚାର୍ଜସିଟ୍ ଦାଖଲ କଲା ଏନ୍ଆଇଏ



**ନୂଆଦିଲ୍ଲୀ,୧୫।୧୨ :** ପହଲଗାମ ଆତଙ୍କବାଦୀ ଆକ୍ରମଣ ମାମଲାରେ ଆଜି ଚାର୍ଜସିଟ୍ ଦାଖଲ କରିଛି ଜାତୀୟ ତଦନ୍ତକାରୀ ସଂସ୍ଥା। ଜମ୍ମୁର ଏକ ସ୍ୱତନ୍ତ୍ର ଏନଆଇଏ କୋର୍ଟରେ ଚାର୍ଜସିଟ୍ ଦାଖଲ ହୋଇଛି। ୨୦୨୫ ଏପ୍ରିଲ ୨୨ ତାରିଖରେ ପହଲଗାମ ବୈସରନ ଉପତ୍ୟାକାରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ପାକିସ୍ତାନ ଭିତ୍ତିକ ଲସ୍କର-ଏ-ତୋଇବାର ତିନିଜଣ ଆତଙ୍କବାଦୀ ପର୍ଯ୍ୟଟକଙ୍କ ଉପରେ ଆକ୍ରମଣ କରିଥିଲେ। ଏଥିରେ ୨୬ ଜଣଙ୍କର ମୃତ୍ୟୁ ଘଟିଥିଲା। ତା ଭିତରେ ଅଧିକାଂଶ ପର୍ଯ୍ୟଟକ ଥିଲେ। ଆକ୍ରମଣରେ ୧୬ ଜଣ ଆହତ ହୋଇଥିଲେ। 'ଦି ରେଜିଷ୍ଟାନ୍ସ ଫ୍ରଣ୍ଟ' ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ତିନି ଆତଙ୍କବାଦୀ ସୁଲେମାନ ଓରଫ ଫୈଜଲ ଜାଟ୍, ହାମଜା ଆଫଗାନି ଏବଂ ଜିବ୍ରାନ, ଜୁଲାଇ ୨୮ ତାରଖରେ ନିହତ ହୋଇଥିଲେ। ଶ୍ରୀନଗର ନିକଟରେ ଚାଲିଥିବା ଅପରେସନ୍ ମହାଦେବରେ ସୁରକ୍ଷା ବାହିନୀ ଦ୍ୱାରା ନିହତ ହୋଇଥିଲେ। ଜୁନ୍ ୨୦୨୫ରେ, ଏନଆଇଏ ଦୁଇଜଣ ସ୍ଥାନୀୟ ବ୍ୟକ୍ତି ପରଭେଜ୍ ଅହମ୍ମଦ ଜୋଥର ଏବଂ ବଶିର ଅହମ୍ମଦ ଜୋଥରଙ୍କୁ ଗିରଫ କରିଥିଲା। ସେମାନେ ଆତଙ୍କବାଦୀଙ୍କୁ ଆଶ୍ରୟ, ଖାଦ୍ୟ ଏବଂ ଅନ୍ୟାନ୍ୟ ସାହାଯ୍ୟ ଯୋଗାଇଥିଲେ।

● ପରାଜୟ ପରେ ବି ବାମଦଳର ମୁହଁ ଫୁଟାଣି ଯାଇନି

## ମହିଳାଙ୍କୁ ନେଇ ନେତାଙ୍କ ଅରୁଚିକର ମନ୍ତବ୍ୟ

**ଥିରୁବନନ୍ତପୁରମ,୧୫।୧୨:** କେରଳରେ ଶାସକ ସିପିଏମ ନେତୃତ୍ୱାଧୀନ ଏଲଡିଏଫ ମହାନଗର ନିଗମ ନିର୍ବାଚନରେ ଜୋରଦାର ଝଟକା ଖାଇଛି। ଥିରୁବନନ୍ତପୁରମ ମହାନଗର ନିଗମ ନିଜ ନାଁରେ କରିଛି ବିଜେପି। ବାମ ଗଡ଼ରେ ପଦ୍ମ ଫୁଟିବାକୁ ନେଇ ବିଜେପି ଶିବିରରେ ଖୁସି। ସେପଟେ ଗୋଟିଏ ଆସନରେ ବିଜୟୀ ଏଲଡିଏଫର କିନ୍ତୁ ମୁହଁ ଫୁଟାଣି ଛାଡ଼ି ନାହିଁ। ବିଜୟ ଉତ୍ସବ ପାଳନ କରିଛି ଦଳ। ରବିବାର ବିଜୟ ଉତ୍ସବ ରାଲିରେ ସିପିଏମ ନେତା ସୟଦ ଅଲି ମାଜିଦ ମହିଳା ବିରୋଧୀ ମନ୍ତବ୍ୟ ଦେଇ ବିବାଦଘେରକୁ ଆସିଛନ୍ତି।

ଏହି ରାଲିରେ ଶତାଧିକ ବାମପନ୍ଥୀ



ନେତା ଏବଂ ମହିଳା କର୍ମୀ ଉପସ୍ଥିତ ଥିଲେ। ଏହି ସମୟରେ ମାଜିଦ ନିର୍ବାଚନରେ ମହିଳା ପ୍ରାର୍ଥୀଙ୍କୁ ନେଇ ମୁସଲିମ୍ ଲିଗକୁ ଟାର୍ଗେଟ କରିଥିଲେ। ଭୋଟ ପାଇଁ ମହିଳାମାନଙ୍କୁ ବ୍ୟବହାର କରାଯାଇଛି ବୋଲି ସେ ଅଭିଯୋଗ କରିଥିଲେ। ଏପରିକି ବିରୋଧୀ, ମହିଳାଙ୍କୁ ପ୍ରଦର୍ଶନ କରି ଭୋଟ ପାଇଛନ୍ତି ବୋଲି ସେ କହିଥିଲେ। ନେତାଙ୍କ ମୁହଁରୁ ଏଭଳି କଥା ଶୁଣି ଉପସ୍ଥିତ ଲୋକେ ଖୁସିରେ ଝୁମି ଉଠିଥିଲେ। ଏତିକି କହି ସେ ଅଟକିନଥିଲେ। ମହିଳାଙ୍କ ସଂପର୍କରେ ଆହୁରି ଅପମାନସୂଚକ ଶବ୍ଦ ସେ ବ୍ୟବହାର କରିଥିଲେ। ସେ କହିଥିଲେ, 'ମୁଁ ବି ବିବାହ କରିଛି। କିନ୍ତୁ ମୋ ସ୍ତ୍ରୀ ଘରେ ରହୁଛି। କିନ୍ତୁ ଭୋଟ ପାଇବାକୁ ତାଙ୍କୁ ପ୍ରଦର୍ଶନ କରୁନାହିଁ। ସେମାନଙ୍କୁ ଘରେ ରହିବାକୁ ଦିଅ। ମହିଳାଙ୍କ ସହ ଶାରୀରିକ ସଂପର୍କ ରଖିବାକୁ ଏବଂ ପିଲା ଜନ୍ମ କରିବାକୁ ବାହା ହୁଅ। ସେଇଥିପାଇଁ ବିବାହର ପରମ୍ପରା କେଉଁ କାଳରୁ ଚାଲିଆସିଛି। ତାଙ୍କର ଏଭଳି ମନ୍ତବ୍ୟକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

● ମହାରାଷ୍ଟ୍ରର ୨୯ ନିଗମ ପାଇଁ ନିର୍ବାଚନ

## ଜାନୁଆରୀ ୧୫ରେ ନିର୍ବାଚନ



**ନୂଆଦିଲ୍ଲୀ,୧୫।୧୨:** ମହାରାଷ୍ଟ୍ର ରାଜ୍ୟ ନିର୍ବାଚନ ଆୟୋଗ ସୋମବାର ନଗର ନିଗମ ନିର୍ବାଚନ ପାଇ ତାରିଖ ଘୋଷଣା କରିଛନ୍ତି। ବିଏମସି ସମେତ ରାଜ୍ୟର ୨୯ ନଗର ନିଗମ ପାଇଁ ଜାନୁଆରୀ ୧୫ରେ ଗୋଟିଏ ପର୍ଯ୍ୟାୟରେ ମତଦାନ ହେବ। ଜାନୁଆରୀ ୧୬ରେ ଭୋଟ ଗଣତି ହେବ। ଏସ୍ଇସିର କାର୍ଯ୍ୟସୂଚୀ ଅନୁଯାୟୀ, ଡିସେମ୍ବର ୨୩ରୁ ଡିସେମ୍ବର ୩୦ ପର୍ଯ୍ୟନ୍ତ ନାମାଙ୍କନ ଗ୍ରହଣ କରାଯିବ। ଡିସେମ୍ବର ୩୧ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ କରାଯିବ। ପ୍ରାର୍ଥୀମାନେ ଜାନୁଆରୀ ୨ରୁ ସେମାନଙ୍କର ନାମାଙ୍କନ ପ୍ରତ୍ୟାହାର କରିପାରିବେ। ନିର୍ବାଚନୀ ଚିହ୍ନ ବଣ୍ଟନ ସହିତ ପ୍ରାର୍ଥୀଙ୍କ ଚୂଡ଼ାନ୍ତ ତାଲିକା ଜାନୁଆରୀ ୩ରେ ପ୍ରକାଶିତ ହେବ। ରାଜ୍ୟ ନିର୍ବାଚନ କମିଶନ କହିଛନ୍ତି ଯେ, ନଗର ନିଗମ ନିର୍ବାଚନରେ ମତଦାତା କେବଳ ଗୋଟିଏ ହିଁ ଭୋଟ୍ ଦେବେ। ଏହାସହ ମୁମ୍ବାଇରେ ମୋଟ ୧୦,୧୧୧ ମତଦାନ କେନ୍ଦ୍ର ହେବ। ମୁମ୍ବାଇରେ ୧୧ ଲକ୍ଷ ମତଦାତା ଦୁଇଟି ସ୍ଥାନରେ ଅଛନ୍ତି। ଏହି ମତଦାତାମାନେ କେଉଁ ସ୍ଥାନରେ ଭୋଟ ଦେବେ, ସେମାନଙ୍କ ରାୟ ନିଆଯିବ। ଏହାସହ ଏହି ମତଦାତାଙ୍କ ନାଁ ଆଗରେ ଦୁଇ ଷ୍ଟାର ଚିହ୍ନ ଲଗାଯିବ।ରାଜ୍ୟର ମୋଟ ୨୯ଟି ନିଗମରେ ୨୮୬୯ଟି ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏସଇସି ଏହି ଆସନ ପାଇଁ ସଂରକ୍ଷଣର ବିବରଣୀ ମଧ୍ୟ ପ୍ରକାଶ କରିଛି। ଏଥିମଧ୍ୟରୁ ୧୪,୪୨ଟି ଆସନ ମହିଳାଙ୍କ ପାଇଁ ସଂରକ୍ଷିତ। ସାମାଜିକ ବର୍ଗ ସଂରକ୍ଷଣରେ, ୩୪୧ଟି ଆସନ ଅନୁସୂଚିତ ଜାତି ପାଇଁ, ୭୭ଟି ଅନୁସୂଚିତ ଜନଜାତି ପାଇଁ ଏବଂ ୭୫୯ଟି ଅନ୍ୟାନ୍ୟ ପଛୁଆ ବର୍ଗ ପାଇଁ ସଂରକ୍ଷିତ।

## ଡକ୍ଟର ରାମବିଳାସ ବେଦାନ୍ତୀଙ୍କ ଦେହାନ୍ତ



**ଲକ୍ଷ୍ନୌ,୧୫।୧୨:** ଶ୍ରୀରାମ ଜନ୍ମଭୂମି ଆନ୍ଦୋଳନର ଜଣେ ପ୍ରମୁଖ ଚେହେରା ଏବଂ ଅଯୋଧ୍ୟାର ପୂର୍ବତନ ସାଂସଦ ଡକ୍ଟର ରାମବିଳାସ ଦାସ ବେଦାନ୍ତୀଙ୍କ ପରଲୋକ ହୋଇଯାଇଛି। ସେ ମଧ୍ୟପ୍ରଦେଶର ରେୱାରେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ପୂର୍ବତନ ସାଂସଦ ଏବଂ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ସଦସ୍ୟ ଡକ୍ଟର ରାମବିଳାସ ବେଦାନ୍ତୀଙ୍କ ପରଲୋକରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗଭୀର ଶୋକ ପ୍ରକାଶ କରିଛନ୍ତି। ସିଏମ୍ ଯୋଗୀ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି, 'ଶ୍ରୀରାମ ଜନ୍ମଭୂମି ଆନ୍ଦୋଳନର ମୁଖ୍ୟ ପୁରୋଧା, ପୂର୍ବତନ ସାଂସଦ ଏବଂ ଶ୍ରୀ ଅଯୋଧ୍ୟା ଧାମର ବଶିଷ୍ଠ ଆଶ୍ରମର ପୂଜ୍ୟ ସନ୍ଥ ଡକ୍ଟର ରାମବିଳାସ ବେଦାନ୍ତୀ ଜୀ ମହାରାଜଙ୍କ ଦେହାନ୍ତ ଆଧ୍ୟାତ୍ମିକ ଜଗତ ଏବଂ ସନାତନ ସଂସ୍କୃତି ପାଇଁ ଏକ ଅପୂରଣୀୟ କ୍ଷତି। ଧର୍ମ, ସମାଜ ଏବଂ ରାଷ୍ଟ୍ର ସେବାରେ ଉତ୍ସର୍ଗୀକୃତ ତାଙ୍କର ତ୍ୟାଗ ଜୀବନ ଆମ ସମସ୍ତଙ୍କ ପାଇଁ ପ୍ରେରଣା। ମୁଁ ପ୍ରଭୁ ଶ୍ରୀ ରାମଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ, ସେ ତାଙ୍କର ଅମର ଆତ୍ମାକୁ ତାଙ୍କ ଚରଣରେ ସ୍ଥାନ ଦିଅନ୍ତୁ ଏବଂ ଶୋକସନ୍ତପ୍ତ ଶିଷ୍ୟ ଓ ଅନୁଗାମୀମାନଙ୍କୁ ଏହି ଦୁଃଖ ସହ୍ୟ କରିବାକୁ ଶକ୍ତି ଦିଅନ୍ତୁ। ଡକ୍ଟର ରାମବିଳାସ ବେଦାନ୍ତୀ କେନ୍ଦ୍ର ଏବଂ ଉତ୍ତର ପ୍ରଦେଶ ସରକାରଙ୍କୁ ଅଯୋଧ୍ୟାରେ ମୁସଲିମ ନାଁରେ ଥିବା ରାସ୍ତାଗୁଡ଼ିକର ନାମ ପରିବର୍ତ୍ତନ କରିବାକୁ ଦାବି କରିଥିଲେ।

● ପରିବାର ନିପାତ ଲାଗି ବାପାର ଯୋଜନା

## ୩ ପିଲା ମୃତ, ବାପାର ଆତ୍ମହତ୍ୟା

**ମୁଜାଫ୍ଫରପୁର, ୧୫।୧୨:** ସାମ୍ନାକୁ ଆସିଛି ଅତ୍ୟନ୍ତ ବିଚଳିତ କରିବା ଭଳି ଘଟଣା। ନିଜର ୫ ପିଲାଙ୍କୁ ମାରିବାକୁ ଚେଷ୍ଟା କରିଛନ୍ତି ଜନ୍ମ କଲା ବାପା। ସେ ୫ ପିଲାଙ୍କୁ ମାରିବାକୁ ଉଦ୍ୟମ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୫ ପିଲାଙ୍କୁ ମାରିବାକୁ ଉଦ୍ୟମ କରିବା ପରେ ବାପା ଜଣଙ୍କ ନିଜେ ମଧ ଆତ୍ମହତ୍ୟା କରିଛନ୍ତି। ବିହାରର ମୁଜାଫ୍ଫରପୁରରେ ଏପରି ହୃଦୟ ବିଦାରକ ଘଟଣା ଘଟିଛି। ଏତେ ବଡ଼ ଘଟଣା ଘଟାଇଥିବା ବ୍ୟକ୍ତି ଜଣଙ୍କ ହେଲେ ୩୫ ବର୍ଷୀୟ ଅମରନାଥ ରାମ। ସେ ନିଜର ୫ ପିଲା- ଅନୁରାଧା କୁମାରୀ(୧୨), ଶିବାନୀ କୁମାରୀ(୧୧), ରାଧିକା କୁମାରୀ(୭), ଶିବମ କୁମାର(୬) ଓ ଚନ୍ଦନ କୁମାର(୫)ଙ୍କ ବେକରେ ଦଉଡ଼ି ବାନ୍ଧି ଝୁଲାଇ ମାରିବାକୁ ଚେଷ୍ଟା କରିଥିଲେ। ସେମାନଙ୍କ ମଧ୍ୟରୁ ୩ ଝିଅ ପ୍ରାଣ ହରାଇଥିବା ବେଳେ ୨ ପୁଅ ବର୍ତ୍ତି ଯାଇଛନ୍ତି। ଅଧିକାରୀମାନେ କହିଛନ୍ତି ଯେ, ଅମରନାଥ ନିଜର ୫ ପିଲାଙ୍କୁ ଧାଡ଼ିରେ ଟ୍ରଙ୍କ ଉପରେ ଛିଡ଼ା ହେବାକୁ କହିଥିଲେ। ସେମାନେ ଛିଡ଼ା ହେବା ପରେ ସମସ୍ତଙ୍କ ବେକରେ ଦଉଡ଼ି ବାନ୍ଧି ଦେଇଥିଲେ। ଏହାପରେ ସମସ୍ତଙ୍କୁ ଟ୍ରଙ୍କରୁ ଡେଇଁବାକୁ କହିଥିଲେ। ୩ ଝିଅ ବାପାଙ୍କ କଥାରେ ଡେଇଁ ପଡ଼ିବାରୁ ସେମାନଙ୍କ ମୃତ୍ୟୁ ହୋଇଛି। ୨ ପୁଅ ବାପାଙ୍କ କଥା ନ ଶୁଣିବାରୁ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି। ଅମରନାଥ ନିଜେ ମଧ ସମାନ ଶୈଳୀରେ ଜୀବନ ହାରିଛନ୍ତି। ପ୍ରକାଶଥାଉ କି, ଗତବର୍ଷ ଅମରନାଥଙ୍କ ପତ୍ନୀ ପ୍ରାଣ ହରାଇଥିଲେ। ସେବେଠାରୁ ସେ ୫ ପିଲାଙ୍କ ସହ ରହୁଥିଲେ ହେଁ ତାଙ୍କ ମାନସିକ ସ୍ଥିତି ଠିକ ନଥିଲା। ଆର୍ଥିକ ଅନଟନ ଯୋଗୁ ସେ ପିଲାମାନଙ୍କ ଦେଖାଶୁଣା ଠିକ ଭାବେ କରିପାରୁ ନଥିଲେ। ଏଥିଯୋଗୁ ସେ ସବୁବେଳେ ଚିନ୍ତାରେ ରହୁଥିଲେ। ସକରା ପୁଲିସ୍ ଏନେଇ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି।

● ଗୋଆ ନାଇଟ୍ କ୍ଲବ୍ ଅଗ୍ନିକାଣ୍ଡ ମାମଲା

## ଭାରତ ଫେରିବେ ଲୁଥ୍ରା ବ୍ରଦର୍ସ



**ନୂଆଦିଲ୍ଲୀ,୧୫।୧୨:** ଗୋଆ ନାଇଟ୍ କ୍ଲବ୍ ଅଗ୍ନିକାଣ୍ଡର ମୁଖ୍ୟ ଅଭିଯୁକ୍ତ ଲୁଥ୍ରା ଭାଇମାନଙ୍କୁ ମଙ୍ଗଳବାର ସକାଳେ ଦିଲ୍ଲୀ ଅଣାଯିବ। ଦୁର୍ଘଟଣା ପରେ ସେମାନେ ଥାଇଲ୍ୟାଣ୍ଡ ପଳାଇ ଯାଇଥିଲେ। ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବା ପରେ ଗୋଆ ପୁଲିସ ସେମାନଙ୍କୁ ହେପାଜତକୁ ନେବ। ମଙ୍ଗଳବାର ସେମାନଙ୍କୁ ଦିଲ୍ଲୀ କୋର୍ଟରେ ହାଜର କରାଯିବ ଏବଂ ସେମାନଙ୍କର ଟ୍ରାଞ୍ଜିଟ୍ ରିମାଣ୍ଡ ନିଆଯିବ। ତା'ପରେ ସେମାନଙ୍କୁ ଗୋଆ ନିଆଯିବ। ଡିସେମ୍ବର ୬ ରାତିରେ ଗୋଆର ଆରପୋରାରେ ଥିବା ବିର୍ଚ ବାଇ ରୋମିଓ ଲେନ୍ ନାଇଟ୍ କ୍ଲବରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇବା ପରେ, ମଧ୍ୟରାତ୍ରିରେ କ୍ଲବ ମାଲିକ ଲୁଥ୍ରା ବ୍ରଦର୍ସ ତୁରନ୍ତ ଦିଲ୍ଲୀ ଛାଡି ଥାଇଲାଣ୍ଡ ଯିବାକୁ ଯୋଜନା କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ସେ ଡିସେମ୍ବର ୭ ରେ ଟିକେଟ୍ ବୁକ୍ କରିଥିଲେ। ଗୋଟିଏ ପଟେ ଲୁଥ୍ରା ବ୍ରଦର୍ସ ଦେଶ ଛାଡ଼ି ଚାଲିଯିବାକୁ ପ୍ଲାନ କରୁଥିଲେ, ସେପଟେ ଅଗ୍ନିଶମ ବାହିନୀ କ୍ଲବରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ। ଲୁଥ୍ରା ବ୍ରଦର୍ସ ସକାଳ ଡିସେମ୍ବର ୭ ଭୋର ୩ ଟାରେ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲେ ଏବଂ ସକାଳ ୫:୩୦ ରେ ଇଣ୍ଡିଗୋ ବିମାନରେ ଫୁକେଟ୍ ପାଇଁ ପ୍ରସ୍ଥାନ କରିଥିଲେ। ଅଗ୍ନିକାଣ୍ଡ ଘଟିବାର ୬ରୁ ୮ ଘଣ୍ଟା ମଧ୍ୟରେ ସେମାନେ ଦେଶ ଛାଡ଼ି ପଳାଇଥିଲେ। ସୂଚନା ଅନୁଯାୟୀ, ଲୁଥ୍ରା ଭାଇମାନଙ୍କ ମଧ୍ୟରୁ ଜଣଙ୍କର ୟୁକେ ପାଇଁ ଦୀର୍ଘକାଳୀନ ଭିସା ଥିଲା। କିନ୍ତୁ ଉଭୟ ଏକାଠି ଭାରତ ଛାଡି ଥାଇଲାଣ୍ଡ ଯାତ୍ରା କରିବାକୁ ନିଷ୍ପତ୍ତି ନେଇଥିଲେ। ଅଗ୍ନିକାଣ୍ଡର ଚାରି ଦିନ ପୂର୍ବରୁ ଲୁଥ୍ରା ବ୍ରଦର୍ସ ପରିବାର ସଦସ୍ୟଙ୍କ ସହିତ ଦୁବାଇରୁ ଫେରିଥିଲେ। ଡିସେମ୍ବର ୬ ବିଳମ୍ବିତ ରାତିରେ ଉତ୍ତର ଗୋଆ ଜିଲ୍ଲା ଆରପୋରା ଗ୍ରାମର ରୋମିଓ ଲେନ୍ ନାଇଟ୍ କ୍ଲବରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୨୫ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ପ୍ରାୟ ୫୦ ଜଣ ଆହତ ହୋଇଥିଲେ। ବଲିଉଡ୍ ଥିମ୍ ପାର୍ଟିର ଆୟୋଜନ କରୁଥିବା କ୍ଲବରେ ଶତାଧିକ ଲୋକ ଉପସ୍ଥିତ ଥିଲେ।

### ଭାରତ ସହ ହାତ ମିଳାଇଲା ଆମେରିକା

## ବ୍ଲାକ୍ ଲିଷ୍ଟେଟ୍ ହେବେ ପାକ୍ ଆତଙ୍କବାଦୀ ସଂଗଠନ

**ନୂଆଦିଲ୍ଲୀ,୧୫।୧୨:** ଅଷ୍ଟ୍ରେଲିଆ ହମଲାକୁ ନେଇ କଡ଼ା ନିନ୍ଦା କରିଛି ଭାରତ। ଏବେ ବ୍ଲାକ୍ ଲିଷ୍ଟେଟ୍ ହେବେ ପାକିସ୍ତାନର ଆତଙ୍କବାଦୀ ସଂଗଠନ। ଭାରତ ସହ ହାତ ମିଳାଇଛି ଟ୍ରମ୍ପ ପ୍ରଶାସନ। ଇସଲାମିକ୍ ଷ୍ଟେଟ୍ (ଆଇଏସ୍) ଏବଂ ଅଲ-କାଏଦା, ଲସ୍କର-ଏ-ତୈବା, ଜୈଶ-ଏ-ମହମ୍ମଦ ଏବଂ ସେମାନଙ୍କର ପ୍ରକ୍ସି ନେଟୱାର୍କଗୁଡ଼ିକ ଉପରେ ଜାତିସଂଘ ସୁରକ୍ଷା ପରିଷଦ ନୂତନ ପ୍ରତିବନ୍ଧକ ଲଗାଇବା ପାଇଁ ଆମେରିକା ଏବଂ ଭାରତ ମିଳିତ ଭାବରେ ଜାତିସଂଘକୁ ନିବେଦନ କରିଛନ୍ତି। ୨୦୦୨ରେ ପାକିସ୍ତାନ ଦ୍ୱାରା ଲସ୍କର



ଏବଂ ଜୈସ ସଂଗଠନକୁ ବିଶ୍ୱ ଆତଙ୍କୀ ସଂଗଠନ ଘୋଷଣା କରାଯାଇଥିଲା। ତଥାପି ସେମାନେ ପାକିସ୍ତାନରୁ କାର୍ଯ୍ୟ ଜାରି ରଖିଛନ୍ତି। ଏବେ ସମ୍ପତ୍ତି ଫ୍ରିଜ୍ କରିବା, ଯାତ୍ରା ଉପରେ ପ୍ରତିବନ୍ଧକ ଲଗାଇବା ଏବଂ ଅସ୍ତ୍ରଶସ୍ତ୍ର ପ୍ରତିବନ୍ଧକ ନେଇ ଆମେରିକା ଏବଂ ଭାରତ ଦ୍ୱାରା ପ୍ରସ୍ତାବ ଦିଆଯାଇଛି।ମିଳିତ ବିବୃତ୍ତିରେ ପାକିସ୍ତାନର ନାମ ଉଲ୍ଲେଖ ନାହିଁ। ମିଳିତ ବିବୃତ୍ତିରେ ଆମେରିକାର ବୈଦେଶିକ ବିଭାଗର ମୋନିକା ଜ୍ୟାକବସନ୍ ଏବଂ ଭାରତର ଯୁଗ୍ମ ସଚିବ ବିନୋଦ ବାହାଡେ ତାଲିମ, ସାଇବର ସୁରକ୍ଷା, ନ୍ୟାୟିକ ସହଯୋଗ, ଆଇନଗତ ସହାୟତା ଏବଂ ଗୁପ୍ତଚର ଆଦାନପ୍ରଦାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଉଭୟ ଦେଶ ପହଲଗାମ ଏବଂ ଦିଲ୍ଲୀର ଲାଲକିଲ୍ଲାରେ ସମ୍ପ୍ରତି ଘଟିଥିବା ଆତଙ୍କବାଦୀ ଆକ୍ରମଣର କଡ଼ା ନିନ୍ଦା କରିଛନ୍ତି ।

## ସିଡ୍ନୀର ବଣ୍ଡି ବିଚ୍ ଆକ୍ରମଣ ପଛରେ ପାକିସ୍ତାନ

- ଆକ୍ରମଣକାରୀ ଦ୍ୱୟ ବାପା-ପୁଅ
- ଆଇଏସ୍ ପାଇଁ କାମ କରୁଥିଲେ
- ମୃତ୍ୟୁସଂଖ୍ୟା ୧୪, ଆହତ ୪୦

**ନୂଆଦିଲ୍ଲୀ୧୫।୧୨:** ସିଡନୀର ବଣ୍ଡି ବିଚରେ ଆଖିବୁଜା ଗୁଳିମାଡ଼ରେ ୧୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୦ରୁ ଅଧିକ ଆହତ ହୋଇଛନ୍ତି। ଆକ୍ରମଣକାରୀଙ୍କୁ ଧରାପଡ଼ିବା ପରେ ସାମନାକୁ ଆସିଛି ଚାଞ୍ଚଲ୍ୟକର ତଥ୍ୟ। ଆମେରିକୀୟ ଗୁଇନ୍ଦା ଅଧିକାରୀଙ୍କ ଅନୁଯାୟୀ, ଦୁଇ ଆକ୍ରମଣକାରୀ ହେଲେ ବାପା-ପୁଅ। ଉଭୟେ ପାକିସ୍ତାନର। ବାପା ଅବସରପ୍ରାପ୍ତ ପାକିସ୍ତାନୀ ସେନା ଜେନେରାଲ ସାଦିକ ଆକ୍ରମ ଏବଂ ପୁଅ ନାଭିଦ ଆକ୍ରମ ଭାବରେ ଚିହ୍ନଟ କରାଯାଇଛି। ସେ କିଛି ମାସ ପୂର୍ବରୁ ଆଇଏସ୍ଆଇଏସ୍‌ରେ ଯୋଗ ଦେଇଥିବା ସୂଚନା ମିଳିଛି। ବାପା ଜେନେରାଲ ସାଦିକ ଆକ୍ରମଣର ପୂରା ପ୍ଲାନ ରଚିଥିଲା। ନାଭିଦ ଆକ୍ରମଙ୍କ ପରିବାର ବର୍ତ୍ତମାନ ଇସଲାମାବାଦରେ ରହୁଛନ୍ତି। ପୁଲିସ ଗୁଳିରେ ବାପାର ମୃତ୍ୟୁ ହୋଇଛି। ମୃତ ୫୦ ବର୍ଷୀୟ ବ୍ୟକ୍ତିଙ୍କ ପାଖରେ ଏକ ବୈଧ ଅସ୍ତ୍ରଶସ୍ତ୍ର ଲାଇସେନ୍ସ ଥିଲା ଏବଂ ତାଙ୍କ ନାମରେ ଛଅଟି ଅସ୍ତ୍ରଶସ୍ତ୍ର ପଞ୍ଜିକୃତ ହୋଇଛି। ସମସ୍ତ ଛଅଟି ଅସ୍ତ୍ରଶସ୍ତ୍ର ବଣ୍ଡି ବିଚ୍‌ରେ ହୋଇଥିବା ବ୍ୟବହୃତ ହୋଇଥିବା ଅନୁମାନ କରାଯାଉଛି। ସେମାନେ ଇସଲାମିକ ଷ୍ଟେଟ ସହ ଲିଙ୍କରେ ଥିବା କୁହାଯାଉଛି।

ସେହିପରି ଅଷ୍ଟ୍ରେଲିଆର ଗୁଇନ୍ଦା ସଂସ୍ଥା ପ୍ରାୟ ଛଅ ବର୍ଷ ପୂର୍ବରୁ ନାଭିଦ ଆକ୍ରମଙ୍କ ସମ୍ପର୍କରେ ତଦନ୍ତ କରିଥିଲା। ସେହି ସମୟରେ, ୨୦୧୯ରେ ସେ ସିଡନୀରେ କାର୍ଯ୍ୟ କରୁଥିବା ଏକ ଇସଲାମିକ ଷ୍ଟେଟ ଲିଙ୍କ ଆତଙ୍କବାଦୀ ନେଟୱାର୍କ ସହିତ ଘନିଷ୍ଠ ସମ୍ପର୍କ ଥିବା ସନ୍ଦେହ କରାଯାଉଥିଲା। ଇସଲାମିକ ଷ୍ଟେଟ କମାଣ୍ଡର ଆଇଜାକ୍ ଏଲ୍ ମାଟାରି ଗିରଫ ହେବା ପରେ ଅଷ୍ଟ୍ରେଲିଆର ଗୁଇନ୍ଦା ସଂସ୍ଥା ନାଭିଦ ଉପରେ ନଜର ରଖିବା ଆରମ୍ଭ କରିଥିଲା।

ଇହୁଦୀଙ୍କ ଦେଶ ଇସ୍ରାଏଲ। ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଇସଲାମିକ ଦେଶ ଉପରେ ଆକ୍ରମଣ କରିଆସୁଛନ୍ତି। ଇସଲାମିକ ଦେଶକୁ ଏକାଠି ହେବାକୁ ଆହ୍ୱାନ ଦେଇଆସୁଛନ୍ତି ଏକାଧିକ ଆତଙ୍କବାଦୀ ସଂଗଠନ। ସିଡନୀ ନରସଂହାରର ଏହାର ପ୍ରମୁଖ କାରଣ ହୋଇପାରେ। ଇସ୍ରାଏଲ ପିଏମ ବେଞ୍ଜାମିନ ନେତାନ୍ୟାହୁ କ୍ଷୁବ୍ଧ। ଇହୁଦୀ ସୁରକ୍ଷା ପ୍ରତି ଅବହେଳା କହି ଅଷ୍ଟ୍ରେଲୀୟ ସରକାରଙ୍କ ଉପରେ ବର୍ଷିଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ। ସେପଟେ ବିଳମ୍ବ ନକରି ଆତଙ୍କୀଙ୍କ ମୂଳପୋଛ କରିବାକୁ ବିଶ୍ୱନେତାଙ୍କୁ ଆହ୍ୱାନ ଦେଇଛି ନୂଆଦିଲ୍ଲୀ।

### ପ୍ରିୟଙ୍କା ଗାନ୍ଧୀଙ୍କୁ ଭେଟିଲେ ପ୍ରଶାନ୍ତ କିଶୋର

# ବନ୍ଧକୋଠରିରେ ୨ ଘଣ୍ଟା ସିକ୍ରେଟ୍ ମିଟିଂ

**ନୂଆଦିଲ୍ଲୀ, ୧୫।୧୨:** ବିହାର ବିଧାନସଭା ନିର୍ବାଚନରେ ଶୋଚନୀୟ ଭାବେ ଜନ ସୁରଜ ପାର୍ଟିର ପରାଜୟ ପରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଭେଟିଛନ୍ତି ପ୍ରଶାନ୍ତ କିଶୋର। ଯାହାକୁ ନେଇ ରାଜନୈତିକ ଚର୍ଚ୍ଚା ଜୋର୍ ଧରିଛି। ଉଭୟ ନେତା ରୁଦ୍ଧଦ୍ୱାର ବୈଠକ କରିଛନ୍ତି। ଯେଉଁଥିରେ ଅନେକ ପ୍ରସଙ୍ଗ ବାବଦରେ ଆଲୋଚନା ହୋଇଥିବା କୁହାଯାଉଛି। ରିପୋର୍ଟ ଅନୁସାରେ, ରବିବାର ପ୍ରଶାନ୍ତ ଏବଂ ପ୍ରିୟଙ୍କା ପ୍ରାୟ ଦୁଇ ଘଣ୍ଟା ଧରି ଆଲୋଚନା କରିଛନ୍ତି। ଏଥିରେ ଉତ୍ତର ପ୍ରଦେଶ ଏବଂ ବିହାର ଭଳି ରାଜ୍ୟ ବାବଦରେ ଆଲୋଚନା ହୋଇଥିବା କୁହାଯାଉଛି। କିନ୍ତୁ ଉଭୟ



ପ୍ରିୟଙ୍କା ଏବଂ ପ୍ରଶାନ୍ତ ବୈଠକକୁ କେବଳ ସୌଜନ୍ୟମୂଳକ ସାକ୍ଷାତକାର କହିଛନ୍ତି।

ତେବେ ରାଜନୈତିକ ଦୃଷ୍ଟିକୋଣରୁ ବୈଠକ ଖୁବ୍ ଗୁରୁତ୍ୱପୂର୍ଣ୍ଣ। କାରଣ ଦୀର୍ଘଦିନ ହେବ ପ୍ରଶାନ୍ତ କିଶୋରଙ୍କ ସହ କଂଗ୍ରେସର ଭଲ ସମ୍ପର୍କ ନଥିଲା। ଅନେକ ପ୍ରସଙ୍ଗରେ ସେ କଂଗ୍ରେସକୁ ସମାଲୋଚନା କରୁଥିଲେ। ୨୦୨୧ରେ ଜେଡିୟୁ ବିଦା ହେବା ପରେ ସେ କଂଗ୍ରେସ ପାଇଁ କାମ କରୁଥିଲେ। ପରେ ସେ ୨୦୨୨ରେ କଂଗ୍ରେସ ପାଇଁ କାମ କରିବାକୁ ଚାହିଁଥିଲେ। କଂଗ୍ରେସ କିପରି ଭଲ ପ୍ରଦର୍ଶନ କରିବ ସେନେଇ ସୋନିଆ ଏବଂ ରାହୁଲଙ୍କ ଆଗରେ ଅନେକ ପ୍ରସ୍ତାବ ରଖିଥିଲେ ପ୍ରଶାନ୍ତ। ସେତେବେଳେ ସୋନିଆ ପ୍ରଶାନ୍ତଙ୍କ ପ୍ରସ୍ତାବ ଉପରେ ଆଲୋଚନା ପାଇଁ କମିଟି ଗଠନ କରିଥିଲେ। କିଛି ଦିନ ପରେ ସୋନିଆ ଦଳରେ ଏକ ବୋର୍ଡ ଗଠନ କରିଥିଲେ। ଯେଉଁଥିରେ ସାମିଲ ହେବାକୁ ପ୍ରଶାନ୍ତଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ସେ ଏହାକୁ ମନା କରିଦେଇଥିଲେ। ଦଳରେ ତାଙ୍କୁ ଅଧିକ କ୍ଷମତା ମିଳୁ ବୋଲି ସେ ଦାବି କରିଥିଲେ। ସେହି ସମୟରେ ଅନେକ ବରିଷ୍ଠ ନେତା କୌଣସି ବାହାର ବ୍ୟକ୍ତିଙ୍କଠୁ ପରାମର୍ଶ ଗ୍ରହଣ କରିବା ପାଇଁ ରାଜି ନଥିଲେ। ଏପରିକି ସେମାନଙ୍କର ପ୍ରଶାନ୍ତଙ୍କ ଉପରେ ଭରସା ନଥିବା କହିଥିଲେ। ୨୦୨୪ରେ କଂଗ୍ରେସରେ ଯୋଗଦେବା ପାଇଁ ପ୍ରଶାନ୍ତଙ୍କୁ କୁହାଯାଇଥିଲା। କିନ୍ତୁ ମନା କରିଦେଇଥିଲେ ପ୍ରଶାନ୍ତ କିଶୋର। ଏହାସହ କଂଗ୍ରେସକୁ ନୂଆ ଶକ୍ତି ଦରକାର। ଯାହା କେବଳ ସେ ନିଜେ ଦେଇପାରିବେ ବୋଲି ପ୍ରଶାନ୍ତ କହିଥିଲେ। ସେବେଠୁ ଅନେକ ଘଟଣାରେ କଂଗ୍ରେସକୁ ପ୍ରଶାନ୍ତ ଟାର୍ଗେଟ୍ କରି ଆସୁଥିଲେ। ବିହାର ନିର୍ବାଚନରେ ପ୍ରଶାନ୍ତ ରାହୁଲ ଗାନ୍ଧୀଙ୍କ ଏସଆଇଆର ଏବଂ ଭୋଟ୍ ଚୋରି ପ୍ରସଙ୍ଗରୁ ନିଜକୁ ଦୂରରେ ରଖୁଥିଲେ। ବିହାରରେ ଏପ୍ରସଙ୍ଗ କାମ ଦେବନି ବୋଲି କହିଥିଲେ ସେ। ଯାହା ପ୍ରମାଣିତ ହୋଇଥିଲା। କଂଗ୍ରେସ ମାତ୍ର ୬୧ଆସନରୁ ୬ଟି ସିଟ୍ ପାଇପାରିଥିଲା। ଏବେ ପ୍ରିୟଙ୍କା ପ୍ରଶାନ୍ତଙ୍କ ଭେଟଘାଟ ପରେ ନୂଆ ରାଜନୈତିକ ସମୀକରଣ ସୃଷ୍ଟି ହୋଇପାରେ ବୋଲି ଆଲୋଚନା ହେଉଛି।

## ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପାଇଁ ସ୍ୱତନ୍ତ୍ର ଉପଲବ୍ଧି

# ୯ ଷ୍ଟେସନ୍‌କୁ ଆଇଏସ୍‌ଓ ୧୪୦୦୧:୨୦୧୫ ଇଏମ୍‌ଏସ୍

**ଭୁବନେଶ୍ୱର, ୧୫।୧୨ (ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ନଅଟି ପ୍ରମୁଖ ରେଳ ଷ୍ଟେସନରେ ଆଇଏସ୍‌ଓ ୧୪୦୦୧:୨୦୧୫ ପରିବେଶଗତ ପରିଚାଳନା ପ୍ରଣାଳୀ (ଇଏମ୍‌ଏସ୍) ଅଡିଟ୍ ସଫଳତାର ସହ ସମାପ୍ତ ହୋଇଛି ଯାହା ପରିବେଶଗତ ସ୍ଥିରତା ଏବଂ ପରିବେଶ-ଅନୁକୂଳ ରେଳ ପରିଚାଳନା ପ୍ରତି ଏହାର ନିରନ୍ତର ପ୍ରତିବଦ୍ଧତାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ସଫଳ ଅନୁପାଳନ ପରେ ଏକ ସ୍ୱଚ୍ଛ, ସବୁଜ ଏବଂ ସ୍ଥାୟୀ ପରିବେଶରେ ଯାତ୍ରୀ ଓ ଆନୁଷଙ୍ଗିକ ସେବା ପ୍ରଦାନ କରିବା ପାଇଁ ଏହି ଷ୍ଟେସନଗୁଡ଼ିକୁ ପରିବେଶଗତ ପରିଚାଳନା ପ୍ରଣାଳୀ ମାନକ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହି ଷ୍ଟେସନଗୁଡ଼ିକ ହେଲା ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ପଲାସା, ବାଲୁଗାଁ, ଯାଜପୁର କେନ୍ଦୁଝର ରୋଡ୍, ଭଦ୍ରକ, କଟକ ଓ ବ୍ରହ୍ମପୁର। ଏହି ଷ୍ଟେସନଗୁଡ଼ିକ ସମଗ୍ର ଷ୍ଟେସନ ପରିସରରେ ଉନ୍ନତ ଓ ପରିବେଶଗତ ଭାବେ ଦକ୍ଷ ପଦକ୍ଷେପ ଗ୍ରହଣ କରିଛି, ଯେଉଁଥିରେ ଯାତ୍ରୀ ସେବା ଓ ଆନୁଷଙ୍ଗିକ କାର୍ଯ୍ୟକଳାପ ଯେପରିକି ଟ୍ରେନ୍ ପରିଚାଳନା, ସିଗନାଲିଂ ଓ ଟେଲି ଯୋଗାଯୋଗ, ଷ୍ଟେସନ ରକ୍ଷଣାବେକ୍ଷଣ, ଟିକେଟିଂ ସେବା, ସାର୍ବଜନୀନ ଉପଯୋଗିତା ଓ ଅନ୍ୟାନ୍ୟ ଯାତ୍ରୀ ସୁବିଧା ଅନ୍ତର୍ଭୁକ୍ତ।

ନିରାପଦ ଓ ସ୍ୱଚ୍ଛ ପାନୀୟ ଜଳ ସୁନିଶ୍ଚିତ କରିବା, ଉନ୍ନତ ପରିମଳ ସୁବିଧା ଏବଂ ପାଣି ଟାଙ୍କିରେ ଭାସମାନ ଭଲଭ୍ ସ୍ଥାପନ ଭଳି ଜଳ ସଂରକ୍ଷଣ ପଦକ୍ଷେପ ଓ ପରିବେଶ ସୁରକ୍ଷାରେ ଆହୁରି ଅବଦାନ ରଖିଛି। ତୃତୀୟ-ପକ୍ଷ ସ୍ୱୀକୃତିପ୍ରାପ୍ତ ଜାତୀୟ ସଂସ୍ଥା ଏନଭୋ ଗ୍ରୀନ୍ ମ୍ୟାନେଜମେଣ୍ଟ କନ୍‌ସଲଟିଂ ସଲ୍ୟୁସନ୍ସ, କଟକ ପକ୍ଷରୁ ହୋଇଥିବା ଏକ ବ୍ୟାପକ ସର୍ଭେ ଏବଂ ଅଡିଟ୍ ପରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଖୋର୍ଦ୍ଧା ରୋଡ ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀ ମେକାନିକାଲ୍ ବିଭାଗର ପରିବେଶଗତ ହାଉସକିପିଙ୍ଗ୍ ମ୍ୟାନେଜମେଣ୍ଟ ଦଳକୁ ରେଳ ଷ୍ଟେସନଗୁଡ଼ିକୁ ଅଧିକ ପରିବେଶ ଅନୁକୂଳ କରିବାରେ ଓ ପୂର୍ବତଟ ରେଳପଥର ସ୍ଥାୟୀ, ଦାୟିତ୍ୱପୂର୍ଣ୍ଣ ଓ ଯାତ୍ରୀ-କୈନ୍ଦ୍ରିକ ରେଳ ପରିଚାଳନା ପ୍ରତି ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ପାଇଁ ଏବଂ ସେମାନଙ୍କର ଉତ୍ସର୍ଗୀକୃତ ପ୍ରୟାସ ପାଇଁ ଅଭିନନ୍ଦନ ଜଣାଇଛନ୍ତି।

# ଅସୁସ୍ଥତା ପାଇଁ ଶେଷ ଦୁଇ ଟି-୨୦ରୁ ବାଦ ପଡ଼ିଲେ ଅକ୍ଷର ପଟେଲ




**ନୂଆଦିଲ୍ଲୀ, ୧୫।୧୨ :** ଭାରତ ବନାମ ଦକ୍ଷିଣ ଆଫ୍ରିକା ଟି-୨୦ ସିରିଜର ଶେଷ ଦୁଇଟି ମ୍ୟାଚ ଲାଗି ଅକ୍ଷର ପଟେଲ ଟିମ ଇଣ୍ଡିଆର ଚୂଡ଼ାନ୍ତ ଏକାଦଶରୁ ବାଦ ପଡ଼ିଛନ୍ତି। ଡିସେମ୍ବର ୧୪ ତାରିଖରେ ଧର୍ମଶାଳାରେ ଖେଳାଯାଇଥିବା ତୃତୀୟ ଟି-୨୦ରେ ପଟେଲ ପ୍ଲେଇଂ ଇଲେଭେନର ଅଂଶ ନଥିଲେ। ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ନିଶ୍ଚିତ କରିଛି ଯେ, ଅସୁସ୍ଥତା ଯୋଗୁଁ ପଟେଲ ସିରିଜର ବାକି ମ୍ୟାଚରୁ ବାଦ ପଡ଼ିଛନ୍ତି। ଚତୁର୍ଥ ଏବଂ ପଞ୍ଚମ ଟି-୨୦ ପାଇଁ ଅକ୍ଷର ପଟେଲଙ୍କ ବଦଳ ସ୍ୱରୂପ ଶାହବାଜ ଅହମ୍ମଦଙ୍କୁ ଟିମ୍ ଇଣ୍ଡିଆରେ ସାମିଲ କରାଯାଇଛି। ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚତୁର୍ଥ ଟି-୨୦ ଡିସେମ୍ବର ୧୭ ତାରିଖରେ ଲକ୍ଷ୍ନୌରେ ଖେଳାଯିବ। ସିରିଜର ପଞ୍ଚମ ଏବଂ ଶେଷ ମ୍ୟାଚ୍ ଡିସେମ୍ବର ୧୯ ତାରିଖରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯିବ। ବର୍ତ୍ତମାନ ସୁଦ୍ଧା ଏହି ସିରିଜରେ ଭାରତୀୟ ଦଳ ୨-୧ରେ ଆଗୁଆ ଅଛି।

## ୧୨ ୱାରେଣ୍ଟି ଗିରଫ

**ପୁରୀ, ୧୫।୧୨ (ସଂଚାର ବ୍ୟୁରୋ):** ପୁରୀ ଏସପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାରେ ଆଇନ ଶୃଙ୍ଖଳା ରକ୍ଷା ଓ ନୂଆ ପ୍ରୟାସ ଜାରି ହୋଇଛି। ଦୀର୍ଘଦିନ ଧରି କେତେକ ଅଭିଯୁକ୍ତଙ୍କ ନାମରେ ୱାରେଣ୍ଟ ଜାରି ହୋଇଥିଲା। ସେମାନେ ଘର ଛାଡି ପଳାଇ ଥିବାରୁ ପୁଲିସ ଧରି ପାରୁନଥିଲା। ତେବେ ଗତ ୨୪ ଘଣ୍ଟା ଭିତରେ ୧୨ ଜଣ ୱାରେଣ୍ଟି ଅଭିଯୁକ୍ତମାନଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ନୂଆ ଯୁବ ଏସପି ଶ୍ରୀ ସିଂ ଯୋଗଦେବା ପରେ ନୂଆ ତରିକାରେ ଶାନ୍ତି ଶୃଙ୍ଖଳା ଭଙ୍ଗ କରିଥିବା ଅଭିଯୁକ୍ତମାନଙ୍କୁ ଧରପଗଡ ହାଇସ୍ପିଡରେ ଚାଲିଛି। ପର୍ଯ୍ୟଟନ ଋତୁ ଡିସେମ୍ବର ଠାରୁ ମାର୍ଚ୍ଚ ପର୍ଯ୍ୟନ୍ତ ଓ ଆଗାମୀ ରଥଯାତ୍ରାକୁ ଦୃଷ୍ଟିରେ ରଖି ଜିଲ୍ଲାରେ ଆଇନଶୃଙ୍ଖଳା ଓ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଦୃଢ ପଦକ୍ଷେପ ନିଆଯାଉଛି। ଅପରେସନ ଚକ୍ର ବଳରେ ଶତାଧିକ ଅଭିଯୁକ୍ତଙ୍କୁ ଗିରଫ କରାଗଲାଣି। ବ୍ରାଉନସୁଗର ଓ ସୁନାରୁପା ଲୁଟ ଘଟଣାରେ ପୁରୀ ପୁଲିସକୁ ସଫଳତା ମିଳିଛି।

## ୫ ମଦ୍ୟପ ଗାଡ଼ିଚାଳକ ଗିରଫ

**ଜୟପୁର, ୧୫।୧୨ (ସଂଚାର ବ୍ୟୁରୋ):** ଜୟପୁର ସଦର ପୁଲିସ ପକ୍ଷରୁ ବ୍ରାହ୍ମଣି ଗାଁ, ଜୟନଗର, ଉମୁରି, ରେଲୱେ ଷ୍ଟେସନ ଛକ, ଗାଗନାପୁର, ଗ୍ଲୋକାଲ ହସପିଟାଲ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ୫ଜଣ ମଦ୍ୟପଙ୍କୁ ଗିରଫ କରିଥିବା ନେଇ ମାମଲା ରୁଜୁ ହୋଇଛି। ଅଟକ ରଖିଥିବା ସମସ୍ତେ ଅତ୍ୟଧିକ ମଦ୍ୟପାନ କରି ଗାଡି ଚଲାଉଥିବା ଅଭିଯୋଗ ହୋଇଛି।

## 'ଲୋକତତ୍ତ୍ୱ ଓ ସାରଳା ମହାଭାରତ' ପୁସ୍ତକ ଲୋକାର୍ପିତ




**ଭୁବନେଶ୍ୱର, ୧୫।୧୨ (ସଂଚାର ବ୍ୟୁରୋ):** ଆଜି ଅପରାହ୍ନ ୫ଟାରେ ଓଡିଶା ରାଜ୍ୟ ପୁସ୍ତକ ମହୋତ୍ସବ ମେଳାରେ ଡକ୍ଟର ନଳିନୀ ପ୍ରଭା ମହାପାତ୍ରଙ୍କ ପୁସ୍ତକ 'ଲୋକତତ୍ତ୍ୱ ଓ ସାରଳା ମହାଭାରତ' କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଡକ୍ଟର ବୈଷ୍ଣବ ଚରଣ ସାମଲଙ୍କ ଦ୍ୱାରା ଉନ୍ମୋଚନ ହୋଇଛି। ଉକ୍ତ ପୁସ୍ତକଟି ବିଜୟିନି ପବ୍ଲିକେସନ ଦ୍ୱାରା ପ୍ରକାଶିତ ହୋଇଛି। ଡକ୍ଟର ମହାପାତ୍ରଙ୍କର ଏହା ଚତୁର୍ଥ ପୁସ୍ତକ। ଡକ୍ଟର ମହାପାତ୍ର ମହର୍ଷି କଲେଜ ଅଫ୍ ନ୍ୟାଚୁରାଲ ଲ', ଶହୀଦ ନଗରର ପୂରାତନ ଅଧକ୍ଷା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଏହି ସଭାରେ ଡକ୍ଟର ରମେଶ ଚନ୍ଦ୍ର ବେହେରା, ଡକ୍ଟର ଅନୁରାଧା ମହାପାତ୍ର, ଉମେଶ ଚନ୍ଦ୍ର ପ୍ରଧାନ,ଅମରେନ୍ଦ୍ର ମହାପାତ୍ର, ରବୀନ୍ଦ୍ରନାଥ ମିଶ୍ର,ଇଂ ଚଣ୍ଡୀ ପ୍ରସାଦ ମହାପାତ୍ର, ସାହିତ୍ୟିକା ବିମଳା ସିଂ, ସାମ୍ବାଦିକ ଦୁର୍ଗା ସାମନ୍ତରାୟ, ସମାଜସେବୀ ବିନୋଦିନି ପାତ୍ର,ନିନାଦିନୀ ମହାନ୍ତି, ପ୍ରାଧ୍ୟାପିକା ବନଜ ବାସିନୀ ମହାପାତ୍ର, ଦେବଦାସ ସାମନ୍ତରାୟ,ରକ୍ଷକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକଙ୍କୁ ସ୍କୁଲ ଭିତରେ ରଖି ତାଲା ମାରିଲେ ଅଭିଭାବକ

**ରେଢ଼ାଖୋଲ, ୧୫।୧୨ (ସଂଚାର ବ୍ୟୁରୋ) :** ଶିକ୍ଷକ ଦାବିରେ ସ୍କୁଲ ଫାଟକରେ ତାଲା । ଶିକ୍ଷକଙ୍କୁ ସ୍କୁଲ ଭିତରେ ରଖି ତାଲା ମାରିଲେ ଅଭିଭାବକ। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବଂଶାଜାଳରେ ଥିବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଘଟଣା । ସ୍କୁଲରେ ୫ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଥିଲେ । ସ୍କୁଲରୁ ପ୍ରଧାନ ଶିକ୍ଷକଙ୍କ ଅବସର ହେବା ପରେ ଆଉ ସ୍କୁଲରେ ଅଛନ୍ତି ୩ ଜଣ ଶିକ୍ଷୟତ୍ରୀ ଓ ଜଣେ ଶିକ୍ଷକ । ବାରମ୍ବାର ଅଭିଯୋଗ କରିଥିଲେ ବି ସମସ୍ୟାର ସମାଧାନ ନ ହେବାରୁ ବିଦ୍ୟାଳୟର ମୁଖ୍ୟ ଗେଟରେ ତାଲା ପକାଇଲେ ବିଦ୍ୟାଳୟର କମିଟି ମେମ୍ବର ଓ ଅଭିଭାବକ । ସ୍କୁଲରେ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ପଯ୍ୟନ୍ତ ୧୪୪ ଜଣ ଛାତ୍ର ଛାତ୍ରୀ ପାଠ ପଢୁଛନ୍ତି। ସ୍କୁଲରେ ପାଠ ପଢାଉଛନ୍ତି କେବଳ ୪ ଜଣ ଶିକ୍ଷକ । ସ୍କୁଲର ଛାତ୍ରଛାତ୍ରୀମାନେ ଆଜି ସକାଳ ୧୦ଟା ସମୟରୁ ଖରାରେ ବାହାରେ ବସିଛନ୍ତି । ସ୍କୁଲର ଉଚ୍ଚ ସ୍ତରୀୟ ଅଧିକାରୀଙ୍କୁ ଅଭିଭାବକ ମାନେ ଫୋନ ଯୋଗେ ଜଣାଇଥିଲେ କେବଳ ସି.ଆର.ସି ଆସିଛନ୍ତି । ଦୀର୍ଘ ପାଞ୍ଚ ଘଣ୍ଟା ପରେ ମଧ୍ୟ କେହି ଉଚ୍ଚ ପଦସ୍ଥ ଅଧିକାରୀ ଆସିନାହାନ୍ତି । ଅଭିଭାବକ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତେଜନା ଦେଖିବାକୁ ମିଳିଛି । ଗ୍ରାମୀଣ ଉନ୍ନୟନ ରାସ୍ତାକୁ ଅବରୋଧ କରି ଉତ୍ତେଜନା କରିଛନ୍ତି ଗ୍ରାମବାସୀ ଓ ଅଭିଭାବକ ।






## ବୁଧବାରଠାରୁ ପୁଣି ଘର ପରିଦର୍ଶନ କରିବେ ବିଏଲ୍‌ଓ

**କୋଲକାତା, ୧୫।୧୨ (ସଂଚାର ବ୍ୟୁରୋ):** ଡ୍ରାଫ୍ଟ ଭୋଟର ତାଲିକା ମଙ୍ଗଳବାର, ଅର୍ଥାତ ୧୬ ଡିସେମ୍ବରରେ ପ୍ରକାଶିତ ହେବ। ଭୋଟରମାନେ ନିର୍ବାଚନ କମିଶନ ୱେବସାଇଟରେ ସେମାନଙ୍କର ନାମ ଅଛି କି ନାହିଁ ତାହା ଯାଞ୍ଚ କରିପାରିବେ। ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶିତ ହେବା ପରେ ବୁଧବାରଠାରୁ ଶୁଣାଣି ପାଇଁ ଡକାଯିବ। ଭୋଟରଙ୍କ ସୂଚନା ଯାଞ୍ଚ କରିବା ପାଇଁ ବିଏଲ୍‌ଓମାନେ ଘରକୁ ଘର ବୁଲିବେ। ଯଦି ସେମାନେ ୧୧ଟି ମଧ୍ୟରୁ ଗୋଟିଏ ଡକ୍ୟୁମେଣ୍ଟ ଦେଖାଇପାରିବେ, ତେବେ କୌଣସି ଅସୁବିଧା ହେବ ନାହିଁ। ସେମାନଙ୍କ ନାମ ଚୂଡ଼ାନ୍ତ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବ। ଯେଉଁମାନେ ନୂତନ ଭୋଟର, ସେମାନେ ଫର୍ମ ୬ ପୂରଣ କରି ମଧ ଆବେଦନ କରିପାରିବେ।

● ମେସିଙ୍କ କାର୍ଯ୍ୟକ୍ରମରେ ବିଶୃଙ୍ଖଳା ଘଟଣା

## ଶତଦ୍ରୁ ପରେ ଆଉ ୨ ଜଣ ଗିରଫ

**କୋଲକାତା, ୧୫।୧୨ (ସଂଚାର ବ୍ୟୁରୋ):** ଗତ ୧୩ ଡିସେମ୍ବରରେ ସଲ୍ଟଲେକ୍ ସ୍ଥିତ ଯୁବ ଭାରତୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନ୍ତର୍ଜାତୀୟ ଫୁଟବଲ ଷ୍ଟାର ଲିଓନେଲ ମେସିଙ୍କ କାର୍ଯ୍ୟକ୍ରମରେ ବିଶୃଙ୍ଖଳା ହେବା ଘଟଣାରେ ପୁଲିସ ପୂର୍ବରୁ ମୁଖ୍ୟ ଆୟୋଜକ ସତଦ୍ରୁ ଦତ୍ତଙ୍କୁ ଗିରଫ କରିଥିଲା। ଏଥର ଏହି ଘଟଣାରେ ଆଉ ଦୁଇଜଣଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଉଛନ୍ତି ସୁଭ୍ରପ୍ରତିମ ଦେ ଏବଂ ସୌରଭ ବାସୁ। ସେମାନଙ୍କୁ ସୋମବାର କୋର୍ଟରେ ହାଜର କରାଯାଇଥିଲା। ସଲ୍ଟଲେକରେ ଯୁବ ଭାରତୀରେ ହୋଇଥିବା ବିଶୃଙ୍ଖଳା ଘଟଣାରେ ବିଧାନନଗର ପୁଲିସ ଛଅ ଜଣଙ୍କୁ ନୋଟିସ୍ ପଠାଇବାକୁ ଯାଉଛି ବୋଲି ସୂତ୍ରରୁ ଜଣାପଡିଛି। ଭଙ୍ଗାରୁଜାରେ କେଉଁମାନେ ସମ୍ପୃକ୍ତ ତାହା ଜାଣିବା ପାଇଁ ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି। କ୍ରୋଧିତ ହୋଇ ପଡ଼ିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ ହଜାର ହଜାର ଟଙ୍କା ଖର୍ଚ୍ଚ କରିବା ସତ୍ତ୍ୱେ ସେମାନେ ମେସିଙ୍କୁ ଦେଖିପାରିଲେ ନାହିଁ। ଯୁବ ଭାରତୀରେ ଚରମ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ବିଧାନସଭା ପୁଲିସ ଘଟଣାର ସ୍ୱତପ୍ରଣୋଦିତ ତଦନ୍ତ ଆରମ୍ଭ କରିଥିଲା।

# ଏସ୍‌ଆଇଆର୍: ଆଜି ପ୍ରକାଶ ପାଇବ ଡ୍ରାଫ୍ଟ ଭୋଟର ତାଲିକା

**କୋଲକାତା, ୧୫।୧୨ (ସଂଚାର ବ୍ୟୁରୋ):** ନିର୍ବାଚନ କମିଶନ ମଙ୍ଗଳବାର ଏସ୍‌ଆଇଆର୍ ପର୍ବର ପ୍ରାଥମିକ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ କରିବେ। ଗଣନା ଫର୍ମ ବଣ୍ଟନ, ପରେ ସେଗୁଡ଼ିକୁ ଗ୍ରହଣ ଏବଂ ଡିଜିଟାଇଜେସନ୍ କରିବାର ପ୍ରାରମ୍ଭିକ ପ୍ରକ୍ରିୟା ୧୧ ଡିସେମ୍ବରରେ ସମାପ୍ତ ହୋଇଥିଲା। ଏହି ପର୍ଯ୍ୟାୟ ବହୁତ ବିବାଦ ସୃଷ୍ଟି କରିଛି। ସେଥିମଧ୍ୟରୁ ଗୋଟିଏ ହେଉଛି ଏସ୍‌ଆଇଆର୍‌ର କାର୍ଯ୍ୟଭାର ଯୋଗୁଁ ଅନେକ ବିଏଲ୍‌ଓଙ୍କର ମୃତ୍ୟୁ ହୋଇଛି। ରାଜ୍ୟ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏତେ କମ୍ ସମୟ ମଧ୍ୟରେ ଏସ୍‌ଆଇଆର୍ କରାଯିବାରେ ଅସହମତ ଥିଲେ। ପରେ, ନିର୍ବାଚନ କମିଶନ ସମୟକୁ ସାମାନ୍ୟ ବୃଦ୍ଧି କରିଥିଲେ। ୧୬ ତାରିଖରେ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ କରିବାର ତାରିଖ ପୂର୍ବରୁ ସ୍ଥିର କରାଯାଇଥିଲା। ପଶ୍ଚିମବଙ୍ଗରେ ୭ କୋଟି ୬୬ ଲକ୍ଷ ଭୋଟର ଅଛନ୍ତି। ଏପର୍ଯ୍ୟନ୍ତ, ନିର୍ବାଚନ କମିଶନ ସୂଚନା ଦେଇଛନ୍ତି ଯେ, ପଶ୍ଚିମବଙ୍ଗରେ ୫୮ ଲକ୍ଷରୁ ଅଧିକ ଗଣନା ଫର୍ମ 'ଅଣସଂଗୃହୀତ' ସ୍ଥିତିରେ ରହିଛି। ସେମାନଙ୍କ ନାମ ବାଦ ଦିଆଯାଉଛି।

● ଖିଦିରପୁର ଶ୍ରୀଜଗନ୍ନାଥ ମନ୍ଦିରର ନୂତନ ପରିଚାଳନା କମିଟି

## ଚନ୍ଦ୍ରଶେଖର ପାଣିଗ୍ରାହୀ ସଭାପତି

**କୋଲକାତା, ୧୫।୧୨ (ସଂଚାର ବ୍ୟୁରୋ):** କୋଲକାତାର ଖିଦିରପୁରରେ ଅବସ୍ଥିତ ଓଡିଆମାନଙ୍କର ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ଜଗନ୍ନାଥ ମନ୍ଦିରର ନୂତନ ପରିଚାଳନା କମିଟି ରବିବାର ଗଠିତ ହୋଇଯାଇଛି। ମନ୍ଦିରର ଉତ୍କଳା ସଭାଗୃହରେ ଅନୁଷ୍ଠିତ ସାଧାରଣ ସଭାରେ ୨୦୨୫-୨୬ ବର୍ଷ ପାଇଁ ଗଠିତ ହୋଇଛି କମିଟି। ଏଦିନ ଚନ୍ଦ୍ରଶେଖର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟ, ବ୍ୟୟ ସର୍ବସମ୍ମତି ଗୃହିତ ପରେ ମନ୍ଦିର କମିଟିର ସଭାପତି ଭାବେ ଚନ୍ଦ୍ରଶେଖର ପାଣିଗ୍ରାହୀ, ସହ ସଭାପତି ପର୍ଶୁରାମ ବିଶୋଇ, ଡଃ ଏଲ୍. ଏନ୍ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି କପିଳଦେଓ ଗୋସାଇଁ, ସାଧାରଣ ସଂପାଦକ ପ୍ରମୋଦ କୁମାର ଜେନା, କାର୍ଯ୍ୟାଳୟ ସଂପାଦକ ସୁଦାମ କବି, ଲୋକ ସଂପର୍କ ସଂପାଦକ ରମାକାନ୍ତ ମହାନ୍ତି, ସହକାରୀ ସଂପାଦକ ଭାଗବତ ପଲାଇ, ମନ୍ଦିର ରୀତିନୀତି ପରିଚାଳକ ସୁଶାନ୍ତ କୁମାର ପ୍ରଧାନ, ସହକାରୀ ପରିଚାଳକ ବିନୟ କୁମାର ରାଉତ, ନିବାସ ଶେଖର ଷଡଙ୍ଗୀ, ପରୀକ୍ଷକ ସୁବ୍ରତ କୁମାର ମହାନ୍ତି, ସହକାରୀ ପରୀକ୍ଷକ ସର୍ବେଶ୍ୱର ବୋଇତି, କୋଷାଧ୍ୟକ୍ଷ ସର୍ବେଶ୍ୱର ଦାସ, ନାରାୟଣ ଚନ୍ଦ୍ର ଲେଙ୍କା ନିର୍ବାଚିତ ହୋଇଛନ୍ତି। ଉତ୍କଳାର ସଭାପତି ଭାବରେ ଗୁରୁପ୍ରସାଦ ପଟ୍ଟନାୟକ, ସଂପାଦକ ସରୋଜ କୁମାର ମଲ୍ଲିକ, ସହ ସଂପାଦକ ପ୍ରଦୀପ କୁମାର ଦାସ, 'ଉତ୍କର୍ଷା'ର ସଭାପତି ସରୋଜ କୁମାର ସାହୁ, ସହ-ସଭାପତି ରମେଶ ଚନ୍ଦ୍ର ପୃଷ୍ଟି, ସଂପାଦକ ଗଜେନ୍ଦ୍ର କୁମାର ସ୍ୱାଇଁ, ସହ ସଂପାଦକ ସୁଶାନ୍ତ କୁମାର ଦାସ, ଏସ୍ ବାରିକ, ଉପଦେଷ୍ଟା ଡଃ ପ୍ରଦୀପ୍ତ କୁମାର ସେଠୀ, ଶ୍ରୀ ଜଗନ୍ନାଥ ପାଠାଗାରର ସଭାପତି ଭାବରେ ସାହିତ୍ୟିକ ସାଫଲ୍ୟ ନନ୍ଦୀ, ସଂପାଦକ ଭାବଗ୍ରାହୀ ପ୍ରଧାନ, ସହ ସଂପାଦକ ପ୍ରିୟ ରଞ୍ଜନ ଦଳାଇ, ଖଗେଶ୍ୱର ପାଣ୍ଡବ, ଉପଦେଷ୍ଟା ଭାବରେ ଡଃ ଜ୍ଞାନେଶ୍ୱର ମିଶ୍ର ନିର୍ବିଚିତତ ହୋଇଥିବା ବେଳେ ସମିତିର ଉପଦେଷ୍ଟା ମଣ୍ଡଳୀକୁ ଡଃ ସବ୍ୟସାଚୀ ପଟ୍ଟନାୟକ, ଅବସର ପ୍ରାପ୍ତ ଆଇଏସ୍ କାଶୀନାଥ ବେହେରା, ପ୍ରସନ୍ନ କୁମାର ଦାଶ, ଅବସର ପ୍ରାପ୍ତ ଆଇପିଏସ୍ ଦୁର୍ଗା ପ୍ରସାଦ ତାରେଣିଆ, ଶଙ୍କର ପ୍ରସାଦ ଦାସ, ବିଜୟ କୁମାର ସ୍ୱାଇଁ, ରମେଶ ଚନ୍ଦ୍ର ପ୍ରଧାନ, ଡଃ ଅଶୋକ କୁମାର ଦାସ, ମନୋଜ କୁମାର ପରିଡା, ସାହିତ୍ୟିକା ରେଣୁକା ରଥ ନିର୍ବାଚିତ ହୋଇଛନ୍ତି।

## ନିଖୋଜ ନାବାଳିକାର ସନ୍ଧାନ କରି ୧୧ ଜଣଙ୍କୁ ଉଦ୍ଧାର କଲା ପୁଲିସ

ସ୍ପା ମାଲିକଙ୍କୁ ଗିରଫ କଲା ପୁଲିସ

**କୋଲକାତା, ୧୫।୧୨ (ସଂଚାର ବ୍ୟୁରୋ):** ଦୁଇଦିନ ଧରି ଘରକୁ ଫେରିନଥିଲା ନାବାଳିକା ଝିଅ। ଚିନ୍ତିତ ହୋଇ ପରିବାର ସଦସ୍ୟ ଉତ୍ତର ୨୪ ପ୍ରଗଣା ଜିଲ୍ଲାର ଅଶୋକନଗର ଥାନାକୁ ଯାଇ 'ନିଖୋଜ ଡାଏରୀ' ଦାଖଲ କରିଥିଲେ। ଏହା ପରେ, ପୁଲିସ ନାବାଳିକାକୁ ଖୋଜିବା ପାଇଁ ତଦନ୍ତ ଆରମ୍ଭ କରି ଏକ ବଡ଼ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରିଥିଲା। ଅଶୋକନଗର ଥାନାର ପୁଲିସ ସେଠାରେ ଥିବା ଏକ ସ୍ପା ସେଣ୍ଟରରେ ଚଢାଉ କରିଥିଲା। ଜଣା ପଡ଼ିଛି ଯେ ନାବାଳିକା ଝିଅଟି କିଛି ମାସ ଧରି ଏହି ସ୍ପା ସେଣ୍ଟରରେ କାମ କରୁଥିଲା। ପୁଲିସ ତାଙ୍କୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଛି। ତଦନ୍ତକାରୀମାନେ ଚଢାଉ କରି ସ୍ପା ସେଣ୍ଟରର ମାଲିକଙ୍କୁ ଗିରଫ କରିବା ସହ ମୋଟ ୧୧ ଜଣ ମହିଳାଙ୍କୁ ଉଦ୍ଧାର କରିଥିଲେ। କେତେକ ନାବାଳିକା ଥିଲେ, କେତେକ ବୟସ୍କ ଥିଲେ। ଚାରି ଜଣଙ୍କୁ ଗିରଫ କରାଯାଇଛି। ସେ ସ୍ଥାନୀୟ ବାସିନ୍ଦାଙ୍କ ଦାବି ଯେ ପ୍ରତିଦିନ ନୂଆ ଝିଅମାନେ ସ୍ପା ସେଣ୍ଟରକୁ ଆସୁଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଜେଡିରେ...

ଦରମା ଛାଡ଼ ଘୋଷଣା ସହ ଶାସକ ଦଳର କିଛି ବିଧାୟକ ସେମାନଙ୍କ ବର୍ଦ୍ଧିତ ଦରମାକୁ ଗରିବଙ୍କ ମଧ୍ୟରେ ବାଣ୍ଟିବା ପାଇଁ ଘୋଷଣା କରିଥିବା ବେଳେ ବିଜେଡି ବିଧାୟକ ଡକ୍ଟର ଅରୁଣ ସାହୁ ମୋଟା ଅଙ୍କର ଭତ୍ତା କିଭଳି ଖର୍ଚ୍ଚ ହେବ, ତାହା ଉପରେ ନିଜର ମତ ରଖିଛନ୍ତି। ଦିନକୁ ଦିନ ବିଧାୟକମାନଙ୍କ ଦରମା ବୃଦ୍ଧିକୁ ନେଇ ଅସନ୍ତୋଷ ବଢୁଥିବା ବେଳେ ନବୀନ କେବଳ ନିଜର ଭାବମୂର୍ତ୍ତିକୁ ଚମକାଇ ଅନ୍ୟମାନଙ୍କୁ କାହିଁକି କାଠଗଡ଼ାକୁ ଛାଡ଼ିଦେଲେ, ତାହା ଦଳୀୟ କର୍ମୀମାନେ ବୁଝିପାରୁନାହାନ୍ତି।

ଅନ୍ୟ ପକ୍ଷରେ ଦରମା ବୃଦ୍ଧି ବିଲ୍ ପାରିତ ହେବା ସମୟରେ ବିଜେଡି ସଦସ୍ୟମାନେ ଏହାକୁ ଖୋଲା ସମର୍ଥନ ଦେଇଥିଲେ। ନବୀନଙ୍କ ବିନା ସମ୍ମତିରେ ଏହା କଦାପି ହୋଇନଥିବ। କିନ୍ତୁ ବିଲ୍ ପାରିତ ହେବା ପରେ ଚାରିଆଡୁ ଚାପ ଦେଖି ତିନି ଚାରି ଦିନ ପରେ ନବୀନ ମାଇଲେଜ ନେବା ପାଇଁ ଚିଠି ଲେଖି ସେଥିରେ ସଫଳ ହୋଇଥିବା ବେଳେ ବିଜେଡି କିନ୍ତୁ ଏଥିରେ ଏକପ୍ରକାର ଫସିଯାଇଥିବା ଲକ୍ଷ୍ୟ କରାଯାଉଛି।

## ଓଡ଼ିଶା...

ବ୍ୟାଚ୍‌ର ଶ୍ରୀ ଆହୁଜାଙ୍କୁ କେନ୍ଦ୍ରୀୟ ଡେପୁଟେସନରୁ ଫେରାଇ ରାଜ୍ୟ ପ୍ରଶାସନର ମୁଖ୍ୟ ଦାୟିତ୍ୱରେ ବସାଇଥିଲା। ଗତ ବର୍ଷ ଶ୍ରୀ ଆହୁଜାଙ୍କ କାର୍ଯ୍ୟକାଳ ଆଉ ଗୋଟିଏ ବର୍ଷ ବୃଦ୍ଧି କରାଯାଇଥିଲା। ପ୍ରଶାସନିକ ମହଲରେ ଏଭଳି ମଧ୍ୟ ଚର୍ଚ୍ଚା ହେଉଛି ଯେ ମନୋଜଙ୍କ କାର୍ଯ୍ୟକାଳ ଆଉ ୬ ମାସ ପାଇଁ ବୃଦ୍ଧି କରିପାରନ୍ତି ସରକାର। କିନ୍ତୁ ରାଜନୈତିକ ମହଲରେ ଏଭଳି ସମ୍ଭାବନାକୁ ଅସ୍ୱୀକାର କରାଯାଉଛି। କୁହାଯାଉଛି ଯେ ମନୋଜଙ୍କ ଭାବମୂର୍ତ୍ତି ଓ କର୍ତ୍ତବ୍ୟ ନିଷ୍ଠା ପାଇଁ ସରକାର ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା ଭାବେ ନିଯୁକ୍ତି ଦେଇପାରନ୍ତି। ସେ କେବଳ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିବା ଓ ରାଜ୍ୟ ସରକାରଙ୍କୁ ଆବଶ୍ୟକ ପରାମର୍ଶ ଦେବେ।

## ମେଡିକାଲ...

ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଷ୍ଟାଇପେଣ୍ଡ ପରିମାଣ ମାସକୁ ୩୩ ହଜାରରୁ ୫୫ ହଜାରକୁ ବୃଦ୍ଧି ପାଇଛି। ଏହି ବୃଦ୍ଧି ୬୭ ପ୍ରତିଶତ। ସେହିପରି ସରକାରୀ ଆୟୁର୍ବେଦିକ ଓ ହୋମିଓପାଥିକ ମେଡିକାଲ କଲେଜର ହାଉସ୍ ସର୍ଜନମାନଙ୍କ ଷ୍ଟାଇପେଣ୍ଡ ୧୭ ହଜାରରୁ ୩୦ ହଜାରକୁ ବୃଦ୍ଧି କରାଯାଇଛି। ଏହା ଗତ ଅଗଷ୍ଟ ପହିଲାରୁ ପିଛିଲା ଭାବେ ଲାଗୁ ହେବ। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଶିକ୍ଷା ଓ ରୋଗୀ ସେବାରେ ଅଧିକ ମନୋନିବେଶ କରି ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

## ୪୫୦ ଟପିଲା...

ଅନଲାଇନ୍ ବ୍ୟବସ୍ଥାକୁ ଆପଣାଇଥିବା ଜଣାପଡ଼ିଛି। ବିମାନ ସେବା ସହ ରେଳସେବା ଉପରେ ମଧ ଘନ କୁହୁଡ଼ିର ପ୍ରଭାବ ପଡ଼ିଥିଲା ଓ ୬୦ରୁ ଉର୍ଦ୍ଧ୍ୱ ଟ୍ରେନ୍ ଚଳାଚଳ ବିଳମ୍ବିତ ହୋଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଉତ୍ତର ଭାରତର ଅଧିକାଂଶ ଅଞ୍ଚଳରେ ଆଜି ସକାଳେ ଘନ କୁହୁଡ଼ିର ଆସ୍ତରଣ ରହିଥିବାରୁ ଯାନବାହନ ଚଳାଚଳରେ ବ୍ୟାପକ ସମସ୍ୟା ସୃଷ୍ଟି ହୋଇଥିଲା। ଚଳିତ ସିଜନ୍‌ର ପ୍ରଥମ କୁହୁଡ଼ି ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସ୍ ୱେ'ରେ ମୃତ୍ୟୁର ତାଣ୍ଡବ ରଚିଥିଲା। ଦୃଶ୍ୟମାନତା ଅତି ଦୁର୍ବଳ ସ୍ତରରେ ଥିବାରୁ ସିରିଜ୍ ଦୁର୍ଘଟଣା ଘଟିଥିଲା, ଯେଉଁଥିରେ ପାଖାପାଖି ୨୫ଟି ଗାଡ଼ି ପରସ୍ପର ସହ ଧକ୍କା ଲାଗି ଭାଙ୍ଗିରୁଜି ଯାଇଥିବା ବେଳେ ୪ ଜଣ ଯାତ୍ରୀ ମୃତ୍ୟୁବରଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୨ ଜଣ ପୁଲିସ୍ କର୍ମଚାରୀ ବି ରହିଛନ୍ତି। ଏହାଛଡ଼ା ୨୫ ଜଣ ଯାତ୍ରୀ ଆହତ ମଧ ହୋଇଥିବା ଜଣାପଡ଼ିଛି। ତେବେ ଏକ ପିଜୁଳି ବୋଝେଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବାରୁ ପିଜୁଳିଗୁଡ଼ିକ ରାସ୍ତାରେ ପଡ଼ିବା ଫଳରେ ଅନ୍ୟ ଗାଡ଼ି ତା' ଉପରେ ଚଢ଼ିଯିବାରୁ ଚାଳକ ନିୟନ୍ତ୍ରଣ ହରାଇଥିଲେ। ଫଳତଃ ଏପରି ଏକ ବଡ଼ ଧରଣର ଅଘଟଣ ଘଟିଥିଲା। ଏହାଛଡ଼ା ଗୁରୁଗ୍ରାମ୍‌ରେ ମଧ ୩ଟି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଦିଲ୍ଲୀ-ଗୁରୁଗ୍ରାମ୍ ହାଇୱେରେ ଏକ କ୍ୟାବ୍ ଅଚାନକ ଲେନ୍ ବଦଳାଇବାରୁ ତା' ସହ ଏକ ସୁପର୍ ବାଇକ୍ ସୁଜୁକି ହାୟାବୁସା ଧକ୍କା ଲାଗିଥିବା ସମୟର ଏକ ଭିଡିଓ ଭାଇରାଲ୍ ହୋଇଛି।

## କଂଗ୍ରେସର...

ପ୍ରଭାବଶାଳୀ ନେତାମାନେ ୧୯୯୯ରେ କଂଗ୍ରେସରୁ ଅଲଗା ହୋଇ ଏନସିପି ଗଠନ କଲେ ଆଉ ମହାରାଷ୍ଟ୍ର ରାଜନୀତିରେ ଏକ ପ୍ରଭାବୀ ଶକ୍ତି ଭାବେ ଛିଡ଼ା ହେଲେ। ସେହିପରି ଆନ୍ଧ୍ରପ୍ରଦେଶରେ ଆଭ୍ୟନ୍ତରୀଣ ପ୍ରତିଯୋଗିତାରେ ଜଗନମୋହନ ରେଡ୍ଡୀଙ୍କ ନେତୃତ୍ୱରେ ଗଠିତ ହୋଇଛି ୱାଇଏସଆର କଂଗ୍ରେସ।

ଜାମ୍ମୁ-କାଶ୍ମୀରରେ ମୁଫତି ମହମ୍ମଦଙ୍କ ପିଡିପି ହେଉ ବା ଗୁଲାମନବୀ ଆଜାଦଙ୍କ ଡେମୋକ୍ରାଟିକ ପ୍ରୋଗ୍ରେସିଭ ଆଜାଦ ପାର୍ଟି, ସମସ୍ତେ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରସଙ୍ଗରେ କଂଗ୍ରେସରୁ ଅଲଗା ହୋଇଛନ୍ତି। ଆଉ ଯେଉଁମାନେ କଂଗ୍ରେସରୁ ଭିନ୍ନ ହୋଇ ନୂଆ ଦଳ ଗଢ଼ିଛନ୍ତି ସେମାନେ ମୁଖ୍ୟତଃ କଂଗ୍ରେସ ଭୋଟ ବିଭାଜନର ସୂତ୍ରଧର ପାଲଟିଛନ୍ତି। ଓଡିଶା କ୍ଷେତ୍ରରେ ମଧ୍ୟ ଠିକ ସେଇଭଳି ଏକ ପରିସ୍ଥିତି ସୃଷ୍ଟି କରିଛନ୍ତି ବର୍ତ୍ତମାନର ପିସିସି ସଭାପତି ଭକ୍ତ ଚରଣ ଦାସ। ନେତାଙ୍କୁ ସାଙ୍ଗରେ ରଖିବା ବଦଳରେ ସେମାନଙ୍କୁ ଦଳରୁ କାଢ଼ି ରାଜ୍ୟରେ କଂଗ୍ରେସକୁ ଆହୁରି ଦୁର୍ବଳ କରିଦେଉଛନ୍ତି। କଟକରେ କଂଗ୍ରେସ ୨୦୧୯ ଓ ୨୦୨୪ରେ ପ୍ରଥମେ ମୋକିମ ଓ ପରେ ତାଙ୍କ ଝିଅ ଜିତିବା ପଛରେ ଦଳର କମ ଓ ସେମାନଙ୍କ ବ୍ୟକ୍ତିଗତ ଜନସମ୍ପର୍କର ପ୍ରଭାବ ଅଧିକ ଥିଲା। ଏକଥାକୁ ଏଆଇସିସି ଓ ପିସିସି ବୋଧହୁଏ ଭୁଲିଯାଉଛନ୍ତି।

ରାଜ୍ୟ କଂଗ୍ରେସରେ ଏବେ ମୋକିମଙ୍କ ଝିଅ ତଥା ବିଧାୟିକା ସୋଫିଆ ଫିର୍ଦ୍ଦୋସ ଏକ ମହତ୍ତ୍ୱାକାଂକ୍ଷୀ ଚେହେରା। ଦଳରେ ସେ ଏକମାତ୍ର ମହିଳା ବିଧାୟିକା। ତା' ସାଙ୍ଗକୁ ପୁଣି ବିଧାନସଭା ଓ ବିଧାନସଭା ବାହାରେ ତାଙ୍କର ରାଜନୈତିକ ପ୍ରଦର୍ଶନ ମଧ୍ୟ ବେଶ ପ୍ରଶଂସନୀୟ। ଏଭଳି ସ୍ଥିତିରେ ଯଦି ମୋକିମ କଂଗ୍ରେସର କିଛି ଅସନ୍ତୁଷ୍ଟ ନେତା ଓ ଏକ-ତୃତୀୟାଂଶ ବିଧାୟକଙ୍କୁ ନିଜ ସହ ନେଇ ନୂଆ ଦଳ ଗଠନ କରିବେ, ତା'ହେଲେ ରାଜ୍ୟରେ କଂଗ୍ରେସ ନିଜର ଅସ୍ତିତ୍ୱ ହରାଇବା ଭଳି ସ୍ଥିତିକୁ ଆସିଯିବ ବୋଲି ସମୀକ୍ଷକମାନେ ଆକଳନ କରୁଛନ୍ତି। ମୋକିମଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରେ ଭକ୍ତ ନିଜକୁ ନିଷ୍କଣ୍ଟକ ବୋଲି ଭାବିବା ଭୁଲ। ବରଂ କିଛି ମୁଷ୍ଟିମେୟ ନେତାଙ୍କ କୋଟେରୀ ସହଯୋଗରେ ସେ ଖୋଳୁଥିବା ଗାତରେ ନିଜେ ପଡ଼ିବେ ବୋଲି ରାଜନୈତିକ ବିଶ୍ଳେଷକମାନେ ଭକ୍ତଙ୍କୁ ସତର୍କ କରାଇଦେଇଛନ୍ତି।

## କଂଗ୍ରେସଠୁ...

ନୁହେଁ। ମୁଁ ୨୪ ଘଣ୍ଟା ସାମାଜିକ କର୍ମୀ ଥିଲି ଓ ବିଭିନ୍ନ କାର୍ଯ୍ୟକ୍ରମରେ ନିୟୋଜିତ ରହୁଥିଲି। ରାଜନୀତି ମୋ ପାଇଁ ଏକ ପ୍ଲାଟଫର୍ମ। ବହିଷ୍କାର ଆଦେଶକୁ ମୁଁ ଗ୍ରହଣ କରୁଛି, ମୋ ଚିଠିର ପ୍ରଭାବ ପଡ଼ିଛି। ଜାତୀୟ ସ୍ତରରେ ନିଶ୍ଚୟ ମୋ ଚିଠି ଉପରେ ଆଲୋଚନା ହୋଇଛି। କେହି ନା କେହି ମୋ ଚିଠିକୁ ଆଧାର କରି ଦଳକୁ ଆଗକୁ ନେବ। ନିଜର ସମର୍ଥକ ଓ ପ୍ରଶଂସକଙ୍କ ସହ ଆଲୋଚନା କରିବି। ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନେବି ବୋଲି ମୋକିମ୍ କହିଛନ୍ତି।

ନିକଟରେ ଭକ୍ତଙ୍କ ନେତୃତ୍ୱ ନେଇ ପ୍ରଶ୍ନ ଉଠାଇଥିଲେ ମୋକିମ। ରାଜ୍ୟ କଂଗ୍ରେସର ଦୁର୍ବଳ ନେତୃତ୍ୱ ନେଇ ସୋନିଆଙ୍କୁ ଚିଠି ଲେଖି ସେ ତାଙ୍କର ଅସନ୍ତୋଷ ଝାଡ଼ିଥିଲେ।। ସେ ଲେଖିଥିଲେ ଯେ ଲଗାତର ତିନି ତିନି ଥର ନିର୍ବାଚନରେ ପରାସ୍ତ ହୋଇଥିବା ଭକ୍ତଙ୍କୁ ପିସିସି ସଭାପତି ନିଯୁକ୍ତ କରିବା ଦ୍ୱାରା ସାଧାରଣ କର୍ମୀ ହତୋତ୍ସାହିତ ହୋଇଛନ୍ତି। ଜେପି ଆନ୍ଦୋଳନ ସମୟରେ ଗାନ୍ଧି ପରିବାରକୁ ସମାଲୋଚନା କରିଥିବା ଭକ୍ତଙ୍କ ବିଚାରଧାରା କଂଗ୍ରେସଠାରୁ ଭିନ୍ନ। ସେ ଓ ତାଙ୍କ ପୁଅ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନକୁ ଖୋଲାଖୋଲି ସମର୍ଥନ କରୁଛନ୍ତି, ଯେଉଁଥିପାଇଁ ଦଳର କାର୍ଯ୍ୟକର୍ତ୍ତା ଅସନ୍ତୋଷ ପ୍ରକାଶ କରୁଛନ୍ତି। ଯଦି ଖୋଦ୍ ନେତା ନିଜ ସଂସଦୀୟ ନିର୍ବାଚନମଣ୍ଡଳୀରେ ଲୋକଙ୍କ ଭରସା ଜିତିପାରିବେନି, ତା'ହେଲେ କର୍ମୀମାନେ ସ୍ୱତଃପ୍ରବୃତ୍ତ ଭାବେ ତାଙ୍କ ନେତୃତ୍ୱ ଉପରେ ଆସ୍ଥା ହରାଇବେ। ଆଉ ରାଜ୍ୟରେ ଦଳକୁ ଦିଗଦର୍ଶନ ଦେବାରେ ତାଙ୍କ ଯୋଗ୍ୟତା ଉପରେ ପ୍ରଶ୍ନ ଉଠାଇବେ। ଏହି ସ୍ଥିତି ଯୋଗୁଁ ରାଜ୍ୟରେ ତୃଣମୂଳ ସ୍ତରର କର୍ମୀ ଏବେ ଦିଶାହୀନ ହୋଇପଡ଼ିଛନ୍ତି ବୋଲି ମୋକିମ ତାଙ୍କ ଚିଠିରେ ଉଲ୍ଲେଖ କରିଥିଲେ।

ସେପଟେ ମୋକିମଙ୍କ ସପକ୍ଷରେ ବାହାରିଛନ୍ତି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ। କଂଗ୍ରେସରୁ ମୋକିମଙ୍କ ବହିଷ୍କାର ପରେ ନିରଞ୍ଜନ କହିଛନ୍ତି ଯେ ମୋକିମଙ୍କ ଭଳ ନେତାଙ୍କର ଦଳରେ ଆବଶ୍ୟକତା ରହିଛି। ଦଳ ପ୍ରତି ମୋକିମଙ୍କ ଅବଦାନକୁ କଦାପି ଭୁଲି ହେବ ନାହିଁ। ଅଶାନ୍ତି ଦୂର କରିବା ପ୍ରଥମ କର୍ତ୍ତବ୍ୟ ଥିଲା। କଂଗ୍ରେସ ନୀତି ଆଦର୍ଶରୁ ଦୂରେଇବା କଥା ସେ କଦାପି କହିନାହାନ୍ତି। ସେ ଦଳକୁ କିଭଳି ଆଗକୁ ଶକ୍ତିଶାଳୀ କରାଯାଇପାରିବ, ସେନେଇ ହାଇକମାଣ୍ଡଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଯାହା ଲେଖିଥିଲେ ଏକଥା କାହାକୁ ବି ଅଛପା ନୁହେଁ ବୋଲି ନିରଞ୍ଜନ କହିଛନ୍ତି।

## ବିକଶିତ...

ବୈଜ୍ଞାନିକ ଓ ବୈଷୟିକ ପ୍ରତିଷ୍ଠାନ ପାଇଁ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସମନ୍ୱୟ ଓ ମାନଦଣ୍ଡ ନିର୍ଣ୍ଣୟ ପାଇଁ ବ୍ୟବସ୍ଥା କରିଛି। ଏହି ବିଲରେ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ନାମକ ସର୍ବୋଚ୍ଚ ସଂସ୍ଥା ଗଠନ ପ୍ରସ୍ତାବ ରହିଛି। ଏଥିସହ ୩ଟି ପରିଷଦ ଯଥା ବିକଶିତ ଭାରତ ଶିକ୍ଷା ବିନିୟାମନ ପରିଷଦ (ନିୟାମ ପରିଷଦ), ବିକଶିତ ଭାରତ ଶିକ୍ଷା ଗୁଣବତ୍ତା ପରିଷଦ (ମାନ୍ୟତା ପରିଷଦ) ଓ ବିକଶିତ ଭାରତ ଶିକ୍ଷା ମାନକ ପରିଷଦ (ମାନକ ପରିଷଦ) ମଧ ଗଠନ କରାଯିବ। ନୂଆ ବିଲ୍ ଆଇନରେ ପରିଣତ ହେଲେ ବିଶ୍ୱବିଦ୍ୟାଳୟ ମଞ୍ଜୁରି ଆଇନ (ୟୁଜିସି) ୧୯୫୬, ସର୍ବଭାରତୀୟ ବୈଷୟିକ ଶିକ୍ଷା ଆଇନ (ଏଆଇସିଟିଇ) ୧୯୮୭ ଓ ଜାତୀୟ ଶିକ୍ଷକ ପରିଷଦ ଆଇନ (ଏନସିଟିଇ) ୧୯୯୩ ଉଚ୍ଛେଦ କରାଯିବ। ଶିକ୍ଷା ମନ୍ତ୍ରଣାଳୟ, ୟୁଜିସି, ଏଆଇସିଟିଇ, ଏନସିଟିଇ ଅଧୀନରେ ଥିବା ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ ମାନଦଣ୍ଡ ନିର୍ଣ୍ଣୟ ପାଇଁ ଭାରତ ଶିକ୍ଷା ଅଧିଷ୍ଠାନ ଅଧୀନରେ ରହିବ। ସେହିପରି ଏନଇପି-୨୦୨୦ରେ ପରିକଳ୍ପିତ ସ୍ଥାପତ୍ୟ ପରିଷଦ (ସିଓଏ) ଏକ ବୃତ୍ତିଗତ ମାନଦଣ୍ଡ ନିର୍ଦ୍ଧାରଣ ସଂସ୍ଥା (ପିଏସଏବି) ଭାବେ କାର୍ଯ୍ୟ କରିବ। ଏହି ବିଲ୍ ଜାତୀୟ ଗୁରୁତ୍ୱ ବହନ କରୁଥିବା ଅନୁଷ୍ଠାନଗୁଡ଼ିକୁ ପ୍ରଦାନ କରାଯାଇଥିବା ସ୍ୱାୟତ୍ତତାର ବର୍ତ୍ତମାନର ସ୍ତରକୁ ବଜାୟ ରଖିବା ସୁନିଶ୍ଚିତ କରିବ।

ସେହିପରି ପ୍ରସ୍ତାବିତ ବିଲ୍ ଏକୀକୃତ ଏବଂ ସୁଗମ ନିୟାମକ ଢାଞ୍ଚା ପ୍ରଚଳନ କରି ଜଟିଳତାକୁ ଦୂର କରିବ। ସମଗ୍ର ନିୟାମକ ଢାଞ୍ଚା ପ୍ରଯୁକ୍ତିବିଦ୍ୟା-ଚାଳିତ, ସାକ୍ଷାତମୁକ୍ତ, ସିଙ୍ଗଲ୍ ୱିଣ୍ଡୋ ଇଣ୍ଟରାକ୍ଟିଭ୍ ସିଷ୍ଟମ୍ ମାଧ୍ୟମରେ କାର୍ଯ୍ୟ କରିବ, ଯାହା ସାର୍ବଜନୀନ ଆତ୍ମ-ପ୍ରକାଶନ ଓ ବିଶ୍ୱାସ-ଆଧାରିତ ନିୟାମକର ନୀତି ଉପରେ ଆଧାରିତ। ନିୟାମକ ପରିଷଦ ଏକ ବ୍ୟାପକ ସାର୍ବଜନୀନ ଡିଜିଟାଲ୍ ପୋର୍ଟାଲ୍ ପରିଚାଳନା କରିବ, ଯେଉଁଥିରେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ଆର୍ଥିକ ସ୍ୱଚ୍ଛତା, ପରିଚାଳନାଗତ ଅଭ୍ୟାସ, ଆର୍ଥିକ, ଅଡିଟ୍, ପ୍ରକ୍ରିୟା, ଭିତ୍ତିଭୂମି, ଅଧ୍ୟାପକ ଓ କର୍ମଚାରୀ, ଶୈକ୍ଷିକ କାର୍ଯ୍ୟକ୍ରମ ଓ ଶିକ୍ଷାଗତ ଫଳାଫଳ ସମ୍ବନ୍ଧୀୟ ସୂଚନା ପ୍ରକାଶ କରିବାକୁ ପଡ଼ିବ। ଏହି ସାର୍ବଜନୀନ ପୋର୍ଟାଲରେ ଦାଖଲ ହୋଇଥିବା ତଥ୍ୟ ମାନ୍ୟତା ପାଇଁ ପ୍ରାଥମିକ ଆଧାର ଭାବେ ମଧ୍ୟ କାର୍ଯ୍ୟ କରିବ, ଯାହାଦ୍ୱାରା ଉଚ୍ଚଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା, ଦାୟିତ୍ୱବୋଧତା ଏବଂ ସ୍ଥିରତା ସୁନିଶ୍ଚିତ ହେବ। ସେହିପରି ନୂଆ ବିଲ୍ ଯୁବ ସଶକ୍ତିକରଣରେ ସହାୟକ ହେବ।

## ଧାତବ...

ସମ୍ଭାବନା ଥିଲା। ତେଣୁ ଏପରି ବିପଦକୁ ଏଡ଼ାଇବା ସକାଶେ ଏକ ଜରୁରୀକାଳୀନ ଏଣ୍ଡୋସ୍କୋପି କରାଯାଇଥିଲା। ଏଥିରେ ବେଶ୍ ସାବଧାନତାର ସହ ବିନା କୌଣସି ଅସ୍ତ୍ରୋପଚାରରେ ସାବଧାନତାର ସହ ଉକ୍ତ ପିନ୍‌ଟିକୁ ବାହାର କରାଯାଇଥିଲା। ଏଥିପାଇଁ ଉନ୍ନତ ଏଣ୍ଡୋସ୍କୋପିକ୍ ଉପକରଣ ବ୍ୟବହାର କରାଯାଇଥିଲା ବୋଲି ଡାକ୍ତର ସେଠୀ ସ୍ପଷ୍ଟ କରିଛନ୍ତି। ତାଙ୍କ ସହ ଉକ୍ତ ଟିମ୍‌ରେ ଡାକ୍ତର ପ୍ରଶାନ୍ତ ଦେବନାଥ (ପରାମର୍ଶଦାତା - ମେଡିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି), ଡାକ୍ତର ରାହୁଲ ସାମନ୍ତ (ପରାମର୍ଶଦାତା, ମେଡିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି) ଓ ଡାକ୍ତର ପ୍ରଶାନ୍ତ କୁମାର ମଧ ରହିଥିଲେ। କୃଷାଣୁ ଶରୀରରୁ ଉକ୍ତ ଧାତବ ପିନ୍ ବାହାର କରାଯିବା ପରେ ମଣିପାଲ ହସ୍ପିଟାଲ୍‌ର ଶିଶୁ ରୋଗ ଓ ନିଓନାଟୋଲୋଜି ମୁଖ୍ୟ ଡକ୍ଟର ନିକୋଲା ଜୁଡିଥ୍ ଫ୍ଲାଇନ୍ ଓ ତାଙ୍କ ଦଳ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ଉପରେ କଡ଼ା ନଜର ରଖିଥିଲେ। କୃଷାଣୁ ମଧ ଦ୍ୱରିତ ବେଗରେ ସୁସ୍ଥ ହୋଇଥିଲେ ଓ ଶେଷରେ ତାଙ୍କୁ ବିପଦମୁକ୍ତ ଅବସ୍ଥାରେ ହସ୍ପିଟାଲ୍‌ରୁ ଡିସଚାର୍ଜ କରାଯାଇଥିଲା। ପୁଅ ପୁନର୍ଜୀବନ ପାଇବା ପରେ ବାପା ଆଶ୍ୱସ୍ତ ହେବା ସହ ଡାକ୍ତର ସେଠୀ ଓ ତାଙ୍କ ଟିମ୍ ପ୍ରତି କୃତଜ୍ଞତା ଜଣାଇବା ସହ ଉକ୍ତ ଟିମ୍‌ର ପେସାଦାରୀ ମନୋଭାବକୁ ପ୍ରଶଂସା କରିଛନ୍ତି। ଟିମ୍‌ର ଦ୍ୱରିତ ନିଷ୍ପତ୍ତି ତାଙ୍କ ପୁଅର ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଛି ବୋଲି ସେ କହିବା ସହ କୃଷାଣୁ ଘରେ ଧୀରେ ଧୀରେ ସ୍ୱାଭାବିକ ଅବସ୍ଥାକୁ ଫେରୁଥିବା କହିଛନ୍ତି। ତେବେ ଡାକ୍ତର ସେଠୀ ଓ ତାଙ୍କ ଟିମ୍‌ର ଏହି ସଫଳତା ମଣିପାଲ୍ ହସ୍ପିଟାଲ୍‌ର ଶିଶୁ ଜରୁରୀକାଳୀନ ଚିକିତ୍ସା, ଉନ୍ନତ ଏଣ୍ଡୋସ୍କୋପିକ୍ ହସ୍ତକ୍ଷେପ ଓ ଦ୍ୱରିତ ବହୁବିଧ ଶୃଙ୍ଖଳା ସମନ୍ୱୟରେ ଏହାର ଉତ୍କର୍ଷତା ପ୍ରମାଣିତ କରିଛି।

## ରାଜଧାନୀରେ...

ପସନ୍ଦ ପାଲଟିଛି ଧଉଳି ଥାନା ଏରିଆ। ବହୁଚର୍ଚ୍ଚିତ ସହଦେବ ମର୍ଦ୍ଦର କେସରେ ବ୍ୟବହୃତ ହତିଆର ଧଉଳି ଥାନା ଏରିଆରେ ହିଁ ଫୋପଡାଯାଇଥିଲା। ପରେ କ୍ରାଇମ ସିନ ରିକ୍ରିଏସନ ସମୟରେ ଦୟା ନଦୀ କୂଳରୁ ମିଳିଥିଲା ହତ୍ୟାକାଣ୍ଡରେ ବ୍ୟବହୃତ ହୋଇଥିବା କଟୁରି। ଠିକ ସେହିପରି ୩୧ ଅକ୍ଟୋବରରେ ଧଉଳି ଥାନା ଗୋପୀନାଥପୁରରେ କଙ୍ଗାରୁ କୋର୍ଟ ବସିବା ସହ ଯୁବକଙ୍କୁ ମାଡ଼ ମାରି ଲହୁଲୁହାଣ କରିବା ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଥିଲା। ଏହାର କିଛି ମାସ ପୂର୍ବରୁ ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ମେଳନ ପଡିଆ ନିକଟରୁ ମିଳିଥିଲା ଜଣେ ଯୁବତୀଙ୍କ ଗଳିତ ମୃତଦେହ। ଅପାରଗ ପୁଲିସ ଅଭିଯୁକ୍ତକୁ ଧରିବା ତ ଦୂରର କଥା, ଏପରିକି ମୃତଦେହ ବି ଚିହ୍ନଟ କରିପାରିନଥିଲା। ପରେ ଖଣ୍ଡଗିରି ଥାନାରେ ହୋଇଥିବା ନିଖୋଜ ସଂକ୍ରାନ୍ତ ଏତଲା ଆଧାରରେ କିଲର ସିକ୍ୟୁରିଟି ଗାର୍ଡକୁ କାବୁ କରିଥିଲା କମିଶନରେଟ ପୁଲିସ। ପ୍ରେମ ପାଇଁ କିଲର ସାଜିଥିଲା ଲଭର୍ ଚନ୍ଦନ ପରିଡା। କେବଳ ସେତିକି ନୁହେଁ, ଘରୁ ସିନ୍ଧି ଚୋରି କେସରେ ମଧ୍ୟ ଅନ୍ୟ ଥାନାଠାରୁ ଢେର ଆଗରେ ଧଉଳି ଥାନା ପୁଲିସ। ଏଭଳି ଅନେକ ଘଟଣା ସାମ୍ନାକୁ ଆସିବା ପରେ ରାଜଧାନୀର ଆଇନଶୃଙ୍ଖଳାକୁ ନେଇ ପ୍ରଶ୍ନ ଉଠିଛି। ଆଗକୁ ବଡ଼ଦିନ ଓ ନୂଆବର୍ଷ ଥିବା ବେଳେ ଥାନା ପିନ୍ଧିଥିବା ବଦନାମର ଟୀକା ଲିଭାଇବା ଏବେ ନୂଆ ଥାନାଧିକାରୀଙ୍କ ପାଇଁ ସୃଷ୍ଟି କରିଛି ବଡ଼ ଚ୍ୟାଲେଞ୍ଜ।

# ଚୋରି ମୋବାଇଲ ଫୋନ୍ ଫେରାଇଲା ପୁଲିସ




**ଖୋର୍ଦ୍ଧା, ୧୫।୧୨ (ସଂଚାର ବ୍ୟୁରୋ):** ଏକ ସ୍ୱତନ୍ତ୍ର ଅଭିଯାନ ସମୟରେ, ଖୋର୍ଦ୍ଧା ପୋଲିସ ୨୮ଟି ହଜିଯାଇଥିବା ଏବଂ ଚୋରି ହୋଇଥିବା ମୋବାଇଲ ଫୋନ ଉଦ୍ଧାର କରି ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ସମସ୍ତ ଉଦ୍ଧାର ହୋଇଥିବା ମୋବାଇଲ ଫୋନଗୁଡ଼ିକୁ ସମ୍ପୂର୍ଣ୍ଣ ଡକ୍ୟୁମେଣ୍ଟ ଯାଞ୍ଚ ପରେ ସମ୍ପୃକ୍ତ ମାଲିକଙ୍କ ସହିତ ବିଧିବଦ୍ଧ ଭାବରେ ଯାଞ୍ଚ କରାଯାଇଥିଲା। ସମସ୍ତ ଆଇନଗତ ଔପଚାରିକତା ସମାପ୍ତ ହେବା ପରେ ଖୋର୍ଦ୍ଧା ଏସ୍‌ପି ବିବେକାନନ୍ଦ ଶର୍ମା ଆଜି ଜିଲ୍ଲା ପୁଲିସ କାର୍ଯ୍ୟାଳୟ, ଖୋର୍ଦ୍ଧାରେ ଆନୁଷ୍ଠାନିକ ଭାବରେ ଉଦ୍ଧାର ହୋଇଥିବା ମୋବାଇଲ ଫୋନଗୁଡ଼ିକୁ ସେମାନଙ୍କର ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରିଛନ୍ତି।

ମୋବାଇଲ ଫୋନର ମାଲିକମାନେ ସେମାନଙ୍କର ଜିନିଷପତ୍ର ଉଦ୍ଧାର କରିବାରେ ସମୟୋଚିତ ଏବଂ ପ୍ରଭାବଶାଳୀ ପଦକ୍ଷେପ ପାଇଁ ଖୋର୍ଦ୍ଧା ପୋଲିସକୁ କୃତଜ୍ଞତା ଜଣାଇଛନ୍ତି।

ଏହି ଉଦ୍ଧାର ସରକାରୀ ସମ୍ପତ୍ତିର ସୁରକ୍ଷା ଏବଂ ନାଗରିକମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିବା ପାଇଁ ଖୋର୍ଦ୍ଧା ପୋଲିସର ପ୍ରତିବଦ୍ଧତାକୁ ଉଜ୍ଜ୍ୱଳ କରିଥାଏ। ଜନସାଧାରଣଙ୍କୁ ମୋବାଇଲ ଫୋନ ହଜିବା ବିଷୟରେ ତୁରନ୍ତ ରିପୋର୍ଟ କରିବାକୁ ଏବଂ ଶୀଘ୍ର ପୁନରୁଦ୍ଧାର ପାଇଁ ଆବଶ୍ୟକୀୟ ବିବରଣୀ ପ୍ରଦାନ କରି ପୋଲିସକୁ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

# ଗ୍ରାମାଞ୍ଚଳରେ ଭୁଶୁଡ଼ିଲାଣି ସ୍ୱାସ୍ଥ୍ୟସେବା

**ମନଇଚ୍ଛା ଡ୍ୟୁଟି କରୁଛନ୍ତି ଭାରପ୍ରାପ୍ତ ଅଧିକାରିଣୀ**

**ନର୍ସ କି ଫାର୍ମାସିଷ୍ଟ ନାହାନ୍ତି**

**ସକାଳେ ଖୋଲା, ଉପରବେଳା ତାଲା**




**ହିଞ୍ଜିଳିକାଟୁ, ୧୫।୧୨ (ସଂଚାର ବ୍ୟୁରୋ):** ଗ୍ରାମାଞ୍ଚଳରେ ଚୁଲିକୁ ଗଲାଣି ରୋଗୀ ସେବା। କାମରେ ଅବହେଳା କରୁଛନ୍ତି ସରକାରୀ ଡାକ୍ତର। ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକ୍ତର କେତେବେଳେ ଆସୁଛନ୍ତି ଓ ଯାଉଛନ୍ତି ତାହାର କିଛି ନିର୍ଦ୍ଦିଷ୍ଟ ସମୟ ନାହିଁ। ଭାରପ୍ରାପ୍ତ ଅଧିକାରିଣୀଙ୍କ ଚୌକି ଅଧିକାଂଶ ସମୟ ଖାଲି ପଡୁଛି। ଅନ୍ୟପଟେ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହାନ୍ତି ନର୍ସ ଓ ଫାର୍ମାସିଷ୍ଟ। ସକାଳେ ଖୋଲା କିନ୍ତୁ ଉପର ବେଳା ତାଲା ପଡିଥାଏ। ସକାଳ ୭ଟାରୁ ୧୨ ଟା ଓ ୩ଟାରୁ ୫ଟା ରୋଗୀ ଦେଖା ନିୟମ ରହିଥିଲେ ବି ଉପରବେଳା କେହି ରହୁନଥିବା ଦେଖିବାକୁ ମିଳିଛି। ଏହା କେଉଁ ଉପାନ୍ତ ଅଞ୍ଚଳରେ ଚିତ୍ର ନୁହେଁ, ଏହି ଚିତ୍ର ଦେଖିବାକୁ ମିଳିଛି ଗଂଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ କଞ୍ଚୁରୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ।

ପ୍ରକାଶ ଥାଉ କି, ଗ୍ରାମାଞ୍ଚଳ ଲୋକଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇବା ଲକ୍ଷ୍ୟ ନେଇ ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକ ୨୦୦୪ ମସିହା ଫେବୃଆରୀ ୨୫ ତାରିଖରେ ଉଦଘାଟନ କରିଥିଲେ। ହେଲେ ସ୍ୱାସ୍ଥ୍ୟ କେନ୍ଦ୍ର ଏବେ ମହତ ଉଦ୍ଦେଶ୍ୟରୁ ବିଚ୍ୟୁତ ହୋଇଛି। ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ କଂଚୁରୁ, କଣ୍ଟେଇକୋଳି, ଶରଧାପୁର, ସାପୁଆପଲ୍ଲୀ ଓ ଆମ୍ବଗାଁ ଲୋକେ ଭରସା କରନ୍ତି। ପ୍ରତିଦିନ ୫୦ରୁ ଉର୍ଦ୍ଧ୍ୱ ରୋଗୀ ଆସିଥା'ନ୍ତି। ସକାଳ ୭ଟାରୁ ୧୨ଟା ଓ ୩ଟାରୁ ୫ଟା ରୋଗୀ ଦେଖା ନିୟମ ରହିଥିଲେ ବି ଉପରବେଳା କେହି ରହୁ ନ ଥିବା ଅଭିଯୋଗ ହୋଇଛି।

ଗ୍ରାମବାସୀଙ୍କ କହିବାନୁସାରେ, ମେଡିକାଲକୁ ଭାରପ୍ରାପ୍ତ ଅଧିକାରିଣୀ ମନଇଚ୍ଛା ଆସୁଛନ୍ତି। କେତେବେଳେ ଆସୁଛନ୍ତି ଓ ଯାଉଛନ୍ତି, ତାହାର ଖୋଜ ଖବର ରହୁନି। ହସ୍ପିଟାଲରେ ବାୟୋମେଟ୍ରିକ୍ ବ୍ୟବସ୍ଥା ନ ଥିବାରୁ ଏଭଳି ଢଙ୍ଗରେ ଚାଲିଛି ନେଇ ଅଭିଯୋଗ ହେଉଛି। ମେଡିକାଲ ପ୍ରାଚୀର ଭଗ୍ନ ଅବସ୍ଥାରେ ପଡ଼ିଥିବା ବେଳେ ଲଟାବୁଦା ଯୋଗୁଁ ଜନ୍ତୁ ଡ଼ାକ୍ତରଖାନା ମାଡିବା ଘଟଣାକୁ ଏଡାଇ ହେବନି। ଏଭଳି ଅବ୍ୟବସ୍ଥା ଥିବାରୁ ରୋଗୀମାନେ ଉପଯୁକ୍ତ ଚିକିତ୍ସା ସେବା ପାଇବାରୁ ବଂଚିତ ହେଉଛନ୍ତି। ତେବେ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ଚୋରି ମାମଲାରେ ମିଶନ ଶକ୍ତି ସଭାନେତ୍ରୀ ଗିରଫ



**ଯାଜପୁର, ୧୫।୧୨ (ସଂଚାର ବ୍ୟୁରୋ):** ମହିଳା ସଶକ୍ତିକରଣର ପ୍ରତୀକ ଭାବେ ପରିଚିତ 'ମିଶନ ଶକ୍ତି' ଯୋଜନାକୁ ନେଇ ଯାଜପୁରରେ ଏକ ଚର୍ଚ୍ଚିତ ଓ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ମୋଟର ସାଇକଲ ଚୋରି ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଯାଜପୁର ବ୍ଲକର ମିଶନ ଶକ୍ତି ସଭାନେତ୍ରୀ ସରସ୍ୱତୀ ବଳଙ୍କୁ ସଦର ପୁଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ବ୍ରାହ୍ମଣ ବାଛପୁର ଗ୍ରାମର ନଟବର ପରିଡ଼ାଙ୍କ ଏକ ମୋଟର ସାଇକଲ ୨୦୨୫ ଅପ୍ରେଲ ୧୦ ତାରିଖରେ ଗଜିପାଢ଼ୀ ଛକ ଅଞ୍ଚଳରୁ ଚୋରି ହୋଇଥିଲା। ଏନେଇ ନଟବର ପରିଡ଼ା ଦୁଇ ଦିନ ପରେ ସଦର ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ।

# ମା' ରାମଚଣ୍ଡୀଙ୍କ ପୀଠ ହେବ ପ୍ଲାଷ୍ଟିକ ମୁକ୍ତ, ପବିତ୍ର ଋଷିକୁଲ୍ୟା ହେବ ତୀର୍ଥ କ୍ଷେତ୍ର



**ବ୍ରହ୍ମପୁର, ୧୫।୧୨ (ସଂଚାର ବ୍ୟୁରୋ):** ଛତ୍ରପୁର ସଦର ମହକୁମା ନିକଟସ୍ଥ ନିଳାଦ୍ରୀପୁର ଗ୍ରାମରେ ଅବସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ବିନ୍ଧ୍ୟବାସିନୀ ମା' ରାମଚଣ୍ଡୀ ଦେବୀ ବିଦ୍ୟମାନ। ଏହି ଅବସରରେ ମା' ରାମଚଣ୍ଡୀ ମନ୍ଦିର ଟ୍ରଷ୍ଟ ଏବଂ ପରିଚାଳନା କମିଟି, ପୂଜା କମିଟି ପକ୍ଷରୁ ଏକ ରାଜ୍ୟସ୍ତରୀୟ ୟୁଟ୍ୟୁବର୍ ଓ ଗଣମାଧମ ବ୍ୟକ୍ତିତ୍ୱଙ୍କ ଭବ୍ୟ-ସମାବେଶ ଟ୍ରଷ୍ଟର ସଂଯୋଜକ କମଳ କୁମାର୍ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଓ ଓଡ଼ିଶା ସରକାରଙ୍କ ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ଓ ବରିଷ୍ଠ ସାମ୍ବାଦିକ ସଂଗ୍ରାମ କେଶରୀ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଞ୍ଜାମ ଜିଲ୍ଲା ହେଉଛି, ପ୍ରାଚୀନ ଆଦ୍ୟ ସାହିତ୍ୟ, ସଂସ୍କୃତି, ଚଳଣି, ଖାଦ୍ୟ, ବସ୍ତ୍ର ସବୁ ନିଆରା ପରମ୍ପରା ଅଟେ ବୋଲି ବ୍ୟାଖ୍ୟା କରିଥିଲେ। ଏହାସହ ଗଞ୍ଜାମ ଜିଲ୍ଲା ପ୍ରାଚୀନ ଶିକ୍ଷା ଓ ସଂସ୍କୃତି ଏକ ଅଭିନ୍ନ ପରମ୍ପରା ଯାହା ଅନ୍ୟତ୍ର ନାହିଁ। ଏହି ଜିଲ୍ଲାର ପର୍ଯ୍ୟଟନସ୍ଥଳୀ ଖୁବ୍ ମହନୀୟ ଅଟେ ବୋଲି କହି ଗଞ୍ଜାମର ମା' ରାମଚଣ୍ଡୀ ଓ ମା' ତାରାତାରିଣୀ ମନ୍ଦିର ଭଳି ଶକ୍ତି ପୀଠର ମାହାତ୍ମ୍ୟ ନିଆରା ଅଟେ ବୋଲି କହିଥିଲେ।

ରାମଚଣ୍ଡୀ ପୀଠର ସ୍ଥପତି ପଣ୍ଡିତ ବିଜୟ କୁମାର ତ୍ରିପାଠୀ ମନ୍ଦିରର ସ୍ଥାପତ୍ୟ ଓ ପୌରାଣିକ କିମ୍ବଦନ୍ତୀକୁ ଶ୍ଳୋକ ମାଧମରେ ବକ୍ତବ୍ୟ ରଖିଥିଲେ। ଏହି ସମାବେଶରେ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗଦେଇ ଛତ୍ରପୁର ଅଞ୍ଚଳର ପ୍ରତିଷ୍ଠିତ ମା' ରାମଚଣ୍ଡୀ ମନ୍ଦିର ଓଡ଼ିଶାର ପର୍ଯ୍ୟଟନସ୍ଥଳୀ ଭାବରେ ମାନ୍ୟତା ଏବଂ ଏହାର ମହତ୍ତ୍ୱ ସ୍ୱତନ୍ତ୍ର ବିଷୟରେ ଓଡ଼ିଶା ଓ ଓଡ଼ିଶା ବାହାରେ ପ୍ରତିଷ୍ଠା ପ୍ରଚାର ପ୍ରସାର କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସାମ୍ବାଦିକଙ୍କୁ ପୁଷ୍ପଗୁଚ୍ଛ ସହ ମାନପତ୍ର, ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

# ସମ୍ ହସ୍ପିଟାଲ୍ ବ୍ରହ୍ମପୁରରେ ଜଟିଳ ଟ୍ୟୁମର ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ



**ବ୍ରହ୍ମପୁର, ୧୫।୧୨ (ସଂଚାର ବ୍ୟୁରୋ):** ବିଭିନ୍ନ ବିଭାଗର ସହଯୋଗ ଏବଂ ଅତ୍ୟାଧୁନିକ ଅସ୍ତ୍ରୋପଚାର ଭିତିରେ ଶୀତଳାପଲ୍ଲୀ ସ୍ଥିତ ସମ ହସ୍ପିଟାଲ୍‌ରେ ଜଣେ ୩୨ ବର୍ଷୀୟ ପୁରୁଷ ରୋଗୀର ବେକରେ ବୃଦ୍ଧି ପାଉଥିବା ଏକ ବିଶାଳ ଟ୍ୟୁମରକୁ ଅସ୍ତ୍ରୋପଚାର ମାଧମରେ ବାହାର କରିବାରେ ସଫଳ ହୋଇଛନ୍ତି ଡାକ୍ତରୀ ଟିମ୍। ଦୀର୍ଘ ୪ ବର୍ଷ ଧରି ଡାହାଣ ପଟ ବେକରେ ବୃଦ୍ଧି ପାଉଥିବା ଏକ ବିଶାଳ ଟ୍ୟୁମରର ସମସ୍ୟା ନେଇ ରୋଗୀ ଜଣକ ହସ୍ପିଟାଲ୍‌କୁ ଆସିଥିବା ବେଳେ ବିଭିନ୍ନ ପରୀକ୍ଷା ନିରୀକ୍ଷା ଏବଂ ସିଟି ସ୍କାନ୍ ପରେ ଏହି ବିଶାଳ ଟ୍ୟୁମରଟି ଡାହାଣ ପଟ ବେକରେ ସୃଷ୍ଟି ହୋଇଥିବାର ଜଣାପଡ଼ିଥିଲା।

ଟ୍ୟୁମରଟିର ଆକାର, ଜଟିଳତା ଏବଂ ଅନ୍ୟାନ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ହସ୍ପିଟାଲ୍‌ର ବିଭିନ୍ନ ବିଭାଗ ଯେପରିକି ସିଟିଭିଏସ, ଇଏନ୍‌ଟି, ଅଙ୍କୋଲୋଜି, ଆନେସ୍‌ଥେସିଆ ଟିମ୍ ମିଳିତ ଭାବେ ଏହି ଅସ୍ତ୍ରୋପଚାରରେ ଜଡ଼ିତ ଥିଲେ। ବେକରେ ଅତି ସନ୍ତର୍ପଣରେ ଏହି ଅସ୍ତ୍ରୋପଚାର କରାଯାଇଥିଲା। ବର୍ତ୍ତମାନ ରୋଗୀ ଜଣକ ସୁସ୍ଥ ଅଛନ୍ତି ଏବଂ ଧୀରେ ଧୀରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟୁଛି।

# ଆମ୍ବୁଲାନ୍ସ ଧକ୍କାରେ ବୃଦ୍ଧ ଗୁରୁତର




**ନୀଳଗିରି, ୧୫।୧୨ (ସଂଚାର ବ୍ୟୁରୋ):** ଆମ୍ବୁଲାନ୍ସ ଧକ୍କା ଦେବାରୁ ଜଣେ ବୃଦ୍ଧ ଗୁରୁତର ହୋଇଥିବା ଜଣାପଡ଼ିଛି। ତେବେ ଉକ୍ତ ଆମ୍ବୁଲାନ୍ସଟି ବୃଦ୍ଧଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଦୁର୍ଘଟଣାଟି ଘଟିଛି ବରହମପୁର ଥାନା ଅଞ୍ଚଳରେ। ସୂଚନା ଅନୁସାରେ ବାଲେଶ୍ୱର ଅଞ୍ଚଳର ଓଡି-୦୧ଇ ୬୪୨୯ ନମ୍ବର ବିଶିଷ୍ଟ ଏକ ଘରୋଇ ଆମ୍ବୁଲାନ୍ସ ରୋଗୀ ଛାଡି ଉଦଳା-ବାଲେଶ୍ୱର ଅଭିମୁଖେ ଆସୁଥିଲା। ୧୯ନଂ ରାଜ୍ୟ ରାଜପଥ ଛତ୍ରପୁର ଛକ ନିକଟରେ ଆମ୍ବୁଲାନ୍ସଟି ଛତ୍ରପୁର ଗ୍ରାମର ମହେନ୍ଦ୍ର ମହାନ୍ତି (୬୦)ଙ୍କୁ ପଛରୁ ଧକ୍କା ଦେଇ ଧକ୍କା ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ସ୍ଥାନୀୟ ଯୁବକ ଆମ୍ବୁଲାନ୍ସଟିକୁ ପିଛା କରି ବରହମପୁର ମେଡିକାଲ ଛକ ନିକଟରେ ଧରିବା ସହ ବରହମପୁର ଥାନାରେ ଜିମା ଦେଇଛନ୍ତି।

# ପୋଡ଼ିଙ୍ଗିରେ ଗ୍ରାମ୍ୟ ମହୋତ୍ସବ ଉଦ୍‌ଯାପିତ

**ହିଞ୍ଜିଳିକାଟୁ, ୧୫।୧୨ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ବ୍ଲକ ପୋଡ଼ିଙ୍ଗୀ ଗ୍ରାମର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲୀ ବିକାଶ ଦ୍ୱାରା ଆୟୋଜିତ ହୋଇଥିବା ତ୍ରିଦିବସୀୟ କାର୍ଯ୍ୟକ୍ରମ ରବିବାର ଦିନ ଉଦଯାପିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡ.ଅରବିନ୍ଦ ପଣ୍ଡା, ମୁଖ୍ୟବକ୍ତା ଡ.ଅନିଲ କୁମାର ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଇ.ମନୋଜ କୁମାର ଚୌଧୁରୀ ଯୋଗ ଦେଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ସଂସ୍କାରିତ ବ୍ୟକ୍ତି କିପରି ପରିବାର ସମାଜର ପରିବର୍ତ୍ତନରେ କିପରି ସହାୟକ ହୋଇପାରିବ ସେହି ବିଷୟରେ ମୁଖ୍ୟ ବକ୍ତା ଆଲୋକପାତ କରିଥିଲେ। ସାମ୍ବାଦିକ ନୀଳାଞ୍ଚଳ ସାହୁ, ବିଦ୍ୟାଧର ପାଣିଗ୍ରାହୀ, ଅବନୀକାନ୍ତ ପଟ୍ଟନାୟକ, ହିମାଂଶୁ ବେହେରା ଓ ସଂସ୍କାର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।



# କାର୍ଯ୍ୟକ୍ଷମ ହେଉନି ପାଣିକୋଇଲି ଟ୍ରମା କେୟାର ସେଣ୍ଟର

**୬ ମାସ ହେଲା କେନ୍ଦ୍ରରେ ଝୁଲୁଛି ତାଲା**

**ହେଉନି କର୍ମଚାରୀ ନିଯୁକ୍ତି**

**ସେବାରୁ ବଞ୍ଚିତ ଗୁରୁତର ରୋଗୀ**




**ଯାଜପୁର, ୧୫।୧୨ (ସଂଚାର ବ୍ୟୁରୋ):** ଶହେକୋଟି ଟଙ୍କା ବ୍ୟୟରେ ନିର୍ମିତ ଅତ୍ୟାଧୁନିକ 'ପାଣିକୋଇଲି ଟ୍ରମା କେୟାର ସେଣ୍ଟର' ଆଜି ମଧ ଲୋକସେବାରୁ ଦୂରେଇ ରହିଛି। ଜିଲ୍ଲାର ଜରୁରୀ ସ୍ୱାସ୍ଥ୍ୟ ସେବାରେ ଏକ ମାଇଲଷ୍ଟୋନ ହେବାକୁ ଥିବା ଏହି କେନ୍ଦ୍ର କର୍ମଚାରୀ ନିଯୁକ୍ତି ଜଟିଳତାରେ ଏବେ 'ଭୂତକୋଠି'ର ରୂପ ନେବାକୁ ବସିଛି।

ପାଣିକୋଇଲିଠାରେ ପୂର୍ବ ସରକାରଙ୍କ ଅମଳରେ ନିର୍ମାଣ ହୋଇଥିବା ଏହି ଟ୍ରମା କେୟାର ସେଣ୍ଟରକୁ ନେଇ ଆରମ୍ଭରୁ ହିଁ ଦ୍ୱନ୍ଦ୍ୱ ଲାଗିରହିଛି। ପ୍ରଥମେ ପିପିପି ମୋଡ୍‌ରେ ଚଳାଇବା ପ୍ରସ୍ତାବ ଆସିଥିଲେ ମଧ ସ୍ଥାନୀୟ ଜନପ୍ରତିନିଧି ଓ ଲୋକମତର ବିରୋଧ ପରେ ଏହାକୁ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ରୂପେ ଚାଲୁ କରିବା ପାଇଁ ମସୁଧା ହୋଇଥିଲା। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଗତ ଜୁଲାଇ ମାସରେ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ପାଇଁ ସବୁଜ ସଙ୍କେତ ଦେଇଥିଲେ ମଧ, ଆଜି ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ।

ଯାଜପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଥିବା ବାର୍ଷିକ ବ୍ୟୟବରାଦରେ 'ନିର୍ମଳ ଯୋଜନା' ଅଧୀନରେ ୧ କୋଟି ୬୫ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ଅନୁମାନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଡାକ୍ତର ବ୍ୟତୀତ ୬୨ ଜଣ କର୍ମଚାରୀ ଆବଶ୍ୟକ ବୋଲି ଚିହ୍ନଟ କରାଯାଇଥିଲା। ସଫେଇ, ସୁରକ୍ଷା, ନର୍ସିଂ, ଫାର୍ମାସି, ଲ୍ୟାବ୍, ଇଲେକ୍ଟ୍ରିସିଆନ୍, ପ୍ଲମ୍ବର, ଏକ୍ସ-ରେ ଓ ଇସିଜି ଟେକ୍ନିସିଆନ୍ ସହିତ ସମସ୍ତଙ୍କୁ ଆଉଟ୍‌ସୋର୍ସିଂ ମାଧମରେ ନିଯୁକ୍ତି ଦେବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଗତ ୬ ମାସ ହେଲା ନିଯୁକ୍ତି ପ୍ରକ୍ରିୟା ଆଗକୁ ବଢୁନାହିଁ। ସ୍ଥାନୀୟ ରାଜନୈତିକ ହସ୍ତକ୍ଷେପ, ପ୍ରଭାବଶାଳୀ ମହଲର ଚାପ ଓ ମୋଟା ଅଙ୍କର ଦେଣାପାଣା ଚର୍ଚ୍ଚା ଏହି ପ୍ରକ୍ରିୟାକୁ ଅଟକାଇ ରଖିଛି ବୋଲି ଅଭିଯୋଗ ହେଉଛି। ତେବେ ଯାଜପୁର ସହିତ ପଡ଼ୋଶୀ ଢେଙ୍କାନାଳ, ଭଦ୍ରକ, କେନ୍ଦ୍ରପଡ଼ା ଓ କେନ୍ଦୁଝର ଜିଲ୍ଲାବାସୀ ଗୁରୁତର ରୋଗୀ ସେବାରୁ ବଞ୍ଚିତ ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି।

## ଆକ୍ସନ ମୁଡ଼ରେ ଅଗ୍ନିଶମ ବିଭାଗ

# ବିଭିନ୍ନ ବାର ଯାଞ୍ଚ, ଅଗ୍ନି ନିରାପତ୍ତା ନିୟମ ପାଇଁ କଡ଼ା ନିର୍ଦ୍ଦେଶ



**ସଂଚାର ପ୍ରଭାବ**

**କାକଟପୁର/ଅସ୍ତରଙ୍ଗ, ୧୫।୧୨ (ସଂଚାର ବ୍ୟୁରୋ):** ଆକ୍ସନ ମୁଡ଼ରେ ଅଗ୍ନିଶମ ବିଭାଗ, ଅଚାନକ ବିଭିନ୍ନ ମଦ ବାରରେ ଅଗ୍ନିଶମ ବିଭାଗର ସ୍ୱତନ୍ତ୍ର ଟିମ୍ ପହଞ୍ଚି ଯାଞ୍ଚ କଲେ। ଅଗ୍ନି ନିରାପତ୍ତା ଯନ୍ତ୍ର ସହ ନିୟମ ପାଳନ କରିବାକୁ ବିଭାଗ ତରଫରୁ କଡା ନିର୍ଦ୍ଦେଶ।

ଖବର ମୁତାବକ, ଗୋଆର ଏକ ନାଇଟି କ୍ଲବରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡ ଦେଶ ବ୍ୟାପି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ସେଠାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବାରୁ ୨୫ଜଣ ପ୍ରାଣ ହରାଇଥିଲେ। ଗୋଆ ଘଟଣା ମନରୁ ନ ଲିଭୁଣୁ ଗତ ଶୁକ୍ରବାର ଦିନ ଭୁବନେଶ୍ୱରର ଏକ ହୁକ୍କା ବାରରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଥିଲା। ଏଭଳି ପରିସ୍ଥିତି ରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ଅଂଚଳରେ ରହିଥିବା ହୋଟେଲ, ରେଷ୍ଟରାଣ୍ଟ ଅବା ବାରରେ ଅଗ୍ନିନିର୍ବାପକ ବ୍ୟବସ୍ଥା ନଥିବାର ସୂଚନା ସୋମବାର ଦିନ ଦୈନିକ ଖବର କାଗଜ 'ସଂଚାର' ଖବର ପ୍ରକାଶିତ ପରେ ଆକ୍ସନ ମୁଡ଼ରେ ଅସ୍ତରଙ୍ଗ ଅଗ୍ନିଶମ ବିଭାଗ ସ୍ୱତନ୍ତ୍ର ଟିମ୍। ସୋମବାର ପୂର୍ବାହ୍ନରେ ଅସ୍ତରଙ୍ଗ ବ୍ଲକ ଅଂଚଳରେ ଥିବା ତିନୋଟି ବାର ମଧ୍ୟରୁ ୨କେବଳ ବାର ଓ ୧ଟି ବାର ଆଣ୍ଡ ହୋଟେଲ ଲଜିଂ ଯାଞ୍ଚ କରିଥିଲେ। ଏହା ସହ ଏକ ବିଦେଶୀ ମଦ ଦୋକାନରେ ଅଗ୍ନି ନିର୍ବାପକ ଯାଞ୍ଚ କରିଥିଲେ।

ତିନୋଟି ବାରରେ ଅଗ୍ନିଶମ ବିଭାଗ ନିୟମ ଅନୁସାରେ କୌଣସି ସରଞ୍ଜାମ ନାହିଁ। ଗୋଟିଏ ବାରରେ ଅଗ୍ନିନିର୍ବାପକ ସରଞ୍ଜାମ ମଧ ନାହିଁ। ଯାହାଫଳରେ ବାର କାର୍ଯ୍ୟରତ ମ୍ୟାନେଜରମାନଙ୍କୁ ଅଗ୍ନି ନିରାପତ୍ତା ସରଞ୍ଜାମ ପାଳନ କରିବା ସହ ନିୟମ ମାନିବାକୁ କଡା ନିର୍ଦ୍ଦେଶ ଦେଇଥିଲେ। ସାତ ଦିନ ମଧରେ ଅଗ୍ନିନିର୍ବାପକ ସରଞ୍ଜାମ ସହ ଅଗ୍ନି ନିରାପତ୍ତା ପ୍ରମାଣ ପତ୍ର ରଖିବା ବାଧତାମୂଳକ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରତି ସାତ ଦିନରେ ପୁନର୍ବାର ଯାଞ୍ଚ ହେବ ବୋଲି ଷ୍ଟେସନ ଅଧିକାରୀ ପ୍ରହଲ୍ଲାଦ ରାୟ ସୂଚନା ଦେଇଥିଲେ।

# ପାଇଖାନାରୁ ମିଳିଲା ପଲିଟେକ୍ନିକ୍ ଛାତ୍ରଙ୍କ ଝୁଲନ୍ତା ମୃତଦେହ

**ଯାଜପୁର, ୧୫।୧୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ସରକାରୀ ପଲିଟେକ୍ନିକ୍ ଛାତ୍ରାବାସରେ ଘଟିଥିବା ଏକ ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। କୋରେଇ ଥାନା ଅଧୀନ ରଗଡ଼ିଠାରେ ଥିବା ସରକାରୀ ପଲିଟେକ୍ନିକ୍ ଛାତ୍ରାବାସର ପାଇଖାନା ଘରୁ ରବିବାର ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତ ଛାତ୍ର ହେଲେ କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ କେଶଦୁରାପାଳ ଗ୍ରାମର ଅଶୋକ ଆଚାର୍ଯ୍ୟଙ୍କ ପୁଅ ଶୁଭଙ୍କର ଆଚାର୍ଯ୍ୟ (୧୮)। ସେ ସରକାରୀ ପଲିଟେକ୍ନିକ୍ କଲେଜର ମେଟାଲୋଜି ବିଭାଗର ପ୍ରଥମ ବର୍ଷର ଛାତ୍ର ଥିଲେ। ସୂଚନା ଅନୁଯାୟୀ, ଛୁଟି ଦିନ ଥିବାରୁ ଅଧିକାଂଶ ଛାତ୍ର ଛାତ୍ରାବାସ ଛାଡ଼ି ବାହାରକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୧ଟା୩୦ ସମୟରେ କିଛି ଛାତ୍ର ଫେରିବା ପରେ ଛାତ୍ରାବାସର ଏକ ପାଇଖାନା ଘରର କବାଟ ଦୀର୍ଘ ସମୟ ଧରି ବନ୍ଦ ଥିବା ଦେଖି ସନ୍ଦେହ ପ୍ରକାଶ କରିଥିଲେ। କର୍ମଚାରୀଙ୍କୁ ସୂଚନା ଦେବା ପରେ କବାଟ ଭାଙ୍ଗାଯାଇଥିଲା। କବାଟ ଖୋଲିବା ସହିତ ଭିତରେ ଶୁଭଙ୍କର ଆଚାର୍ଯ୍ୟ ଗାମୁଛା ବେକରେ ବାନ୍ଧି ଝୁଲିଥିବା ଅବସ୍ଥାରେ ମିଳିଥିଲେ। ଖବର ପାଇ କୋରେଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ ପୁହାଣଙ୍କ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ କରିବା ସହ ସନ୍ଧ୍ୟା ପ୍ରାୟ ୫ଟା ସମୟରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ଜିଲ୍ଲାସ୍ତରୀୟ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ

**ଫୁଲବାଣୀ, ୧୫।୧୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ପିଏମଶ୍ରୀ ସ୍ମୃତି ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟ ବଇଡା ଠାରେ ଥିବା ମିନି ଷ୍ଟାଡିଅମ ଠାରେ ଜିଲ୍ଲା ସ୍ତରୀୟ କ୍ରୀଡା ମହୋତ୍ସବ ୨୦୨୫ ଉଦଘାଟିତ ହୋଇଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ସଂଖ୍ୟା। ଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ କନ୍ଧମାଳ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଜିଲ୍ଲା ସ୍ତରୀୟ କ୍ରୀଡା ମହୋତ୍ସବରେ ଉଦଘାଟନୀ ଅବସରରେ ମୁଖ୍ୟ ଅତିଥି ଭାବରେ କନ୍ଧମାଳ ଜିଲ୍ଲାପାଳ ଶ୍ରୀ ବେଦ ଭୂଷଣ ଯୋଗ ଦେଇ କ୍ରୀଡାର ଉଦଘାଟନ କରିଥିଲେ। ସାମ୍ମାନିତ ଅତିଥି ଭାବରେ ଜିଲ୍ଲା ମଙ୍ଗଳ ବିଭାଗ ଅଧିକାରୀ ରବି ନାରାୟଣ ମିଶ୍ର, ବାଲିଗୁଡା ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ବାଲିଗୁଡା ଉମେଶ ପ୍ରଧାନ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଫୁଲବାଣୀ ସତ୍ୟଜିତ ଦାସ ଯୋଗଦେଇଥିଲେ। କନ୍ଧମାଳ ଜିଲ୍ଲାର ୧୨ଟି ବ୍ଲକରୁ ୮୬୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ କ୍ରୀଡା ଦୌଡ଼, ଖୋକ, କବାଡି, ଫୁଟବଲ, କ୍ରିକେଟ, ଉଚ୍ଚ ଡିଆଁ, ଲମ୍ବ ଡିଆଁ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ବେଳେ ଆସନ୍ତା ୨ ଦିନ ଧରି ଏହି ପ୍ରରିଯୋଗୀତା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଥିବା ସୂଚନା ମିଳିଛି।



# ନାଲିଫିତା ତଳେ ନୀଳଗିରି ଉପଖଣ୍ଡର ଜୀବନ ଜୀବିକା

**ବଢୁଛି ଦାଦନ ଶ୍ରମିକଙ୍କ ସଂଖ୍ୟା**

**ଅନ୍ଧାରରେ ୪୦ ହଜାର ପରିବାରର ପେଟପାଟଣା**

**ନୀଳଗିରି, ୧୫।୧୨ (ସଂଚାର ବ୍ୟୁରୋ):** ନୀଳଗିରି ଆଦିବାସୀ ଅଧ୍ୟୁଷିତ ଜଙ୍ଗଲ ପାହାଡ ଘେରା ଅଞ୍ଚଳ । ଏଠି ନାହିଁ କଳକାରଖାନା, କି ବ୍ୟବସାୟ ଅନୁଷ୍ଠାନ। ଏ ଅଞ୍ଚଳରେ ଗରିବ, ଆଦିବାସୀ, ଭୂମିହୀନ ମାନଙ୍କର ଜୀବିକା କହିଲେ ଉକ୍ତ ଅଞ୍ଚଳରେ ଥିବା ପ୍ରାକୃତିକ ସମ୍ପଦ। ଯାହା ଉପରେ ଲୋକମାନେ ନିର୍ଭର କରି ଶହ ଶହ ବର୍ଷ ଧରି ଜୀବନ ଜୀବିକା ବଞ୍ଚାଇ ଆସୁଛନ୍ତି। ଜଙ୍ଗଲ ଆଇନ ବଳରେ ସବୁ ଧୀରେ ଧୀରେ ବନ୍ଦ ହୋଇଯାଇଛି। କେବଳ ଦୀର୍ଘ ୫୦ ବର୍ଷ ଧରି ପଥର, ମାଙ୍କଡ଼ା, ମୋରମ, ବାଲି ଉପରେ ନିର୍ଭର କରି ଅଞ୍ଚଳବାସୀ ଚଳି ଆସୁଥିଲେ। ଏଗୁଡିକୁ ଉତ୍ତୋଳନ କରି ଦୀର୍ଘ ୫୦ବର୍ଷ ଧରି ୪୦ହଜାର ପରିବାର ମୁହଁରେ ହସ ଫୁଟିଥିଲା। ଆର୍ଥିକ ମେରୁଦଣ୍ଡ ଧିରେ ଧିରେ ସୁଦୃଢ଼ ହେଉଥିଲା। ତେବେ ଏହି ସୁଯୋଗ ୧୫ବର୍ଷ ଧରି ଆଇନ କଟକଣା ବଢି ବଢି ଚାଲିଥିବା ଯୋଗୁଁ ସବୁ ବନ୍ଦ ହୋଇ ପଡିଛି।

ନୀଳଗିରି ଉପରେ ଗଢି ଉଠିଥିବା ବିଭିନ୍ନ ପ୍ରକାର ପଥର ଶିଳ୍ପ ସହିତ ପ୍ରାୟ ୨୦୦ଟି ଖାଦାନ ଥିଲା ବେଳେ ୨୦୦୦ ମସିହା ବେଳକୁ ଏହା ୨ରୁ ୩ଟିରେ ସୀମିତ ହୋଇଯାଇଥିଲା। ଯେଉଁ ଗୁଡ଼ିକ ଚାଲିଥିଲା ତାହା ମଧ ସରକାରୀ ଆଇନ ଆଳରେ ସେଗୁଡିକ ବନ୍ଦ ହୋଇଯାଇଛି। ଅପରପକ୍ଷରେ ଖାଦାନ ଗୁଡିକ ବନ୍ଦ ହେବା ଯୋଗୁଁ ମିତ୍ରପୁର ବଜାର, ଧୋବିଶିଳା, କାଂଶ, ଅଯୋଧା, ପୁଡ଼ାଷୋଲ, ସଜାନାଗଡ଼, ଗରଡି, ନୀଳଗିରି, ସନ୍ତରଗଡ଼ିଆ, ବରମପୁର ସମେତ ବହୁ ଛୋଟ ବଡ଼ ବଜାର ବନ୍ଦ ହେବାକୁ ବସିଲାଣି। ଅପରପକ୍ଷରେ କ୍ରସର, ପାର୍ଟ୍ସ ଦୋକାନ, ଟ୍ରକ ମାଲିକ, ଡ୍ରାଇଭର, ହେଲ୍‌ପର ଶତପ୍ରତିଶତ ବେକାର ହୋଇଥିବା ଦେଖାଯାଇଛି। ଏଣୁ ଦିନକୁ ଦିନ ନିଳଗିରିରେ ବେକାରୀ ସମସ୍ୟା ବଢ଼ି ଚାଲିଛି। ତା ସହିତ ଶ୍ରମିକମାନେ କାମ ଧନ୍ଦା ନପାଇ ଘରେ ତାଲା ପକାଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଥିବାରୁ ନୀଳଗିରି ପାଇଁ ଏକ ଗମ୍ଭୀର ସମସ୍ୟା ସୃଷ୍ଟି କରିଛି କହିଲେ ଅତ୍ୟୁକ୍ତି ହେବନାହିଁ।

ସବୁ ଜାଣି ଶୁଣି ରାଜନେତା କିମ୍ବା ପ୍ରଶାସନିକ ଅଧିକାରୀମାନେ ଚୁପଚାପ ରହିବା ଘଟଣା ନୀଳଗିରିବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଏ ଦିଗରେ ସାଂସଦ, ବିଧାୟକ, ବାଲେଶ୍ୱର ଜିଲ୍ଲାପାଳ ତଥା ରାଜ୍ୟ ସରକାର ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ନୀଳଗିରିବାସୀ ଦୃଢ଼ ଦାବି ରଖିଛନ୍ତି।

**ଆସନ୍ତୁ ଜାଣିବା କିଏ କ'ଣ କହୁଛନ୍ତି**

**ଇଂ ସୁକାନ୍ତ ନାୟକ, (ପୂର୍ବତନ ବିଧାୟକ ନୀଳଗିରି):** ନୀଳଗିରିବାସୀ ନିର୍ଭର କରୁଥିବା ଖଣି ଖାଦାନ ଗୁଡିକ ସରକାର ନିୟମ ଭିତରେ ଆସୁଥିବା ଗୁଡ଼ିକ ଖୋଲା ଗଲେ ଲୋକଙ୍କ ସମାସ୍ୟା ଦୂର ହୋଇପାରିବ, ଏ ଦିଗରେ ସରକାର ତୁରନ୍ତ ପଦକ୍ଷେପ ନେବା ଆବଶ୍ୟ।

**ନିରଂଜନ ପ୍ରସାଦ ବାରିକ (ସିପିଆଇ ଜିଲ୍ଲା ସମ୍ପାଦକ):** ଶିଳ୍ପ ବିହୀନ ନୀଳଗିରିରେ ଲୋକଙ୍କ ସମସ୍ୟା ଦୂର ପାଇଁ ବାଲି, ମୋରମ, ପଥର, ଖାଦାନ ଗୁଡ଼ିକ ସରକାରୀ ନିୟମ ଗୁଡିକ ଖୋଲିଲେ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ସୁଦ୍ଧାର ଆସିବା।

**ବିଜୟ କୁମାର ପାତ୍ର (ସିପିଆଇ(ଏମ), ଜିଲ୍ଲା କମିଟି ସଭ୍ୟ):** ଖାଦାନ ଗୁଡିକ ବନ୍ଦ ହେବା ଫଳରେ ନୀଳଗିରିବାସୀଙ୍କ ସମସ୍ୟା ସୃଷ୍ଟି ହୋଇଛି। ନୀଳଗିରିବାସୀଙ୍କ ସମାସ୍ୟା ଦୂର ପାଇଁ ମୋହନ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି କହିଛନ୍ତି।

**ଆଶିଷ କୁମାର ପଟ୍ଟନାୟକ (କଂଗ୍ରେସ ଯୁବ ନେତା):** ଖାଦାନଗୁଡ଼ିକ ବନ୍ଦ ହେବା ଫଳରେ ସରକାରୀ ଓ ବେସରକାରୀସ୍ତରରେ ଲୋକେ କାର୍ଯ୍ୟ କରିବା ପାଇଁ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ସରକାର ଏ ଦିଗରେ ପଦକ୍ଷେପ ନେବା ଆବଶ୍ୟକ ବୋଲି କହିଛନ୍ତି।

# ବଳଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନିଯୁକ୍ତି ଦାବି

**ନିମାପଡ଼ା, ୧୫।୧୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲାର ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ବଳଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚସି)ରେ ଦୀର୍ଘଦିନ ଧରି ଡାକ୍ତର ଓ ପାରାମେଡିକାଲ୍ କର୍ମଚାରୀ ନ ଥିବା ଯୋଗୁଁ ସ୍ଥାନୀୟ ଲୋକମାନେ ଭୟଙ୍କର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାକୁ ନେଇ ବିଜେପି କୃଷକ ମୋର୍ଚ୍ଚା, ଓଡ଼ିଶାର ରାଜ୍ୟ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ (ଲୁଲୁ) ସରକାରୀ ସ୍ତରରେ ଅବିରତ ଫଲୋ-ଅପ୍ ଜାରି ରଖିଛନ୍ତି।

ଗତ ୪ ଜୁଲାଇ ୨୦୨୫ରେ ପ୍ରଶାନ୍ତ ସ୍ୱାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଲିଖିତ ଚିଠି ଦେଇ ବଳଙ୍ଗା ପିଏଚସିରେ ତୁରନ୍ତ ଯୋଗ୍ୟ ଡାକ୍ତର ଓ କର୍ମଚାରୀ ନିଯୁକ୍ତି ସହ ଏହାକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି)ରେ ଅପଗ୍ରେଡ୍ କରିବା ଦାବି ଉଠାଇଥିଲେ। ସେହି ଚିଠିରେ ଓଡ଼ିଶା ବିଧାନସଭାର ଶେଷ ଦୁଇଟି ସତ୍ରରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ଆଶ୍ୱାସନାକୁ ସ୍ମରଣ କରାଯାଇଥିଲା। ଏହା ପରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ୍ (ଏନଏଚ୍‌ଏମ୍)ର ଅତିରିକ୍ତ ନିର୍ଦ୍ଦେଶକ (ପ୍ରଶାସନ) ଏଲ୍ଲୋରା ଭାରତୀ ଜେନା ଗତ ୧୨ ଜୁଲାଇ ୨୦୨୫ରେ ଏହି ଚିଠିକୁ ସ୍ୱାସ୍ଥ୍ୟ ବିଭାଗକୁ ପ୍ରେରଣ କରି ଉଚିତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। କିନ୍ତୁ ପାଞ୍ଚ ମାସ ଅତୀତ ହୋଇଯାଇଥିଲେ ସୁଦ୍ଧା କୌଣସି ଦୃଶ୍ୟମାନ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏହି ପରିସ୍ଥିତିରେ ପ୍ରଶାନ୍ତ ସ୍ୱାଇଁ ୧୨ ଡିସେମ୍ବର ୨୦୨୫ରେ ପୁନଃ ଏକ ଫଲୋ-ଅପ୍ ପତ୍ର ଦେଇ ସ୍ୱାସ୍ଥ୍ୟ ବିଭାଗ, ଏନଏଚ୍‌ଏମ୍ ମିଶନ୍ ଡାଇରେକ୍ଟର ଓ ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ୧୫ ଦିନ ମଧରେ ଲିଖିତ ଉତ୍ତର ଦେବାକୁ ଦାବି କରିଛନ୍ତି।

ସେ କହିଛନ୍ତି, "ବଳଙ୍ଗା ଓ ଆଖପାଖ ଅଞ୍ଚଳର ଲୋକମାନଙ୍କୁ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ସରକାରଙ୍କ ନୀତିଗତ ଦାୟିତ୍ୱ। ବିଧାନସଭାରେ ଦିଆଯାଇଥିବା ଆଶ୍ୱାସନା କାଗଜରେ ସୀମିତ ରହିଲେ ଚାଲିବ ନାହିଁ।" ଏହି ମାମଲାକୁ ନେଇ ନିମାପଡ଼ା ଅଞ୍ଚଳରେ ରାଜନୈତିକ ଉଷ୍ମତା ମଧ ବୃଦ୍ଧି ପାଇଛି। ପୂର୍ବତନ ବିଧାୟକଙ୍କ ଦ୍ୱାରା ଅନ୍ଦୋଳନ ଚେତାବନୀ ଉପରେ ଆସିଥିବା ପ୍ରତିକ୍ରିୟାକୁ ନେଇ ସାମାଜିକ ଗଣମାଧମରେ ବାକ୍‌ବିତର୍କ ଦେଖାଦେଇଛି। ସ୍ଥାନୀୟ ଲୋକମାନେ ଆଶା କରୁଛନ୍ତି ଯେ ସରକାର ତ୍ୱରିତ ପଦକ୍ଷେପ ନେଇ ବଳଙ୍ଗା ପିଏଚସିକୁ ସକ୍ରିୟ କରିବେ ଏବଂ ଦୀର୍ଘଦିନର ସ୍ୱାସ୍ଥ୍ୟ ସମସ୍ୟାର ସ୍ଥାୟୀ ସମାଧାନ କରିବେ।

### ଓଡ଼ିଶା ପୁଲିସର ଲୋକସେବା ଓ ପାରଦର୍ଶିତା ହେବ ଅଧିକ ସୁଦୃଢ଼

# ନୂତନ ୱେବସାଇଟ୍‌କୁ ଲୋକାର୍ପଣ କଲେ ଡିଜିପି



**ଭୁବନେଶ୍ୱର, ୧୫।୧୨(ସଂଚାର ବ୍ୟୁରୋ):** ଆଜି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଓଡ଼ିଶା ପୁଲିସର ଲୋକସେବା ଓ ପାରଦର୍ଶିତାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଧୁନିକ ଜ୍ଞାନ କୌଶଳରେ ନିର୍ମିତ ଏକ ନୂତନ ୱେବସାଇଟ୍‌କୁ ଲୋକାର୍ପଣ କରିଛନ୍ତି। ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ଆୟୋଜିତ ହୋଇଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ପ୍ରସ୍ତୁତ ହୋଇଥିବା ଏହି ୱେବସାଇଟକୁ ଡିଜିପି ଉନ୍ମୋଚନ କରିଥିଲେ। ଆଗାମୀ ଦିନରେ ସାଧାରଣ ବ୍ୟକ୍ତି ବିଶେଷଙ୍କ ନିମନ୍ତେ ଏହି ୱେବ ସାଇଟଟି ବହୁ ଉପଯୋଗୀ ହେବ ଏବଂ ଏହା ମାଧ୍ୟମରେ ଲୋକମାନେ ପୁଲିସ ବିଭାଗର ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇପାରିବେ ବୋଲି ସେ ମତପ୍ରକାଶ କରିଛନ୍ତି।

ନୂତନ ୱେବସାଇଟ୍‌ରେ ସାଧାରଣ ନାଗରିକଙ୍କ ପାଇଁ ବିଭିନ୍ନ ଅନଲାଇନ୍ ସେବା, ପୁଲିସ ସୂଚନା, ନୋଟିସ୍, ପ୍ରେସ୍ ବିଜ୍ଞପ୍ତି, ନିଯୁକ୍ତି ସମ୍ବନ୍ଧୀୟ ତଥ୍ୟ, ଟ୍ରାଫିକ୍ ଓ ସୁରକ୍ଷା ସଚେତନତା, ନାଗରିକ ସେବା, ଅପରାଧ ନିରୋଧକ ପଦକ୍ଷେପ, ଗୁରୁତ୍ୱପୂର୍ଣ୍ଣ ସୂଚନା, ଆଇନଗତ ବ୍ୟବସ୍ଥା, ବାର୍ତ୍ତା ଭଳି ସୂଚନା ଉପଲବ୍ଧ ରହିଛି। ଏହି ନୂତନ ୱେବସାଇଟ୍ ଓଡ଼ିଶା ପୁଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ଯୋଗାଯୋଗକୁ ଆହୁରି ସୁଦୃଢ଼ କରିବ। ଏହି ଦ୍ୱିଭାଷା (ଓଡ଼ିଆ ଓ ଇଂରାଜୀ) ୱେବସାଇଟ୍‌ଟି ସାଧାରଣ ଜନତାଙ୍କୁ ସହଜ, ସୁବିଧାଜନକ ଓ ଯଥା ଶୀଘ୍ର ପୁଲିସ ସମ୍ପର୍କିତ ସୂଚନା ଓ ସେବା ପାଇପାରିବେ। ସାଧାରଣ ଲୋକମାନେ କମ୍ପ୍ୟୁଟର, ଲାପଟପ, ମୋବାଇଲ ଆପ ଜରିଆରେ ଏହି ୱେବ ସାଇଟ କୁ ଖୋଲି ବିଭିନ୍ନ ସୂଚନା ପାଇପାରିବେ।

ଏହି କାର୍ଯ୍ୟକ୍ରମରେ ଏସଏଫଏସଏଲ ନିର୍ଦ୍ଦେଶକ ଡ଼. ସନ୍ତୋଷ ବାଲା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଡିଆଇଜି(ପ୍ରୋଭିଜନିଙ୍ଗ) ଚରଣ ସିଂ ମିନାଙ୍କ ସମେତ ଆଭାସି ମାଧ୍ୟମରେ ସମସ୍ତ ଜିଲ୍ଲା ଏସପି ଓ ବାଟାଲିୟନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



# ଭାଙ୍ଗିଲା ହରିଶଙ୍କର ମନ୍ଦିର ପାଚେରି

### ଦୁର୍ବଳ ହୋଇ ଫାଟି ଯାଇଥିଲା

**ଖପ୍ରାଖୋଲ, ୧୫।୧୨(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପୁଣ୍ୟକ୍ଷେତ୍ର ହରିଶଙ୍କର ମନ୍ଦିରର ପାଚେରି ବିନା ବର୍ଷାରେ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ହରିଶଙ୍କର ଏକ ପୁଣ୍ୟ କ୍ଷେତ୍ର ହୋଇଥିବା ବେଳେ ଚିର ସ୍ରୋତା ଝରଣା, ପ୍ରାକୃତିକ ଶୋଭା, ଔଷଧୀୟ ଗୁଳ୍ମ ଲତା, ହରିଣ ପାର୍କ ପାଇଁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ଏବେ ଶୀତଦିନ ତଥା ପିକନିକ ଋତୁ ହୋଇଥିବାରୁ ହଜାର ହଜାର ଲୋକ, ଛାତ୍ରୀଛାତ୍ରଙ୍କ ଭିଡ଼ ହେଉଛି। ଆଉ ଏହି ସମୟରେ ମନ୍ଦିର ପାଚେରି ଭାଙ୍ଗି ଯାଇଥିବା ବେଳେ ଠାକୁରଙ୍କ ଦୟାରୁ କୌଣସି ଅଘଟଣ ହୋଇନାହିଁ। ପ୍ରାୟ ୨୦ ବର୍ଷ ତଳେ ଏହି ପାଚେରି ନିର୍ମାଣ ହୋଇଥିଲା। ଦୁଇବର୍ଷ ତଳେ ମନ୍ଦିର ଚାରିପାଖର ଉନ୍ନୟନ କାମ ହୋଇଥିଲେ ମଧ୍ୟ ଏହି ପାଚେରି କାମ ହୋଇ ନଥିଲା। ଯାହା ଫଳରେ ପାଚେରି ଦୁର୍ବଳ ହୋଇ ଫାଟ ହୋଇ ରହିଥିଲା। ହଠାତ୍ ରାତିରେ ଏହି ପାଚେରି ତଳୁ ଭାଙ୍ଗି ଯାଇଥିବା ଦେଖାଯାଇଥିଲା। ମନ୍ଦିର ପୂର୍ବ ପଟରେ ପ୍ରାୟ ୨୦ ଫୁଟ ଲମ୍ବରେ ପାଚେରି ଭାଙ୍ଗି ଯାଇଥିବାରୁ ମନ୍ଦିର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି। ତୁରନ୍ତ ପାଚେରି ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଛି। ଏନେଇ ପାଟଣାଗଡ଼ ଉପ ଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁନୀଲ କୁମାର ମେହେରଙ୍କୁ ପଚାରିବାରୁ ପାଚେରି ନିର୍ମାଣ ତୁରନ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ଲେଫ୍ଟନାଣ୍ଟ ହର୍ଷିତ ଦେଓ ରାଜ୍ୟପାଳଙ୍କ ଏଡିସି



**ଭୁବନେଶ୍ୱର, ୧୫।୧୨(ସଂଚାର ବ୍ୟୁରୋ):** ନୌସେନା ଅଧିକାରୀ ଲେଫ୍ଟନାଣ୍ଟ ହର୍ଷିତ ଦେଓ ସୋମବାର ଓଡ଼ିଶା ରାଜ୍ୟପାଳଙ୍କ ଏଡିସି ଭାବେ ନିଯୁକ୍ତ ହୋଇଛନ୍ତି। ଲୋକ ଭବନରେ ଆୟୋଜିତ ଆନୁଷ୍ଠାନିକ ନିଯୁକ୍ତି ଉତ୍ସବରେ ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି ଲେଫ୍ଟନାଣ୍ଟ ହର୍ଷିତ ଦେଓଙ୍କୁ ଏହି ସମ୍ମାନଜନକ ପଦବୀ ପ୍ରଦାନ କରିଛନ୍ତି। ଆଇଏନଏସ୍ ଆଦିତ୍ୟରେ ଡବ୍ଲୁକେଓ (ୱାଚ୍ କିପିଂ ଅଫିସର) ଭାବେ କାର୍ଯ୍ୟ କରିଥିବା ଲେଫ୍ଟନାଣ୍ଟ ଦେଓ ଏହି ନୂଆ ଦାୟିତ୍ୱରେ ଯୋଗ ଦେଇଛନ୍ତି। ଲେଫ୍ଟନାଣ୍ଟ ଦେଓ ପ୍ରତିଷ୍ଠିତ ନ୍ୟାସନାଲ ଡିଫେନ୍ସ ଏକାଡେମୀର ପ୍ରାକ୍ତନ ଛାତ୍ର ଏବଂ ଆପ୍ଲାଇଡ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନରେ ବି.ଟେକ୍ ଡିଗ୍ରୀ ହାସଲ କରିଛନ୍ତି। ୨୦୨୨ ମେ ମାସରେ ଆଇଏନଏସ୍ ଦିଲ୍ଲୀରେ ସବ୍-ଲେଫ୍ଟନାଣ୍ଟ (ଆଫ୍ଲୋଟ୍) ପର୍ଯ୍ୟାୟ ସମ୍ପୂର୍ଣ୍ଣ କରିବା ପରେ ଲେଫ୍ଟନାଣ୍ଟ ଦେଓ ଏସଏଲଟି (ଏକ୍ସ) ଟେକ୍ କୋର୍ସ କରିଥିଲେ ଏବଂ ଏହା ପରେ ୨୦୨୩ ଏପ୍ରେଲ ମାସରେ ୱାଚ୍ କିପିଂ ଡ୍ୟୁଟି ପାଇଁ ଆଇଏନଏସ୍ ଆଦିତ୍ୟରେ ନିଯୁକ୍ତ ହୋଇଥିଲେ। ନିଜର କାର୍ଯ୍ୟକାଳ ମଧ୍ୟରେ ଲେଫ୍ଟନାଣ୍ଟ ଦେଓ ଏକାଧିକ ଫ୍ଲିଟ୍ ଡିପ୍ଲୟମେଣ୍ଟ ଏବଂ ଅନ୍ତର୍ଜାତୀୟ ନୌସେନା ଅଭ୍ୟାସରେ ଭାଗ ନେଇ ମୂଲ୍ୟବାନ ଅପରେସନାଲ ଅଭିଜ୍ଞତା ହାସଲ କରିଛନ୍ତି। ଲେଫ୍ଟନାଣ୍ଟ ଦେଓ ଉତ୍ତରାଖଣ୍ଡ ରାଜ୍ୟ ଅଧୀନସ୍ଥ ଚମ୍ପାୱତ ଜିଲ୍ଲାର ଲୋହାଘାଟର ସ୍ଥାନୀୟ ବାସିନ୍ଦା ଏବଂ ଅବସରପ୍ରାପ୍ତ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସରକାରୀ ଶିକ୍ଷକ ନରେଶ ଦେଓଙ୍କ ପୁତ୍ର ଅଟନ୍ତି। ଭାରତୀୟ ନୌସେନା ଏବଂ ରାଜ୍ୟ ପୁଲିସର ଦୁଇଜଣ ଏଡିସି ଓଡ଼ିଶା ରାଜ୍ୟପାଳଙ୍କୁ ସହଯୋଗ କରିଥାନ୍ତି । ବର୍ତ୍ତମାନ ରାଜ୍ୟ ପୁଲିସର ଆଇପିଏସ୍ ଅଧିକାରୀ କୁଲଦୀପ ମୀନା ରାଜ୍ୟପାଳଙ୍କ ଅନ୍ୟତମ ଏଡିସି ଭାବେ କାର୍ଯ୍ୟରତ ଅଛନ୍ତି।

### ମାଲକାନଗିରିରେ ଇଣ୍ଟରନେଟ ସେବା ସ୍ୱାଭାବିକ

# ଗୁଜବ ପ୍ରଚାର କଲେ କଡ଼ା କାର୍ଯ୍ୟାନୁଷ୍ଠାନ: ଏସ୍‌ପି

### ଆଦିବାସୀଙ୍କୁ ଘରଡ଼ିହ ପଟ୍ଟା ଶୀଘ୍ର ପ୍ରଦାନ ନିର୍ଦ୍ଦେଶ

**ମାଲକାନଗିରି,୧୫।୧୨:** ଗତ ୯ ଦିନ ଧରି ମାଲକାନଗିରିରେ ଇଣ୍ଟରନେଟ ସେବା ବନ୍ଦ ରହିବା ପରେ ସୋମବାର ମଧ୍ୟାହ୍ନ ୧୨ଟାରେ ଇଣ୍ଟରନେଟ ସେବା ସ୍ୱାଭାବିକ ହୋଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଏସପି ବିନୋଦ ପାଟିଲ ଏଚ୍ ରାଖାଲଗୁଡା, ମାରିୱାଡ଼ା, ନିଲିଗୁଡ଼ା ଓ ଏମଭି ୧୮ ଗାଁ ଗସ୍ତ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ କହିଛନ୍ତି ଯେ, ଭବିଷ୍ୟତର ପିଢ଼ି ପାଇଁ ଆମ ସମସ୍ତଙ୍କୁ ଭାଇଚାରର ବନ୍ଧନରେ ବାନ୍ଧି ହୋଇ ରହିବାକୁ ପଡିବ। ପୁଣି ଥରେ ପରସ୍ପର ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବାକୁ ପ୍ରୟାସ କରିବାକୁ ହେବ। ନିଜ ନିଜ ମଧ୍ୟରେ ଥିବା ଭୁଲ୍ ବୁଝାମଣାକୁ ଦୂର କରିବାକୁ ହେବ ବୋଲି ଆଜି ଚାରିଟି ଗ୍ରାମର ଗ୍ରାମବାସୀଙ୍କୁ ବୁଝାଇଛନ୍ତି ଜିଲ୍ଲାପାଳ। ଯେକୌଣସି ପ୍ରକାର ଆଇନଶୃଙ୍ଖଳା ସମ୍ପର୍କିତ ବିଷୟଗୁଡ଼ିକୁ ସିଧାସଳଖ ଏସପିଙ୍କୁ ଅବଗତ କରାଇବାକୁ ଏସପି କହିଛନ୍ତି। ବର୍ତ୍ତମାନ ଭଳି ସମ୍ବେଦନଶୀଳ ପରିସ୍ଥିତିରେ ଫେକ୍ ନ୍ୟୁଜ୍ ପ୍ରଚାରକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ ଏସପି ତାଗିଦ୍ କରିଛନ୍ତି। ଜିଲ୍ଲାପାଳ ଗ୍ରାମବାସୀଙ୍କ ମୌଳିକ ସମସ୍ୟା ଗୁଡ଼ିକୁ ଶୁଣିଥିଲେ। ଆଦିବାସୀଙ୍କ ଘରଡିହ ପଟ୍ଟା ଶୀଘ୍ର ପ୍ରଦାନ କରିବାରେ ତତ୍ପର ହେବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ଓ ଏସପିଙ୍କ କଥା ମାନି ପରସ୍ପର ମଧ୍ୟରେ ଭାଇଚାରା ବଜାୟ ରଖିବେ ବୋଲି ଗ୍ରାମବାସୀ ସହମତି ପ୍ରକାଶ କରିଛନ୍ତି।

### ଆଇଆଇଆଇଟି ଭୁବନେଶ୍ୱରରେ ଇଣ୍ଡୋକ୍ରିପ୍ଟ ୨୦୨୫

# କ୍ରିପ୍ଟୋଗ୍ରାଫି ଓ ସୂଚନା ସୁରକ୍ଷା ସମ୍ମିଳନୀ ଉଦ୍‌ଘାଟିତ



**ଭୁବନେଶ୍ୱର, ୧୫।୧୨ (ସଂଚାର ବ୍ୟୁରୋ):** ଭୁବନେଶ୍ୱରସ୍ଥିତ ଇଣ୍ଟରନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେସନ୍ ଟେକ୍ନୋଲୋଜି (ଆଇଆଇଆଇଟି) ରେ 'ଇଣ୍ଡୋକ୍ରିପ୍ଟ' ୨୦୨୫ ଉଦଘାଟିତ ହୋଇଛି। ଏହି ଚାରିଦିନିଆ ଆନ୍ତର୍ଜାତିକ ସମ୍ମିଳନୀରେ କ୍ରିପ୍ଟୋଗ୍ରାଫି ଓ ସୂଚନା ସୁରକ୍ଷା ଉପରେ ଆଲୋଚନା ହେବ। ଏହି ସମ୍ମିଳନୀରେ ବିଶ୍ୱରୁ ଆସିଥିବା ପ୍ରମୁଖ ଗବେଷକ, ଶିକ୍ଷାବିଦ୍, ଶିଳ୍ପ ନିପୁଣ ଓ ନୀତିନିର୍ଦ୍ଦେଶକମାନେ ଯୋଗଦେବେ। ଏହି ସମ୍ମିଳନୀ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ।

ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧ୍ୟକ୍ଷତା କରିଥିଲେ। ଏହା ରାଜ୍ୟର ଡିଜିଟାଲ୍ ପରିବର୍ତ୍ତନ, ଆଇନଗତ ଢାଞ୍ଚା ଓ ଉନ୍ନତ ପ୍ରଯୁକ୍ତିରେ କୌଶଳ ବିକାଶ ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ପ୍ରକାଶ କରେ ବୋଲି ସେ କହିଥିଲେ। ଡିଜିଟାଲ୍ ସେବା, କ୍ଲାଉଡ୍ କମ୍ପ୍ୟୁଟିଂ, ଫିନ୍‌ଟେକ୍, ଇ-ଶାସନ, ବ୍ଲକ୍‌ଚେନ୍ ଓ ପୋଷ୍ଟ-କ୍ୱାଣ୍ଟମ୍ କମ୍ପ୍ୟୁଟିଂ ପରି ଉଦୀୟମାନ ପ୍ରଯୁକ୍ତି ବିଦ୍ୟାଗୁଡ଼ିକର ବିସ୍ତାର ସହିତ କ୍ରିପ୍ଟୋଗ୍ରାଫି ତଥ୍ୟର ଗୋପନୀୟତା, ସୁରକ୍ଷିତ ସଂପ୍ରେଷଣ ଓ ଜାତୀୟ ସାଇବର ସୁରକ୍ଷାରେ କେନ୍ଦ୍ରୀୟ ଭୂମିକା ନେଇଛି। ଏହି ସମ୍ମିଳନୀ ଡିଜିଟାଲ୍ ବିଶ୍ୱକୁ ସୁରକ୍ଷିତ କରିବା ପାଇଁ ଆଧୁନିକ ଗବେଷଣା, ଚ୍ୟାଲେଞ୍ଜ ଓ ଭବିଷ୍ୟତ ଦିଗଗୁଡ଼ିକୁ ଆଲୋଚନା କରିବାରେ ଏକ ମୁଖ୍ୟ ମଞ୍ଚ ପ୍ରଦାନ କରିବ ବୋଲି ସେ ଉଲ୍ଲେଖ କରିଥିଲେ।

ଶିକ୍ଷା, ଶିଳ୍ପ ଓ ସରକାରଙ୍କ ମଧ୍ୟରେ ସହଯୋଗକୁ ପ୍ରୋତ୍ସାହନ ଦେବା ସହ ଇଣ୍ଡୋକ୍ରିପ୍ଟ ନୀତିଗତ ସୁଧାର, ସୁରକ୍ଷିତ ଡିଜିଟାଲ୍ ପ୍ରାଣାଳୀ ଓ ନବୀନତା-ଚାଳିତ ବିକାଶରେ ଅର୍ଥପୂର୍ଣ୍ଣ ଅବଦାନ ରଖିବାକୁ ଲକ୍ଷ୍ୟ ରଖିଛି। ଏହି ସମ୍ମିଳନୀ ବିଶ୍ୱ ସାଇବର ସୁରକ୍ଷା ଗବେଷଣାରେ ଭାରତର ସ୍ଥାନକୁ ଶକ୍ତିଶାଳୀ କରିବା ସହିତ ଆଧୁନିକ ଡିଜିଟାଲ୍ ଯୁଗର ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବାରେ ଏକ ପ୍ରମୁଖ ଭୂମିକା ନେବ ବୋଲି ଆଶା କରାଯାଉଛି।

# ବୈଜୟନ୍ତ ପଣ୍ଡାଙ୍କୁ ଆସାମ ପ୍ରଭାରୀ ଦାୟିତ୍ୱ



**ଭୁବନେଶ୍ୱର, ୧୫।୧୨ (ସଂଚାର ବ୍ୟୁରୋ):** ବୈଜୟନ୍ତ ପଣ୍ଡାଙ୍କୁ ବିଜେପିର ବଡ଼ ଦାୟିତ୍ୱ। ଆସାମ ବିଧାନସଭା ନିର୍ବାଚନ ପାଇଁ ବୈଜୟନ୍ତ ପଣ୍ଡାଙ୍କୁ ଆସାମ ପ୍ରଭାରୀ ନିଯୁକ୍ତ କରିଛି ବିଜେପି। ବୈଜୟନ୍ତ ପଣ୍ଡା ଏବେ ବିଜେପିର ଜାତୀୟ ଉପସଭାପତି ଅଛନ୍ତି। ସେହିପରି ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ତାମିଲନାଡୁ ପ୍ରଭାରୀ ନିଯୁକ୍ତ କରିଛି ଦଳ। ଦଳର ସଭାପତି ଜେପି ନଡ୍ଡାଙ୍କ ଅନୁମୋଦନ କ୍ରମେ ବୈଜୟନ୍ତ, ପୀୟୂଷଙ୍କୁ ପଭାରୀ ନିଯୁକ୍ତ କରିଛି ବିଜେପି। ଆସନ୍ତା ବର୍ଷ ଏହି ଦୁଇ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାର ଅଛି।

# ନିମାପଡ଼ା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ନିମାପଡ଼ା,୧୫।୧୨(ସଂଚାର ବ୍ୟୁରୋ):** ଆସନ୍ତା ୨୫ରୁ ୩ଦିନ ଧରି




ପାଳନ ହେବାକୁ ଥିବା ନିମାପଡ଼ା ମହୋତ୍ସବ ନିମନ୍ତେ ଆଜି ବ୍ଲକ ଅଭ୍ୟର୍ଥନା ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟିର ଆବାହକ ତଥା ବିଡିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏନଏସି ନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ଅତିରିକ୍ତ ତହସିଲଦାର କେ.ଭେଙ୍କଟେଶ୍ୱର ରାଓ, ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ, ଉପମୁଖ୍ୟମନ୍ତ୍ରୀ ପ୍ରତିନିଧି ଯତିନ୍ଦ୍ର ସ୍ୱାଇଁ, ଏମପି ପ୍ରତିନିଧି ମିନଲତା ମହାନ୍ତି, ହେଲ୍ପଲାଇନର ସଭାପତି ଅକ୍ଷୟ ସାହୁ, ସମ୍ପାଦକ ନିଗମାନନ୍ଦ ସାହୁ, ଏନଏମଆଇଟି ପରିଚାଳନା ନିର୍ଦ୍ଦେଶିକା ଶୀଲ୍ପା ପରିଡ଼ା ପ୍ରମୁଖ ସାମିଲ ଥିଲେ। ଚଳିତବର୍ଷ ମହୋତ୍ସବର ରୌପ୍ୟ ଜୟନ୍ତୀ ପୂର୍ତ୍ତୀ ପାଳନ କରାଯାଉଥିବାରୁ ଏହାକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି।

# ପୃଥକ ଦୁର୍ଘଟଣାରେ ୪ ମୃତ

**ସୁନ୍ଦରଗଡ଼,୧୫।୧୨(ସଂଚାର ବ୍ୟୁରୋ) :** ସଡ଼କ ଦୁର୍ଘଟଣାରେ ଦୁଇଜଣ ପ୍ରାଣ ହରାଇଛନ୍ତି। ସୁନ୍ଦରଗଡ଼ ତଳସରା ଥାନା ଅନ୍ତର୍ଗତ ରଣପୁରରେ ଘଟିଛି ଦୁର୍ଘଟଣା। ଦୁଇ ବାଇକ୍ ମୁହାଁ ମୁହିଁ ଧକ୍କାହୋଇ ଘଟଣାସ୍ଥଳରେ ଦୁଇ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ଦୁଇ ବାଇକ ଆରୋହୀ ତଳସରା ଅଞ୍ଚଳର ବୋଲି ସୂଚନା ମିଳିଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ କରୁଛି। ସୋମବାର କେବଳ ଏହି ଗୋଟିଏ ଖବର ନୁହେଁ ଆହୁରି ଏକ ଖବର ଶୁଣିବାକୁ ମିଳିଥିଲା। ଏକ ସ୍କୁଟିକୁ ଧକ୍କା ଦେଲା ସଫାରୀ ଗାଡ଼ି। ସ୍କୁଟିରେ ଥିବା ଦୁଇ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ମୃତକମାନେ ହେଲେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଥନଟଗାଁର ଲିଙ୍ଗରାଜ ଦୁର୍ଗା ଓ ଲଳିତ ତାଣ୍ଡି ବୋଲି ଜଣାପଡିଛି।ଖବର ଅନୁଯାୟୀ, ଲିଙ୍ଗରାଜ ଓ ତାଙ୍କ ସାଙ୍ଗ ଲଳିତ ତାଣ୍ଡି ତାଙ୍କ ଗାଁ ଥନଟରୁ ଧର୍ମଗଡ଼ ସ୍କୁଟି ଯୋଗେ ଯାଉଥିଲେ। ହେଲେ ବିଜୁ ଏକ୍ସପ୍ରେସ୍ ୱେର କେବିଡ଼ି ଛକ ନିକଟରେ ଏକ ସଫାରୀ ଗାଡ଼ି ସ୍କୁଟିକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତେବେ ଦୁର୍ଘଟଣା ପରେ ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଉତ୍ତେଜନା ଦେଖାଦେଇଥିବା ବେଳେ ଧର୍ମଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଛି। ଏହାସହ ଦୁର୍ଘଟଣା ଘଟାଇଥିବା ସଫାରୀ ଗାଡ଼ିକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ମଧ୍ୟ ରଖିଛି।

# ବରୀ ମାଟି ବିଶ୍ୱକୁ ଦେଖାଇଛି ଆଲୋକବର୍ତ୍ତିକା



**ବରୀ,୧୫।୧୨(ସଂଚାର ବ୍ୟୁରୋ):** ବରୀ ମାଟି ଏମିତି ମାଟି ଯାହା ଅନ୍ୟତ୍ର ବିରଳ । ଏହି ମାଟି ବିଶ୍ୱକୁ ଦେଇଛି ଦିଗଦର୍ଶନ। ଏ ମାଟିର ସ୍ୱାଧୀନତା ସଂଗ୍ରାମୀ ଆମର ଗର୍ବ ଓ ଗୌରବ । ଏ ମାଟିର ସେବା ଓ ସାହିତ୍ୟ ଅନନ୍ୟ । ଆମେ ଏହାର ସୁରକ୍ଷା ପାଇଁ କାର୍ଯ୍ୟ କରିବା ଉଚିତ । ଏ ମାଟିର ରତ୍ନଗିରି ବିଶ୍ୱକୁ ଆଲୋକ ବର୍ତ୍ତିକା ଦେଖାଇଥିଲା । ଗାନ୍ଧିଜୀଙ୍କୁ ଏ ମାଟି ଶିଖାଇଥିଲା ଓଡ଼ିଆ ଭାଷା ବୋଲି ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ତଥା ପ୍ରଗତିବାଦୀର ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ଯୋଗଦେଇ କହିଛନ୍ତି ।

କଳା ସାହିତ୍ୟ ସଂସ୍କୃତି ପରିଷଦ ବରୀ ପକ୍ଷରୁ ଗତ ୧୦ ତାରିଖ ଠାରୁ ଛଅ ଦିନ ବ୍ୟାପୀ ଆରମ୍ଭ ହୋଇଥିବା ତୃତୀୟ ବରୀ ଲୋକ ମହୋତ୍ସବ ସୋମବାର ଦିନ ଉଦଯାପିତ ହୋଇଯାଇଛି। ଉଦଯାପନୀ ସଭାରେ ମହୋତ୍ସବ କମିଟିର ସଭାପତି ଡାକ୍ତର ରାଜକିଶୋର ପଣ୍ଡା ସଭାପତିତ୍ୱ କରିଥିଲେ । ବିଶିଷ୍ଟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଆଶୁତୋଷ ପରିଡା ଯୋଗଦେଇ ବରୀ ମହୋତ୍ସବର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ଡ଼କ୍ଟର ଅଜୟ କୁମାର ଜେନା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ଡ଼କ୍ଟର ଗିରିଶି ବିହାରୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ସନ୍ଥନ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା କମିଟିର କୋଷାଧ୍ୟକ୍ଷ ବିଜୟ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କମିଟିର ଉପସଭାପତି ଡ଼କ୍ଟର ସୁବାସ ଚନ୍ଦ୍ର ବିଶ୍ୱାଳ ରମାଦେବୀ ଗୋପବନ୍ଧୁ ମଞ୍ଚ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କମିଟିର ସମ୍ପାଦକ ସତ୍ୟରଞ୍ଜନ କର ସମ୍ପାଦକୀୟ ବିବରଣୀ ପାଠ କରି ମହୋତ୍ସବର ଅତୀତ ଇତିହାସ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

# ବିବାହ ପାଇଁ ନାବାଳିକା ଅପହରଣ

### କଠୋର ନିର୍ଯାତନା ପରେ ଛାଡ଼ିଦେଲେ

**ଭଦ୍ରକ, ୧୫।୧୨ (ସଂଚାର ବ୍ୟୁରୋ):** ବିବାହ ପାଇଁ ଜଣେ ନାବାଳିକାକୁ ଅପହରଣ କରିନେଇଥିଲେ ଜଣେ ମହିଳା। ବିବାହ ପାଇଁ ରାଜି ନ ହେବାରୁ ଆଣି ଛାଡ଼ି ଦେଇଛନ୍ତି। ଘଟଣାକୁ ନେଇ ମହିଳା ମାନେ ଉତ୍ତ୍ୟକ୍ତ ହୋଇ ସଂପୃକ୍ତ ମହିଳାଙ୍କ ଘର ସମ୍ମୁଖରେ ପାଟି ତୁଣ୍ଡ କରିଥିଲେ। ସୂଚନା ଥାଉକି, ବୟସ୍କ ଲୋକଙ୍କ ସହ ବିବାହ ପାଇଁ ନାବାଳିକାଙ୍କୁ ଅପହରଣ କରିଥିବା ଅଭିଯୋଗ ହୋଇଛି। ଭଦ୍ରକ ଜିଲ୍ଲା ବାଣିତିଆ ଗାଁରୁ ଏମିତି ଅଭିଯୋଗ ହୋଇଛି। ଗାଁର ୧୩ ବର୍ଷୀୟ ନାବାଳିକାକୁ ଜଣେ ମହିଳା ଘରକୁ ଡାକି ହାତଗୋଡ ବାନ୍ଧି କାର ଯୋଗେ ଅପହରଣ କରିଥିଲେ। ପରେ ଟ୍ରେନ ଯୋଗେ ଅନ୍ୟ ରାଜ୍ୟକୁ ନେଇ ଜଣେ ବୟସ୍କ ବ୍ୟକ୍ତିଙ୍କ ସହ ବିବାହ କରିବା ପାଇଁ ବାଧ କରିବା ସହ ନିସ୍ତୁକ ମାଡ଼ ମାରିଥିଲେ। କିନ୍ତୁ ଶେଷ ପର୍ଯ୍ୟନ୍ତ ନାବାଳିକା ବିବାହ ପାଇଁ ରାଜି ନ ହେବାରୁ ବାଧହୋଇ ତାଙ୍କୁ ଆଣି ଭଦ୍ରକ ସହରରେ ଛାଡି ପଳାଇଥିଲେ।

### ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ଶୈଶବ କର୍କଟ ଚିକିତ୍ସା

# କ୍ୟାନକିଡ୍ସ କିଡ୍ସକ୍ୟାନ ସହ ବୁଝାମଣା

**ଭୁବନେଶ୍ୱର, ୧୫।୧୨(ସଂଚାର ବ୍ୟୁରୋ):** ଶିଶୁ କର୍କଟ ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଏବଂ କ୍ୟାନକିଡ୍ସ କିଡ୍ସକ୍ୟାନ ମଧ୍ୟରେ ମିଳିତ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଏହି ବୁଝାମଣାପତ୍ର ଯତ୍ନ, ସଚେତନତା ଏବଂ ରୋଗୀ-କେନ୍ଦ୍ରିକ ଗବେଷଣା ଅନ୍ତର୍ଭୁକ୍ତ। ଏହି ବୁଝାମଣା ହେବା ପରେ ଓଡ଼ିଶା ପୂର୍ବ ଭାରତରେ ଶିଶୁ କର୍କଟ ଚିକିତ୍ସା ପାଇଁ ଏକ ଆଞ୍ଚଳିକ କେନ୍ଦ୍ର ରୂପେ ସ୍ଥାନ ପାଇବ ବୋଲି କ୍ୟାନକିଡ୍ସ କିଡ୍ସକ୍ୟାନ ପ୍ରତିଷ୍ଠାତା-ଅଧ୍ୟକ୍ଷ ପୁନମ




ବାଗାଇ ମତ ଦେଇଛନ୍ତି। ଏହି ବୈଠକକୁ ଅତିରିକ୍ତ ନିର୍ଦ୍ଦେଶକ ଡ. ସୁଶାନ୍ତ ସ୍ୱାଇଁ ପରିଚାଳନା କରିଥିବା ବେଳେ ନ୍ୟାସନାଲ୍ ସୋସାଇଟି ଫର ଚେଞ୍ଜ ଫର ଚାଇଲ୍ଡହୁଡ୍ କ୍ୟାନସର ଇନ୍ ଇଣ୍ଡିଆ, ବରିଷ୍ଠ ସରକାରୀ ଅଧିକାରୀ, ଚିକିତ୍ସା ପ୍ରତିଷ୍ଠାନର ପ୍ରତିନିଧି, ଶିଶୁ ଅଙ୍କୋଲୋଜିଷ୍ଟ, ଶୈଶବ କର୍କଟ ରୋଗରୁ ବଞ୍ଚିଥିବା ବ୍ୟକ୍ତି, କ୍ୟାନକିଡ୍ସ ଏବଂ ଏହାର ସ୍ଥାନୀୟ ନାଗରିକ ସମାଜ ଅଂଶୀଦାର ଉପସ୍ଥିତ ଥିଲେ।

ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡକ୍ଟର ନୀଳକଣ୍ଠ ମିଶ୍ର ଏବଂ କ୍ୟାନକିଡ୍ସ କିଡ୍ସକ୍ୟାନ ପ୍ରତିଷ୍ଠାତା ଅଧକ୍ଷ ପୁନମ ବାଗାଇଙ୍କ ଉପସ୍ଥିତିରେ ସ୍ୱାକ୍ଷର ହୋଇଛି।

ଏହି ବୁଝାମଣାପତ୍ରରେ ଶିଶୁ କର୍କଟ ରୋଗ ଯତ୍ନର ସମ୍ପୂର୍ଣ୍ଣ ସହଯୋଗର ରୂପରେଖ ଦିଆଯାଇଛି, ଯେଉଁଥିରେ ପ୍ରାରମ୍ଭିକ ଚିହ୍ନଟ ଏବଂ ରେଫରାଲ୍, ନିର୍ଣ୍ଣୟ ଏବଂ ଚିକିତ୍ସାର ସୁବିଧା, ଶିଶୁ ଏବଂ ପରିବାର ପାଇଁ ଆର୍ଥିକ ସୁରକ୍ଷା,

### ଟୋକନ୍ ସମସ୍ୟା ଦୂର କରିବାକୁ ଚାଷୀଙ୍କ ଦାବି

# ୧୯ରେ ସମ୍ବଲପୁର ବନ୍ଦ ଡାକରା



- ୨ ହଜାର ଚାଷୀଙ୍କୁ ମିଳିନି ଟୋକନ୍
- ୧୬ରେ ଅଭିନବ ପ୍ରତିବାଦ କାର୍ଯ୍ୟକ୍ରମ

**ସମ୍ବଲପୁର, ୧୫।୧୨ (ସଂଚାର ବ୍ୟୁରୋ):** ଟୋକନ୍ ସମସ୍ୟାର ସମାଧାନ ଦାବିରେ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି। ଆସନ୍ତା ୧୯ ତାରିଖରେ ସମ୍ବଲପୁର ବନ୍ଦ ପାଇଁ ଆହ୍ୱାନ ଦେଇଛି ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ। ଏହା ପୂର୍ବରୁ ୧୬ ତାରିଖରେ ଅଭିନବ ପ୍ରତିବାଦ କାର୍ଯ୍ୟକ୍ରମ ହେବ। ଏଥିରେ ସହଯୋଗ ପାଇଁ ଶ୍ରମିକ, ବ୍ୟବସାୟିକ, ପରିବହନ ସହିତ ସଂପୃକ୍ତ ଅନୁଷ୍ଠାନ, ସାମାଜିକ ଏବଂ ସାଂସ୍କୃତିକ ସଙ୍ଗଠନଗୁଡ଼ିକୁ ଅନୁରୋଧ କରାଯାଇଛି। ସଙ୍ଗଠନ ପକ୍ଷରୁ ଆଜି ବରେଇପାଲି ମଣ୍ଡିରେ ଆୟୋଜିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। କୃଷକ ସଙ୍ଗଠନର କହିବା ମୁତାବକ ଟୋକନ୍ ଦାବି ନେଇ ଚାଷୀମାନେ ରାଜପଥ ଅବରୋଧ କରିଥିଲେ। ହେଲେ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ଓଲଟା ଚାଷୀଙ୍କୁ ଗିରଫ କଲା ପ୍ରଶାସନ। ସେପଟେ ଟୋକନ୍ ପ୍ରସଙ୍ଗରେ ଶାସକ ଦଳ ବିରୋଧୀ ବିଜେଡିକୁ ଟାର୍ଗେଟ୍ କରୁଛି, ଅଥଚ ଟୋକନ୍ ବାବଦରେ ମୁହଁ ଖୋଲୁନି। ଯୋଗାଣ ବିଭାଗର ସୂଚନା ଅନୁସାରେ, ବର୍ତ୍ତମାନ ପର୍ଯ୍ୟନ୍ତ ଜିଲ୍ଲାରେ ପଞ୍ଜୀକୃତ ୬୫ ହଜାର ୧୪୩ ଚାଷୀଙ୍କ ମଧ୍ୟରୁ ୬୧ ହଜାର ୮୯୨ ଜଣଙ୍କୁ ଟୋକନ୍ ମିଳିଛି। ୨ ହଜାର ଚାଷୀଙ୍କୁ ଗୋଟିଏ ବି ଟୋକନ୍ ମିଳିନାହିଁ। ଯେଉଁମାନଙ୍କୁ ମିଳିଛି କେବଳ ଗୋଟିଏ ଟୋକନ୍ ମିଳିଥିବାରୁ ସବୁ ଧାନ ବିକ୍ରି ହୋଇ ପାରୁନାହିଁ। ଫଳରେ ବିଭିନ୍ନ ସ୍ଥାନରେ ଧାନର ଅଭାବୀ ବିକ୍ରି ବଢ଼ିବାରେ ଲାଗିଛି। ଗୋଟିଏ ମାସ ବିଳମ୍ବରେ ମଣ୍ଡି ଖୋଲିବା ପରେ ମଧ୍ୟ ଚାଷୀଙ୍କୁ ଟୋକନ୍ ମିଳି ନପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବୈଠକରେ କୃଷକ ନେତା ଅଶୋକ ପ୍ରଧାନ, ସରୋଜ, ବ୍ୟୋମକେଶ ଠାକୁର, ସୁଶାନ୍ତ ପଣ୍ଡା, ତରଣୀସେନ ଭୋଇ, ଦୋଳଗୋବିନ୍ଦ ନାୟକ, ଉମେଶ ମିଶ୍ର, ଭୈରବ ପ୍ରଧାନ, ଦିଲୀପ ସାହୁ, ବିପିନ ଭୋଇ, ସଞ୍ଜୀବ ବାରିକ, ଜୟନାରାୟଣ ସାହୁ, ଦିଲୀପ ମହାପାତ୍ର, ନନ୍ଦଲାଲ ତ୍ରିପାଠୀ, କାଶୀ ବିଶ୍ୱନାଥ, ସନ୍ତୋଷ ତେଲେଂଗା, ସରୋଜ ମହାପାତ୍ର, ଅଶ୍ୱିନୀ ହୋତା, ଅଶ୍ୱିନୀ ମହାପାତ୍ର, ଦାମୋଦର ପ୍ରଧାନ, ଯୋଗେଶ ଭୋଇ, ସୀତାକାନ୍ତ ପଣ୍ଡା, ସନ୍ତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବାଘ ପରେ ଦନ୍ତା ମୃତ

**ଅନୁଗୁଳ,୧୫।୧୨(ସଂଚାର ବ୍ୟୁରୋ):** ଅନୁଗୁଳ ବନଖଣ୍ଡରେ ବନ୍ୟଜନ୍ତୁ ଅସୁରକ୍ଷିତ ହୋଇ ପଡିଛନ୍ତି। ସପ୍ତାହେ ହେଲା ଶିକାରୀ ଫାସରେ ପଡ଼ି କଲରାପତରିଆ ବାଘର ମୃତ୍ୟୁ ହୋଇଥିବା ବେଳେ ବନ୍ଧୁକରେ ପୁଣି ଏକ ଦନ୍ତାକୁ ହତ୍ୟା କରାଯାଇଛି। ସୂଚନା ମୁତାବକ, ଅନୁଗୁଳ ବନଖଣ୍ଡ ପୋକୁଣ୍ଡା ସେକ୍ସନ ମାଣିକଯୋଡି ଗାଁ ନିକଟରେ ଅଘଟଣ ଘଟିଛି। ଏକ ଦନ୍ତା ହାତୀ ମାଣିକଯୋଡି ଗାଁର ବଳିଆପଶି ଅଞ୍ଚଳକୁ ଆସିଥିବା ବେଳେ ଶିକାରୀମାନେ ତାକୁ ଗୁଳି କରିଥିଲେ। ଫଳରେ ହାତୀଟି ଗୁଳି ମାଡ଼ରେ ଟଳି ପଡିଥିଲା। ଆଜି ସକାଳେ ଘଟଣା ସମ୍ପର୍କରେ ଜଣାପଡିବା ପରେ ରେଞ୍ଜରଙ୍କ ସହିତ ଅନ୍ୟ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ତେବେ ବାଘ ପରେ ହାତୀକୁ ହତ୍ୟା ଘଟଣା ବନ ବିଭାଗ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛି। ସୂଚନା ମୁତାବକ, ଅନୁଗୁଳ ରେଞ୍ଜ କରତପଟା ସେକ୍ସନର ଜଙ୍ଗଲରେ ବିଭିନ୍ନ ସମୟରେ ବନ୍ୟଜନ୍ତୁ ବିପଦରେ ପଡୁଛନ୍ତି। ରାତିରେ ବନ୍ୟଜନ୍ତୁ ଶିକାର ପାଇଁ ଶିକାରୀ ଫାସ ବିଛାଇ ଥିବା ବେଳେ ବିଳମ୍ବିତ ରାତିରେ କଲରାପତରିଆ ବାଘ ଫାସରେ ପଡିଥିଲା। ବାଘର ଗର୍ଜନ ଶୁଣି ସ୍ଥାନୀୟ ଲୋକମାନେ ବନ ବିଭାଗକୁ ଖବର ଦେଇଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ







ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୩,୯୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୨,୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୩,୯୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୨,୭୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୩,୯୧୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୨୨,୭୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୪,୦୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୨,୯୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୪,୯୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୩,୭୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୩,୯୧୦ ଓ ୧,୨୨,୭୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୧୦,୦୦୦ ଟଙ୍କା ହୋଇଛି।




ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୦୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୦ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି।

### ଦେଶରେ ବଦଳୁଛି ରିଟେଲ୍ ସେକ୍ଟର ଦୃଶ୍ୟ

# ମଲ୍‌ରୁ ମୁହଁ ମୋଡୁଛନ୍ତି ଲୋକେ

**'ନାଇଟ୍ ଫ୍ରାଙ୍କ୍' ସର୍ଭେରେ ୨୦ ପ୍ରତିଶତ ଘୋଷ୍ଟ ମଲ୍**

ନୂଆଦିଲ୍ଲୀ,୧୫।୧୨: ଏକ ସମୟ ଥିଲା ଯେତେବେଳେ ଲୋକେ ଶନିବାର ରବିବାର ମଲରେ ସପିଂ ଓ ଡିନର ପ୍ଲାନ କରୁଥିଲେ। ହେଲେ ଏବେ ଦେଶର ରିଟେଲ ସେକ୍ଟରର ଦୃଶ୍ୟ ବଦଳିବାରେ ଲାଗିଛି। ଯେଉଁ ମଲ କଲ୍ଚର କେବେ ଭାରତୀୟ ବଜାରର ଚମକ ବଢ଼ାଇଥିଲା ଆଜି ସେସବୁ ମଲ୍ ନିଜ ଅସ୍ତିତ୍ୱ ବଞ୍ଚାଇବାକୁ ଲଢୁଛନ୍ତି। ଦେଶରେ ମଲଗୁଡିକର ସ୍ଥିତିକୁ ନେଇ ଏକ ଜାତୀୟ ରିପୋର୍ଟ ଆଶ୍ଚର୍ଯ୍ୟଜନକ ତଥ୍ୟ ଦେଇଛି। ରିପୋର୍ଟରେ ଦେଶର ପ୍ରତ୍ୟେକ ପଞ୍ଚମ ମଲ୍ ହୁଏତ ବନ୍ଦ ହୋଇଯାଇଛି, ନଚେତ ବନ୍ଦ ହେବା ପରିସ୍ଥିତିରେ ପହଞ୍ଚିଛି। ଜନଶୂନ୍ୟ କରିଡର୍ ଓ ଖାଲି ଦୋକାନ ଘର ଏବେ ଏହି ସବୁ ଶପିଙ୍ଗ୍ କମ୍ପ୍ଲେକ୍ସର ନୂଆ ପରିଚୟ ପାଲଟିଛି।

ଏହି ଦୃଶ୍ୟକୁ ବୁଝିବା ପାଇଁ ଦିଲ୍ଲୀର ଅନ୍‌ସଲ ପ୍ଲାଜା ସବୁଠୁ ବଡ଼ ଉଦାହରଣ ହୋଇପାରେ। ଏକ ସମୟ ଥିଲା ଯେତେବେଳେ ଏହା ଦିଲ୍ଲୀ-ଏନସିଆରର ପ୍ରଥମ ଓ ସବୁଠୁ ଭବ୍ୟ ଶପିଙ୍ଗ୍ କମ୍ପ୍ଲେକ୍ସ ଥିଲା। ଏପରିକି ପିକ୍ ଆୱାର୍‌ରେ ଏଠାରେ ପାଦ ପକାଇବାକୁ ବି ଜାଗା ମିଳୁନଥିଲା। ଅଗଣିତ ଲୋକଙ୍କ ସ୍ମୃତି ଏହି ସ୍ଥାନ ସହ ଜଡ଼ିତ। ହେଲେ ଆଜିର ଦୃଶ୍ୟ ଦେଖିଲେ ମନ ବେଶ୍ ଉଦାସ ହୋଇଯାଏ। କାରଣ ହାତଗଣତି ଖାଦ୍ୟ ଓ ପାନୀୟ ଆଉଟଲେଟକୁ ଛାଡ଼ିଦେଲେ ଏହା ଏବେ ପୂରାପରି ଶୂନ୍‌ଶାନ୍ ହୋଇଯାଇଛି। ଏଠାରେ କୌଣସି ବିଜନେସ୍ ଆକ୍ଟିଭିଟି ଥିବା ଭଳି ଲାଗୁନାହିଁ। ତେବେ ଏହି ପରିସ୍ଥିତି କେବଳ ଗୋଟିଏ ମଲ୍‌ର ନୁହେଁ, ବରଂ ଦେଶର ସବୁ ବଡ଼ ସହରରେ ଏପରି ଅନେକ ମଲ ଏବେ ବନ୍ଦ ହୋଇସାରିଲେଣି ନଚେତ ବନ୍ଦ ହେବା ଅବସ୍ଥାରେ ପହଞ୍ଚିସାରିଲେଣି।

ପ୍ରପର୍ଟି କନସଲଟାନ୍ସି ଫାର୍ମ 'ନାଇଟ୍ ଫ୍ରାଙ୍କ' ଦେଶର ୩୨ଟି ବଡ଼ ସହରାଞ୍ଚଳରେ ଥିବା ୩୬୫ଟି ମଲ୍‌ର ସର୍ବେକ୍ଷଣ କରିଥିଲା। ରିପୋର୍ଟରୁ ଜଣାପଡ଼ିଛି ଯେ ୭୫ ମଲ୍ ଅର୍ଥାତ ୨୦ ପ୍ରତିଶତ ଏବେ ଘୋଷ୍ଟ ମଲରେ ପରିଣତ ହୋଇଛି। ଘୋଷ୍ଟ ମଲ ରିଅଲ ଇଷ୍ଟେଟର ସେହି ଶ୍ରେଣୀ ଯେଉଁଠି ୪୦ ପ୍ରତିଶତରୁ ଅଧିକ ଜାଗା ଖାଲି ପଡ଼ିଛି। ଏହି ୭୫ ମଲରେ ୮୦ ପ୍ରତିଶତ ଦୋକାନ ଏବେ ଖାଲି ପଡ଼ିଛି। ଏହାର ସବୁଠୁ ବଡ଼ କାରଣ ଖରାପ ପ୍ଲାନିଂ ଓ ଡିଜାଇନିଂ ବୋଲି କୁହାଯାଉଛି। ସମୟ ସହ ଲୋକଙ୍କ ଶପିଙ୍ଗ୍ ଅନୁଭବ ଓ ପସନ୍ଦ ବଦଳିଛି। ହେଲେ ଏହି ପୁରୁଣା ମଲ୍‌ମାନେ ନିଜକୁ ସେହି ଅନୁସାରେ ଅପଡେଟ୍ କରିପାରିଲେ ନାହିଁ। ରକ୍ଷଣାବେକ୍ଷଣ ଅଭାବ ଓ ଭିତ୍ତିଭୂମି ଦୁର୍ବଳ ହେବା ଯୋଗୁଁ ଲୋକେ ଆସିବା ବନ୍ଦ କରିଦେଲେ।



# ବଦଳିବ ଜିଡିପି ଓ ଆଇଆଇପି ମାପ ପଦ୍ଧତି

ନୂଆଦିଲ୍ଲୀ, ୧୫।୧୨: ନୂଆ ବର୍ଷରେ ସକଳ ଘରୋଇ ଉତ୍ପାଦ (ଜିଡିପି), ଆଇଆଇପି ଠାରୁ ଆରମ୍ଭ କରି ଖୁଚୁରା ମୁଦ୍ରାସ୍ଫୀତି ହାରର ମୂଳ ବର୍ଷ (ବେସ୍ ଇୟର) ବଦଳିବାକୁ ଯାଉଛି। ଚଳିତ ବର୍ଷ ୨୦୨୫-୨୬ର ତୃତୀୟ ତ୍ରୈମାସ (ଅକ୍ଟୋବର-ଡିସେମ୍ବର)ର ଜିଡିପିର ଡାଟା ଆସନ୍ତା ଫେବ୍ରୁଆରୀ ୨୭ରେ ଜାରି ହେବ, ଯାହା ନୂଆ ମୂଳ ବର୍ଷ ଉପରେ ଆଧାରିତ ହେବ। ବର୍ତ୍ତମାନ ଜିଡିପି ଓ ଆଇଆଇପିର ଡାଟାର ମୂଳ ବର୍ଷ ୨୦୧୧-୧୨ ରହିଛି, ଯାହାକୁ ବଦଳାଇ ୨୦୨୨-୨୩ କରାଯାଉଛି। ଅନ୍ୟପଟେ ଖୁଚୁରା ମୁଦ୍ରାସ୍ଫୀତି ସୂଚକାଙ୍କ ବା ହାର (ସିପିଆଇ) ଯାହାର ମୂଳ ବର୍ଷ ବର୍ତ୍ତମାନ ୨୦୧୨ ରହିଛି, ତାକୁ ବଦଳାଇ ୨୦୨୪ କରାଯାଉଛି। ସିପିଆଇ ଏଥିପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ କାରଣ ଆରବିଆଇର ରେପୋ ରେଟ୍ ପରିବର୍ତ୍ତନରେ ଏହାର ଭୂମିକା ଅଧିକ ରହିଥାଏ। ଖୁଚୁରା ମୁଦ୍ରାସ୍ଫୀତି ହାରକୁ ନିୟନ୍ତ୍ରଣ କରିବା ଦାୟିତ୍ୱ ଆରବିଆଇ ପାଖରେ ରହିଥାଏ।

**ମୂଳ ବର୍ଷ ୨୦୧୧-୧୨ ପରିବର୍ତ୍ତେ ହେବ ୨୦୨୨-୨୩**

ଗତ ୧୦ ବର୍ଷରେ ଖର୍ଚ୍ଚର ପ୍ୟାଟର୍ଣ୍ଣକୁ ନେଇ ଉତ୍ପାଦନ ଓ ସେବା ସୃଜନରେ ବଡ଼ ପରିବର୍ତ୍ତନକୁ ଦେଖି ସରକାର ଜିଡିପି, ଆଇଆଇପି ଏବଂ ସିବିଆଇର ମୂଳ ବର୍ଷରେ ପରିବର୍ତ୍ତନ କରୁଛନ୍ତି। ସରକାରୀ ଡାଟା ଅନୁସାରେ ଗତ କିଛି ବର୍ଷରେ ଲୋକଙ୍କ ଖର୍ଚ୍ଚର ପ୍ୟାଟର୍ଣ୍ଣରେ ପରିବର୍ତ୍ତନ ହୋଇଛି। ଶସ୍ୟ କିଣିବାରେ ହ୍ରାସ ଘଟିଥିବା ବେଳେ ପ୍ରକ୍ରିୟାକରଣ ଖାଦ୍ୟ, ଫଳ ଓ ପରିବା କ୍ରୟ ବଢ଼ିଛି। ମୋବାଇଲ୍ ଫୋନ୍ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି। ତେଣୁ ନୂଆ ସିପିଆଇ ବାସ୍କେଟରେ ମୋବାଇଲ୍ ଫୋନ୍ ଅନ୍ତର୍ଭୁକ୍ତ କରାଯାଇପାରିବ। ବର୍ତ୍ତମାନ ସିପିଆଇ ବାସ୍କେଟରେ ୨୯୯ ଉତ୍ପାଦ ରହିଛି, ଯାହାକୁ ୩୫୦ରୁ ଅଧିକ ବୃଦ୍ଧି କରାଯାଇପାରିବ। ସିପିଆଇ ମାପିବାରେ ଶସ୍ୟର ଓଜନ ହ୍ରାସ କମ କରାଯାଇପାରେ।

ବର୍ତ୍ତମାନ ସିପିଆଇ ମାପ କରିବାରେ ଶସ୍ୟ ଏବଂ ସମ୍ବନ୍ଧିତ ଉତ୍ପାଦର ୱେଟେଜ୍ ୧୨.୩୫ ପ୍ରତିଶତ। ଖାଦ୍ୟ ସାମଗ୍ରୀର ସିପିଆଇରେ ୪୭ ପ୍ରତିଶତ ୱେଟେଜ୍ ରହିଛି। ଏହାକୁ ମଧ୍ୟ ହ୍ରାସ କରାଯାଇପାରିବ। ଜିଡିପିଠାରୁ ସିପିଆଇ ପର୍ଯ୍ୟନ୍ତ ସବୁକିଛି ମାପିବା ପାଇଁ ନୂଆ ଉତ୍ସଗୁଡ଼ିକୁ ସାମିଲ କରାଯାଉଛି। ଗତ ଦଶ ବର୍ଷ ଧରି ଇ-କମର୍ସରେ କ୍ରୟ ବୃଦ୍ଧି ପାଉଥିବାରୁ ସିପିଆଇ ଏବେ ଇ-କମର୍ସର ମୂଲ୍ୟକୁ ମଧ୍ୟ ସାମିଲ କରିବ। ସେହିପରି ଜିଡିପି ମାପିବା ପାଇଁ ଜିଏସଟି ନେଟୱାର୍କ, ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ (ଏନପିସିଆଇ), ଏବଂ ପବ୍ଲିକ୍ ଫାଇନାନ୍ସିଆଲ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ (PFMS) ଭଳି ଉପକରଣ ବ୍ୟବହାର କରାଯିବ। ଜିଏସଟି ତଥ୍ୟ ବିଭିନ୍ନ ପ୍ରକାରର ଶିଳ୍ପ କାର୍ଯ୍ୟକଳାପ ଉପରେ ସଠିକ୍ ସୂଚନା ପ୍ରଦାନ କରିବ। ଏନପିସିଆଇ ଡିଜିଟାଲ୍ ପେମେଣ୍ଟ ଉପରେ ସଠିକ୍ ତଥ୍ୟ ମଧ୍ୟ ପ୍ରଦାନ କରିବ। ଯାହା ଫଳରେ ଛୋଟ ଖର୍ଚ୍ଚକୁ ମଧ୍ୟ ଜିଡିପିରେ ଅନ୍ତର୍ଭୁକ୍ତ କରାଯାଇପାରିବ।




# ବିଏସ୍‌ଏନ୍‌ଏଲ୍‌ରେ ଏଣିକି ଶସ୍ତାରେ ମିଳିବ ଇଣ୍ଟରନେଟ୍ ପ୍ଲାନ୍

ନୂଆଦିଲ୍ଲୀ,୧୫।୧୨: ସରକାରୀ ଟେଲିକମ କମ୍ପାନୀ ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସଏନଏଲ) ନିରନ୍ତର ଭାବରେ ଏହାର ଉପଭୋକ୍ତାମାନଙ୍କୁ ସୁଲଭ ଯୋଜନା ପ୍ରଦାନ କରୁଛି। ଏହି ପରିପ୍ରେକ୍ଷୀରେ, ବିଏସଏନଏଲ ସୀମିତ ସମୟ ପାଇଁ ଏହାର ଏକ ଲୋକପ୍ରିୟ ବ୍ରଡବ୍ୟାଣ୍ଡ ଯୋଜନା ଉପରେ ଏକ ସ୍ୱତନ୍ତ୍ର ରିହାତି ଘୋଷଣା କରିଛି। ଏହି ଅଫର ଅନ୍ତର୍ଗତ, ଉପଭୋକ୍ତାମାନେ ପୂର୍ବ ଅପେକ୍ଷା କମ୍ ମୂଲ୍ୟରେ ୩୩୦୦ଜିବି ଡାଟା ସହିତ ଏକ ପ୍ଲାନ ପାଇପାରିବେ, ସେ ପୁଣି ହାଇ-ସ୍ପିଡ ଇଣ୍ଟରନେଟ ସହିତ। କମ୍ପାନୀ ଏହାର ଅଫିସିଆଲ ଏକ୍ସ ଆକାଉଣ୍ଟ ମାଧ୍ୟମରେ ଏହି ଡିଲ ବିଷୟରେ ସୂଚନା ଶେୟାର କରିଛି। ଏହି ବିଏସଏନଏଲ ବ୍ରଡବ୍ୟାଣ୍ଡ ଯୋଜନା ସାଧାରଣତଃ ପ୍ରତି ମାସରେ ୪୯୯ରେ ଉପଲବ୍ଧ। ଏହି ଯୋଜନା ୬୦ଏମବିପିଏସ ସ୍ପିଡ ସହିତ ପ୍ରତି ମାସରେ ମୋଟ ୩୩୦୦ଜିବି ଡାଟା ପ୍ରଦାନ କରେ। ଉଲ୍ଲେଖନୀୟ ଯେ, ଫେୟାର ୟୁଜ ପଲିସି (ଏଫୟୁପି) ପହଞ୍ଚିବା ପରେ ମଧ୍ୟ, ଇଣ୍ଟରନେଟ ବିଚ୍ଛିନ୍ନ ହୁଏ ନାହିଁ; ବରଂ, ଗତି ୪ଏମବିପିଏସକୁ ହ୍ରାସ ପାଇଥାଏ, ଯାହା ବ୍ୟବହାରକାରୀମାନଙ୍କୁ ଅସୀମିତ ଭାବରେ ବ୍ରାଉଜ କରିବାକୁ ଅନୁମତି ଦିଏ। କମ୍ପାନୀ ଅନୁଯାୟୀ, ନୂତନ ବ୍ରଡବ୍ୟାଣ୍ଡ ୱାଇ-ଫାଇ ସଂଯୋଗ କ୍ରୟ କରୁଥିବା ଗ୍ରାହକମାନଙ୍କୁ ପ୍ରଥମ ତିନି ମାସ ପାଇଁ ଏହି ରିହାତି ମୂଲ୍ୟ ଦେବାକୁ ପଡିବ। ଏହା ପରେ, ପ୍ଲାନ ମୂଲ୍ୟ ପ୍ରତି ମାସରେ ୪୯୯ କୁ ଫେରି ଆସିବ। ଏହାର ଅର୍ଥ ହେଉଛି ପ୍ରଥମ ତିନି ମାସରେ ମୋଟ ୩୦୦ ସଞ୍ଚୟ। ଏହି ଅଫର କେବଳ ସୀମିତ ଅବଧି ପାଇଁ ଏବଂ କେବଳ ନୂତନ ବ୍ରଡବ୍ୟାଣ୍ଡ ବ୍ୟବହାରକାରୀଙ୍କ ପାଇଁ ପ୍ରଯୁଜ୍ୟ। ବିଏସଏନଏଲ ଏହାର ମିଆଦ ଶେଷ ତାରିଖ ସ୍ପଷ୍ଟ ଭାବରେ କହିନାହିଁ, ତେଣୁ ଯଦି ଆପଣ ଏକ ନୂତନ ବ୍ରଡବ୍ୟାଣ୍ଡ ସଂଯୋଗ କିଣିବାକୁ ଯୋଜନା କରୁଛନ୍ତି, ତେବେ ବିଳମ୍ବ କରିବା କ୍ଷତିକାରକ ହୋଇପାରେ।




# ନଭେମ୍ବରରେ ଦ୍ୱିତୀୟ ମାସ ପାଇଁ ପାଇକାରୀ ମୁଦ୍ରାସ୍ଫୀତି ନକାରାତ୍ମକ

ନୂଆଦିଲ୍ଲୀ,୧୫।୧୨: ସରକାରୀ ତଥ୍ୟ ଅନୁଯାୟୀ, ନଭେମ୍ବର ୨୦୨୫ରେ ପାଇକାରୀ ମୂଲ୍ୟ ସୂଚକାଙ୍କ (ଡବ୍ଲ୍ୟୁପିଆଇ) ଭିତ୍ତିକ ମୁଦ୍ରାସ୍ଫୀତି ହାର କ୍ରମାଗତ ଦ୍ୱିତୀୟ ମାସ ପାଇଁ (-) ୦.୩୨ ପ୍ରତିଶତ ରହିଛି। ଅକ୍ଟୋବରରେ ଏହି ହାର (-) ୧.୨୧ ପ୍ରତିଶତ ଥିବାବେଳେ ଗତ ବର୍ଷ ନଭେମ୍ବରରେ ୨.୧୬ ପ୍ରତିଶତ ଥିଲା। ମାସିକ ଭିତ୍ତିରେ ଡାଲି ଏବଂ ପନିପରିବା ଭଳି ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ପାଇଥିଲେ ମଧ୍ୟ ସାମଗ୍ରିକ ଡବ୍ଲ୍ୟୁପିଆଇ ମୁଦ୍ରାସ୍ଫୀତି ନକାରାତ୍ମକ ରହିଛି। ଶିଳ୍ପ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ନଭେମ୍ବର ୨୦୨୫ରେ ମୁଦ୍ରାସ୍ଫୀତି ହାର ନକାରାତ୍ମକ ରହିବାର ମୁଖ୍ୟ କାରଣ ହେଉଛି- ଖାଦ୍ୟ ସାମଗ୍ରୀରେ ମୁଦ୍ରାସ୍ଫୀତି ୪.୧୬% ନକାରାତ୍ମକ ରହିଛି, ଯାହା ଅକ୍ଟୋବରରେ ୮.୩୧% ଥିଲା। ତେବେ ପନିପରିବା ଦରରେ ନକାରାତ୍ମକ ହାର ୨୦.୨୩% ରହିଛି, ଯାହା ଅକ୍ଟୋବରର ୩୪.୯୭% ତୁଳନାରେ କମ୍ ହୋଇଛି, ଅର୍ଥାତ୍ ପନିପରିବା ମୂଲ୍ୟରେ ହ୍ରାସର



ଗତି ଧୀର ହୋଇଛି। ଖଣିଜ ତେଲ, ଅଶୋଧିତ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଏବଂ ବିଦ୍ୟୁତ୍ ଦରରେ ହ୍ରାସ। ନିର୍ମିତ ଉତ୍ପାଦର ମୁଦ୍ରାସ୍ଫୀତି ୧.୫୪% ତୁଳନାରେ ହ୍ରାସ ପାଇ ୧.୩୩% ରେ ପହଞ୍ଚିଛି। ଇନ୍ଧନ ଓ ଶକ୍ତି କ୍ଷେତ୍ରରେ ମଧ୍ୟ (-) ୨.୨୭% ନକାରାତ୍ମକ ମୁଦ୍ରାସ୍ଫୀତି ଦେଖାଦେଇଛି।

ଚଳିତ ଆର୍ଥିକ ବର୍ଷରେ ମୁଦ୍ରାସ୍ଫୀତି କମ୍ ରହିବା ହେତୁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) କୁ ନୀତିଗତ ସୁଧ ହାରକୁ ୧.୨୫ ପ୍ରତିଶତ ପଏଣ୍ଟ ହ୍ରାସ କରିବାକୁ ସୁଯୋଗ ମିଳିଛି। ଖୁଚୁରା ମୁଦ୍ରାସ୍ଫୀତି (ସିପିଆଇ) ନଭେମ୍ବରରେ ରେକର୍ଡ ସର୍ବନିମ୍ନ ୦.୨୫% ରୁ ବଢ଼ି ୦.୭୧% ହୋଇଥିଲେ ମଧ୍ୟ, ଆରବିଆଇ ଚଳିତ ଆର୍ଥିକ ବର୍ଷ ପାଇଁ ମୁଦ୍ରାସ୍ଫୀତିର ଆକଳନକୁ ୨.୬% ରୁ ୨% କୁ ଯଥେଷ୍ଟ ହ୍ରାସ କରିଛି। ଆରବିଆଇ ଇତିମଧ୍ୟରେ ନୀତିଗତ ସୁଧ ହାରକୁ ୨୫ ବେସିସ୍ ପଏଣ୍ଟ ହ୍ରାସ କରି ୫.୨୫% କରିଛି ଏବଂ ଭାରତୀୟ ଅର୍ଥନୀତି 'ବୃଦ୍ଧି ଓ କମ୍ ମୁଦ୍ରାସ୍ଫୀତିର ବିରଳ ସୁବର୍ଣ୍ଣ ଅବଧି'ରେ ଥିବା କହିଛି। ଆରବିଆଇ ଆର୍ଥିକ ବର୍ଷ ୨୦୨୬ ପାଇଁ ଜିଡିପି ଅଭିବୃଦ୍ଧିର ଆକଳନକୁ ୬.୮% ରୁ ୭.୩% କୁ ବୃଦ୍ଧି କରିଛି।

## ପ୍ରଧାନମନ୍ତ୍ରୀ ରାସ୍ତା ନିମ୍ନମାନର ହେଉଥିବା ଅଭିଯୋଗ



**ଫିରିଙ୍ଗିଆ,୧୫।୧୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ନୁଆଁପଦର ପଞ୍ଚାୟତ ସଦର ମହକୁମା ଠାରୁ ମୋତିଙ୍ଗିଆ ଦେଇ ସେଦ୍ରୀଗାଁ କୁ ଏକ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ଚାଲିଛି। ହେଲେ ଏହି ସଡ଼କ ଟି ଅତି ନିମ୍ନ ମାନର ହେଉଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରୁଛନ୍ତି।ସ୍ଥାନୀୟ ଲୋକଙ୍କ ଅଭିଯୋଗ ପ୍ରକାରେ, ରାସ୍ତାରେ ପକା ଯାଉଥିବା ବାଲି ଓ ଗୁଡ଼ି ଅତି ନିମ୍ନ ମାନର ଓ ଖାମଖିଆଲି ଭାବେ ଠିକାଦାର ଜଣକ କାମକୁ ଯେମିତି ସେମିତି ସମ୍ପୂର୍ଣ୍ଣ କରିଦେବାକୁ ଚେଷ୍ଟା କରୁଛନ୍ତି। ସରକାରୀ କାର୍ଯ୍ୟ ଆରମ୍ଭ ପୂର୍ବରୁ ସୂଚନା ଫଳକ ତିଆରି କରିବା ନିୟମ ରହିଛି, ହେଲେ ଏଠାରେ ସୂଚନା ଫଳକ ମଧ ନାହିଁ।କେଉଁ ବିଭାଗର କାମ, କେତେ ଅଟକଳ ମୂଲ୍ୟ ରହିଛି, ଦୈନିକ ମଜୁରୀ କେତେ, ଆର୍ଥିକ ବର୍ଷ କଣ, କୁଶଳୀ ଓ ଅଣକୁଶଳୀ ଶ୍ରମିକ ମାନଙ୍କ ମଜୁରୀ କେତେ ରହିଛି, ସେ ବିଷୟରେ କିଛି ବି ତଥ୍ୟ ଜଣାପଡୁ ନାହିଁ।ରାସ୍ତାର ସ୍ଥାନେ ସ୍ଥାନେ କଲଭର୍ଟ ସବୁ ତିଆରି ଚାଲିଛି, ହେଲେ ସେଥିରେ ପାଣି ମଧ ଠିକରେ ଦିଆଯାଉନି। ଯାହା ଫଳରେ ସ୍ଲାବରୁ ବାଲି ବାହାରି ପାରୁଛି ତ ସ୍ଥାନେ ସ୍ଥାନେ ଛାତ ଫାଟି ଆଃ କଲାଣି।କାର୍ଯ୍ୟ ଚାଲିଥିବାରୁ ରାସ୍ତାରୁ ଧୂଳି ଉଡ଼ୁଛି। ସେଥିରେ ପାଣି ମଧ ସିଞ୍ଚନ କରାଯାଉନାହିଁ। ଫଳରେ ଲୋକେ ଧୂଳିରେ ଜୁଡୁବୁଡୁ ହୋଇ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି।ଯଦି ଏହି ପ୍ରଧାନମନ୍ତ୍ରୀ ରାସ୍ତା ଏଭଳି ତିଆରି କରାଯାଏ ତେବେ ବର୍ଷଟିଏ ବି ଠିକରେ ରହିବ ନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ତେଣୁ ପ୍ରଶାସନ ଓ ବିଭାଗୀୟ ଅଧିକାରୀ ରାସ୍ତାର ସଠିକ ତଦାରଖ କରିବାକୁ ସ୍ଥାନୀୟ ଜନସାଧାରଣ ଦାବୀ କରିଛନ୍ତି।

## ବୃଦ୍ଧା ଚମ୍ପି ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ



**ଫିରିଙ୍ଗିଆ,୧୫।୧୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଭୁଙ୍ଗିଜଡ଼ି ପଞ୍ଚାୟତ ଭୁଙ୍ଗିଜଡ଼ି ଗ୍ରାମର ୬୭ ବର୍ଷୀୟ ଅବିବାହିତା ବୃଦ୍ଧା ମାଁ ଚମ୍ପି କହଁର ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ଏହି ଅବିବାହିତା ବୃଦ୍ଧା ମାଁ ସାତ ବର୍ଷ ହେବ ବାର୍ଦ୍ଧକ୍ୟ ଭତ୍ତା ପାଇବା ପାଇଁ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ ଦୌଡ଼ି ଶେଷରେ ନିରାଶ ହୋଇ ଘରେ ଭୋକ ଉପାସରେ ବିତାଇ ଦିନ କାଟୁଥିବା ଖବର ମିଳିଛି। ହେଲେ ସରକାର ପରେ ସରକାର ବଦଳଉଛି ହେଲେ ସରକାର ଯୋଜନା ସଠିକ୍ ଭାବରେ ଲୋକ ଙ୍କ ପାଖରେ ପହଞ୍ଚିବାକୁ ଅସୁବିଧା ରହୁଛି କୋଉଠି, ନା ଜାଣି ଶୁଣି ପ୍ରଶାସନ ନିରବ ରହୁଛି ବୋଲି ବୃଦ୍ଧିଜିବୀ ମହଲରେ ଏକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।ନିଜ ଘର ହେଉଛି ଭୁଙ୍ଗିଜଡ଼ି ଗ୍ରାମର ଅସହାୟ ଗରିବ ଶ୍ରେଣୀର ଅବିବାହିତା ବୃଦ୍ଧା ମାଁ ଚମ୍ପି କହଁର ଜିଲ୍ଲାର ଆଦି ବ୍ଲକର ବିଭିନ୍ନ ଗଳିକନ୍ଦି ଗ୍ରାମାଞ୍ଚଳରେ ବିଧବା ଭତ୍ତା ହେଉ କିମ୍ବା ବାର୍ଦ୍ଧକ୍ୟ ଭତ୍ତା ହେଉ ଭତ୍ତା ପାଉଥିବା ବେଳେ ୬୭ ବର୍ଷର ଅବିବାହିତା ବୃଦ୍ଧା ମାଙ୍କୁ ଏ ପର୍ଯ୍ୟନ୍ତ କାହିଁକି ପ୍ରଶାସନର ଦୃଷ୍ଟି ପଡ଼ି ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏଣୁ ଏହି ବୃଦ୍ଧା ମାଁଙ୍କ ପ୍ରତି ପ୍ରଶାସନ ଦୃଷ୍ଟିରେ ରଖି ଏହି ଗରିବ ଅସହାୟ ଅବିବାହିତ ବୃଦ୍ଧା ମାଙ୍କୁ ଦୟାକରି ତାଙ୍କୁ ତୁରନ୍ତ ପଦକ୍ଷେପ ନେଇ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା ନିମନ୍ତେ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ଭୋଗରାଇ ବିଜେପିର ମିଶ୍ରଣ ପର୍ବ



**ବାଲିଆପାଳ,୧୫।୧୨ (ସଂଚାର ବ୍ୟୁରୋ):** ଭୋଗରାଇ ବ୍ଲକ୍ ପାଣିଷଣ୍ଡା ପଞ୍ଚାୟତ ଶୁଭନନ୍ଦୀପୁର ଗ୍ରାମର ସଞ୍ଜୟ ସାହୁଙ୍କ ବାସଭବନରେ ଭୋଗରାଇ ବିଜେପର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କର୍ମୀ ଗଣେଶ୍ୱର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଆଶିଷ ପାତ୍ର, ବରିଷ୍ଠ ନେତା ଅଂଶୁମାନ ମହାନ୍ତି, ମଣ୍ଡଳ ସଭାପତି ବ୍ରଜକିଶୋର ମହାନ୍ତି, ଜୟରାମପୁର ସମିତି ସଦସ୍ୟ ରାଧାକାନ୍ତ ପ୍ରଧାନ, ଅନନ୍ତ ଜେନା, ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସଂପର୍କରେ ଆଲୋଚନା କରିବା ସହିତ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। ଶେଷରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଷଡ଼ାନନ ସାହୁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଅନ୍ୟ ଦଳରୁ ଆସି ବିଜେପିରେ ସାମିଲ ହୋଇଥିଲେ।

## ସରକାରଙ୍କ କୁମ୍ଭୀର କାନ୍ଦଣା, ଚାଷୀଙ୍କୁ କଲାଣି ବାଟବଣା -କୃଷକ ସଭା



**ବାଲିଆପାଳ,୧୫।୧୨ (ସଂଚାର ବ୍ୟୁରୋ):** ସରକାର ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। କଥା ବେଶି କାମ ଶୂନ୍। ନଭେମ୍ବର ମାସରେ ମଣ୍ଡି ଖୋଲିବ ବୋଲି କହିଲେ କିନ୍ତୁ ନଭେମ୍ବର ଯାଇ ଡିସେମ୍ବର ଅଧା ହେଲାଣି ଧାନ ମଣ୍ଡି ଏଯାଏଁ ଖୋଲିଲା ନାହିଁ କି ଚାଷୀଙ୍କୁ ଟୋକନ୍ ଇସ୍ୟୁ ହେଲା ନାହିଁ।ଧାନ ଅମଳ ଶେଷ କରି ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ଯିଏ ଧାର ଉର୍ଦ୍ଧାର କରି ଚାଷ କରିଥିଲା ସେ ଅନ୍ୟ ଉପାୟ ନପାଇ କୁଇଣ୍ଟାଲ ପିଛା ୧୫୦୦ ଟଙ୍କାରେ ବଙ୍ଗାଳୀ ବେପାରୀଙ୍କୁ ଧାନ ବିକିବାକୁ ବାଧ ହେଉଛି। ସରକାର ସବୁଜାଣି କୁମ୍ଭକର୍ଣ୍ଣ ନିଦରେ ଶୋଇଛନ୍ତି ବୋଲି କୃଷକ ସଭା ତରଫରୁ ଅଭିଯୋଗ କରାଯାଇଛି। ସୂଚନା ଥାଉକି ତୁରନ୍ତ ଧାନ ମଣ୍ଡି ଖୋଲିବା ଓ ଅନ୍ୟାନ୍ୟ ଦାବି ନେଇ ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ନଭେମ୍ବର ୨୧ତାରିଖି ଦିନ କୃଷକ ସଭା ଓ ସମସ୍ତ ଶ୍ରମିକ ସଂଗଠନକୁ ନେଇ ଗଣ ବିକ୍ଷୋଭ କରାଯାଇଥିଲା। ପୁଣି ଡିସେମ୍ବର ୬ତାରିଖି ଦିନ କୃଷକ ସଭା ତରଫରୁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଏବାବଦରେ ଦାବି ପତ୍ର ଦିଆଗଲା। କେବଳ ଆଶ୍ୱାସନା, ପ୍ରତିଶ୍ରୁତି ମିଳୁଛି, କାର୍ଯ୍ୟ କିଛି ହେଉନାହିଁ। ସତେଯେମିତି ସରକାରଟା ପଙ୍ଗୁ ପାଲଟି ଯାଇଛି। ଏହା ଦେଖି ଜଳେଶ୍ୱର କୃଷକ ସଭା ତରଫରୁ କୃଷକ ସଭାର ରାଜ୍ୟ ସଭାପତି ସୀତାଂଶୁ ସେନାପତି, ଜିଲ୍ଲା ସମ୍ପାଦକ ଦିଲ୍ଲୀପ କୁମାର ଗିରି, ବ୍ଲକ ସମ୍ପାଦକ ଜୀବନ ପରିଡ଼ା, ଦିପ୍ତିମାନ ଆଚାର୍ଯ୍ୟ, ପ୍ରଶାନ୍ତ କୁମାର ପାତ୍ର, ସବିତା ଭୂୟାଁ, ମାନସ ସୀଟ, ସାଇମା ବିବି ପ୍ରମୁଖ ଉପସ୍ଥିତ ଥାଇ ତୃତୀୟ ଥର ପାଇଁ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଇ ତୁରନ୍ତ ଧାନ ମଣ୍ଡି ଖୋଲାଯାଉ ଏବଂ ପଞ୍ଜୀକୃତ ଚାଷୀଙ୍କୁ ଟୋକନ୍ ଇସ୍ୟୁ କରିବାକୁ ଦୃଢ଼ ଦାବି କରାଯାଇଛି। ଏକ ସପ୍ତାହ ମଧରେ ଧାନ କିଣା ନଗଲେ କୃଷକ ସଭା ତରଫରୁ ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଗଣଧାରଣା ଦିଆଯିବ ବୋଲି ତହସିଲଦାରଙ୍କୁ ରୋକ୍ ଠୋକ୍ ଜଣାଇ ଦିଆଯାଇଛି।

## ଭଲିବଲ ପ୍ରତିଯୋଗିତା: ରିଷିଡ଼ା ଚାମ୍ପିୟନ

**ରିଷିଡ଼ା,୧୫।୧୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ବାପୁଜୀ ମିନି ଷ୍ଟାଡିୟମରେ ରବିବାର ଦିନିକିଆ ରିଷିଡ଼ା କପ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ ରିଷିଡ଼ା ଏବଂ ଭାଟେଲ ଦଳ ମଧରେ ହୋଇଥିଲା। ଏଥିରେ ରିଷିଡ଼ା ଚାମ୍ପିୟନ ହୋଇଛି। ପୂର୍ବତନ ଭଲିବଲ ଖେଳାଳି ପବିତ୍ର ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ରିଷିଡ଼ା ସରପଞ୍ଚ ସେବତୀ ରଣା ମୁଖ୍ୟ ଅତିଥି, ସମିତି ସଭ୍ୟ ନିମାଇଁ ଚରଣ ବେହେରା, ଭଜଶ୍ୟାମ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଖବରଦାତା ନରୋତ୍ତମ ସେଲମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରିଷିଡ଼ା ଦଳର ଗୋଲଡି ପ୍ରଧାନଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାକୁ ଲଳିତ ସାହୁ, ଲଳିତ ଗୌଡ ଓ ପିଙ୍କୁ ଚନ୍ଦନ ପରିଚାଳନା କରିଥିଲେ।

# ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଗୋଲାମୁଣ୍ଡା ବ୍ଲକ ଗସ୍ତ

## ପ୍ରକଳ୍ପର କଲେ ଉଦ୍‌ଘାଟନ ଓ ଶିଳାନ୍ୟାସ



**କଳାହାଣ୍ଡି, ୧୫।୧୨(ସଂଚାର ବ୍ୟୁରୋ):** ଆଜି ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଗୋଲାମୁଣ୍ଡା ବ୍ଲକ ଗସ୍ତରେ ଆସି ଅନେକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ପ୍ରଥମେ ଗୋଲାମୁଣ୍ଡା ପଞ୍ଚାୟତ ସମିତି ପକ୍ଷରୁ ୨୦ ଲକ୍ଷ ଟଙ୍କା ବିନିମୟରେ ମନରେଗା ଯୋଜନାରେ ନିର୍ମିତ ଶହୀଦ ବିଜେନ୍ଦ୍ର ନାଥ ରାଉତ ସ୍ମୃତି ପାର୍କକୁ ଉଦଘାଟନ କରିଥିଲେ।

ପରେ ଗୋଲାମୁଣ୍ଡା ଶିବାଜୀ ଷ୍ଟାଡିୟମ୍ ଠାରେ ଉପସ୍ଥିତ ଜନତାଙ୍କୁ ଉଦବୋଧନ ଦେଇ ଆଗ୍ରମୀ ଦିନରେ ଗାଁ ଗାଁ ର ବିକାଶ କରିବା ସହିତ କଳାହାଣ୍ଡି ଜିଲ୍ଲା ଏକ ଦାଦନ ପ୍ରବଣ ଜିଲ୍ଲା ହୋଇଥିବାରୁ ସମସ୍ତଙ୍କ ସହଯୋଗରେ ଗାଁ ଗାଁ ରେ କାମ ଯୋଗାଇ ଦାଦନ ଖଟି ଯିବା ବନ୍ଦ କରାଯିବ ବୋଲି କହିଥିଲେ। ୧୫୦ ବିଶିଷ୍ଟ ଗାଁକୁ ପିଚୁ ସଡ଼କ କରାଯିବା ସହିତ ୨୦୨୬ ମସିହା ରେ ଜିଲ୍ଲାର ସମସ୍ତ ଗାଁକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ କରାଯିବ ବୋଲି କହିଥିଲେ। ସମସ୍ତ ଗରିବ ଲୋକଙ୍କୁ ଆବାସ ଘର ଯୋଗାଇ ଦିଆଯିବ ବୋଲି କହିଥିଲେ। ଏଠାରେ ଭବାନୀପାଟଣା, ଗୋଲାମୁଣ୍ଡା, କର୍ଲାମୁଣ୍ଡା, କେସିଙ୍ଗା, ମ.ରାମପୁର, ନର୍ଲା, ଥିଆମୁଲ ରାମପୁର ବ୍ଲକ ପାଇଁ ୧୭୨.୪୭ କୋଟି ମୂଲ୍ୟର ୬୦୦ ଗୋଟି ପ୍ରକଳ୍ପ ଲୋକାର୍ପଣ ଓ ୩୯୨.୭୪ କୋଟି ଅଟକଳ ମୂଲ୍ୟର ୧୧୬୭ ଗୋଟି ନୂତନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ସମୟରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଦୟାମୟ ପାଢ଼ୀ ମୁଖ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଉପ ଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଷୀ, ଗୋଲାମୁଣ୍ଡା ବିଡ଼ିଓ ତ୍ରିପୁରା ମହାନନ୍ଦ, ତହସିଲଦାର ଚନ୍ଦନ କୁମାର ନାଏକ, ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, ଜୁନାଗଡ଼ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମେହେର, ବରିଷ୍ଠ ଓକିଲ ଦେବେନ୍ଦ୍ର ମହାନ୍ତି, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ବୃଷଭ ନାଏକ, ବରିଷ୍ଠ ବିଜେପି ନେତା ରମେଶ ମାଝୀ ଓ ପ୍ରଶାନ୍ତ ସାହୁ, ବିଜେପି ଯୁବ ନେତା ଦିବ୍ୟ ଜ୍ୟୋତି ମୁଣ୍ଡ, ବିଜୟ ଦେବ ସାହୁ, ବୈଶାଖୁ କେତକୀ, ପ୍ରମୋଦ ପ୍ରଧାନ, ଜୟ କୃଷ୍ଣ ସାହୁ ପ୍ରମୁଖ ମଞ୍ଚାଶିନ ଥିଲେ।

ଏହି କାର୍ଯ୍ୟକ୍ରମ ପରେ ୧ କୋଟି ୨୬ ଲକ୍ଷ ବିନିମୟରେ ନିର୍ମାଣ ହେବାକୁ ଥିବା ଅଡିଟୋରିୟମ, ୧୦ ଲକ୍ଷ ଟଙ୍କା ବିନିମୟରେ ନିର୍ମାଣ ହେବାକୁ ଥିବା ପଞ୍ଚାୟତ ସମିତି ଉନ୍ନୟନ ବିଭାଗ ପାଇଁ ରେକର୍ଡ ରୁମ୍ର ନୂତନ ଗୃହ, ୧୦ ଲକ୍ଷ ଟଙ୍କା ବିନିମୟରେ ନିର୍ମାଣ ହେବାକୁ ଥିବା ପଞ୍ଚାୟତ ସମିତିରେ ଉନ୍ନୟନ ବିଭାଗ ପାଇଁ ନୂତନ କାର୍ଯ୍ୟାଳୟ କୋଠରୀର ଶିଳାନ୍ୟାସ କରିଥିବା ବେଳେ ୨୦ ଲକ୍ଷ ଟଙ୍କା ବିନିମୟରେ ନିର୍ମିତ ବ୍ଲକ ସଭାଗୃହକୁ ଉଦଘାଟନ କରିଥିଲେ। ଶେଷରେ ସ୍ଥାନୀୟ ଡୁଡୁକେଲ ଗ୍ରାମକୁ ଯାଇ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ଉଦ୍ୟମରେ ନିର୍ମାଣ ହେବାକୁ ଥିବା ମାଁ ତାରିଣୀଙ୍କ ଭବ୍ୟ ମନ୍ଦିର ପାଇଁ ଶିଳାନ୍ୟାସ କରିଥିଲେ, ଆଜି ପଞ୍ଚାୟତରାଜ ମନ୍ତ୍ରୀଙ୍କ ଗସ୍ତ ପାଇଁ ବିଜେପି କର୍ମୀ ବେଶ ଉତ୍ସାହିତ ଥିବା ବେଳେ ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦଙ୍କ ନେତୃତ୍ୱରେ ୫ ହଜାରରୁ ଉର୍ଦ୍ଧ୍ୱ କର୍ମୀ ବୃନ୍ଦାବାହାଲଠାରେ ଉପସ୍ଥିତ ରହି ଭବ୍ୟ ସ୍ୱାଗତ କରିଥିବା ବେଳେ ବୃନ୍ଦାବାହାଲଠାରୁ ଗୋଲାମୁଣ୍ଡା ଶିବାଜୀ ଷ୍ଟାଡିୟମ୍ ପର୍ଯ୍ୟନ୍ତ ବାଇକ୍ ରେଲି ଅନୁଷ୍ଠିତ ହୋଇଥିଲା।

**ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଓ ସ୍ୱାବଲମ୍ବନର ନୂଆ ପଦକ୍ଷେପ**

## ଆରମ୍ଭ ହେଲା ମିଲେଟ୍ସ ବେକେରୀ ୟୁନିଟ



**ସୁନ୍ଦରଗଡ଼,୧୫।୧୨ (ସଂଚାର ବ୍ୟୁରୋ):** ସ୍ଥାନୀୟ ଅଞ୍ଚଳରେ ତାଜା, ସ୍ୱଚ୍ଛ ଓ ଗୁଣାତ୍ମକ ବେକେରୀ ଉତ୍ପାଦକୁ ଲୋକଙ୍କ ନିକଟକୁ ଆଣିବା, ସ୍ଥାନୀୟ କୃଷକଙ୍କ ଆୟ ବୃଦ୍ଧି, ପୁଷ୍ଟିଶସ୍ୟ ପ୍ରସୁତି ଖାଦ୍ୟ ପ୍ରଚାର ଓ ମିଲେଟ୍ସ ଆଧାରିତ ଉଦ୍ୟମକୁ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ସୋମବାର ବସୁଧା କୃଷି ଉତ୍ପାଦକ ସଂସ୍ଥା ଦ୍ୱାରା ପରିଚାଳିତ ଏକ ନୂତନ ମିଲେଟ୍ସ ବେକେରୀ ୟୁନିଟ ସେବକ ରଙ୍ଗିଆମୁଣ୍ଡା ଠାରେ ଶୁଭାରମ୍ଭ କରାଯାଇଛି।

ଏହି ୟୁନିଟ ଆଧୁନିକ ପ୍ରଯୁକ୍ତି ଓ ସ୍ୱଚ୍ଛତା ମାନଦଣ୍ଡ ଅନୁସରଣ କରି ବ୍ରେଡ୍, କେକ୍, ବିସ୍କୁଟ୍, ପେଷ୍ଟ୍ରି ଭଳି ବିଭିନ୍ନ ଗୁଣାତ୍ମକ ଉତ୍ପାଦ ପ୍ରସ୍ତୁତ କରିବ। ଏହା ସ୍ଥାନୀୟ ଯୁବକ-ଯୁବତୀଙ୍କ ପାଇଁ ରୋଜଗାର ସୃଷ୍ଟି କରିବା ସହିତ ଅଞ୍ଚଳର ଆର୍ଥିକ ଉନ୍ନତିରେ ଏକ ନୂତନ ଅଧ୍ୟାୟ ଯୋଗ କରିବ ବୋଲି ଆଶା କରାଯାଉଛି।

ଏହି ପୁଷ୍ଟିଶସ୍ୟ ବେକେରୀ ୟୁନିଟକୁ ଟାଙ୍ଗରପାଲି ବିଡିଓ ବୀରସେନ ବେହେରା ଫିତା କାଟି ଉଦଘାଟନ କରି କହିଥିଲେ ଯେ ମିଲେଟ୍ସ ଆଧାରିତ ଉତ୍ପାଦନ କେବଳ ସ୍ୱାସ୍ଥ୍ୟକର, ବରଂ ଏହା କୃଷକଙ୍କ ପାଇଁ ଏକ ସ୍ଥାୟୀ ଆୟର ଉତ୍ସ ମଧ ଅଟେ। ଏହି ବେକେରୀ ୟୁନିଟରେ କିପରି ବିଭିନ୍ନ ପୁଷ୍ଟି ଶସ୍ୟର ବହୁଳ ବ୍ୟବହାର କରି ଗୁଣାତ୍ମକ ମାନର ଉତ୍ପାଦ ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇ ଥିଲେ।

ଏହି ବେକେରୀ ୟୁନିଟରେ ରାଗି, ମାଣ୍ଡିଆ, ସୁଆଁ, କଙ୍ଗୁ ଭଳି ପୌଷ୍ଟିକ ମିଲେଟ୍ସ ବ୍ୟବହାର କରି ବ୍ରେଡ୍, କେକ୍, ବିସ୍କୁଟ୍, କୁକିଜ୍ ଓ ଅନ୍ୟାନ୍ୟ ଉତ୍ପାଦ ପ୍ରସ୍ତୁତ କରାଯିବ।

## ସାଂସଦ ଖେଳ ମହୋତ୍ସବର ତୃତୀୟ ଦିବସ



**ସୁନ୍ଦରଗଡ଼,୧୫।୧୨(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ରର ସାଂସଦ ଖେଳ ମହୋତ୍ସବ ୨୦୨୫ ତୃତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ର ଆଦିବାସୀ ବ୍ୟାପର କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇ ମଂଚାସୀନ ସମ୍ମାନିତ ଅତିଥିଙ୍କ ସହିତ ଦଳ ଗତ ଖେଳ ପ୍ରତିଯୋଗିତାରେ ଚାମ୍ପିୟାନ ଏବଂ ରନର୍ସଅପ ହୋଇଥିବା ଉଭୟ ବାଳକ, ବାଳିକାଙ୍କ ଜୁନିୟର ଓ ସିନିୟର ବର୍ଗର ଫୁଟବଲ, କବାଡ଼ି, ଖୋଖୋ ଖେଳାଳୀ ମାନଙ୍କୁ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ, ମାନପତ୍ର ଏବଂ ଟ୍ରଫି ଦେଇ ସମ୍ମାନିତ କରିଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ ସମସ୍ତ କୃତି ପ୍ରତିଯୋଗୀଙ୍କୁ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟ ଓ ଜାତୀୟ ସ୍ତରରେ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ପଦକ ଆଣି ଜିଲ୍ଲାର ଗୌରବ ଅର୍ଜନ କରିବା ପାଇଁ ତାଙ୍କର ଭବିଷ୍ୟତ ଉଜ୍ଜଳ କାମନା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି ବହୁ ଆକାଂକ୍ଷୀ ଯୋଜନା ସାଂସଦ ଖେଳ ମହୋତ୍ସବ କ୍ରୀଡ଼ା କ୍ଷେତ୍ରରେ ତୃଣମୂଳ ସ୍ତରରୁ ଲୁକ୍କାୟିତ ପ୍ରତିଭାକୁ ଚୟନ କରି ଏକ ଉତ୍କୃଷ୍ଟ ମଞ୍ଚରେ ପହଂଚାଇବା ପ୍ରଧାନମନ୍ତ୍ରୀଙ୍କ ମୂଳ ଲକ୍ଷ୍ୟ।

## ନିଶାସକ୍ତ ଯୁବକଙ୍କ ଉନ୍ମତ୍ତ କାଣ୍ଡ, ରେଷ୍ଟୁରାଣ୍ଟରେ ଭଙ୍ଗାରୁଜା

**ବୈଶିଙ୍ଗା,୧୫।୧୨ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ମାଣତ୍ରୀ ବଜାର ଅଞ୍ଚଳରେ ଏକ ରେଷ୍ଟୁରାଣ୍ଟରେ ଜନୈକ ନିଶାସକ୍ତ ଯୁବକ ପଶି ଭଙ୍ଗାରୁଜା କରିଥିବା ନେଇ ପୋଲିସ ନିକଟରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ମୁତାବକ ମାଣତ୍ରୀ ବଜାର ଅଞ୍ଚଳରେ ବିଷ୍ଣୁପ୍ରିୟା ଦେହୁରୀ ନାମକ ମହିଳା ଏକ ମିଠା ଦୋକାନ କରି ପରିବାର ପ୍ରତିପୋଷଣ କରିଥାନ୍ତି। ତେବେ ରବିବାର ମଧାହ୍ନରେ ଅନ୍ତର୍ଯ୍ୟାମୀ ମହାନ୍ତି ନିଶାସକ୍ତ ଅବସ୍ଥାରେ ଆସି ଏକ ପୁରୁଣା ବିବାଦକୁ ନେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଆରମ୍ଭ କରିଦେଇଥିଲେ। ପିଡିତାଙ୍କ ସହ ଉପସ୍ଥିତ ଗ୍ରାହକ ପ୍ରତିବାଦ କରିଥିଲେ। ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ଯୁବକ ଦୋକାନରେ ଲାଗିଥିବା କାଚ ଆଲମିରା ଓ ଚେୟାର ଟେବୁଲ୍ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପୋଲିସ ପକ୍ଷରୁ ୬୨୮ ନଂ ରେ ଏକ ମାମଲା ରୁଜୁ କରାଯିବା ସହ ମାଣତ୍ରୀ ଫାଣ୍ଡି ଅଧିକାରୀ ଲମ୍ବୋଦର ବାରିକ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ଦୋକାନ ଆଗରୁ ବାଇକ୍ ଚୋରିକରି ଛାଡ଼ିଥିଲେ ଗାଁ

**ଦିଗପହଣ୍ଡି,୧୫।୧୨(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା କେ.ନୂଆଗାଁ ଥାନା ଏଏସଆଇ ସି. ତାରକେଶ୍ୱର ରାଓ ଲାଲମେଷ୍ଟା ଲକ୍ଷ୍ମୀ ନାରାୟଣପୁର ଗ୍ରାମର ଭଗବାନ ପ୍ରଧାନଙ୍କୁ ବାଇକ ଚୋରି ମାମଲାରେ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଥାନା କେସ ନଂ.୧୨୯/୨୪ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ୨୦୨୪ ମାର୍ଚ୍ଚ ୩୦ ତାରିଖି ରାତି ରେ ଦିଗପହଣ୍ଡି ବ୍ଲକ କରପଡ଼ା ପଞ୍ଚାୟତ ଦେଓଖାଳି ଗ୍ରାମର ବିଶକେଶନ ବେହେରାଙ୍କ ଦୋକାନ ସମ୍ମୁଖରେ ଥିବା ଟିଭିଏସ ବାଇକ (ନଂ. ଓଡ଼ି୦୭ ଏଇ -୮୬୬୩)କୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିଲେ। ବିଶକେଶନ ଏନେଇ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଆଇଆଇସି କିଶୋର କୁମାର ସାମଲ ମକଦ୍ଦମା ରୁଜୁ କରିଥିଲେ। ଚୋରି ବାଇକକୁ ପୋଲିସ ଉଦ୍ଧାର କରିଥିବା ବେଳେ ଅଭିଯୁକ୍ତ ଗିରଫ ଭୟରେ ଗାଁରୁ ଫେରାର ଥିଲେ।

# ବିଦ୍ୟୁତ କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ଉଠିଲା ଦାବି



**ଦାରିଙ୍ଗବାଡି,୧୫।୧୨ (ସଂଚାର ବ୍ୟୁରୋ):** ଓ.ଏସ.ଇ.ବି. ବିଜୁଳି କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ସମିତି ବୈଠକ ବୈଠକ ସଂଘର ସାଧାରଣ ସମ୍ପାଦକ ଭ୍ରମରବର ରାଉତଙ୍କ ଆବାହନ କ୍ରମେ କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ମିଶ୍ର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଶୀତର ପ୍ରକୋପ ଅନୁଭୂତ ସତ୍ତ୍ୱେ ସଂଘ କେନ୍ଦ୍ରୀୟ, ମଣ୍ଡଳ ଓ ଖଣ୍ଡସ୍ତରୀୟ ଶତାଧିକ ନେତୃବୃନ୍ଦ ତଥା ସଦସ୍ୟଙ୍କ ଉପସ୍ଥିତିରେ ଏହି ବୈଠକ ସଫଳତାର ସହ ହୋଇଥିଲା। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଓ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବିଜୁଳି କର୍ମଚାରୀଙ୍କ ଅନେକ ସମସ୍ୟା ରହିଛି ସେ ସମ୍ପର୍କରେ ସମାଧାନ ପାଇଁ ଆଲୋଚନା କରାଯାଇଥିଲା। ବୈଠକ ଆରମ୍ଭରେ ସଂଘର ଉପଦେଷ୍ଟା ସୁରେଶ ମହାରଣା ପତକା ଉତ୍ତୋଳନ ଏବଂ ରାଜ୍ୟ ବିଦ୍ୟୁତ କର୍ମଚାରୀ ଫେଡେରେସନର ସାଧାରଣ ସଂପାଦକ ସତ୍ୟବାଦୀ ବାଗ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶମ୍ଭୁପ୍ରସାଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକ ରେ ସାଧାରଣ ସମ୍ପାଦକ ଭ୍ରମରବର ରାଉତ, ଉପ ସାଧାରଣ ସଂପାଦକ ଦୁର୍ଗାପ୍ରସାଦ ନନ୍ଦ, ଆଞ୍ଚଳିକ ସମ୍ପାଦକ ସତ୍ୟବ୍ରତ ମହାପାତ୍ର, ଉପସଭାପତି ଟି. ବିଜୟ ପାତ୍ର, ଦୁର୍ଗାପ୍ରସାଦ ମିଶ୍ର, ଗଜେନ୍ଦ୍ର ପାଳ, ନିମନ୍ତ୍ରିତ ଅତିଥି ସତ୍ୟବାଦୀ ବାଗ, ମଜଦୁର ସଂଘର ସାଧାରଣ ସମ୍ପାଦକ ଶୁଭେନ୍ଦୁ ଛୋଟରାୟ ଏବଂ ସଂଘର ନେତୃବୃନ୍ଦଙ୍କ ମଧ୍ୟରୁ ବସନ୍ତ କୁମାର ସ୍ୱାଇଁ, ଆସିକାର ସୀମାଞ୍ଚଳ ସାହୁ, ଏସ ନାରାୟଣ ରାଓ ଦୋରା, ପାରଳାଖେମୁଣ୍ଡିର ବସନ୍ତ ମହାରଣା, ବୌଦ୍ଧର ପ୍ରତାପ ପ୍ରଧାନ, ଛତ୍ରପୁରର ଶରଜିତ ମହାପାତ୍ର ପ୍ରମୁଖ ବିଦ୍ୟୁତ ଶ୍ରମିକ କର୍ମଚାରୀଙ୍କ ସମସ୍ତ ସମସ୍ୟା ଓ ତହିଁର ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ସଂପର୍କରେ ଆଲୋଚନା କରିଥିଲେ।

## ସ୍ୱାକ୍ ସଂଗଠନ ପକ୍ଷରୁ ଗରିବ ଅସହାୟ ବୃଦ୍ଧ ବୃଦ୍ଧାଙ୍କୁ କମ୍ବଳ ବଣ୍ଟନ

**କନ୍ଧମାଳ,୧୫।୧୨ (ସଂଚାର ବ୍ୟୁରୋ):** ଘୁ.ଉଦୟଗିରିଃ ଶୀତ ପ୍ରକୋପ ବଢ଼ିବା ସହ ଅସହାୟ ଗରିବ ବୃଦ୍ଧ ବୃଦ୍ଧାମାନଙ୍କୁ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ସ୍ୱାକ୍ ସଂଗଠନ ପକ୍ଷରୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଘୁ.ଉଦୟଗିରି ଅଞ୍ଚଳର ସମାଜସେବା ମନୋଭାବ ବ୍ୟକ୍ତିମାନଙ୍କ ସହାୟତାରେ ଅସହାୟ ଗରିବ ନିରୀହ ବାପା ମାଆ ଭାଇ ଭଉଣି ମାନଙ୍କୁ କମ୍ବଳ ପ୍ରଦାନ କରିବା ନିମନ୍ତେ ସ୍ୱାକ୍ ପକ୍ଷରୁ ଏକ ପ୍ରୟାସ କରାଯାଇଛି। କାର୍ଯ୍ୟକ୍ରମରେ ୯ ଗୋଟି ପଞ୍ଚାୟତର ଶତାଧିକ ଗରିବ ନିରୀହ ବାପା, ମାଆ, ଭାଇ, ଭଉଣୀ ମାନଙ୍କୁ କମ୍ବଳ ପ୍ରଦାନ କରାଯାଇଛି। ସୂଚନା ଅନୁସାରେ ଓଡ଼ିଶାର କାଶ୍ମୀର ନାମରେ ନାମିତ ହେବାକୁ ବସିଲାଣି ଘୁ.ଉଦୟଗିରି କାରଣ ଗତ କିଛି ବର୍ଷ ହେବ ଘୁ.ଉଦୟଗିରିରେ ଅଧିକ ଶୀତ ହେଉଛି। ତାପମାତ୍ରା ସର୍ବନିମ୍ନ ରହିଛି। ଏହାକୁ ଦୃଷ୍ଟିରେ ରଖି ସ୍ୱାକ୍ ସଂଗଠନ ପକ୍ଷରୁ ଏହି ପ୍ରୟାସ ଆରମ୍ଭ କରାଯାଇଛି। ଗୋଟିଏ ଗରିବ ବୃଦ୍ଧ କିମ୍ବା ବୃଦ୍ଧା, ଭାଇ କିମ୍ବା ଭଉଣୀଙ୍କ ମୁହଁରେ ହସ ଫୁଟାଇବା ନିମନ୍ତେ ଛୋଟ ପ୍ରୟାସ କରାଯାଉଛି ବୋଲି ସଙ୍ଗଠନର ସଭାପତି ଆମନ ଚନ୍ଦ୍ର ନାୟକ ମତ ପ୍ରକାଶ କରିଛନ୍ତି। କନ୍ଧମାଳ ଜିଲ୍ଲାର ୯ ଗୋଟି ପଞ୍ଚାୟତ କଥା ଗ୍ରେସିଙ୍ଗିଆ, ରଟିଙ୍ଗିଆ, ମାଲିକାପଡ଼ି ଆଦି ପଞ୍ଚାୟତରୁ ଶତାଧିକ ଗରିବ ନିରୀହ ଅସହାୟ ବୃଦ୍ଧ, ବୃଦ୍ଧା ମା ବାପା ମାନେ ସ୍ୱାକ୍ ସଂଗଠନର ସଦସ୍ୟମାନଙ୍କ ଠାରୁ କମ୍ବଳ ଗ୍ରହଣ କରିଥିଲେ।

## ୧୮୭ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ରାମେଶ୍ୱରମ ଓ ମଦୁରାଇ ଅଭିମୁଖେ ଯାତ୍ରା



**ଭବାନିପାଟଣା,୧୫।୧୨ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ତରଫରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ରବିବାର କଳାହାଣ୍ଡି ଜିଲ୍ଲାରୁ ପାଞ୍ଚଟି ସ୍ୱତନ୍ତ୍ର ବସ ଯୋଗେ ୧୮୭ ଜଣ ବରିଷ୍ଠ ନାଗରିକ ରାମେଶ୍ୱରମ ଓ ମଦୁରାଇ ଅଭିମୁଖେ ଯାତ୍ରା କରିଛନ୍ତି। ରବିବାର ରାୟଗଡ଼ାରେ ସମସ୍ତ ତୀର୍ଥଯାତ୍ରୀ ରାତ୍ରି ଯାପନ କରି ଆଜି ସ୍ୱତନ୍ତ୍ର ଟ୍ରେନ ଯୋଗେ ତାମିଲନାଡୁ ସ୍ଥିତ ରାମେଶ୍ୱରମ ଓ ମାଦୁରାଇ ଯାତ୍ରା କରି ଆସନ୍ତା ଡ଼ିସେମ୍ବର ୨୧ ତାରିଖରେ ଫେରିବେ। ଜିଲ୍ଲା ପର୍ଯ୍ୟଟନ ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ସମ୍ମାନିତ ଅତିଥି ଭାବେ ଉପନିର୍ଦ୍ଦେଶକ ସ୍ୱଳ୍ପ ସଞ୍ଜୟ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ୟୁଥ ଅଫିସର୍ ପ୍ରସନ୍ନ ମେହେର ଏବଂ ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ସୁବୋଧ ଛତ୍ରିଆ ଯୋଗଦେଇ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟରୁ ପତାକା ଦେଖାଇ ଏହି ତୀର୍ଥ ଯାତ୍ରାର ଶୁଭାରମ୍ଭ କରିଥିଲେ। ସମସ୍ତ ତୀର୍ଥଯାତ୍ରୀ ସାଙ୍ଗରେ ରହି ନିଜର ସୁବିଧା ଅସୁବିଧା ସାଙ୍ଗରେ ଯାଇଥିବା ଏସ୍କର୍ଟ ଅଧିକାରୀଙ୍କୁ ଜଣାଇ କିପରି ସୁରକ୍ଷିତ ଭାବରେ ତୀର୍ଥଯାତ୍ରା ଭ୍ରମଣ ସାରି ନିଜ ନିଜ ଘରକୁ ଫେରିବେ ସେ ସମ୍ପର୍କରେ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ।

**ରାଜ୍ୟସ୍ତରୀୟ ଜାତୀୟ ଶକ୍ତି ସଂରକ୍ଷଣ ଦିବସ**

## ଭୁବନେଶ୍ୱରରେ ରଘୁନାଥ ଉଚ୍ଚ ବିଦ୍ୟାଳୟର ପ୍ରକଳ୍ପ ପ୍ରଶଂସିତ



**ବୈଶିଙ୍ଗା,୧୫।୧୨ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନ ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ ର ନବମ ଶ୍ରେଣୀ ଛାତ୍ର ଶ୍ରୀମାନ ପରମେଶ୍ୱର ସାହୁଙ୍କ ପ୍ରକଳ୍ପ 'ଅଟମେଟିକ ଏନର୍ଜି ସେଭିଂ ଡିଭାଇସ୍' ଭୁବନେଶ୍ୱର ଲୋକସେବା ଭବନ ଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଜାତୀୟ ଶକ୍ତି ସଂରକ୍ଷଣ ଦିବସରେ ଉଚ୍ଚ ପ୍ରଶଂସିତ ହୋଇଛି। ଦୈନନ୍ଦିନ ଜୀବନରେ ଶକ୍ତି ଅପଚୟକୁ ରୋକିବା ସହିତ ଏହାର ନିୟନ୍ତ୍ରଣ କିପରି କରାଯିବ ତାହା ଏହି ପ୍ରକଳ୍ପ ମାଧମରେ ଦର୍ଶାଯାଇଛି। ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରୁ ଜଣେ ଲେଖାଏଁ ପ୍ରତିଯୋଗୀ ଏହି ରାଜ୍ୟ ସ୍ତରୀୟ ପ୍ରକଳ୍ପ ପ୍ରଦର୍ଶନୀ ରେ ଅଂଶ ଗ୍ରହଣ କରି ନିଜ ନିଜର ପ୍ରକଳ୍ପ ପ୍ରଦର୍ଶନ କରି ଥିଲେ।

ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ବିଜ୍ଞାନ ଶିକ୍ଷକ ଅଜିତ କୁମାର ଜେନା ଙ୍କ ମାର୍ଗଦର୍ଶନ ରେ ପ୍ରସ୍ତୁତ ଏହି ପ୍ରକଳ୍ପ ଟି ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି ପାରିଛି। ଶକ୍ତି ବିଭାଗ, ଓଡ଼ିଶା ସରକାରଙ୍କ ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ ଏବଂ ଏସ.ଡି.ଏ ଆନୁକୁଲ୍ୟରେ, ସି.ଇ.ଏସ୍., ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସହାୟତାରେ ଆୟୋଜିତ ୨୦୨୫ ରାଜ୍ୟ ସ୍ତରୀୟ ଶକ୍ତି ସଂରକ୍ଷଣ ଦିବସରେ ଓଡ଼ିଶାର ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଶକ୍ତି ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ତଥା ସି. ଇ. ଏସ୍. ର ନିର୍ଦ୍ଦେଶକ ପ୍ରମୁଖ ପ୍ରକଳ୍ପଟିର ଉପାଦେୟତା ସଂପର୍କରେ ପଚାରି ବୁଝି ଥିଲେ।

## ବ୍ଲକ ପରିସରରେ ଯୁଗ୍ମ ଜନଅଭିଯୋଗ ଶୁଣାଣି



**ସୁନ୍ଦରଗଡ଼,୧୫।୧୨ (ସଂଚାର ବ୍ୟୁରୋ):** ବଡଗାଁ ବ୍ଲକ ପରିସରରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୮୯ ଗୋଟି ଅଭିଯୋଗ ମଧରୁ ୩୭ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୩୯ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ସବୁ ଅଭିଯୋଗ ଗୁଡ଼ିକ ମଧରୁ ୧୩ ଗୋଟି ଅଭିଯୋଗର ତତ୍ କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୧୩ ଗୋଟି ଆବେଦନ ରହିଥିଲା।

ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଉପ-ଜିଲ୍ଲାପାଳ ତେଜସ୍ୱିନୀ ବେହେରା ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

SANCHAR
ସଂଚାର
ମଙ୍ଗଳବାର ୧୬ ଡିସେମ୍ବର ୨୦୨୫

# ସ୍ୱାସ୍ଥ୍ୟ

## କ୍ଷୀରରେ ଗୁଡ଼ ମିଶାଇ ପିଇଲେ ଗଣ୍ଠି ଯନ୍ତ୍ରଣାରୁ ପାଇବେ ଉପଶମ



ପ୍ରାଚୀନ କାଳରୁ କ୍ଷୀର ଏବଂ ଗୁଡ଼ ଉଭୟ ସ୍ୱାସ୍ଥ୍ୟ ପାଇଁ ବରଦାନ ସଦୃଶ ହୋଇଥାଏ ବୋଲି ବିବେଚନା କରାଯାଏ। ଶୀତ ଋତୁରେ ଲୋକମାନେ ବହୁତ ଉତ୍ସାହର ସହିତ ଗୁଡ଼ ଖାଆନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ଯଦି କ୍ଷୀର ସହ ଗୁଡ଼ ମିଶାଇ ପିଇବା ଦ୍ୱାରା ଏହା ସ୍ୱାସ୍ଥ୍ୟ ଉପରେ ବହୁତ ସକାରାତ୍ମକ ପ୍ରଭାବ ପକାଇପାରେ। ତଥାପି, ଉତ୍ତମ ଫଳାଫଳ ହାସଲ କରିବାକୁ, ଏହାକୁ ସଠିକ୍ ପରିମାଣରେ ଏବଂ ସଠିକ୍ ଉପାୟରେ ଡାଏଟ୍ ପ୍ଲାନର ଏକ ଅଂଶ କରିବା ଅତ୍ୟନ୍ତ ଜରୁରୀ ହୋଇଥାଏ। ତେବେ ଆସନ୍ତୁ କ୍ଷୀର ଏବଂ ଗୁଡ଼ ମିଶାଇ ପିଇବାର ଉପକାରିତା ବିଷୟରେ ଜାଣିବା।

**ଗଣ୍ଠି ଯନ୍ତଣାରୁ ମୁକ୍ତି:** ଗୁଡ଼ କ୍ଷୀର ମାଂସପେଶୀକୁ ଆରାମ ଦେବା ସହିତ ହାଡକୁ ମଜବୁତ କରିବାରେ ପ୍ରଭାବଶାଳୀ ପ୍ରମାଣିତ ହୋଇଥାଏ। ଯଦି ଆପଣ ଗଣ୍ଠି ଯନ୍ତ୍ରଣା ସମସ୍ୟାରୁ ମୁକ୍ତି ପାଇବାକୁ ଚାହୁଁଛନ୍ତି, ତେବେ ଆପଣ ଗୁଡ଼ ସହିତ କ୍ଷୀର ପିଇବା ଆରମ୍ଭ କରିବା ଉଚିତ୍। ଗୁଡ଼ କ୍ଷୀର ସାହାଯ୍ୟରେ ହିମୋଗ୍ଲୋବିନ୍ ଅଭାବକୁ ମଧ୍ୟ ଦୂର କରାଯାଇପାରିବ। ତେଣୁ ରକ୍ତହୀନତାରେ ପୀଡିତ ରୋଗୀଙ୍କୁ ଗୁଡ଼ କ୍ଷୀର ପିଇବାକୁ ପରାମର୍ଶ ଦିଆଯାଏ।

**କ୍ଷୀର ଏବଂ ଗୁଡ଼ ମିଶାଇ ପିଇବାର ଉପକାରିତା:** କେବଳ ଯେ ଗଣ୍ଠି ଯନ୍ତ୍ରଣା ତା' ନୁହେଁ ଗୁଡ଼ କ୍ଷୀର ଅନ୍ତନଳୀ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଗ୍ୟାସ୍, ବଦହଜମୀ ଏବଂ ଏସିଡ଼ିଟିରୁ ମୁକ୍ତି ପାଇବା ପାଇଁ ଗୁଡ଼ କ୍ଷୀର ପିଇପାରିବେ। ମେଟାବୋଲିଜିମ୍ ବଢ଼ାଇବା ପାଇଁ ମଧ୍ୟ ଆପଣ କ୍ଷୀର ଏବଂ ଗୁଡ଼ ମିଶାଇ ଏକାଠି ପିଇପାରିବେ। ଏହା ବ୍ୟତୀତ ଗୁଡ଼ କ୍ଷୀର ପିଇବା ଦ୍ୱାରା ଆପଣ ନିଜର ରୋଗ ପ୍ରତିରୋଧକ ଶକ୍ତି ମଜବୁତ କରିପାରିବେ। ରାତିରେ ଗୁଡ଼ କ୍ଷୀର ପିଇବା ଦ୍ୱାରା ଭଲ ନିଦ ମଧ୍ୟ ଆସିଥାଏ।

**ଗୁଡ଼ କ୍ଷୀର କିପରି ତିଆରି କରିବେ:** ସର୍ବପ୍ରଥମେ ଆପଣଙ୍କୁ ଏକ ପାତ୍ରରେ କ୍ଷୀରକୁ ଗରମ କରିବାକୁ ପଡିବ। ବର୍ତ୍ତମାନ ଏଥିରେ ଏକ କିମ୍ବା ଦୁଇ ଚାମଚ ଗୁଡ଼ ପାଉଡ଼ର କିମ୍ବା ଏକ ଛୋଟ ଗୁଡ଼ ଖଣ୍ଡ ମିଶାନ୍ତୁ। ଭଲ ଫଳାଫଳ ପାଇବା ପାଇଁ ଶୋଇବା ପୂର୍ବରୁ ଗୁଡ଼ କ୍ଷୀର ପିଅନ୍ତୁ। ପ୍ରତିଦିନ ପୁଷ୍ଟିକର ଗୁଡ଼ କ୍ଷୀର ପିଅନ୍ତୁ ଏବଂ କେବଳ ଏକ ମାସ ମଧ୍ୟରେ ହିଁ ଆପଣ ନିଜେ ଏହାର ସକରାତ୍ମକ ପ୍ରଭାବ ଦେଖିବାକୁ ପାଇବେ।

## ସ୍କିନ୍ ଟ୍ୟାନ୍‌କୁ ଦୂର କରିବ କମଳା ଫେସ୍ ପ୍ୟାକ୍



ଶୀତଦିନରେ ତ୍ୱଚା ଅଧିକ ଟ୍ୟାନ୍ ହୋଇଯାଏ ମାନେ ଖରାରେ କଳା ପଡ଼ିଯାଏ। ତେଣୁ ଏଥିପ୍ରତି ଆମେ ଅଧିକ ଯତ୍ନବାନ୍ ହେବା ଜରୁରୀ। ଘରେ ମଧ୍ୟ ଆମେ ବିଭିନ୍ନ ଉପାୟମାନ କରି ଏହାକୁ ଦୂର କରିପାରିବା। ଚାଲନ୍ତୁ ଘରେ ତିଆରି କରିବା କମଳା ଫେସ୍ ପ୍ୟାକ୍। ବେସନ ସହିତ କମଳା ମିଶାଇ ଫେସ୍ ପ୍ୟାକ୍ ତିଆରି କରି ମୁହଁରେ ଲଗାନ୍ତୁ। ଏହି ଫେସ୍ ପ୍ୟାକ୍ ତିଆରି କରିବା ନିମନ୍ତେ ୨ ଚାମଚ କମଳା ରସରେ ୧ ଚାମଚ ବେସନ ଓ ୧ ଚାମଚ ଗୋଲାପ ଜଳ ଭଲଭାବେ ମିଶାନ୍ତୁ। ପ୍ରାୟ ୨୦ ମିନିଟ୍ ପର୍ଯ୍ୟନ୍ତ ଏହାକୁ ମୁହଁରେ ଲଗାନ୍ତୁ। ଏହାପରେ ଧୀରେ ଧୀରେ ମସାଜ୍ କରି ଧୋଇଦିଅନ୍ତୁ। ଅଧିକ ସମୟ ଖରାରେ ରହି ସ୍କିନ୍ ଟାନିଂ ହୋଇଥିଲେ ଏହି ଫେସ୍ ପ୍ୟାକ୍ ବେଶ୍ ଫାଇଦା ଆଣିଥାଏ।

ନଡ଼ିଆତେଲ ଓ କମଳା ଫେସ୍ ପ୍ୟାକ୍ ମଧ୍ୟ ମୁହଁର ଉଜ୍ଜ୍ୱଳତା ବଢ଼ାଇଥାଏ। ତ୍ୱଚା ଅତ୍ୟଧିକ ଶୁଷ୍କ ହୋଇଥିଲେ ଏହି ପ୍ୟାକ୍ ଅତ୍ୟନ୍ତ ଭଲ। ଏଥିପାଇଁ ୧ ଚାମଚ ନଡ଼ିଆ ତେଲରେ ୧ ଚାମଚ କମଳା ରସ ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ୧ ଘଣ୍ଟାରୁ ଅଧିକ ସମୟ ରଖିପାରିବେ। ସପ୍ତାହକୁ ୨ ଥର ଏହି ପ୍ୟାକ୍ ଲଗାଇଲେ ତ୍ୱଚାର ଶୁଷ୍କତା କମ୍ ହେବା ସହିତ ତ୍ୱଚା ସୁନ୍ଦର ଓ ମୁଲାୟମ ହେବ।

ସେହିପରି ହଳଦୀ ଓ କମଳା ଫେସ୍‌ପ୍ୟାକ୍ ମଧ୍ୟ ମୁହଁକୁ ସୁନ୍ଦର କରିଥାଏ। ଏହି ପ୍ୟାକ୍ ତିଆରି କରିବା ନିମନ୍ତେ କମଳା ଚୋପାକୁ ଶୁଖାଇ ଗୁଣ୍ଡକରି ରଖନ୍ତୁ। ୧ ଚାମଚ କମଳା ଚୋପାର ଗୁଣ୍ଡ ସହ ୧ ଚାମଚ ଗୋଲାପ ଜଳ ଓ ଅଳ୍ପ ହଳଦୀ ନେଇ ଭଲଭାବେ ମିଶାଇ ମୁହଁରେ ଲଗାନ୍ତୁ। ଏହି ପେଷ୍ଟ ଅଧିକ ଗାଢ଼ ହୋଇଥିଲେ ସେଥିରେ ପାଣି ମିଶାଇ ପାରିବେ। ଏବେ ଏହି ମିଶ୍ରଣକୁ ମୁହଁରେ ଲଗାଇ ୧୫ ରୁ ୨୦ ମିନିଟ୍ ରଖି ଧୋଇ ଦିଅନ୍ତୁ। ସପ୍ତାହକୁ ଅତିକମ୍‌ରେ ୨ ଥର ଏହି ମିଶ୍ରଣକୁ ଲଗାଇଲେ ମୁହଁରେ ଥିବା ସମସ୍ତ ଦାଗ, ଟାନିଂ ଓ ବ୍ରଣ ସମସ୍ୟା ଦୂରହୋଇ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇବ।

ଚୋପାକୁ ଶୁଖାଇ ଗୁଣ୍ଡକରି ସେଥିରେ ସମାନ ମାତ୍ରାରେ ମୁଲତାନୀ ମାଟି ଓ ଗୋଲାପ ଜଳ ମିଶାଇ ପେଷ୍ଟ ତିଆରି କରନ୍ତୁ। ଏହି ଫେସ୍ ପ୍ୟାକ୍‌କୁ ଅଧଘଣ୍ଟାରୁ ୪୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖିହେବ। ଧୋଇବା ସମୟରେ ଗୋଲାକାରଭାବେ ମସାଜ୍ କରି ଏହାକୁ ଧୋଇଦିଅନ୍ତୁ। ତେବେ ସପ୍ତାହକୁ ଥରେ ଏହି ପ୍ୟାକ୍ ଲଗାଇଲେ ତ୍ୱଚା ସୁନ୍ଦର ଦେଖାଯିବ।

## ଜଙ୍କଫୁଡ୍ ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ



ପିଲାଙ୍କ ଖାଦ୍ୟପେୟ ଉପରେ ନିର୍ଭର କରିଥାଏ ସେମାନଙ୍କର ସ୍ୱାସ୍ଥ୍ୟ। ଅଧିକାଂଶ ବାପାମାଆ ପିଲାଙ୍କ ପେଟ ଭରିବା ପାଇଁ ସ୍ୱାସ୍ଥ୍ୟକର କିମ୍ବା ଅସ୍ୱାସ୍ଥ୍ୟକର କିଛି ମଧ୍ୟ ଖୁଆଇ ଦିଅନ୍ତି। ଏହାସହ କିଛି ପିଲା ଜଙ୍କ ଫୁଡ୍ ଖାଇବାକୁ ଜିଦି କରନ୍ତି। ଏମିତି କିଛି ଖାଦ୍ୟ ଜିନିଷ ଅଛି , ଯାହାକୁ କେବେ ପିଲାଙ୍କୁ ଖାଇବାକୁ ଦେବା ଉଚିତ୍ ନୁହେଁ। କାହିଁକି ନା ସବୁଠୁ ଅଧିକ ହାନିକାରକ।

ଅନେକ ଦିନରୁ ସକାଳେ ଗୋଟେ କପ୍ ଚା ଓ ବିସ୍କୁଟ୍ ଅଧିକାଂଶ ଘରେ ପିଲାମାନେ ଖାଇଥାଆନ୍ତି। କିନ୍ତୁ ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ସକାଳୁ ସକାଳୁ କଫି କି ଚା' ନ ପିଇବା ଦେବା ଅନୁଚିତ୍। ଆପଣ ଚା ସ୍ଥାନରେ କ୍ଷୀର ଓ ବାଦାମ ଖାଇବାକୁ ଦେଇ ପାରିବେ। ବର୍ତ୍ତମାନ ପିଲାମାନେ ବର୍ଗର –ପିଜ୍ଜା ଖାଇବାକୁ ଦିଅନ୍ତି ଏବଂ ସେମାନେ ନିଜେ ବି ଏହାକୁ ଖାଇଥାନ୍ତି। ବର୍ଗର, ପିଜ୍ଜା, ଫ୍ରେଞ୍ଚ ଫ୍ରାଇଜ୍, ପାସ୍ତା , ମୋମୋଜ ପିଲାଙ୍କ ପାଇଁ କେବେ ବି ଭଲ ନୁହେଁ। ଏହି ସବୁ ଜିନିଷକୁ ଖାଇବା ଦ୍ୱାରା ପିଲା ଛୋଟବେଳୁ ହିଁ ମୋଟାପଣର ଶିକାର ହୁଅନ୍ତୁ। ଯାହାଫଳରେ ଅନେକ ରୋଗ ହେବାର ଆଶଙ୍କ ବଢ଼ିଯାଏ । ପିଲାଙ୍କୁ କମ୍ ବୟସରେ ହିଁ କୋଲ୍ଡ ଡ୍ରିଙ୍କ୍ ଓ ପେଷ୍ଟ୍ରି ଖାଇବା ଦିଅନ୍ତୁ ନାହିଁ। ଏହି ସବୁ ଜିନିଷରେ ସୁଗାର ଅଧିକ ମାତ୍ରାରେ ରହିଥାଏ। କୋଲ୍ଡ ଡ୍ରିଙ୍କରେ ସୋଡା ଥାଏ , ଯାହା ପେଟ ଓ ଅନ୍ତଃନଳୀ ପାଇଁ ଖରାପ ହୋଇଥାଏ। ଏସବୁକୁ ଖାଇବା ଦ୍ୱାରା ପେଟ ଖରାପ ହେବା ସହ ବ୍ଲଡ୍ ସୁଗାର ବଢ଼ିଥାଏ। ଏତିକି ହିଁ ନହେଁ ପିଲାମାନେ ଚିପ୍ସ, କୁରକୁରେ ଓ ଚକୋଲେଟ୍ ମଧ୍ୟ ଖୁବ୍ ଖାଇଥାନ୍ତି। ଅଧିକାଂଶ ସମୟ ଏସବୁ ଖାଇବା ପାଇଁ ଖାଦ୍ମ ଛାଡ଼ି ଦେଇଥା'ନ୍ତି। ପ୍ରୋସେସ୍ଡ ଫୁଡ୍ ଚିପ୍ସ, ଚକୋଲେଟରେ ବହୁ ମାତ୍ରାରେ ଲୁଣ-ଚିନି ରହିଥାଏ , ଯାହା ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ପିଲାଙ୍କୁ ମ୍ୟାଗି ବା ନୁଡଲ୍ସ ମଧ୍ୟ ଦେବା ଉଚିତ୍ ନୁହେଁ। ଏହି ସବୁ ଜିନିଷରେ କେବଳ ମଇଦା ରହି ଥାଏ। ଯାହା ଅନ୍ତଃନଳୀ ଓ ପେଟ ପାଇଁ ଭଲ ନୁହେଁ। ଏହା ଦୀର୍ଘ ସମୟ ଯାଏ ହଜମ ହୋଇ ନଥାଏ ଏବଂ ପେଟ ଖରାପ ହୋଇ ଥାଏ।

## ମହିଳାଙ୍କୁ ଅଣନିଶ୍ୱାସୀ ଲାଗୁଛି କି ?



ହୃଦଘାତର ସବୁଠାରୁ ସାଧାରଣ ଲକ୍ଷଣ ହେଉଛି ଛାତିରେ ଯନ୍ତ୍ରଣା। କିନ୍ତୁ ଅନେକ କ୍ଷେତ୍ରରେ, ହୃଦଘାତର ଲକ୍ଷଣ ସମ୍ପୂର୍ଣ୍ଣ ଭିନ୍ନ ହୋଇପାରେ, ବିଶେଷକରି ମହିଳାଙ୍କ କ୍ଷେତ୍ରରେ। ମହିଳାଙ୍କଠାରେ ହୃଦଘାତର ଲକ୍ଷଣ ପୁରୁଷମାନଙ୍କଠାରୁ ବହୁତ ଭିନ୍ନ ହୋଇଥାଏ। ମହିଳାମାନଙ୍କ କ୍ଷେତ୍ରରେ ହୃଦଘାତର ଲକ୍ଷଣଗୁଡ଼ିକ ପ୍ରାୟତଃ ଛୋଟ ସମସ୍ୟା ଭାବରେ ଦେଖାଯାଇପାରେ। ତେଣୁ, ସେଗୁଡ଼ିକୁ ନିର୍ଣ୍ଣୟ କରିବା କଷ୍ଟକର ହୋଇପାରେ। ପୁରୁଷମାନଙ୍କଠାରେ ହୃଦଘାତର ସାଧାରଣ ଲକ୍ଷଣଗୁଡ଼ିକ ମଧ୍ୟରେ ତୀବ୍ର ଛାତି ଯନ୍ତ୍ରଣା, ଚାପ ଅନ୍ତର୍ଭୁକ୍ତ, ଯାହା ପ୍ରାୟତଃ ବାମ ହାତ ପର୍ଯ୍ୟନ୍ତ ବ୍ୟାପିଥାଏ।

**ଛାତି ଯନ୍ତ୍ରଣାର ବିଭିନ୍ନ ରୂପ:** ମହିଳାମାନେ ତୀବ୍ର ଛାତି ଯନ୍ତ୍ରଣା ବଦଳରେ ଚାପ, ଜଳାପୋଡ଼ା କିମ୍ବା ଅସ୍ୱସ୍ତି ଅନୁଭବ କରିପାରନ୍ତି। ଏହି ଯନ୍ତ୍ରଣା ଛାତିର ମଧ୍ୟଭାଗରେ ନୁହେଁ ବରଂ ପିଠି, ବେକ କିମ୍ବା ପେଟରେ ଅନୁଭବ ହୋଇପାରେ।

**ଅଣନିଶ୍ୱାସୀ:** କୌଣସି କାରଣ ବିନା ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା।

**ଅସାଧାରଣ ଥକ୍କା:** ହଠାତ୍ ଅତ୍ୟଧିକ ଥକ୍କା ଲାଗେ ଯାହା ଦୀର୍ଘଦିନ ପର୍ଯ୍ୟନ୍ତ ଲାଗି ରହିଥାଏ। ଏହି ଥକ୍କା ଏତେ ତୀବ୍ର ହୋଇପାରେ ଯେ ସାଧାରଣ ଦୈନନ୍ଦିନ କାର୍ଯ୍ୟ ମଧ୍ୟ କଷ୍ଟକର ହୋଇଯାଏ।

**ମୁଣ୍ଡ ଘୂରିବା:** କୌଣସି କାରଣ ବିନା ମୁଣ୍ଡ ବ୍ୟଥା ଏବଂ ଘୂରିଲା ଭଳି ଲାଗିଥାଏ।

**ବାନ୍ତି:** ହୃଦଘାତ ସମୟରେ ମହିଳାମାନେ ପୁରୁଷମାନଙ୍କ ତୁଳନାରେ ବାନ୍ତି କିମ୍ବା ବଦହଜମୀ ଅନୁଭବ କରିବାର ସମ୍ଭାବନା ଅଧିକ ଥାଏ।

**ଝାଳ:** ହଠାତ୍ ଥଣ୍ଡା ଝାଳ ବାହାରିପାରେ, ଯାହା ପ୍ରାୟତଃ ଫ୍ଲୁ ପରି ଅନୁଭବ ହୁଏ।

**ନିଦ୍ରା ବ୍ୟାଘାତ:** ହୃଦଘାତ ପୂର୍ବରୁ ପ୍ରାୟ ମହିଳାଙ୍କ କ୍ଷେତ୍ରରେ ନିଦ୍ରା ସମସ୍ୟା ଆରମ୍ଭ ହୋଇପାରେ।

## ବଂଶଗତ ରୋଗ ଥାଲାସିମିଆ

ଥାଲାସିମିଆ ଏକ ବଂଶଗତ ରକ୍ତ ରୋଗ। ଏହି ରୋଗରେ ଶରୀରରେ ଅକ୍ସିଜେନ୍ ପରିବହନକାରୀ ହେମୋଗ୍ଲୋବିନ୍‌ର ଗଠନ ତ୍ରୁଟିପୂର୍ଣ୍ଣ ହୋଇଯାଇଥାଏ। ଏହାଫଳରେ ଦେଖାଦିଏ 'ଆନିମିଆ' ବା ରକ୍ତାଳ୍ପତା। ଆପଣମାନଙ୍କ ମଧ୍ୟରୁ ଅନେକେ ଥାଲାସିମିଆ ରୋଗଟିର ନାଁ ଶୁଣିଥିବେ। କାହାର ପୁଅ କି ଝିଅ ହୁଏତ ଏହି ରୋଗ ଭୋଗୁଥାଇପାରନ୍ତି। ଜିନ୍ ଦୋଷରୁ ଜାତ ଏହି ରୋଗଟି ଆଦୌ ବିରଳ ନୁହେଁ। ତେଣୁ ଉକ୍ତ ସ୍ୱାସ୍ଥ୍ୟ ସମସ୍ୟାର କାରଣ ଏବଂ ଚିକିତ୍ସା ପଦ୍ଧତି ବିଷୟରେ ଆମେ ଅବଗତ ହେବା ନିହାତି ଆବଶ୍ୟକ। ଆମ ସମସ୍ତଙ୍କ ରକ୍ତରେ ରହିଛି ଆର.ବି.ସି. ବା ଲୋହିତ ରକ୍ତ କୋଷିକା। ଲୋହିତ ରକ୍ତ କୋଷିକା ଭିତରେ ଥାଏ ହେମୋଗ୍ଲୋବିନ୍ ନାମକ ଏକ ଉପାଦାନ। 'ହିମ୍' ଓ 'ଗ୍ଲୋବିନ୍'-ଏହି ଦୁଇଟି ଉପାଦାନ ଥାଏ ହେମୋଗ୍ଲୋବିନ୍‌ରେ। 'ହିମ୍'ରେ ଥାଏ ଲୌହ ଏବଂ 'ଗ୍ଲୋବିନ୍' ହେଉଛି ଏକ ପ୍ରୋଟିନ୍। ହୋମୋଗ୍ଲୋବିନ୍ ବିନା ଆମେ ବଞ୍ଚିପାରିବା ନାହିଁ। କାରଣ ଏହା ପ୍ରଶ୍ୱାସ ବାୟୁରୁ ଅମ୍ଳଜାନ ଗ୍ରହଣ କରି ସବୁ ଜୀବକୋଷ ନିକଟରେ ପହଞ୍ଚାଇ ଦିଏ ଏବଂ ସବୁ ଜୀବକୋଷରୁ କାର୍ବନଡାଇଅକ୍ସାଇଡ୍ ଆଦି ନିଃଶ୍ୱାସ ବାୟୁ ମାଧ୍ୟମରେ ନିଷ୍କାସନ କରିଦିଏ।

'ଆଲ୍‌ଫା' ଓ 'ବିଟା' ଗ୍ଲୋବିନ୍‌ଜେନକୁ ନେଇ ଗ୍ଲୋବିନ୍ ଅଣୁଟି ଗଠିତ। କିନ୍ତୁ ନିର୍ଦ୍ଦିଷ୍ଟ ଏକ କ୍ରୋମୋଜୋମ୍ ବା ଗୁଣସୂତ୍ରରେ ତ୍ରୁଟି ରହିଗଲେ ତ୍ରୁଟିର ପ୍ରକାରକୁ ଚାହିଁ ଆଲ୍‌ଫା ଗ୍ଲୋବିନ୍ ଚେନ୍ କି ବିଟାଗ୍ଲୋବିନ୍ ଚେନ୍‌ର ତିଆରି ତ୍ରୁଟିଯୁକ୍ତ ହୋଇଯାଏ। ଆଲ୍‌ଫା ଚେନ୍‌ର ତ୍ରୁଟି ହେଲେ ତାକୁ 'ଆଲ୍‌ଫା ଥାଲାସିମିଆ' ଏବଂ ବିଟା ଚେନ୍‌ରେ ତ୍ରୁଟି ହେଲେ ତାହାକୁ କହନ୍ତି 'ବିଟା ଥାଲାସିମିଆ'। ଥାଲାସିମିଆ ରୋଗଟି ବଂଶଗତ ଜିନ୍ ରୋଗ ହୋଇଥିବାରୁ ପରିବାରର ଏକାଧିକ ବ୍ୟକ୍ତି ଏହି ରୋଗଟିରେ ଆକ୍ରାନ୍ତ ହେବା ଆଦୌ ଅସ୍ୱାଭାବିକ ନୁହେଁ। ଜିନ୍ ଦୋଷଟି କାହାଠାରେ ଥାଏ : ଜିନ୍ ଦୋଷଟି ଥାଏ ପିତା କିମ୍ବା ମାତା ନ ହେଲେ ପିତା-ମାତା ଉଭୟଙ୍କଠାରେ। ପୁରୁଷଙ୍କ



ଗୋଟିଏ ମାତ୍ର ଜିନ୍‌ରେ ଦୋଷ ଥିଲେ ସେ ଜିନ୍‌ର ବାହକ ବା ଥାଲାସିମିଆ ଟ୍ରେଟ୍। ସେହିପରି ମହିଳାମାନଙ୍କର ଗୋଟିଏ ମାତ୍ର ଜିନ୍‌ରେ ଦୋଷ ଥିଲେ ସେ ମଧ୍ୟ ଥାଲାସିମିଆ ଜିନ୍‌ର ବାହକ ସାଜିଥାଏ। ଥାଲାସିମିଆ ଟ୍ରେଟ୍ ପୁରୁଷ କି ଥାଲାସିମିଆ ଟ୍ରେଟ୍ ମହିଳା ଥାଲାସିମିଆ ରୋଗୀ ନୁହନ୍ତି। ମାତ୍ର ସଂଯୋଗବଶତଃ ଥାଲାସିମିଆ ଟ୍ରେଟ୍ ପୁରୁଷ ଓ ଥାଲାସିମିଆ ଟ୍ରେଟ୍ ମହିଳାମାନଙ୍କ ମଧ୍ୟରେ ବିବାହ ହୋଇଗଲେ ସେମାନଙ୍କ ସନ୍ତାନମାନଙ୍କ ମଧ୍ୟରୁ କେହି କେହି ଥାଲାସିମିଆ ରୋଗରେ ଆକ୍ରାନ୍ତ ହୋଇପଡ଼ିବାର ଆଶଙ୍କା ଉପୁଜିଥାଏ। ପୁତ୍ର ସନ୍ତାନ ରୋଗ ଭୋଗିପାରେ, କନ୍ୟା ସନ୍ତାନ ମଧ୍ୟ ରୋଗ ଭୋଗିପାରେ। ଉକ୍ତ ଦମ୍ପତିଙ୍କଠାରୁ ସୁସ୍ଥ ସନ୍ତାନ ଜନ୍ମ ନେବା ମଧ୍ୟ ସମ୍ଭବ। ଯେଉଁ ସନ୍ତାନଟି ଦୁଇଟିଯାକ ଗ୍ଲୋବିନ୍ ଜିନ୍‌ର ଦୋଷ ଥାଏ, ସେହି ସନ୍ତାନଟି ହିଁ ଥାଲାସିମିଆ ରୋଗର ଶିକାର ହୋଇପଡ଼େ। ଥାଲାସିମିଆକୁ ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇଛି। ତାହା ହେଉଛି-ଥାଲାସିମିଆ ମେଜର, ଥାଲାସିମିଆ ମାଇନର ଏବଂ ଥାଲାସିମିଆ ଇଣ୍ଟରମେଡିଆ। ଥାଲାସିମିଆ ମେଜରକୁ ମଧ୍ୟ 'ବିଟା ଥାଲାସିମିଆ' ବୋଲି କହନ୍ତି। ଏହି ପ୍ରକାରଟି ସବୁଠାରୁ ବେଶି ସାଧାରଣ। ଏହି ପ୍ରକାରଟିରେ ଗ୍ଲୋବିନ୍‌ର ବିଟାଚେନ୍ ତିଆରି ବାଧାପ୍ରାପ୍ତ ହୋଇପଡ଼ିଥିବାରୁ ଜାତହୁଏ ଗୁରୁତର ରକ୍ତହୀନତା ବା ଆନିମିଆ। ସାଧାରଣ ଭାବରେ ଦେଖିଲେ ଭୂମିଷ୍ଠ ହେବା ସମୟରେ ଶିଶୁଟି ଦେଖାଯାଏ ଶେତାଳିଆ। ପରେ ପରେ ଯକୃତ ଓ ପ୍ଲୀହା ଆସ୍ତେ ଆସ୍ତେ ବଢ଼ିବାକୁ ଆରମ୍ଭ କରେ। ଯେଉଁ ରୋଗାକ୍ରାନ୍ତ ଶିଶୁମାନେ ବର୍ଷେ କି ଦୁଇ ବର୍ଷ ଭିତରେ ମୃତ୍ୟୁବରଣ ନ କରି ବଞ୍ଚନ୍ତ୍ରହନ୍ତି, ସେମାନଙ୍କର ମୁଖମଣ୍ଡଳ ଗୋଲାକାର ଦେଖାଯାଏ। କପାଳ ଓ ମସ୍ତିଷ୍କର ଦୁଇ ପାଖ ହାଡ଼ ଫୁଲିଯାଏ। ବଢ଼ିଯାଏ ହନୁ ହାଡ଼। ନାକ ଦେଖାଯାଏ ଚେପ୍‌ଟା ଓ ଆଖି ଫୁଲାଫୁଲା। ଥାଲାସିମିଆ ଶିଶୁ ସ୍ୱାଭାବିକ ଭାବରେ ବିକାଶ ଲାଭ କରିପାରେନି। ତା'ଠାରେ ଅନିୟମିତ ଭାବରେ ଜ୍ୱର ହୁଏ। ଭୋକ ମରିଯାଏ। ପ୍ରକାଶ ପାଏ କାମଳ। ରୋଗୀ ଦୁର୍ବଳତା ଅନୁଭବ କରେ। ସହଜରେ ଧଇଁସଇଁ ହୋଇପଡ଼େ।

ଥାଲାସିମିଆ ରୋଗୀର କମିଯାଏ ହେମୋଗ୍ଲୋବିନ୍‌ର ମାତ୍ରା ଓ ଲୋହିତ ରକ୍ତକୋଷିକାଗୁଡ଼ିକର ସଂଖ୍ୟା। ଲୋହିତ ରକ୍ତକୋଷିକାଗୁଡ଼ିକ ଛୋଟଛୋଟ ହୋଇଯାଆନ୍ତି। ନର୍ମୋବ୍ଲାଷ୍ଟ ନାମକ ଅବିକଶିତ ଲୋହିତ ରକ୍ତକୋଷିକାଗୁଡ଼ିକର ସଂଖ୍ୟା ବଢ଼ିଯାଏ। ବଢ଼ିଯାଏ 'ଫିଟାଲ ହେମୋଗ୍ଲୋବିନ୍' ବା 'ହେମୋଗ୍ଲୋବିନ୍-ଏଫ୍'ର ମାତ୍ରା। ଏଚ୍‌ପିଏଲ୍‌ସି ନାମକ ଏକ ଅତ୍ୟାଧୁନିକ ପରୀକ୍ଷାରୁ ଥାଲାସିମିଆ ରୋଗକୁ ନିର୍ଦ୍ଦିଷ୍ଟ ଭାବରେ ନିର୍ଣ୍ଣୟ କରାଯାଇଥାଏ। ଆନୁଷଙ୍ଗିକ ପରୀକ୍ଷା ଭାବରେ କରାଯାଇପାରେ ଅସ୍ଥିମଜ୍ଜା ପରୀକ୍ଷା, ହାଡ଼ର ଏକ୍ସ-ରେ ଏବଂ ରକ୍ତରେ ଲୌହ ଓ ଫେରିଟିନ୍‌ର ମାତ୍ରା ନିର୍ଦ୍ଧାରଣ।

ଥାଲାସିମିଆ ମେଜର ବା ବିଟା ଥାଲାସିମିଆ ରୋଗୀଙ୍କୁ ବାରମ୍ବାର ରକ୍ତ ଦେବାକୁ ପଡ଼େ। ବାରମ୍ବାର ରକ୍ତ ନେବା ଫଳରେ ରୋଗୀଙ୍କ ରକ୍ତରେ ଲୌହର ପରିମାଣ ବଢ଼ିଯାଇ ତାହା ଯକୃତ୍, ହୃତ୍‌ପିଣ୍ଡ, ଅଗ୍ନ୍ୟାଶୟ ଇତ୍ୟାଦି ଅଙ୍ଗରେ ଜମିଯାଏ। ଫଳରେ ବାହାରିପାରେ ହୃଦ୍‌ରୋଗ ଓ ଡାଇବେଟିସ୍ ଇତ୍ୟାଦି ରୋଗ। ରକ୍ତରେ ଲୌହର ପରିମାଣ ସନ୍ତୁଳିତ ରଖିବା ପାଇଁ ଏବେ ବିଭିନ୍ନ ପ୍ରକାର ଔଷଧ ବଜାରରେ ଉପଲବ୍ଧ। ପ୍ଲୀହାର ଆକାର ବେଶି ବଢ଼ିଗଲେ ଓ ବାରମ୍ବାର ରକ୍ତ ନେବା ଦରକାର ପଡୁଥିଲେ ରୋଗୀର ପ୍ଲୀହାଟିକୁ କାଟି ବାହାର କରିଦିଆଯାଇଥାଏ। ଏହାବ୍ୟତୀତ ଅସ୍ଥିମଜ୍ଜା ପ୍ରତିରୋପଣ ବା ଷ୍ଟେମ୍ ସେଲ୍ ପ୍ରତିରୋପଣ ମଧ୍ୟ କରାଯାଇଥାଏ। ଥାଲାସିମିଆ ଏକ ବଂଶଗତ ରୋଗ ହୋଇଥିଲେ ମଧ୍ୟ ଏହାର ନିବାରଣ ସମ୍ଭବ। ସ୍ୱାମୀ ଓ ସ୍ତ୍ରୀ ଉଭୟ ଥାଲାସିମିଆ ଟ୍ରିଟ୍ ହୋଇଥିଲେ ଏବଂ ସ୍ତ୍ରୀ ଗର୍ଭବତୀ ହେଲେ ଗର୍ଭ ହେବାର ଅଢ଼େଇରୁ ତିନି ମାସ ଭିତରେ ଗର୍ଭସ୍ଥ ଭ୍ରୁଣଠାରୁ ରକ୍ତ ସଂଗ୍ରହ କରି କିମ୍ବା ଗର୍ଭାଶୟରୁ ସଂଗୃହୀତ ଜଳରୁ ଜୀବକୋଷ ସଂଗ୍ରହ କରି ତାହାର ଜିନ୍ ପରୀକ୍ଷା କରାଯାଇଥାଏ। ବଡ଼ ସୌଭାଗ୍ୟର କଥା ଯେ ଥାଲାସିମିଆ ରୋଗୀଙ୍କ ଚିକିତ୍ସା ପାଇଁ ବିଭିନ୍ନ ରକ୍ତ ଭଣ୍ଡାରରେ ସ୍ୱତନ୍ତ୍ର ବ୍ୟବସ୍ଥାମାନ ଉପଲବ୍ଧ। ତେବେ ଥାଲାସିମିଆ ରୋଗଟି ସମ୍ବନ୍ଧରେ ଜନସଚେତନତା ବୃଦ୍ଧିର ଆବଶ୍ୟକତା ରହିଛି। ଏ ସଂକ୍ରାନ୍ତ ତଥ୍ୟର ସଂଚାରଣ ମଧ୍ୟ ବାଞ୍ଛନୀୟ। ଏହି ରୋଗ ସଂକ୍ରାନ୍ତ ସ୍ୱାସ୍ଥ୍ୟ ଶିକ୍ଷା ରୋଗର ନିବାରଣ ଏବଂ ଚିକିତ୍ସାରେ ଯେ ଯଥେଷ୍ଟ ସହାୟକ ହୋଇପାରିବ ଏହା ନିଃସନ୍ଦେହ।

### ଦେବଗଡ଼ର ପରିତ୍ୟକ୍ତ ପଥପ୍ରାନ୍ତ କେନ୍ଦ୍ର

# ସଞ୍ଜ ନଇଁଲେ ଜମୁଛି ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା



**ଦେବଗଡ଼ର,୧୫।୧୨ (ସଂଚାର ବ୍ୟୁରୋ):** ଜାତୀୟ ରାଜପଥରେ ଯା'ଆସ କରୁଥିବା ଯାତ୍ରୀଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ମାଣ କରାଗଲା ପଥପ୍ରାନ୍ତ ସୁବିଧା କେନ୍ଦ୍ର । ଏଥିପାଇଁ ଖର୍ଚ୍ଚ ହେଲା ଲକ୍ଷଲକ୍ଷ ଟଙ୍କା ହେଲା। ହେଲେ ଯାତ୍ରୀଙ୍କ ବଦଳରେ ଏହା ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସାଧାରଣ ଲୋକେ । ୪୯ନଂ ଜାତୀୟ ରାଜପଥ ଦେବଗଡ଼ ଭୂକାବେଡ଼ାଠାରେ ଅଛି ପଥପ୍ରାନ୍ତ ସୁବିଧା କେନ୍ଦ୍ର । ଯାତ୍ରୀଙ୍କ ସୁବିଧା ପାଇଁ ଏହାର ନିର୍ମାଣ କରାଯାଇଥିଲା । ହେଲେ ଏବେ ଏହା ମଦୁଆ, ନିଶାଡ଼ିଙ୍କ ଭୂସ୍ୱର୍ଗ । ମଦ ବୋତଲ ଚଟାଣ ଉପରେ ପଡ଼ିଛି , ବେସିନ୍ ଭାଙ୍ଗିଗଲାଣି । ଶୌଚାଳୟର ବି ସମାନ ଅବସ୍ଥା । ପଥପ୍ରାନ୍ତ କେନ୍ଦ୍ରଟି ଏକ ଭଗ୍ନସ୍ତୁପ ପରି ମନେ ହେଉଛି । ଅଧିକାଂଶ ସାମଗ୍ରୀ ଚୋରି ହୋଇଯାଇଥିବା ଅଭିଯୋଗ ଆସିଛି । ଗତ ସରକାର ସମୟରେ ୨୦୧୬-୧୭ରେ ପୂର୍ତ୍ତ ବିଭାଗ ପକ୍ଷରୁ ୩୪ଲକ୍ଷ ୪୪ହଜାର ୪୪୬ଟଙ୍କା ବ୍ୟୟରେ ପଥପ୍ରାନ୍ତ କେନ୍ଦ୍ର ନିର୍ମାଣ କରାଯାଇଥିଲା । ଯାତ୍ରୀଙ୍କ ପାଇଁ ଏଠାରେ ସମସ୍ତ ବନ୍ଦୋବସ୍ତ କରାଯାଇଥିଲା । ହେଲେ ବିଭାଗୀୟ ବାବୁଙ୍କ ଅପାରଗତା ପାଇଁ ଏହି କେନ୍ଦ୍ର ଆଜି ଖତ ଖାଉଛି । ୨୦୧୮ରେ ଏହା ଲୋକାର୍ପିତ ହେବା ପରେ ଏକ ସଂସ୍ଥାକୁ ପରିଚାଳନାର ଦାୟିତ୍ୱ ଦିଆଯାଇଥିଲା। ପରେ ୨୦୨୪ରେ ଜିଲ୍ଲା ମିସନ ଶକ୍ତି ଜରିଆରେ ଗ୍ରାମ ପଞ୍ଚାୟତ ଲେଭେଲ ଫେଡେରେସନ୍‌କୁ ଏହାର ଦାୟିତ୍ୱ ହସ୍ତାନ୍ତର କରାଗଲା । ହେଲେ ୫ ମାସ ପରିଚାଳନା କରିବା ପରେ ସରକାରୀ ସ୍ତରରେ କୌଣସି ସହାୟତା ମିଳିଲା ନାହିଁ। ବାରମ୍ବାର ପୂର୍ତ୍ତ ବିଭାଗକୁ ଜଣାଇବା ସତ୍ତ୍ୱେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବାରୁ ଆଜି ଏହା ବିପର୍ଯ୍ୟସ୍ତ। ଯଦି ପୂର୍ତ୍ତ ବିଭାଗ ଏଥିପ୍ରତି ଗୁରୁତ୍ୱ ପ୍ରଦାନ କରିଥାନ୍ତା ତାହେଲେ ବୋଧେ ଏହା ଏମିତି ଭଗ୍ନସ୍ତୁପରେ ପରିଣତ ହୋଇନଥାନ୍ତା, ଆଉ ସରକାରଙ୍କ ଲକ୍ଷଲକ୍ଷ ଟଙ୍କା ପାଣିରେ ପଡ଼ିନଥାନ୍ତା ।

## ଜନ୍ମ ପ୍ରମାଣପତ୍ର ପଞ୍ଜିକରଣ କେନ୍ଦ୍ର ଓ ତହସିଲ କାର୍ଯ୍ୟାଳୟରେ ପ୍ରବଳ ଭିଡ଼, କର୍ମଚାରୀ ନିଯୁକ୍ତ ଦାବି





**ଧାମନଗର,୧୫।୧୨ (ସଂଚାର ବ୍ୟୁରୋ):** ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ ତଥା ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପଞ୍ଜିକରଣ କେନ୍ଦ୍ର ଏବଂ ତହସିଲ କାର୍ଯ୍ୟାଳୟ ଉଭୟ ସ୍ଥାନରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିବା ବେଳେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଏ ସମ୍ପର୍କରେ ମେଡିକାଲ ଅଫିସର ସହ ଯୋଗାଯୋଗ କରିବାରୁ ପଞ୍ଜିକରଣ କେନ୍ଦ୍ରରେ ଜଣେ କାର୍ଯ୍ୟ କରୁଛି ତେଣୁ କର୍ମଚାରୀ ଅଭାବ ଯୋଗୁଁ ଜନ୍ମ ପ୍ରମାଣପତ୍ର ପାଇବାରେ ବିଫଳ ହେଉଛି ବୋଲି ଅଧିକାରୀ ଆମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ସରକାରଙ୍କ ନିର୍ଦ୍ଦେଶ କ୍ରମେ ଧାମନଗର ଥାନା ଅଞ୍ଚଳରେ ପୋଲିସ ପକ୍ଷରୁ ବାଂଲାଦେଶୀଙ୍କ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ପରେ ଲୋକଙ୍କ ମଧ୍ୟରେ ତତ୍ପର ଦେଖାଦେଇଛି। ଏହି କ୍ରମରେ ପଞ୍ଜିକରଣ କେନ୍ଦ୍ର ଏବଂ ତହସିଲ କାର୍ଯ୍ୟାଳୟରେ ଧୀରେ ଧୀରେ ଲୋକଙ୍କ ଭିଡ଼ ବଢ଼ିବାରେ ଲାଗିଛି। କିଛି ଦିନ ଧରି ଜନ୍ମ ପ୍ରମାଣପତ୍ର ଓ ତାରିଖ ସଂଶୋଧନ, ବାସିନ୍ଦା ପ୍ରମାଣପତ୍ର, ଆଧାର କାର୍ଡ ସଂଶୋଧନ ନିମନ୍ତେ ବିଭିନ୍ନ ଆଫିଡେଫିଟ ଆଦି କାମ ପାଇଁ ଲୋକମାନେ ବହୁ ସଂଖ୍ୟାରେ ଲମ୍ବା ଲାଇନ୍‌ରେ ଠିଆ ହୋଇଥିବା ତହସିଲ କାର୍ଯ୍ୟାଳୟରେ ଆସୁଥିବା ଦେଖିବାକୁ ମିଳୁଛି। ଅନ୍ୟ ପକ୍ଷରେ ଧାମନଗର ପୁଲିସ ପକ୍ଷରୁ ଚାଲୁଥିବା ଚିହ୍ନଟ ପ୍ରକ୍ରିୟା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

## ଉପମୁଖ୍ୟମନ୍ତ୍ରୀଙ୍କ ଖରିଫ ଋତୁର ଧାନ କିଣା ଉପରେ ବୈଠକ



**ସୁବର୍ଣ୍ଣପୁର,୧୫।୧୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ମିନି ସମ୍ମିଳନୀ କକ୍ଷ ଠାରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା, କନକ ବର୍ଦ୍ଧନ ସିଂ ଦେଓ ସୁବର୍ଣ୍ଣପୁର ଜିଲ୍ଲାରେ ଚଳିତ ଖରିଫ ଋତୁରେ ଚାଷୀ ମାନଙ୍କ ଠାରୁ ଯେପରି ସୁରୁଖୁରୁ ଭାବେ ଧାନ କ୍ରୟ ଓ ଠିକ୍ ସମୟ ମଧ୍ୟରେ ପାଉଣା ପ୍ରଦାନ ପାଇଁ ପଦକ୍ଷେପ ନେବା ପାଇଁ ସଂପୃକ୍ତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏତଦ୍ ବ୍ୟତୀତ ସୁବର୍ଣ୍ଣପୁର ଜିଲ୍ଲାର କୃଷକ ସଂଗଠନର ପ୍ରତିନିଧି ମାନଙ୍କ ସହିତ ସେମାନଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ତାପରେ ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାର କୃଷି, ଉଦ୍ୟାନ, ଜଳଛାୟା ପ୍ରକଳ୍ପ ଯୋଜନା, ଶକ୍ତି ବା ବିଦ୍ୟୁତ୍ ବିଭାଗ, ସମବାୟ ବିଭାଗ ବେସାମରିକ ଯୋଗାଣ ବିଭାଗ ଓ ଚଳିତ ଖରିଫ ଋତୁର ଧାନକ୍ରୟ, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ, ଜନସ୍ୱାସ୍ଥ୍ୟ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ଅନ୍ୟ ବିଭାଗ ମାନଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ କାର୍ଯ୍ୟର ଅଗ୍ରଗତି ଉପରେ ପର୍ଯ୍ୟାଲୋଚନ ଓ ସମୀକ୍ଷା କରିଥିଲେ। ସମସ୍ତ ଅସମ୍ପୂର୍ଣ୍ଣ କାର୍ଯ୍ୟ ଓ ପ୍ରକଳ୍ପ ଗୁଡ଼ିକୁ ତୁରନ୍ତ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପାଦନ ଓ ସମାପନ ପାରିବା ପାଇଁ ପରାମର୍ଶ ଦେଇଥିଲେ। କୌଣସି କାର୍ଯ୍ୟ ବା ପ୍ରକଳ୍ପର ସମ୍ପାଦନ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଲେ ତୁରନ୍ତ ଜିଲ୍ଲାପାଳ, ସୁବର୍ଣ୍ଣପୁର, ବିଧାୟକ ଦ୍ୱୟ ଓ ଆବଶ୍ୟକ ସ୍ଥଳେ ସରକାରଙ୍କ ଦୃଷ୍ଟିକୁ ଆଣି ତୁରନ୍ତ ସମାଧାନ କରି କାର୍ଯ୍ୟ ସମ୍ପାଦନ ଓ ସମାପନ କରିବା ପାଇଁ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ।

### ବିଷମକଟକ ଲୋକ ମହୋତ୍ସବ ଚଇତିରେ ସାମ୍ବାଦିକଙ୍କୁ ଅସମ୍ମାନ

## ମାଁ ମାର୍କମା ଓ କଳା ସଂସ୍କୃତି ସଂଘ ଉପସଭାପତି ଅଣଦେଖା



**ବିଷମକଟକ,୧୫।୧୨ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲାର ସମସ୍ତ ବ୍ଲକରେ କଳା ଓ ସଂସ୍କୃତିର ସଙ୍ଗମ ସ୍ୱରୂପ ଲୋକ ମହୋତ୍ସବ ଚଇତି କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ବେଳେ ବିଷମକଟକ ବ୍ଲକରେ ହୋଇଥିବା ଚଇତି ଉତ୍ସବରେ ସାମ୍ବାଦିକମାନଙ୍କ ପ୍ରତି ଅଣଦେଖା ଓ ଅସମ୍ମାନର ଘଟଣା ସାମ୍ନାକୁ ଆସିଛି। ଅନ୍ୟ ସମସ୍ତ ବ୍ଲକରେ ଚଇତି ଉତ୍ସବ ଅବସରରେ ସାମ୍ବାଦିକମାନଙ୍କୁ ସମ୍ମାନିତ କରାଯାଉଥିବା ବେଳେ ବିଷମକଟକରେ ଏହାର ସ୍ପଷ୍ଟ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଚଇତି ମଞ୍ଚରେ ଉପସ୍ଥିତ ଅତିଥିମାନେ ସାମ୍ବାଦିକମାନଙ୍କୁ ସମ୍ବୋଧନ କରିଥିବା ସତ୍ତ୍ୱେ ଚଇତି କାର୍ଯ୍ୟକ୍ରମର ଅଧକ୍ଷ ଥିବା ବ୍ଲକ ଉନ୍ନୟନ ଅଧିକାରୀ ବିଡିଓ ସାମ୍ବାଦିକମାନଙ୍କ ନାମ ପାଟିରେ ଉଲ୍ଲେଖ କରିନଥିଲେ। ପ୍ରତିବର୍ଷ ଚଇତି ପେଣ୍ଡାଲରେ ସାମ୍ବାଦିକମାନଙ୍କୁ ଡାକି ସମ୍ମାନିତ କରାଯାଉଥିବା ପରମ୍ପରା ରହିଥିବା ବେଳେ ଏବର୍ଷ ଏହା ନ ହେବାରୁ ସାମ୍ବାଦିକମାନେ ପ୍ରଶ୍ନ ଉଠାଇଥିଲେ। ଏହାର ଉତ୍ତରରେ ବିଡିଓ କହିଥିଲେ ଯେ କିଛି ବ୍ୟକ୍ତି ଆସି ସାମ୍ବାଦିକମାନଙ୍କୁ ସମ୍ମାନ ନ କରିବାକୁ କହିଥିଲେ। ଏହି ଉତ୍ତର ପରେ କେଉଁ ଉଦ୍ଦେଶ୍ୟରେ ଓ କେଉଁ ସ୍ୱାର୍ଥପୂର୍ଣ୍ଣ ମନୋଭାବରେ ସାମ୍ବାଦିକ ବିରୋଧୀ ମନା କରାଯାଇଥିଲା ବୋଲି ପ୍ରଶ୍ନ ଉଠିଛି।

ଏବଂ ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ଶନ୍ତସ କୁମାର ବଛା ଙ୍କୁ ମଧ ଅଣଦେଖା ସମ୍ମାନ କରାଯାଇଥିବା ବୁଦ୍ଧି ଜିବିମହଲରେ ଚର୍ଚ୍ଚା ଚାଲିଛି।

## ସଂକୁଳସ୍ତରୀୟ ବାର୍ଷିକ କ୍ରୀଡ଼ା ସମାରୋହ ଉଦଯାପିତ



**ଭେଡେନ,୧୫।୧୨( ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ଥାନା ଅନ୍ତର୍ଗତ ଭେଡେନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ତରଫରୁ ଭେଡେନ ରଞ୍ଜିତା ଖେଳ ପଡ଼ିଆରେ ସଂକୁଳ ପ୍ରମୁଖ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ଦାଶଙ୍କ ଅଧକ୍ଷତାରେ ୧୨ଶ ସଂକୁଳ କ୍ରୀଡ଼ା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମାନନୀୟ ନରେଶ ଶତପଥୀ (ରେଶମ ମହାବିଦ୍ୟାଳୟ ଅଧକ୍ଷ) ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ସମସ୍ତଙ୍କ ଶୁଭକାମନା କରି ଧ୍ୱଜା ଆରୋହଣ କରି ବାର୍ଷିକ କ୍ରୀଡ଼ାକୁ ଉଦଘାଟନ କରିଥିଲେ। ସଂକୁଳ ସଂଯୋଜକ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ବାରିକ ସ୍ୱାଗତ ଭାଷଣ ତଥା ଅତିଥି ଅଧିକାରୀଙ୍କର ପରିଚୟ ପ୍ରଦାନ କରିଥିଲେ। କାଳିଚରଣ ହୋତା ସମେତ ଶିଶୁ ମାନେ ହନୁମାନ ମନ୍ଦିରରୁ ମଶାଲ ଆଣି ଗ୍ରାମ ପରିକ୍ରମା କରି ମୁଖ୍ୟ ଅତିଥିଙ୍କର କର କମଳରେ ମଶାଲ ସ୍ଥାପନ କରାଇଥିଲେ। ଶିଶୁ ଭାଇ ଭଉଣୀ ମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ।

## ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



**ନୀଳଗିରି,୧୫।୧୨ (ସଂଚାର ବ୍ୟୁରୋ):** ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଶ୍ରୀ ପଣ୍ଡା ଉକ୍ତ କ୍ରୀଡ଼ାକୁ ଉଦଘାଟିତ କରିଥିବାବେଳେ କ୍ରୀଡ଼ା ପ୍ରଶିକ୍ଷିକା ବୀଣାପାଣି ଦାସ ଏହାକୁ ସୁଚାରୁ ରୂପେ ସମ୍ପନ୍ନ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତା ମଧ୍ୟରେ ୧୦୦ ମିଟର, ୨୦୦ ମିଟର, ୪୦୦ ମିଟର, ୮୦୦ ମିଟର ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଡିସକସ୍, ଜେଵଲିନ, ସଟ୍ ପୁଟ, ସ୍ଲୋ ସାଇକେଲ ରେସ, ସ୍କିପିଂ, କବାଡି, ମିଉଜିକ୍ ଚେୟାର ଖେଳ ସମ୍ପନ୍ନ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉକ୍ତ କ୍ରୀଡ଼ା ପ୍ରତିଯୋଗିତାରେ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ। କୃତି ପ୍ରତିଯୋଗୀ ମାନଙ୍କୁ ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ କରାଯିବ ବୋଲି ଅଧ୍ୟକ୍ଷା ଶେଷରେ ପ୍ରକାଶ କରିଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଜନଶୁଣାଣି



**ବାଲିଆପାଳ,୧୫।୧୨ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ସଭାଗୃହ ପରିସରରେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀଙ୍କ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ଏହିକାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକର ୨୮ ପଞ୍ଚାୟତରୁ ଆସିଥିବା ୧୬୦ ଜଣ ହିତାଧିକାରୀ ନିଜ ନିଜର ଅଭିଯୋଗ ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେଗୁଡିକ ମଧ୍ୟରୁ ୩୫ଜଣ ହିତାଧିକାରୀ ଭତ୍ତା ପାଇଁ ଅଭିଯୋଗ କରିଥିଲେ, ସେହିପରି ପ୍ରଧାନମନ୍ତ୍ରୀ ଆବାସ ଘର ପାଇଁ ଜଣେ ହିତାଧିକାରୀ ଜିଲ୍ଲାପାଳଙ୍କୁ ଗୁହାରି କରିଥିଲେ। ନୂତନ ରେସନ କାର୍ଡ ପାଇଁ ୭ଜଣ ହିତାଧିକାରୀ ଦରଖାସ୍ତ ଦେଇଥିଲେ। ବ୍ଲକର ଜମିଜମା ମାମଲା ପାଇଁ ୪୬ଜଣ ହିତାଧିକାରୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ।ସେଥି ମଧ୍ୟରୁ ୧୭ଟି ଅଭିଯୋଗର ତତକ୍ଷଣାତ୍ ଜିଲ୍ଲାପାଳ ସମାଧାନ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ନଦୀବନ୍ଧ, ଡ୍ରେନେଜ ପ୍ରଭୃତି ବିଭାଗରୁ ୭୧ଟି ଅଭିଯୋଗ ଆସିଥିଲା। ତେବେ ବିଷ୍ଣୁପୁର ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭିନ୍ନ ଦୁର୍ନୀତିରେ ସଂପୃକ୍ତ ଥିବା ଅଭିଯୋଗ କରି ତାଙ୍କର ତୁରନ୍ତ ବଦଳି ପାଇଁ ବିଷ୍ଣୁପୁର ପଞ୍ଚାୟତର ସମିତି ସଦସ୍ୟ ଚନ୍ଦ୍ରମୋହନ ଦାସ ଏବଂ ସମାଜସେବୀ ସରୋଜ ଦାସ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଥିଲେ।

## ତୀର୍ଥଯାତ୍ରାରେ ଗଲେ ୭୪ ବରିଷ୍ଠ ନାଗରିକ

**ନୂଆପଡ଼ା,୧୫।୧୨(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲାରୁ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ୭୪ ଜଣ ରାମେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼େଇ, ଜିଲା ପର୍ଯ୍ୟଟନ ଅଧିକାରୀ ଘନଶ୍ୟାମ ମୁଣ୍ଡ ପ୍ରମୁଖ ସବୁଜ ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ। ତୀର୍ଥଯାତ୍ରୀଙ୍କୁ ଜିଲାପାଳ ମଧୁସୂଦନ ଦାଶ ଓ ଜିଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ ସିଂ ଗୋଲାପ ଫୁଲ ଦେଇ ଶୁଭ କାମନା କରିଥିଲେ। ଦୁଇଜଣ ସହାୟକଙ୍କ ସହ ଦୁଇଟି ସ୍ୱତନ୍ତ୍ର ବସ୍‌ରେ ସମସ୍ତେ ରାୟଗଡା ଯାତ୍ରା କରିଛନ୍ତି। ସୋମବାର ଅନ୍ୟ ୬ ଜିଲାର ତୀର୍ଥଯାତ୍ରୀଙ୍କ ସହ ମିଶି ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ରାମେଶ୍ୱର ଯାତ୍ରା କରିବେ। ଆସନ୍ତା ୨୦ରେ ସମସ୍ତେ ନିଜ ଜିଲାକୁ ପତ୍ୟାବର୍ତ୍ତନ କରିବେ।

## ବ୍ଲକରେ ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ



**କୋରେଇ,୧୫।୧୨(ସଂଚାର ବ୍ୟୁରୋ):** କୋରେଇ ବ୍ଲକ ପରିସରରେ ଆଜି ବିଡ଼ିଓ ଅବନିକାନ୍ତ ସାହୁ'ଙ୍କ ତତ୍ତ୍ୱାବଧାନରେ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର'ଙ୍କ ଉପସ୍ଥିତିରେ ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି ଜନଶୁଣାଣିରେ ମୋଟ ୧୦୫ଗୋଟି ଅଭିଯୋଗ ଆସିଥିବା ବେଳେ ୬ଗୋଟି ସମୁହ ଓ୍ ୭୭ଗୋଟି ନିଜସ୍ୱ ଓ୍ ୨୨ଗୋଟି ସ୍ୱାସ୍ଥ୍ୟ ଜନିତ ଅଭିଯୋଗ ହୋଇଥିବା ନେଇ ଜିଲ୍ଲାପାଳ ସୂଚନା ଦେଇଥିଲେ। ଏଥି ମଧ୍ୟରୁ ୩୦ ଗୋଟି ଅଭିଯୋଗର ତ୍ୱରିତ ସମାଧାନ ମଧ୍ୟ କରାଯାଇଥିଲା। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ପିଡି ଦେବୀପ୍ରସାଦ ମହାନ୍ତି, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ମିଶ୍ର, ଆଇଡିସିନାଲ ଏସପି ଓ୍ ବ୍ୟାସନଗର ତହସିଲଦାରଙ୍କ ସମେତ ଅନେକ ବିଭାଗର ଉଚ୍ଚ ପଦସ୍ଥ ପ୍ରଶାସନିକ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। କୋରେଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ସ୍ଥାନାନ୍ତର ନକରିବା ପାଇଁ ସାଦକପୁର ସରପଞ୍ଚଙ୍କ ସମେତ ଅନେକ ଲୋକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ।

● ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ାଉ

## ବିପୁଳ ପରିମାଣରେ ମହୁଲ ପୋଚ, ଦେଶୀ ମଦ ଜବତ

**ବେତନଟୀ,୧୫।୧୨ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅବକାରୀ ବିଭାଗ ପକ୍ଷରୁ ବଡ଼ସାହି ଥାନା ଅଧୀନ ଚହଲାପଦା ଓ ବର୍ତ୍ତନାଠାରେ ଚଢ଼ାଉ କରାଯାଇ ସେଠାରୁ ବେଆଇନ ଦେଶୀ ମଦ ଓ ବହୁଳ ମହୁଲ ପୋଚ, ମଦ ତିଆରି ସାମଗ୍ରୀ ନଷ୍ଟ କରାଯାଇଛି। ସୂଚନା ଅନୁସାରେ ମୟୂରଭଞ୍ଜ ଜିଲ୍ଲା ଅବକାରୀ ସୁପରିଟେଣ୍ଡେଣ୍ଟ ପ୍ରଶାନ୍ତ କହ୍ନର ଙ୍କ ନିର୍ଦ୍ଦେଶ କ୍ରମେ ବେତନଟୀ ଅବକାରୀ ଇନ୍ସପେକ୍ଟର ପ୍ରଦୀପ କୁମାର ବେହେରା ଓ ଉଦଳା ଅବକାରୀ ଇନ୍ସପେକ୍ଟର ସୂର୍ଯ୍ୟକାନ୍ତ ମଲ୍ଲିକ, ଖୁଣ୍ଟା ଅବକାରୀ ଇନ୍ସପେକ୍ଟର କୃଷ୍ଣଚନ୍ଦ୍ର ସେଠୀ, ବାରିପଦା ମୋବାଇଲ ଟିମ ମିଳିତ ଭାବେ ଦୁଇଟି ପୃଥକ ପୃଥକ ସ୍ଥାନ ଚହଲାପଦା ଓ ବର୍ତ୍ତନା ଜଙ୍ଗଲରେ ଚଢ଼ାଉ କରିଠିଲେ। ଘଟଣା ସ୍ଥଳରେ ଗୋଟିଏ ସ୍ଥାନରେ ୧୨, ୨୦୦ ଓ ଅନ୍ୟ ସ୍ଥାନରେ ୨, ୭୦୦ କେଜି ମହୁଲ ପୋଚ ନଷ୍ଟ କରାଯାଇଥିବା ବେଳେ ଦୁଇଟି ସ୍ଥାନରୁ ୭୮୦ ଓ ୨୪୦ ଲିଟର ଲେଖାଏଁ ବେଆଇନ ଦେଶୀ ମଦ ଜବତ କରିବା ସହ ସେଠାରୁ ବାହାରିଥିବା ବିଭିନ୍ନ ପ୍ରକାର ମଦ ତିଆରି ସାମଗ୍ରୀକୁ ନଷ୍ଟ କରାଯାଇଛି।

## ଚତୁର୍ଥ ରାଜ୍ୟ ପୁଲିସ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ



**ହିଞ୍ଜିଳିକାଟୁ,୧୫।୧୨ (ସଂଚାର ବ୍ୟୁରୋ):** ଗଞ୍ଜାମ ପୋଲିସ ପକ୍ଷରୁ ହିଞ୍ଜିଳିକାଟୁ ପୌରାଞ୍ଚଳ ସ୍ଥିତ ଇନଡୋର ମିନିଷ୍ଟାଡିୟମ ପରିସରରେ ହିଞ୍ଜିଳି ଥାନାଧିକାରୀ ଶ୍ରୀନିବାସ ସେଠୀଙ୍କ ସଂଯୋଜନାରେ ଗୁରୁବାର ଠୁ ଆରମ୍ଭ ହୋଇଥିବା ବ୍ୟାଡ଼ମିଣ୍ଟନ ଚମ୍ପିୟାନସିପ ରବିବାର ଉଦଯାପିତ ହୋଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଡ଼ିଜି ଯତୀନ୍ଦ୍ର କୋଏଲ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଦକ୍ଷିଣାଞ୍ଚଳ ଆଇଜି ନୀତିଶେଖର, ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର ଓ ବ୍ରହ୍ମପୁର ଏସପି ଶର୍ବଣା ବିବେକ ଏମ ମଞ୍ଚାସୀନ ଥିଲେ। ଏହି ପ୍ରତିଯୋଗିତା ୪ ଦିନ ଧରି ଅନୁଷ୍ଠିତ ହୋଇଥିବା ବେଳେ ରାଜ୍ୟର ୧୭ଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ଗେଜେଟେଡ ଅଫିସିଆଲ୍ ଡବଲରେ ଦକ୍ଷିଣାଞ୍ଚଳ ରେଞ୍ଜ ବ୍ରହ୍ମପୁର ଖେଳାଳୀ ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର ଓ ସହଯୋଗୀ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଚିନ୍ମୟ ସ୍ୱାଇଁ ପ୍ରତିପକ୍ଷ ଆଇଆର୍‌ବିଏନ ଲାୟନ୍ସ ଦଳକୁ ୨-୦ ରେ ପରାସ୍ତ କରି ଚମ୍ପିୟାନ ଆଖ୍ୟା ଅର୍ଜନ କରିଛନ୍ତି। ଗଂଜାମ ଜିଲ୍ଲାର ସମସ୍ତ ଥାନାଧିକାରୀ ଉଦଯାପନୀ ଉତ୍ସବରେ ସାମିଲ ହୋଇଥିଲେ।

## ସୋଆ ପକ୍ଷରୁ ପଠାଣି ସାମନ୍ତଙ୍କ ଜନ୍ମଜୟନ୍ତୀ ପାଳିତ




**ଭୁବନେଶ୍ୱର,୧୫।୧୨ (ସଂଚାର ବ୍ୟୁରୋ):** ବିଶ୍ୱବିଖ୍ୟାତ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କର ୧୯୦ ତମ ଜନ୍ମଜୟନ୍ତୀ ସୋମବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ମହାସମାରୋହରେ ପାଳିତ ହୋଇଯାଇଛି। ସାରା ବିଶ୍ୱରେ ବିଶିଷ୍ଟ ଜ୍ୟୋତିର୍ବିଜ୍ଞାନୀ ଓ ଗଣିତଜ୍ଞ ଭାବେ ଖ୍ୟାତି ଅର୍ଜନ କରିଥିବା ତଥା ଖଣ୍ଡପଡ଼ା ରାଜବଂଶର ସଦସ୍ୟ ପଠାଣି ସାମନ୍ତଙ୍କର ପ୍ରକୃତ ନାମ ହେଉଛି ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର ଶୁଭେନ୍ଦୁ ପଟ୍ଟନାୟକ ଯୋଗ ଦେଇ ପଠାଣିଙ୍କ ଜ୍ୟୋତିର୍ବିଜ୍ଞାନ ଓ ଗାଣିତ୍ୟିକ ଗବେଷଣା ଏବଂ ତାଙ୍କର ସଫଳତା ଯାହାକି ସାରା ବିଶ୍ୱକୁ ଅଭିଭୂତ କରିଥିଲା ସେ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ମାତ୍ର ୧୪ ବର୍ଷ ବୟସରୁ ଆକାଶ ପର୍ଯ୍ୟବେକ୍ଷଣ କରି ଏହି ମହାନ ଜ୍ୟୋତିର୍ବିଜ୍ଞାନୀ ନିଜ ଦ୍ୱାରା ରଚିତ 'ସିଦ୍ଧାନ୍ତ ଦର୍ପଣ'ରେ ଅନେକ ତଥ୍ୟ ଲୋକଲୋଚନକୁ ଆଣିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କୁ ଡକ୍ଟର ପଟ୍ଟନାୟକ ତିଥି, ବାର, ପଞ୍ଜିକା ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ଏହି ଯୋଗଜନ୍ମା ବିଶ୍ୱବିଖ୍ୟାତ ଜ୍ୟୋତିର୍ବିଜ୍ଞାନୀଙ୍କ ଜନ୍ମଜୟନ୍ତୀ ବିଭିନ୍ନ ତାରିଖରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଳନ କରାଯାଉଥିବା ବେଳେ ଏହା ଅନୁଚିତ ବୋଲି କହିବା ସହ ରାଜ୍ୟ ସରକାର ସାରା ରାଜ୍ୟରେ ତାଙ୍କ ଜନ୍ମଜୟନ୍ତୀ ଡିସେମ୍ବର ୧୩ ତାରିଖରେ ପାଳନ କରିବାକୁ ଅନୁରୋଧ ଜଣାଇଥିଲେ।

## ବ୍ୟାସକବି ସାହିତ୍ୟ ସଂସଦ ପ୍ରତିଷ୍ଠାତା ଯତିନ୍ଦ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା



**ନୀଳଗିରି,୧୫।୧୨(ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ଜାମୁଡିହା ପଞ୍ଚାୟତ ଅଧିନ ଗୁଡିଶୂଳ ଗ୍ରାମର ବ୍ୟାସକବି ସାହିତ୍ୟ ସଂସଦ, ଏବଂ ମାଲକାନାଗିରି ଗୁରୁପ୍ରିୟା ସାହିତ୍ୟ ସଂସଦ ର ପ୍ରତିଷ୍ଠାତା ତଥା ସମ୍ପାଦକ ଯତିନ୍ଦ୍ର ସ୍ୱାଇଁ ଙ୍କ ବିୟୋଗ ହୋଇଥିଲା। ଆଜି ତାଙ୍କଏକାଦଶାହ ଅବସରରେଏକ ଶ୍ରଦ୍ଧାଞ୍ଜଳି ସଭା ଗୋଡିଶୂଳ ସ୍ଥିତ ବାସ ଭବନରେ ସଭାପତି ବିପିନ ବିହାରୀ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଞ୍ଜଳି ସଭାରେ ସ୍ୱର୍ଗତ ଯତିନ୍ଦ୍ର ସ୍ୱାଇଁ ଙ୍କ ସ୍ମୃତି ଚାରଣ କୁ ନେଇ ସୋମନ୍ନାଥ ନାୟକ, ବାମନ ଚନ୍ଦ୍ର ମହାନ୍ତି, ପ୍ରଭାକର ସାହୁ, ବିଶ୍ୱନାଥ ନାୟକ, ମନୋରଞ୍ଜନ ପ୍ରଧାନ, ନୀଳଗିରି ମହିଳା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର, ସ୍ୱର୍ଗତ ସ୍ୱାଇଁଙ୍କର ଜୀବନୀ ଓ ସାହିତ୍ୟ କୃତି ଉପରେ ସବିଶେଷ ଆଲୋକପାତ କରିଥିଲେ।

## ବାବା ପାତାଳେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

● ଚଳିତ ବର୍ଷଫିଉଚର ଷ୍ଟାର ଦଳ ଚମ୍ପିୟାନ



**ନୀଳଗିରି, ୧୫।୧୨ (ସଂଚାର ବ୍ୟୁରୋ ):** ଔପଦା ବ୍ଲକ ଅନ୍ତର୍ଗତ ଈଶ୍ୱରପୁର ହାଇ ସ୍କୁଲଖେଳ ପଡ଼ିଆ ରେ ୩ଦିନ ଧରି ଅନୁଷ୍ଠିତ ହୋଇଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ରେ ଆଜି ଉଦଯାପିତ ହୋଇଯାଇଛି।ଫାଇନାଲ ମ୍ୟାଚ ରେ ଉଗାଳପୁର କ୍ରିକେଟ ଟିମ୍ ସହିତ ଫିଉଚର ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା।ଉଗାଳ ପୁର ନିର୍ଧାରିତ ୧୦ ଓଭର ରେ ସମସ୍ତ ଉଇକେଟ ହରାଇ୬୭କରିଥିଲା। ଫିଉଚର ଷ୍ଟାର ବ୍ୟାଟିଂ କରି ୧୦ଓଭର ରେ ୫ ଉଇକେଟ ହରାଇ ୭୦ରନ କରି ଉଗାଳପୁର କ୍ରିକେଟ ଟିମ୍ କୁ ହରାଇ ଚଳିତ ବର୍ଷ ଚମ୍ପିୟାନ ହୋଇଛି। ପୁରସ୍କାର ବିତରଣ ଉତ୍ସବ ରେ ଈଶ୍ୱରପୁର ଫାଣ୍ଡି ଅଧିକାରୀ ସବୁ ଇନ୍ସପେକ୍ଟର ବିକାଶ ଭୋଇ ଏବଂ ସ୍ଥାନୀୟ ସମାଜସେବୀ ଅମିତ୍ ବଳିୟାର ସିଂଯୋଗ ଦେଇ ଚମ୍ପିୟାନ ଓ ରନର୍ସ ଟିମି କୁ ଟ୍ରଫି ଶହ ଅର୍ଥ ରାଶି ପ୍ରଦାନ କରିଥିଲେ। ଆସୋସିଏସନ୍ ର ସଭାପତି ରଞ୍ଜିତ ମହାନ୍ତି, ସନ୍ତୋଷ ସାହୁ, ମୁକ୍ତିକାନ୍ତ ମହାନ୍ତି, ଦିପ୍ତିକାନ୍ତ ମହାନ୍ତି, ଧର୍ମେନ୍ଦ୍ର ମଢୁଆଲ, ଅରବିନ୍ଦ ସାମଲ, ଜନ ସାମଲ ସମେତ କ୍ଲବ ର ସମସ୍ତ ସଭ୍ୟ ମାନେ ଉପସ୍ଥିତ ହୋଇ ସହଯୋଗ କରିଥିଲେ।ଉକ୍ତ ଖେଳ କୁ ୨୦୦ ରୁ ଉର୍ଦ୍ଧ୍ୱ ଦର୍ଶକ ମ୍ୟାଚ କୁ ଉପଭୋଗ କରିଥିବା ବେଳେ ଆସୋସିଏସନ୍ ପକ୍ଷରୁ ସମସ୍ତ ଖେଳାଳି ଓ ଦର୍ଶକ ମାନଙ୍କ ପାଇଁ ଭୋଜନ ର ବ୍ୟବସ୍ଥା କରାଯାଇଥିଲା।

## ଦ୍ୱାରଶୁଣୀ ଘାଟି ରାସ୍ତାରେ ଯାନ ବାହାନା ଯାତାୟାତରେ କଟକଣା

● ଗୁରୁ -ଶୁକ୍ର ବାର ୩ ଘଣ୍ଟା ବନ୍ଦ ରହିବ ଘାଟି ରାସ୍ତା

**ବାରିପଦା,୧୫।୧୨(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ଏବଂ ବିଶୋଇ ମଧ୍ୟରେ ଥିବା ଦ୍ୱାରଶୁଣୀ ଘାଟି ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ସଂପ୍ରସାରଣ କାର୍ଯ୍ୟ ପାଇଁ ଲାଗିଛି କଟକଣା। ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ନିମନ୍ତେ ଆବଶ୍ୟକ ହେଉଥିବା ପଥର ବିସ୍ଫୋରଣ କାର୍ଯ୍ୟ ପାଇଁ ସତର୍କତା ପଦକ୍ଷେପ ସ୍ୱରୂପ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଆଦେଶ ଜାରି କରାଯାଇଛି। ପ୍ରତ୍ୟେକ ସପ୍ତାହରେ କେବଳ ଗୁରୁବାର ଓ ଶୁକ୍ରବାର ଦିନ ୧ଟା ରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ଏହି ରାସ୍ତା ମଧ୍ୟ ଦେଇ ଯିବାଆସିବା ବନ୍ଦ ରହିବ। ଏହି ନିଷେଧାଦେଶ ଆସନ୍ତା ୧୮-୧୨-୨୦୨୫ରୁ ଆରମ୍ଭ ହୋଇ ଆସନ୍ତା ବର୍ଷ ୨୦୨୬ ଫେବୃଆରୀ ୨୭ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହି ଦିନ ମାନଙ୍କରେ ଦ୍ୱାରଶୁଣୀ ଘାଟିକୁ ଯୋଡୁଥିବା ଉଭୟ ବାଙ୍ଗିରିପୋଷି ଓ ବିଶୋଇ ପାର୍ଶ୍ୱରେ ଥିବା ପ୍ରବେଶ ପଥ ବନ୍ଦ ରହିବ। ଯେକୌଣସି ଯାନବାହାନ ଦୁଇ ଚକିଆରୁ ଉର୍ଦ୍ଧ୍ୱ ସମସ୍ତ ଯାନ ଏବଂ ପଥଚାରୀ ଏହି ସମୟରେ ଯାତାୟାତ କରି ପାରିବେ ନାହିଁ। ଏହାସହ ଘାଟୀ ଆଖପାଖରେ ଗାଇଛେଳି ଚାରଣ କରାଇବା ମଧ୍ୟ ବାରଣ କରାଯାଇଛି। ସେହିପରି ଆମ୍ବୁଲାନ୍ସ ଓ ଦମକଳବାହିନୀ ଯାନ ତଥା ବିଭିନ୍ନ ଜରୁରୀକାଳୀନ ଯାନ ରାସ୍ତା ନିର୍ମାଣକାରୀ ସଂସ୍ଥା ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ପାଖରୁ ଅନୁମତି ମିଳିବା ପରେ ହିଁ ଯାତାୟତ କରିପାରିବେ ।

## ଶୀତକାଳୀନ ସାହିତ୍ୟ ଆସର




**ବ୍ରହ୍ମପୁର,୧୫।୧୨(ସଂଚାର ବ୍ୟୁରୋ):** ସ୍ଥାନୀୟ ଗୋଇଲୁଣ୍ଡି ସ୍ଥିତ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ବ୍ରହ୍ମପୁର ସାହିତ୍ୟ ପରିଷଦର ଶୀତ କାଳିନ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। 'ଶୀତ ଋତୁ' ଲେଖକ ମାନଙ୍କୁ ସୃଜନ ସକାଶେ ଆନ୍ଦୋଳିତ କରିଥାଏ ବୋଲି ମଂଚାସୀନ ଅତିଥି ମାନେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ସାରସ୍ୱତ ସାଧକ ଡ଼ ସନ୍ତୋଷ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୀତ ଋତୁ ସାହିତ୍ୟ ସୃଜନ ନିମନ୍ତେ ଏକ ମାଧ୍ୟମ ହୋଇଥାଏ ବୋଲି ବକ୍ତବ୍ୟ ରଖିଥଲେ। ସୁଲେଖକ ମନମୋହନ ରଥ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ କବିତା ଓ ସାହିତ୍ୟ ସଂପର୍କରେ ବକ୍ତବ୍ୟ ଦେଇଥିବା ବେଳେ କବି କେ. ସୀତାରାମ ପକ୍ଷତ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ। ବିଶିଷ୍ଟ କବି ସୁଶାନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାରସ୍ୱତ କାର୍ଯ୍ୟକ୍ରମରେ ସମ୍ପାଦକ ବି.ସତ୍ୟମ ଅଚାରୀ ସମ୍ପାଦକୀୟ ପାଠ କରିଥିଲେ। କବି ନୀହାରିକା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ସୁଲେଖିକା ଅଞ୍ଜଳି ଦାଶ ଶୀତ କୁ ନେଇ ଏକ ଅଣୁ ଗଳ୍ପ ପାଠ କରିଥିବା ବେଳେ, କବି ଧ୍ରୁବ ବେହେରା, କ୍ଷଣ ପ୍ରଭା ଶତପଥି, ଜୋଛନା ପାଣି, ମଧୁସ୍ମିତା ସାହୁ, ବିଦ୍ୟୁତ ପ୍ରଭା ଶତପଥୀ, ଶଙ୍କର୍ଷଣ ତ୍ରିପାଠୀ, ଗଙ୍ଗାଧର ମହାକୁଡ଼, ପ୍ରମୋଦ ପଣ୍ଡା, ତପନ ପଟ୍ଟନାୟକ, ପ୍ରଦୀପ କୁମାର ଷଡ଼ଙ୍ଗୀ, ଅମିତା ମିଶ୍ର, ଲିପ୍ସା ମହାରଣା, କିଶୋରୀ ମହାରଣା, ପ୍ରଶାନ୍ତ କୁମାର ଅଚାରୀ, ପଦ୍ମିନୀ ମିଶ୍ର, ଶରତ କୁମାର ଦାଶ, ବିଷ୍ଣୁପ୍ରିୟା ମିଶ୍ର, ସ୍ୱର୍ଣ ମୟୀ ପାଢ଼ୀ, ସୁଦ୍ଧାଞ୍ଜଳି ମିଶ୍ର, କାଳୀ ପ୍ରସାଦ ରାଓ ପ୍ରମୁଖ କବିଙ୍କ ସହ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ। ବରିଷ୍ଠ କବି ପ୍ରଫୁଲ୍ଲ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।